ଧରିତ୍ରୀ
DHARITRI
50 Years
Digital Edition
Digital Edition Monday, January 29 / 2024 www.orissakhabar.com / www.dharitri.com



ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୯/୨୦୨୪ (୧୬ ପୃଷ୍ଠା) Bhubaneswar, Monday, January 29/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୬୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 66 ମୂଲ୍ୟ ₹୭/-

DADLS-99

# ଜୟ ମାଁ ସମଲେଇ

ସମଲେଇ ପ୍ରକଳ୍ପ
୨୨ ଜାନୁଆରୀ, ୨୦୨୪



ମାଁ ଙ୍କ ଆଶୀର୍ବାଦ ଓ ଅଗଣିତ ଭକ୍ତଙ୍କ ସହଯୋଗରୁ ସମ୍ପୂର୍ଣ୍ଣ ହୋଇଛି 'ସମଲେଇ ପ୍ରକଳ୍ପ'।
ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନ୍ତରିକ ଧନ୍ୟବାଦ।
ଆସନ୍ତୁ, ମାଁ ସମଲେଶ୍ୱରୀ ମନ୍ଦିର ରୂପାନ୍ତରୀକରଣର ଅପୂର୍ବ ଅନୁଭୂତି ପ୍ରାପ୍ତ କରିବା ସହ
ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ଦିନକୁ ଚିରସ୍ମରଣୀୟ କରିବା।

OIPR-15001/13/0303/2324

# ଚଣ୍ଡୀପାଠ, ହୋମଯଜ୍ଞରେ ପ୍ରକମ୍ପିତ ସମଲେଇ ପୀଠ



ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ହୋମ, ଯଜ୍ଞ ଓ ଚଣ୍ଡୀପାଠ।



ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼।

- ୨ୟ ଦିନରେ ଭକ୍ତଙ୍କ ଭିଡ଼
- ସନ୍ଧ୍ୟାରେ ମହାନଦୀ ଆଳତି
- କଳାକାର ପ୍ରସ୍ତୁତ କଲେ ଓଡ଼ିଶୀ ନୃତ୍ୟାଭିନୟ

**ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)**

ସମ୍ବଲପୁରର ଆରାଧ୍ୟ ଦେବୀ ମା’ ସମଲେଶ୍ୱରୀଙ୍କ ରୂପାନ୍ତରିତ ପ୍ରକଳ୍ପ ଶନିବାର ଲୋକାର୍ପିତ ହେବା ପରେ ରବିବାର ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଣ୍ଡୀପାଠ ଓ ବେଦ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠୁଛି। ମନ୍ଦିର ପରିସରରେ ରହିଥିବା ୫ଟି ଯଜ୍ଞ ମଣ୍ଡପରେ ଜାରି ରହିଛି ଚଣ୍ଡୀପାଠ ଓ ହୋମଯଜ୍ଞ। ଏହାକୁ ସମ୍ପାଦନ କରୁଛନ୍ତି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୩୦ପଣ୍ଡିତ। ତେବେ ମା’ଙ୍କ ପୀଠର ପ୍ରଥମ ତୋରଣ ସଂଲଗ୍ନ ଯଜ୍ଞ ମଣ୍ଡପରେ ସମ୍ବଲପୁର ଶ୍ରୀଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ପଣ୍ଡିତଙ୍କ ଦ୍ୱାରା ଚଣ୍ଡୀପାଠ ଓ ହୋମ ସମ୍ପାଦିତ ହୋଇଥିଲା। ଶଙ୍ଖ, ଘଣ୍ଟ, ହୁଳହୁଳି ମଧ୍ୟରେ ପଣ୍ଡିତଙ୍କ ଚଣ୍ଡୀପାଠର ଆଧାତ୍ମିକ ଗୁଞ୍ଜରଣରେ ଗୁଞ୍ଜରିତ ହୋଇଉଠିଥିଲା ସମଗ୍ର ମନ୍ଦିର ପରିସର। ଫଳରେ ଏଠାରେ ସୃଷ୍ଟି ହୋଇଥିବା ଧାର୍ମିକ ବାତାବରଣ ଆକର୍ଷିତ କରିଥିଲା ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ।

ମା’ଙ୍କ ରୂପାନ୍ତରିତ ପୀଠର ଲୋକାର୍ପଣ ପାଇଁ ଶନିବାର ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୫ ଘଣ୍ଟାଧରି ଭକ୍ତଙ୍କୁ ମା’ଙ୍କ ଦର୍ଶନ ବାରଣ କରାଯାଇଥିଲା। ମାତ୍ର ରବିବାର କୌଣସି କଟକଣା ନ ଥିବାରୁ ପୀଠର ରୂପାନ୍ତରିତ ରୂପ ପରିଦର୍ଶନ ପାଇଁ ଏଠାରେ ସମ୍ବଲପୁର ସହିତ ବାହାର ଜିଲା ଓ ପଡ଼ୋଶୀ ରାଜ୍ୟରୁ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ମା’ଙ୍କ ମନ୍ଦିର ରୂପାନ୍ତରଣକୁ ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେହିପରି ରୂପାନ୍ତରିତ ପ୍ରକଳ୍ପ ବୁଲି ଦେଖିବା ସହ ଭକ୍ତମାନେ ମା’ ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି।

ସନ୍ଧ୍ୟାରେ ମହାନଦୀ ଘାଟରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାନଦୀ ଆଳତି। ମହାନଦୀ ଆଳତି ସ୍ୱରୂପ ପ୍ରକୃତି ପୂଜାରେ ସହସ୍ରାଧିକ ଭକ୍ତ ସାମିଲ ହୋଇ ଏହାର ଦିବ୍ୟତା ଓ ଆଧାତ୍ମିକତାକୁ ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଭୁବନେଶ୍ୱର ଉତ୍ର ନୃତ୍ୟ ଗ୍ରୁପ୍‌ର ନିର୍ଦ୍ଦେଶିକା ଶ୍ୱେତା ପାଢ଼ୀଙ୍କ ନେତୃତ୍ୱରେ ୯ ଜଣିଆ ମହିଳା କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଶେଫାଳୀ ପଟ୍ଟନାୟକ, ରାଜଶ୍ରୀ ପଣ୍ଡା, ଶ୍ରୀତିକା ପତି, ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହଲତା ନାହାକ, ମଧୁସ୍ମିତା ପାଢ଼ୀ, ଚିନ୍ମୟୀ ଭୋଇ, ଲୋନୀ ଘଡ଼େଇ ଓ ଶୁଭଲକ୍ଷ୍ମୀ ରାଉତଙ୍କ ନାରୀ ଓ ତ୍ରାହିଦୁର୍ଗା ଶୀର୍ଷକ ଦୁଇଟି ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା।

## ଜିଆର୍‌ଏସ୍‌ଙ୍କ ସନ୍ଦେହଜନକ ମୃତ୍ୟୁ



**କୋରାପୁଟ/ନାରାୟଣପାଟଣା,୨୮।୧ (ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ କଲୋନିର ଏକ କ୍ୱାର୍ଟରରୁ ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ମୃତଦେହ ମିଳିଛି। ସେ ହେଲେ କିରଣ ଚୌଧୁରୀ(୩୨)। ସେ ନାରାୟଣପାଟଣା ବ୍ଲକର କୁମ୍ଭାରୀ ପଞ୍ଚାୟତର ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ନାରାୟଣପାଟଣା ବ୍ଲକର ବୋରିଗି ଗ୍ରାମରେ। ତେବେ କିରଣ ନାରାୟଣପାଟଣା ବ୍ଲକ କଲୋନିରେ ଏକା ରହୁଥିଲେ। ସବୁଦିନ ପରି ଶନିବାର ରାତିରେ ସେ ଖାଇସାରି ଶୋଇଥିଲେ। ମାତ୍ର ରବିବାର ସକାଳୁ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ଡାକିବାକୁ ଆସି ଘର କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯାଇ ସେଠାରେ କିରଣଙ୍କୁ ଶୋଇଥିବା ଦେଖିଥିଲେ। ବାରମ୍ବାର ତାଙ୍କୁ ଡାକିବା ସତ୍ତ୍ୱେ ସେ ନ ଉଠିବାରୁ ଏନେଇ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ଖବରପାଇ ନାରାୟଣପାଟଣା ପୋଲିସ ପହଞ୍ଚି ଯାଞ୍ଚ କରିବା ବେଳେ କିରଣଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲା। ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, କିରଣଙ୍କ ପରିବାର ଲୋକେ ରାୟଗଡାରେ ରହୁଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଧର୍ମଶାଳା,୨୮।୧(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ଅନ୍ତର୍ଗତ ନାକପୋଲ ବଜାର ନିକଟରେ ରବିବାର ପୂର୍ବାହ୍ନରେ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ କୁଆଖିଆ ଥାନା ଜାବରା ପଞ୍ଚାୟତ ବରକୋଳିପାଟଣା ଗ୍ରାମର ବାବନ ମଳିକ(୫୪) ବୋଲି ଜଣାପଡିଛି। ବାବନ ରବିବାର ଓଡି-୩୪-ଡି-୩୯୨୯ ବାଇକରେ କୌଣସି କାମରେ ଆରୁହା ଯାଉଥିବାବେଳେ ନାକପୋଲ ନିକଟରେ ସାମ୍ନା ପଟୁ ଆସୁଥିବା ଓଡି-୦୪-କେ-୫୮୨୫ ହାଇୱା ତାଙ୍କୁ ଧକ୍କାଦେଇ ଚମ୍ପଟ ମାରିଥିଲା। ଦୁର୍ଘଟଣାରେ ଗୁରୁତର ବାବନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୯୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧରକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## କଟକ ଷ୍ଟେଶନ ନବୀକରଣ କାର୍ଯ୍ୟ ସମୀକ୍ଷା କଲେ ରେଳମନ୍ତ୍ରୀ



କଟକ ରେଳଷ୍ଟେଶନରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନବୀକରଣ କାର୍ଯ୍ୟ ତଦାରଖ କରୁଛନ୍ତି।

**କଟକ, ୨୮।୧(ଶିଳ୍ପା ପ୍ରିୟଦର୍ଶିନୀ)**

ବିଶ୍ୱସ୍ତରୀୟ ରେଳଷ୍ଟେଶନର ମାନ୍ୟତା ପାଇବାକୁ ଯାଉଛି କଟକ ରେଳଷ୍ଟେଶନ। ଏଥିପାଇଁ ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ସକାଳେ ଓଏମ୍‌ପି ପାର୍ଶ୍ୱରେ ଥିବା ରେଳଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହିତ ଉକ୍ତ କାର୍ଯ୍ୟ ବିଷୟରେ ଆଲୋଚନା କରିଛନ୍ତି।

ବିମାନବନ୍ଦର ଢାଞ୍ଚାରେ ଏହି ରେଳଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି। ଏଠାରେ ଯାତ୍ରୀମାନଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦିଆଯିବ। ଜାତୀୟ

### ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କର

ରାଜପଥ ସହ ଷ୍ଟେଶନକୁ ଯୋଡ଼ିବା, ଯାତ୍ରୀଙ୍କ ପାଇଁ ସହଜ ଗମନାଗମନ ସହ ପାର୍କିଂ ବ୍ୟବସ୍ଥା, ମାଲଗୋଦାମ ଅଞ୍ଚଳରୁ ଟ୍ରକ୍‌ଗୁଡ଼ିକ ସହଜରେ ଜାତୀୟ ରାଜପଥକୁ ଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହାସହ କଟକର ମୁଖ୍ୟ ପ୍ରବେଶ ପଥର କାର୍ଯ୍ୟ ମଧ ଜାରି ରହିଛି। ଏହି ଅବସରରେ ରେଳମନ୍ତ୍ରୀ କହିଛନ୍ତି, ଯାତ୍ରୀଙ୍କୁ ସୁବିଧା ଯୋଗାଇଦେବା ଆମର ଲକ୍ଷ୍ୟ। ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରେଳ ବିଭାଗର ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ଏଚ୍.ଏସ୍ ବାଜୱା, ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା, ଭାଜପା ନେତା ନୟନ ମହାନ୍ତି, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପରେ କଟକ ସଦର ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେବାକୁ ଯାଇଥିଲେ। ଏହା ପୂର୍ବରୁ ଓଏମ୍‌ପି ଛକଠାରେ ଥିବା ଏକ ଦୋକାନରେ ମନ୍ତ୍ରୀ ପହଞ୍ଚି ବ୍ୟବସାୟୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଆଜିଠୁ ଭାଜପା କୃଷକମୋର୍ଚ୍ଚାର ରାଜ୍ୟବ୍ୟାପୀ ଆନ୍ଦୋଳନ

**ଭୁବନେଶ୍ୱର, ୨୮।୧(ଅସମାପିକା ସାହୁ)**

ଓଡ଼ିଶାରେ ଧାନ କିଣା କାରବାରରେ ବ୍ୟାପକ ଦୁର୍ନୀତି ଓ ହେରଫେର ଏବଂ ଧାନମଣ୍ଡିର ବିକାଶ ପାଇଁ କେନ୍ଦ୍ର ସରକାର ଦେଉଥିବା ଅର୍ଥର ବାଟମାରଣା ପ୍ରତିବାଦରେ ଭାଜପା କୃଷକମୋର୍ଚ୍ଚା ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୫୮ଟି ସବ୍‌ଡିଭିଜନ ମୁଖ୍ୟାଳୟରେ ଆନ୍ଦୋଳନ କରିବ। ଏହି ଦୁର୍ନୀତିର ସିବିଆଇ ତଦନ୍ତ ଦାବିକରି ଉପଜିଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଚଳିତ ଖରିଫ ଧାନକିଣା କାରବାରରେ ମିଲର, ପ୍ରଶାସନିକ ଅଧିକାରୀ ଓ ସରକାରୀ ଦଳର ସ୍ଥାନୀୟଠାରୁ ଆରମ୍ଭ କରି ଶୀର୍ଷ ନେତୃବୃନ୍ଦଙ୍କ ମଧୁଚନ୍ଦ୍ରିକାରେ ବ୍ୟାପକ ଦୁର୍ନୀତି କରାଯାଇଛି। ପ୍ରତ୍ୟେକ ଧାନମଣ୍ଡିରେ କୁଇଣ୍ଟାଲ ପ୍ରତି ଧାନ ୫ରୁ ୧୦କିଲୋ କଟନି ଛଟନି କରାଯାଉଛି। ଚାଷୀମାନେ ଯେତେ ପ୍ରତିବାଦ କଲେ ମଧ ରାଜ୍ୟ ସରକାରଙ୍କୁ କିଛି ଫରକ ପଡୁ ନାହିଁ। ସାରା ରାଜ୍ୟରେ ଚାଷୀକୁ ବସ୍ତା ଦିଆଯାଉନାହିଁ। ଧାନମଣ୍ଡିଗୁଡିକରେ ଚାଷୀମାନଙ୍କଠାରୁ ଧାନ ଅନ୍‌ଲୋଡିଂ ଏବଂ ଓଜନ ବାବଦରେ କୁଇଣ୍ଟାଲ ପ୍ରତି ୫ ରୁ ୧୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଏହିସବୁ ବ୍ୟାପକ ଦୁର୍ନୀତି ଓ ହେରଫେରର ତୁରନ୍ତ ସିବିଆଇ ତଦନ୍ତ କରାଯିବା ପାଇଁ ସାହୁ ଦାବି କରିଛନ୍ତି।

## ଆଜି ଓଡ଼ିଶା ଆସୁଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ

**ଭୁବନେଶ୍ୱର, ୨୮।୧(ଅସମାପିକା ସାହୁ)**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଦିନିକିଆ ଓଡ଼ିଶା ଆସୁଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ତା’ର ରଣନୀତି ସ୍ୱରୂପ ଭୁବନେଶ୍ୱରରେ ‘ଓଡ଼ିଶା ବଞ୍ଚାଅ’ ସମାବେଶ କରୁଛି। ଏଆଇସିସି ଅଧ୍ୟକ୍ଷ ଏଥିରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିବେ। ମିଳିଥିବା ସୂଚନାନୁସାରେ, ଖାର୍ଗେ ଅପରାହ୍ନ ୧୨ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବେ। ଅପରାହ୍ନ ସାଢ଼େ ୧ଟା ଭିତରେ ସେ ସମାବେଶରେ ଯୋଗଦେବେ। ଅପରାହ୍ନ ୩ଟାରେ କଂଗ୍ରେସ କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ୫ଟା ବେଳକୁ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରର ଲୋୟର ପିଏମଜିଠାରେ ଓଡ଼ିଶା ବଞ୍ଚାଅ ସମାବେଶ ଆୟୋଜନ କରାଯାଇଛି। ଏଥିରେ କଂଗ୍ରେସ କର୍ମୀ ଓ ନେତାଙ୍କ ସହ ବହୁ ସଂଖ୍ୟାରେ କଂଗ୍ରେସ ସମର୍ଥକ ଯୋଗଦେବେ। ଏଆଇସିସି ଅଧ୍ୟକ୍ଷ ହେବା ପରେ ଖାର୍ଗେଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ।

## ଅରୁନ୍ ଯୋଗୀରାଜଙ୍କୁ ବାଲୁକା ଶିଳ୍ପୀ ସୁଦର୍ଶନଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ଅଯୋଧ୍ୟା ମନ୍ଦିର ପାଇଁ ରାମଲାଲାଙ୍କ ବିଗ୍ରହ ନିର୍ମାଣ କରିଥିବା ମହୀଶୂରର ଶିଳ୍ପୀ ଅରୁନ୍ ଯୋଗୀରାଜଙ୍କୁ ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଭୂୟସୀ ପ୍ରଶଂସା କରିଛନ୍ତି। ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି ହୃଦୟସ୍ପର୍ଶୀ ଏବଂ କୋଟି କୋଟି ଲୋକଙ୍କୁ ଅନୁପ୍ରାଣିତ କରିଛି। ତାଙ୍କ ମୂର୍ତ୍ତିରେ ଦିବ୍ୟତ୍ୱ ରହିଛି। ତାଙ୍କ କଳା ସାରା ବିଶ୍ୱର ସମସ୍ତ କଳାକାରଙ୍କୁ ପ୍ରୋତ୍ସାହିତ କରିବ ବୋଲି ସୁଦର୍ଶନ କହିଛନ୍ତି। ଆପଣ ବାସ୍ତବରେ ଭଗବାନ ବିଶ୍ୱକର୍ମାଙ୍କଠାରୁ ଆଶୀର୍ବାଦ ପାଇଛନ୍ତି। ପ୍ରଭୁ ରାମ ସବୁବେଳେ ଆପଣଙ୍କୁ ଆଶୀର୍ବାଦ କରିଥାନ୍ତୁ ବୋଲି ସୁଦର୍ଶନ ଏକ୍ସ’ରେ ଲେଖିଛନ୍ତି।



ଯୋଗୀରାଜ

ସୁଦର୍ଶନଙ୍କ ପୋଷ୍ଟ ଉପରେ ଉତ୍ତର ରଖି ଯୋଗୀରାଜ ଲେଖିଛନ୍ତି, ବିଶ୍ୱର ଜଣେ ପ୍ରସିଦ୍ଧ ବାଲୁକା ଶିଳ୍ପୀଙ୍କଠାରୁ ପ୍ରଶଂସା ପାଇବା ଅର୍ଥ ମୋ ପାଇଁ ବହୁତ କିଛି। ମୋ କଳା କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏହା ନିଶ୍ଚିତ ଭାବେ ପ୍ରେରଣା ଦେବ ବୋଲି ଯୋଗୀରାଜ କହିଛନ୍ତି।

## ମହିଳା ମାଓବାଦୀଙ୍କ ସହ ୩ଜଣଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ତିନି ମାଓବାଦୀ।

**ମାଲକାନଗିରି,୨୮।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ନିକଟରେ ରବିବାର ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କ ସହ ୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।

ସେମାନେ ଛତିଶଗଡ଼ ଚିନ୍ତାଗୁଫା ଅଞ୍ଚଳର ମହିଳା ମାଓବାଦୀ ଦୁଧୀ ସୁକଡିଙ୍କ ସହ ଦୁଧୀ ଦେବେ ଓ ମାଡବୀ ହଡମା। ଏହି ମାଓବାଦୀମାନେ କହିଛନ୍ତି, ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ଥଇଥାନ ନୀତି, ମାଓବାଦୀ ମୁକ୍ତ ନୀତି ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ବର୍ତ୍ତମାନ ମାଓବାଦୀ ସଂଗଠନରେ ଏମାନଙ୍କୁ ଅଣଦେଖା କରିବା ସହ ଗରିବ ଆଦିବାସୀଙ୍କ ଉପରେ ଅତ୍ୟାଚାର କରୁଥିବା ସହ ମାଓବାଦୀଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛନ୍ତି। ଏଥିସହ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ କାରଣରୁ ହତ୍ୟା କରୁଛନ୍ତି। ଫଳରେ ମାଓବାଦୀ ସଂଗଠନରେ ଆଦର୍ଶ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ମାଓବାଦୀ ଥଇଥାନ ନୀତି ଅନୁଯାୟୀ ଏହି ୩ ଜଣଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଆତ୍ମସମର୍ପଣ ସମୟରେ ସୁକୁମା ଜିଲା ପୋଲିସ ନିର୍ଦ୍ଦେଶକ ସୁନ୍ଦର ରାଜ ପି., ବସ୍ତର ରେଞ୍ଜ ଜଗଦଲପୁର ଅତିରିକ୍ତ ପୋଲିସ ନିର୍ଦ୍ଦେଶକ କମଳ ଲୋଚନ କଶ୍ୟପ, ଉପ ନିର୍ଦ୍ଦେଶକ, ସିଆରପିଏଫ ସୁନିତ କୁମାର ରାୟ ଓ ସୁକୁମା ଜିଲା ଏସ୍‌ପି କିରଣ ଚୌହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ଅସୁସ୍ଥ, ଛତିଶଗଡ଼ରେ ଦାଦନ ଖଟୁଛନ୍ତି ବାପା

**ହସ୍ପିଟାଲରେ ୨୭ ଦିନର ଶିଶୁକନ୍ୟାଙ୍କୁ ଛାଡ଼ି ଚାଲିଯିବା ଘଟଣା**

**ଭୁବନେଶ୍ୱର,୨୮।୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୭ ଦିନର ଶିଶୁକନ୍ୟାକୁ ଛାଡି ଚାଲିଯିବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଏହି ସ୍ପର୍ଶକାତର ଘଟଣା ପଛରେ ଆଉଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଶିଶୁକନ୍ୟାଟିକୁ ତାଙ୍କ ମା’ବାପା ନୁହେଁ, କେବଳ ମା’ ମମତା ନାୟକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣିଥିବା ପୋଲିସ ଜାଣିବାକୁ ପାଇଛି। ଆର୍ଥିକ ଅନଟନ ଭିତରେ ରହି ଅପରିପକ୍ୱ ଶିଶୁକନ୍ୟାଟିକୁ ଜନ୍ମ ଦେଇଥିବା ମା’ ନିଜେ ଏବେ ବି ଅସୁସ୍ଥ ରହିଥିବାବେଳେ ପାଖରେ ଟଙ୍କା କିମ୍ବା ଅନ୍ୟ କେହି ନ ଥିଲେ। ଶିଶୁକନ୍ୟାଟି ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଥିବାବେଳେ ମା’ ମମତା ହତାଶ ହୋଇ ନିଜ ଘର ନୟାଗଡ଼ର ଖଣ୍ଡପଡ଼ାକୁ ଚାଲିଯାଇଥିଲେ। ପାଖରେ ମୋବାଇଲ୍ ଫୋନ୍ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ତେବେ କ୍ୟାପିଟାଲ ଥାନା ପୋଲିସ ଏବେ ଶିଶୁ କନ୍ୟାର ଜେଜେ ମା’ଙ୍କ ସହ କୌଣସି ମତେ ଯୋଗାଯୋଗ କରି ଏସବୁ ଘଟଣା ଜାଣିବାକୁ ପାଇଛନ୍ତି। ସେହିପରି ଶିଶୁକନ୍ୟାର ବାପା ପ୍ରଶାନ୍ତ ନାୟକ ଛତିଶଗଡରେ ରହି ଶ୍ରମିକ କାମ କରୁଥିବାରୁ ସେ ହସ୍ପିଟାଲ ଆସି ନ ଥିବା ଜଣାପଡିଛି। ତେବେ ଶିଶୁ କନ୍ୟାର ମା’ ଅସୁସ୍ଥ ଥିବାରୁ ତାଙ୍କ ଜେଜେ ମା’ କିମ୍ବା ଆଈ ହସ୍ପିଟାଲ ଆସିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ହେଲେ ରବିବାର ସନ୍ଧ୍ୟା ସୁଦ୍ଧା ପରିବାରର କୌଣସି ସଦସ୍ୟ କିମ୍ବା ସମ୍ପର୍କୀୟ ହସ୍ପିଟାଲରେ ପହଞ୍ଚି ନ ଥିବା ସୂଚନା ମିଳିଛି।

## ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟର ଐତିହ୍ୟ ଭବନ ନବୀକରଣ

**କେନ୍ଦ୍ର ରେଳମନ୍ତ୍ରୀ ପାଳନ କଲେ ପ୍ରତିଶ୍ରୁତି**

**ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)**

ଭାରତୀୟ ଡାକ ସହଯୋଗରେ ରେଳବାଇ ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟରେ ଐତିହ୍ୟ ଭବନକୁ ନବୀକରଣ କରିଛି। ଝାରସୁଗୁଡ଼ାର ୧୩୨ ବର୍ଷ ପୁରାତନ ଡାକଘର ବର୍ତ୍ତମାନ ଏକ ଚମତ୍କାର ରୂପ ଧାରଣ କରି ସ୍ଥାପତ୍ୟ ଐତିହ୍ୟରେ ପରିଣତ ହୋଇପାରିଛି। ରଙ୍ଗବେରଙ୍ଗ ଆଲୋକରେ ଝଟକୁଛି ଏହି ଐତିହ୍ୟ। କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୧ ନଭେମ୍ବରରେ ଝାରସୁଗୁଡ଼ା ଗସ୍ତସମୟରେ ଐତିହ୍ୟ ଡାକଘର ଭବନକୁ ନବୀକରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାହା ଆଜି ପୂରଣ ହୋଇଛି। ଏହି ଐତିହ୍ୟ ଭବନ ନବୀକରଣ ପାଇଁ ସ୍ଥାନୀୟ ଲୋକେ ମନ୍ତ୍ରୀ ବୈଷ୍ଣବଙ୍କ ନିକଟରେ ଦାବି କରିଥିଲେ। ପ୍ରକାଶ ଯେ, ଏଠାରେ ୧୮୯୨ ମସିହାରେ ବ୍ରିଟିଶ ଶାସନ ସମୟରେ ଡାକଘର ସ୍ଥାପିତ ହୋଇଥିଲା।



ନୂଆରୂପରେ ଝାରସୁଗୁଡ଼ା ଡାକଘର।

## ଟ୍ରକ୍ ତଳେ ଚାପିହୋଇ ଡ୍ରାଇଭର ମୃତ



ଦ୍ୱାରଶୁଣୀ ଘାଟି ରାସ୍ତାରେ ପିଆଜ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି।

**ବାଙ୍ଗିରିପୋଷି,୨୮।୧ (ସଞ୍ଜୟ କୁମାର ଅଗ୍ରୱାଲ)**

- ପୁଣି ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା
- ପିଆଜ ବସ୍ତା ବୋହିନେଲେ ଲୋକେ

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ୪ ଦିନ ତଳେ ଏକ ଯାତ୍ରାପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣା ମନରୁ ନ ଲିଭୁଣୁ ରବିବାର ପୂର୍ବାହ୍ନରେ ସେହି ସ୍ଥାନରେ ପୁଣି ଏକ ଦୁର୍ଘଟଣା ଘଟିଛି। ଏକ ପିଆଜ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିବା ବେଳେ ଗାଡ଼ି ତଳେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ନାସିକ୍‌ରୁ କୋଲକାତା ଅଭିମୁଖେ ଯାଉଥିବା ଏକ ପିଆଜ ବୋଝେଇ ଟ୍ରକ୍(ଡବ୍ଲ୍ୟୁବି୨୫ଜେ-୪୭୨୦) ଘାଟି ତଳକୁ ଓହ୍ଲାଉଥିବା ସମୟରେ ପାହାଡ଼ରେ ଧକ୍କାହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବ୍ରେକ୍‌ଫେଲ୍ ହେବାରୁ ଟ୍ରକ୍ ନିୟନ୍ତ୍ରଣ ହରାଇଥିଲା। ଏହି ସମୟରେ ଟ୍ରକ୍‌ରେ ଥିବା ଦ୍ୱିତୀୟ ଡ୍ରାଇଭର ତଳକୁ ଡେଇଁ ପଡ଼ିଥିଲେ। ହେଲେ ତାଙ୍କ ଉପରେ ଟ୍ରକ୍‌ଟି ଓଲଟି ପଡ଼ିବାରୁ ସେ ଚକ ତଳେ ଚାପି ହୋଇଯାଇଥିଲେ। ବାଙ୍ଗିରିପୋଷି ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଉଛନ୍ତି ପଶ୍ଚିମବଙ୍ଗ ହଳଦିଆ ଅଞ୍ଚଳ ସୁତାହାଟ ଗ୍ରାମର ସାଲିମୁଦ୍ଦିନ(୪୨)। ଟ୍ରକ୍‌ରେ ଥିବା ଅନ୍ୟ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଥିବା ବେଳେ ସେମାନଙ୍କୁ ବାଙ୍ଗିରିପୋଷି ପୋଲିସ ଭ୍ୟାନ୍‌ରେ ନେଇ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ କେତେଜଣ ବ୍ୟକ୍ତି ଟ୍ରକ୍‌ରୁ ପିଆଜ ବସ୍ତା ବୋହି ନେଉଥିବାର ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୯/୨୦୨୪ | Bhubaneswar, Monday, January 29/2024


# ଲୁଟେରା ଗ୍ୟାଙ୍ଗ୍‌ରେ କନ୍‌ଷ୍ଟେବଲ

### ୩୦ଲକ୍ଷ ଲୁଟ୍ ଉଦ୍ୟମ, ୨ ଗିରଫ


ତନୁଜ କୁମାର ସାବତ

ପାରଳାଖେମୁଣ୍ଡି, ୨୮।୧
(ଗିରିଧାରୀ ପରିଛା)

ଦିନକୁ ଦିନ ନୂଆ ପନ୍ଥା ଆପଣାଉଛି ଲୁଟେରା ଗ୍ୟାଙ୍ଗ୍। ତେବେ ଏଥିରେ ପୋଲିସ ସାମିଲ ହେବା ଚିନ୍ତା ବଢ଼ାଇଛି। ପୂର୍ବରୁ ଅନେକ ଅପରାଧରେ ପୋଲିସର ସମ୍ପୃକ୍ତି ଧରାପଡ଼ିବାର ନଜିର ରହିଥିବାବେଳେ ଖାକି ପୋଷାକ ପିନ୍ଧାଙ୍କ ଆଉ ଏକ କାରନାମା ଏବେ ପର୍ଦ୍ଦାଫାଶ ହୋଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ୨ହଜାର ଟଙ୍କିଆ ନୋଟ ବଦଳାଇଦେବାକୁ ପ୍ରଲୋଭନ ଦେଖାଇ ୩୦ଲକ୍ଷ ଟଙ୍କା ଲୁଟ୍ ଉଦ୍ୟମ କରିବାକୁ ଚେଷ୍ଟା କରି ଏକ ଗ୍ୟାଙ୍ଗର ୨ଜଣ ଧରାପଡ଼ିଛନ୍ତି। ଗିରଫ ୨ଜଣଙ୍କ ମଧ୍ୟରେ ରହିଛନ୍ତି ଜଣେ ପୋଲିସ କନଷ୍ଟେବଲ୍ ଏବଂ ଅନ୍ୟ ଜଣେ ଆନ୍ଧ୍ରର ଯୁବକ। ସୂଚନା ମୁତାବକ, ଗତ ୨୫ତାରିଖରେ ପାରଳାଖେମୁଣ୍ଡି ରିଜର୍ଭ ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ତନୁଜ କୁମାର ସାବତ ଓ ଆନ୍ଧ୍ରପ୍ରଦେଶର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଭୋଟ କହିବ**

# ସଂରକ୍ଷିତ ପଦ ଅସଂରକ୍ଷିତ ହେବନି

**ଶିକ୍ଷା ବିଭାଗରେ ସଂରକ୍ଷିତ ଆସନ ପଦବୀକୁ ଅସଂରକ୍ଷିତ ଘୋଷଣା କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଗତ ଡିସେମ୍ବର ୨୭ରେ ଚିଠା ଗାଇଡ୍‌ଲାଇନ୍‌ରେ ପ୍ରସ୍ତାବ ଦିଆଯାଇଥିଲା। ହେଲେ ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ଶିକ୍ଷାମନ୍ତ୍ରଣାଳୟ ଏଥିରୁ ଓହରି ଯାଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ କେନ୍ଦ୍ର ସରକାର କୌଣସି ପ୍ରକାର ବିପଦର ସମ୍ମୁଖୀନ ହେବା ପାଇଁ ଚାହୁଁ ନ ଥିବାରୁ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।**

ନୂଆଦିଲ୍ଲୀ,୨୮।୧(ପି.ଟି.)

ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ

### ୟୁଜିସି ଗାଇଡ୍‌ଲାଇନ ଉପରେ ଶିକ୍ଷା ମନ୍ତ୍ରଣାଳୟର ସ୍ପଷ୍ଟୀକରଣ

ଥିବା ପଦବୀ ନିମନ୍ତେ ଯଦି ସେହି ବର୍ଗରୁ ପ୍ରାର୍ଥୀ ଉପଲବ୍ଧ ନ ହେଲେ ସେଗୁଡ଼ିକୁ ଅସଂରକ୍ଷିତ ଘୋଷଣା କରାଯିବ ବୋଲି ୟୁଜିସିର ଚିଠା ଗାଇଡ୍‌ଲାଇନରେ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ କେନ୍ଦ୍ର ସରକାରଙ୍କ ସଂରକ୍ଷଣ ନୀତି କାର୍ଯ୍ୟକାରିତା ଗାଇଡ୍‌ଲାଇନ ଉପରେ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଥିଲା। ତେବେ ବିଭିନ୍ନ ମହଲରୁ ଉକ୍ତ ଚିଠା ଗାଇଡ୍‌ଲାଇନ୍‌କୁ ବିରୋଧ କରାଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗଙ୍କୁ ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ପଦବୀରେ ଦିଆଯାଉଥିବା ସଂରକ୍ଷଣକୁ ଉଚ୍ଛେଦ କରିବା ଲାଗି ଷଡ଼ଯନ୍ତ୍ର ଚାଲିଥିବା କଂଗ୍ରେସ ଅଭିଯୋଗ କରିଛି। ଦଳିତ, ପଛୁଆ ବର୍ଗ ଏବଂ ଆଦିବାସୀ ପ୍ରସଙ୍ଗରେ ନରେନ୍ଦ୍ର ମୋଦି ସରକାର କେବଳ ପ୍ରତୀକାତ୍ମକ ରାଜନୀତି କରୁଥିବା ବିରୋଧୀ ଦଳ କହିଛି। ଏହି ପ୍ରସଙ୍ଗରେ ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦେଶ କୁମାରଙ୍କ ବିରୋଧରେ ସୋମବାର ବିକ୍ଷୋଭ ପାଇଁ ଜେଏନ୍‌ୟୁ ଛାତ୍ର ସଂସଦ ଘୋଷଣା କରିଥିଲା। ଏହା ପରେ କୁମାର ମଧ୍ୟ ସ୍ପଷ୍ଟୀକରଣ ଦେଇ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂର୍ବରୁ ଥିବା ସଂରକ୍ଷିତ ପଦବୀଗୁଡ଼ିକୁ ଅସଂରକ୍ଷିତ କରାଯିବ ନାହିଁ ବୋଲି କହିଛନ୍ତି। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ☞ପୃଷ୍ଠା-୨

# ନୀତୀଶ ପୁଣି 'ପଲ୍‌ଟୁରାମ'

**ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ଏବଂ ବାମପନ୍ଥୀଙ୍କ ସହ ୧୮ମାସର ମାସର ସମ୍ପର୍କ ତୁଟାଇ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁନର୍ବାର ଭାଜପା କୋଳରେ ପଡ଼ିଛନ୍ତି। ଗତ ଏକ ଦଶନ୍ଧୀ ମଧ୍ୟରେ ନୀତୀଶଙ୍କ ଏହା ୫ମ ଶିବିର ପରିବର୍ତ୍ତନ। ବାରମ୍ବାର ମେଣ୍ଟ ପରିବର୍ତ୍ତନ କରୁଥିବାରୁ ନୀତିଶଙ୍କୁ ରାଜନୈତିକ ମହଲରେ 'ପଲ୍‌ଟୁ ରାମ' ଓ ପଲ୍‌ଟୁ କୁମାର ଭଳି ଆଖ୍ୟା ଦିଆଯାଇଛି। ଇଣ୍ଡିଆ ବ୍ଲକ୍ ଛାଡ଼ିବା ପଛରେ କାରଣଭାବେ ଦର୍ଶାଯାଉଛି ଯେ, ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ତାଙ୍କ ନାମକୁ କୌଣସି ଦଳ ସମର୍ଥନ କରି ନ ଥିଲେ।**

ପାଟନା/ନୂଆଦିଲ୍ଲୀ,୨୮।୧

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ମହାମେଣ୍ଟ ସହ ସବୁ କିଛି ଠିକ୍ ଚାଲି ନ ଥିବା ଦର୍ଶାଇ ନିଜ ପଦରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ସର୍ବାଧିକ ନବମ ଥର ପାଇଁ ଶପଥ


ନୀତୀଶ କୁମାର

ନେଇଛନ୍ତି। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅପରାହ୍ନ ୫ଟାରେ ରାଜଭବନରେ 'ଜୟ

### ୯ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ

### ସମ୍ରାଟ ଚୌଧରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ

ଶ୍ରୀରାମ' ଧ୍ୱନି ମଧ୍ୟରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖ୍ୟ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ତାଙ୍କ ସହ ଅନ୍ୟ ୮ ବିଧାୟକ ମଧ୍ୟ ମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ଶପଥ ନେଇଥିବା ଅନ୍ୟ ବିଧାୟକମାନେ ହେଲେ ଜେଡିୟୁର ବିଜୟ କୁମାର ଚୌଧରୀ, ଶ୍ରବଣ କୁମାର, ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ ଭାଜପାର ସମ୍ରାଟ ଚୌଧରୀ, ବିଜୟ କୁମାର ସିହ୍ନା, ପ୍ରେମ କୁମାର। ସେହିପରି ଜିତନରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନୀ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

କେନ୍ଦ୍ର ସରକାର ସାମ୍ପ୍ରତିକ ପ୍ରାସଙ୍ଗିକତା ଆଧାରରେ ଆଇନଗୁଡ଼ିକର ଆଧୁନିକୀକରଣ କରୁଛନ୍ତି। ଆଜି ପ୍ରଣୀତ ଆଇନ ଆସନ୍ତାକାଲିର ଭାରତକୁ ଆହୁରି ସୁଦୃଢ଼ କରିବ। **–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫିରି ଫିରି ବରଷା**
**ପର ଘରେ ମାଗଣା ରୁଷା**
**ଏ ସବୁ ତ ଲୋକହସା।**

ସାଧାରଣତଃ ରାଗରୁଷା ବା ମାନ ଅଭିମାନ ନିଜ ଲୋକଙ୍କ ଉପରେ କରାଯାଉଥିବା ବେଳେ ପର ଉପରେ ରୁଷିବା ଆଦୌ ଶୋଭା ପାଇ ନ ଥାଏ। କାରଣ ପର ଘରେ ରୁଷିଲେ ନିଜ ଗୁମର ପ୍ରକାଶ ପାଇବା ଦ୍ୱାରା ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଫୁଲ ନାଇବ ବଉଳ,**
**ମାଛ ଖାଇବ ଶେଉଳ।**

ବଉଳ ଫୁଲଟି ସାଧାରଣତଃ ବାସଯୁକ୍ତ ସୁନ୍ଦର ଫୁଲ ହୋଇଥାଏ। ଠିକ୍ ସେହିପରି ଶେଉଳ ମାଛ ଖାଇବାକୁ ବେଶ୍ ରୁଚିକର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୁଣି ବର୍ଷା ହେଲେ ଶୀତ ପ୍ରକୋପ ବଢ଼ିବ

ଭୁବନେଶ୍ୱର,୨୮।୧
(ଅନୁରାଧା ମହାରଣା)

ଏବେ ଦିନରେ ଖରା ଓ ରାତିରେ ଥଣ୍ଡା ଅନୁଭୂତ ହେଉଛି। ଶୀତ ଲହରି ଜାରି ରହିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡିର ଆସ୍ତରଣ ଦେଖିବାକୁ ମିଳୁଛି। ତେବେ ଆଗକୁ ବର୍ଷା ସମ୍ଭାବନା ରହିଥିବାରୁ ଶୀତ ପ୍ରକୋପ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରୁଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୩୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିବାବେଳେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସୋମବାର ପାଗ ଶୁଖିଲା ରହିବ। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡି ହେବ। ତେବେ ଘନ କୁହୁଡ଼ି ନେଇ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଆଦି ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୦ ଓ ୩୧ ତାରିଖ ବେଳକୁ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖିବାକୁ ମିଳିବ। କିନ୍ତୁ ଫେବୃଆରୀ ପହିଲାବେଳକୁ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଆଦି ଜିଲାରେ ହାଲୁକା ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ହାଲୁକା ବର୍ଷା ହେବାକୁ ଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ। ୩ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବାକୁ ଥିବାବେଳେ ୪ ତାରିଖରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ

ଜି.ଉଦୟଗିରି,୨୮।୧(ଶିଶିର ପଟ୍ଟନାୟକ)

କନ୍ଧମାଳ ଜିଲା ଜି.ଉଦୟଗିରିରେ ଶୀତର ପ୍ରକୋପ ବଢ଼ିଛି। କିଛିଦିନ ହେବ ମେଘୁଆ ପାଗ ଲାଗି ରହିଥିବାରୁ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲା। ଏବେ ଆକାଶ ପରିଷ୍କାର ଥିବାରୁ ଅଧିକ ଶୀତ ଅନୁଭୂତ ହେଉଛି। ରବିବାର ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରହିଥିବା ବ୍ଲକ କୃଷି ଗବେଷଣା କେନ୍ଦ୍ର ରେକର୍ଡ କରିଛି। ଦିନର ତାପମାତ୍ରା ବଢୁଥିବା ବେଳେ ରାତି ତାପମାତ୍ରା କମିବାରେ ଲାଗିଛି। ଫଳରେ ଅସହ୍ୟ ଶୀତରେ ସମଗ୍ର ଅଞ୍ଚଳ ଥରୁଛି । ଶୀତର ପ୍ରକୋପ ଗ୍ରାମାଞ୍ଚଳରେ ଅଧିକ ରହିଛି। ସକାଳୁ ୯ଟା ପର୍ଯ୍ୟନ୍ତ ଏବଂ ରାତି ୮ଟା ପରେ ଘରୁ ବାହାରିବା କଷ୍ଟକର ହେଉଛି। ଲୋକେ ଦିନତମାମ ଖରାରେ ବସୁଥିବା ବେଳେ ସନ୍ଧ୍ୟାରେ ନିଆଁ ଜାଳି ବସୁଛନ୍ତି। ଅସହାୟ ଲୋକ ଓ ରାସ୍ତାକଡ଼ରେ ବସି ପରିବା ବିକୁଥିବା ଛୋଟ ଚାଷୀମାନେ ବିଶେଷ ପ୍ରଭାବିତ ହେଉଛନ୍ତି।

# ଫେବୃଆରୀରେ ଦୁଇଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୮।୧(ଅସମାପିକା ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ଦୁଇଥର ଓଡ଼ିଶା ଆସିବେ। ଆସନ୍ତା ୩ ତାରିଖରେ ସମ୍ବଲପୁର ଆସି ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନ କରିବା ସହ ସମ୍ବଲପୁରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ହେବାକୁ ଥିବା ଜାତୀୟ ମହିଳା ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶାଳ ସମାବେଶରେ ୧୪ ରାଜ୍ୟର ୨୫ ହଜାରରୁ ଅଧିକ ମହିଳା ଏକାଠି ହେବେ। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାରା ଦେଶରେ ଦୁଇଟି ବଡ଼ ମହିଳା ସମାବେଶ ଆୟୋଜନ ହେଉଛି। ଗୋଟିଏ ମଧ୍ୟପ୍ରଦେଶ ଏବଂ ଆଉ ଗୋଟିଏ ଓଡ଼ିଶାରେ ଆୟୋଜିତ ହେବ। ଓଡ଼ିଶାରେ ହେବାକୁ ଥିବା ସମାବେଶରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ୧୦ତାରିଖରେ ଆସିପାରନ୍ତି ବୋଲି ସେ କହିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ମନ୍ତବ୍ୟରୁ ମଧ୍ୟ ପ୍ରଧାନମନ୍ତ୍ରୀ ଆଉଥରେ ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି। ଧର୍ମେନ୍ଦ୍ର ରବିବାର ଭାଜପାର ବୁଥ୍ ଜନ ସମ୍ପର୍କ ଅଭିଯାନରେ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ପରବର୍ତ୍ତୀ ସମୟରେ ପୁଣି ଉପକୂଳ ଅଞ୍ଚଳକୁ ଆସିବେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି। ଭାରତକୁ ଏକ ସୁଦୃଢ଼ ଦେଶ ଭାବେ ଗଢ଼ିବା ପାଇଁ ଓଡ଼ିଶାର ଭୂମିକା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇବେ। ଦଳର କାର୍ଯ୍ୟକର୍ତ୍ତା, ବିଶେଷ କରି ମହିଳା ଓ ଯୁବକମାନେ ଏଥିପାଇଁ ବହୁତ ଉତ୍ସାହିତ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେପଟେ ବିଜେଡି ମହିଳା ଭୋଟ ବ୍ୟାଙ୍କ୍ ଭାଙ୍ଗିବାକୁ ଭାଜପାର ଏହା ଏକ ବଡ଼ ଷ୍ଟ୍ରାଟେଜି ବୋଲି ଚର୍ଚ୍ଚା ହେଉଛି।

### ୧୦ରେ ଭୁବନେଶ୍ୱରରେ ବଡ଼ ଜାତୀୟ ମହିଳା ସମାବେଶ



ନରେନ୍ଦ୍ର ମୋଦି

## ପ୍ରଥମ ପୃଷ୍ଠାରୁ...

### ନିତୀଶ ପୁଣି ...

ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)ର ସନ୍ତୋଷ କୁମାର ଏବଂ ସ୍ୱାଧୀନ ବିଧାୟକ ସୁମିତ କୁମାର ସିଂ ମଧ୍ୟ ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ରାଟ ଚୌଧରୀ ଓ ବିଜୟ ସିହ୍ନାଙ୍କୁ ନୂଆ କ୍ୟାବିନେଟରେ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଶପଥ ଗ୍ରହଣ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସ'ରେ ନୀତୀଶ ଓ ବିହାରର ନୂଆ ସରକାରକୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବିହାରର ବିକାଶ ଓ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ଭାଜପା ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ସମର୍ଥନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିହାର ଭାଜପା ପ୍ରଭାରୀ ବିନୋଦ ତାୱଡେ ଓ ଦଳୀୟ ନେତାମାନେ ନୀତୀଶଙ୍କ ବାସଭବନରେ ପହଞ୍ଚି ତାଙ୍କ ପ୍ରତି ସମର୍ଥନ ଘୋଷଣା କରିଥିଲେ। ନୀତୀଶ ରାଜ୍ୟପାଳଙ୍କୁ ଭେଟି ସହଯୋଗୀ ଭାଜପା ସମର୍ଥନରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ଏଥିସହ ୧୨୮ ବିଧାୟକଙ୍କ ସମର୍ଥନପତ୍ର ଦାଖଲ କରିଥିଲେ। ନୀତୀଶଙ୍କୁ ସମର୍ଥନ କରୁଥିବା ବିଧାୟକଙ୍କ ମଧ୍ୟରୁ ଜେଡିୟୁର ୪୫, ଭାଜପା ୭୮, ଏଚ୍‌ଏଏମ୍‌ର ୪ ଏବଂ ଜଣେ ସ୍ୱାଧୀନ। ଏହି ରାଜନୈତିକ ଘଟଣାକ୍ରମକୁ ନେଇ ଏନ୍‌ଡିଏ ସମର୍ଥକମାନେ ରାଜଭବନ ବାହାରେ ଉତ୍ସବ ମନାଇଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ପଞ୍ଜାବରେ ଭଗୱନ୍ତ ମାନ୍‌ଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପରେ ବିହାରରେ ନୀତୀଶଙ୍କ ଜେଡିୟୁଠାରୁ ଝଟକା ଖାଇବା ପରେ ବିରୋଧୀ 'ଇଣ୍ଡିଆ' ବ୍ଲକ୍‌ର ସ୍ଥାୟିତ୍ୱକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଲୁଟେରା ଗ୍ୟାଙ୍ଗ୍‌ରେ ...

ପାର୍ବତୀପୁର ଜିଲା ସାଲୁରୁ ଗ୍ରାମର ବିନୋଦ ରାୟପାଲି ବିଶାଖାପାଟଣା ଅଞ୍ଚଳର ବ୍ୟବସାୟୀ ଟି. ନାଗା ରବୀନ୍ଦ୍ରନାଥଙ୍କୁ ୬୦ଲକ୍ଷ ଟଙ୍କାର ୨ହଜାର ଟଙ୍କିଆ ନୋଟ ବଦଳାଇଦେବାକୁ କହିଥିଲେ। ଆଉ ଏଥିପାଇଁ ସେମାନେ ବ୍ୟବସାୟୀଙ୍କୁ ୩୦ଲକ୍ଷ ଟଙ୍କା ଦେବେ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ବ୍ୟବସାୟୀ ଜଣକ ଏଥିରେ ରାଜିହୋଇ ଯିବାରୁ ତାଙ୍କୁ ୩୦ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ୍ ଆଣି ପାରଳାଖେମୁଣ୍ଡି ନିକଟସ୍ଥ କେରାଣ୍ଡି ଗ୍ରାମ ନିକଟକୁ ଆସିବାକୁ ତନୁଜ ଏବଂ ବିନୋଦ କହିଥିଲେ। ୩୦ ଲକ୍ଷ ଟଙ୍କା ଧରି ରବୀନ୍ଦ୍ର ଘଟଣାସ୍ଥଳରେ ପହଞ୍ଚିବା ପରେ ତନୁଜ ଓ ବିନୋଦ ତାଙ୍କ ହାତରୁ ଟଙ୍କା ବ୍ୟାଗକୁ ଜୋରଜବରଦସ୍ତ ଛଡ଼ାଇ ନେବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନେ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ବ୍ୟବସାୟୀଙ୍କୁ ଅଟକ ରଖିବା ସହିତ ଟଙ୍କା ବ୍ୟାଗକୁ ଜବତ କରି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଟଙ୍କା ବ୍ୟାଗକୁ ଜିମା ଦେଇଥିଲେ। ତେବେ ରବୀନ୍ଦ୍ରଙ୍କୁ ପଚରାଉଚରା କରିବା ପରେ ସେ ପୂରା ଘଟଣା ପୋଲିସ ଆଗରେ କହିଥିଲେ। ପୋଲିସ ଏକ ମାମଲା(ନଂ. ୨୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରିଥିଲା। ଶନିବାର ଅଭିଯୁକ୍ତ ବିନୋଦଙ୍କୁ କେରାଣ୍ଡି ଗ୍ରାମ ନିକଟରୁ ଗିରଫ କରିଥିବାବେଳେ ରବିବାର କନ୍‌ଷ୍ଟେବଲ୍ ତନୁଜଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ମାଧବ ଚନ୍ଦ୍ର ନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆଉ ୩ଜଣ ମାଷ୍ଟରମାଇଣ୍ଡ ରହିଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ଏଥିସହ ବ୍ୟବସାୟୀ ରବୀନ୍ଦ୍ରନାଥଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ପ୍ରକାଶ ଯେ, କନଷ୍ଟେବଲ ତନୁଜ ସାବତଙ୍କ ବିରୋଧରେ ପୂର୍ବରୁ ଭିଜିଲାନ୍ସ ଓ ଫୌଜଦାରି ମାମଲା ରହିଥିବା ଏସ୍‌ଡିପିଓ ନାୟକ ସୂଚନା ଦେଇଛନ୍ତି।

### ସଂରକ୍ଷିତ ପଦ ...

ଆଇନ, ୨୦୧୯ କାର୍ଯ୍ୟକାରୀ ହେବା ପରେ କୌଣସି ସଂରକ୍ଷିତ ପଦବୀ ଅସଂରକ୍ଷିତ ହେବାର ନାହିଁ। ଉକ୍ତ ପଦବୀଗୁଡ଼ିକୁ ପୂରଣ କରିବାରେ ଉକ୍ତ ଆଇନକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ଶିକ୍ଷା ମନ୍ତ୍ରଣାଳୟ ସମସ୍ତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଥିବା ଏକ୍ସ'ରେ ଲେଖିଛି। ୟୁଜିସିର ଡିଠା ଗାଇଡ୍‌ଲାଇନ ଅନୁଯାୟୀ ଏସ୍‌ସି, ଏସ୍‌ଟି କିମ୍ବା ଓବିସି ପାଇଁ ସଂରକ୍ଷିତ ପଦବୀ ଖାଲି ଥିଲେ, ସେଠାରେ ଅନ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇପାରିବ ନାହିଁ। ତେବେ ଅସଂରକ୍ଷଣ ପ୍ରକ୍ରିୟା ଶେଷ ହେବା ପରେ ଏକ ସଂରକ୍ଷିତ ଖାଲିସ୍ଥାନକୁ ଅସଂରକ୍ଷିତ ଘୋଷଣା କରାଯାଇପାରିବ ଏବଂ ଏହାକୁ ଅସଂରକ୍ଷିତ ଖାଲି ପଦବୀ ଭାବେ ପୂରଣ କରାଯାଇପାରିବ। ଅର୍ଥାତ୍ ସିଧାସଳଖ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷିତ ପଦବୀକୁ ଅସଂରକ୍ଷିତ କରିବା ବେଆଇନ। ତେବେ ବିରଳ ଏବଂ ଅସାଧାରଣ କ୍ଷେତ୍ରରେ ଜନସ୍ୱାର୍ଥ ଦୃଷ୍ଟିରୁ ଗ୍ରୁପ୍ ଏ ସେବାର ଏକ ପଦବୀକୁ ଖାଲି ରଖିବାକୁ ଅନୁମତି ମିଳି ନ ପାରିଲେ, ଏହା ଅସଂରକ୍ଷିତ କରିବା ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଏକ ପ୍ରସ୍ତାବ ପ୍ରସ୍ତୁତ କରିପାରନ୍ତି। ପଦବୀ ପୂରଣ ପାଇଁ କ'ଣ ସବୁ ଉଦ୍ୟମ ହୋଇଛି, କାହିଁକି ସମ୍ପୃକ୍ତ ପଦବୀକୁ ଖାଲି ରଖାଯାଇପାରିବ ନାହିଁ ଏବଂ ଅଣସଂରକ୍ଷିତ କରିବାର ଯଥାର୍ଥତା ସମ୍ପର୍କରେ ପ୍ରସ୍ତାବରେ ଉଲ୍ଲେଖ କରିବାକୁ ହେବ। ଖାଲି ସ୍ଥାନ ଗ୍ରୁପ୍ ସି କିମ୍ବା ଡି ପାଇଁ ଥିଲେ ଉକ୍ତ ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦକୁ ପଠାଯିବ। ଯଦି ପଦବୀ ଗ୍ରୁପ୍ ଏ କିମ୍ବା ବି ବର୍ଗର ହୋଇଥିବ, ତେବେ ପ୍ରସ୍ତାବ ଶିକ୍ଷା ମନ୍ତ୍ରଣାଳୟକୁ ଅନୁମୋଦନ ପାଇଁ ପଠାଯିବ। ତାହା ଅନୁମୋଦନ ହେଲେ ସଂରକ୍ଷିତ ସ୍ଥାନକୁ ପୂରଣ କରାଯାଇ ପାରିବ ବୋଲି ଡିଠା ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି।

# କ୍ରିଏଟିଭିଟିରେ ଓଡ଼ିଶା ବହୁତ ଷ୍ଟ୍ରଙ୍ଗ୍

## ଅଭିନେତା ସୁକୁମାର ଟୁଡୁ

**ଧରିତ୍ରୀ ଆଳାପ**



ଓଡ଼ିଶା ମାଟିର ପୁଅ, ମାତ୍ର ଜାତୀୟ ସ୍ତରରେ ବେଶ୍ ଲୋକପ୍ରିୟ। ଅଭିନୟରେ ବାନ୍ଧି ରଖିପାରୁଥିବା ଜଣେ ଅନନ୍ୟ କଳାକାର। ହିନ୍ଦୀ, ଇଂଲିଶ ଏବଂ ଓଡ଼ିଆ ଫିଲ୍ମ ସହ ବହୁ ୱେବ୍ ସିରିଜ୍‌ରେ ନିଖୁଣ ଅଭିନୟ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଅଭିନେତା ସୁକୁମାର ଟୁଡୁ। କେନ୍ଦୁଝର ଜିଲାର ଏକ ଆଦିବାସୀ ପରିବାରରେ ଜନ୍ମିତ ସୁକୁମାର ସ୍କୁଲ ସମୟରୁ ହିଁ ଅଭିନୟ ପ୍ରତି ଟାଣି ହୋଇଯାଇଥିଲେ। ବିଜ୍ଞାନ ଛାତ୍ରଟିଏ ଯେ ଜାତୀୟ ସ୍ତରରେ ଅଭିନୟ କରି ପରିଚୟ ପାଇବ ତାହା ବୋଧେ କେହି କେବେ ଭାବି ନ ଥିଲେ। ପୁଅ ଡାକ୍ତର ହେବ ବୋଲି ମା'ବାପା ଓ ପରିବାର ଲୋକେ ସ୍ୱପ୍ନ ଦେଖୁଥିବାବେଳେ ସୁକୁମାରଙ୍କ ଭିତରେ କିନ୍ତୁ ଏକ କଳାକାର ଜନ୍ମ ନେଇସାରିଥିଲା। ଆଉ ସେହି କଳାକାରଙ୍କୁ ଆମେ ଆଜି ଅନେକ ହିଟ୍ ଫିଲ୍ମ, ୱେବ୍ ସିରିଜରେ ଦେଖିବାକୁ ପାଉଛୁ। ଟୁଏଲ୍‌ଭଥ୍ ଫେଲ୍, ସାଧୋ, ଓୟେ ଲକି ଲକି ଓୟେ, ହିସାବ ବରାବର୍ ଆଦି ହିନ୍ଦୀ ଚଳଚ୍ଚିତ୍ର ସହ ଦ୍ୱିଭାଷୀ ଚଳଚ୍ଚିତ୍ର ୱାନ୍ ୱେ (ହିନ୍ଦୀ ଓ ଇଂଲିଶ), ମହାରାଣୀ ୱେବ୍ ସିରିଜ୍ ଏବଂ ଓଡ଼ିଆ ଚଳଚ୍ଚିତ୍ର ମାଲ୍ୟଗିରି, ଜେଙ୍ଗାବୁରୁ କର୍ସ ଓ ବାରଙ୍ଗ ୧୯୯୯ ସିରିଜ୍ ଆଦି ତାଙ୍କର ଗୋଟିଏ ଗୋଟିଏ ହିଟ୍ ପ୍ରୋଜେକ୍ଟ। ସୁକୁମାରଙ୍କ ସହ ଏଥରର ଧରିତ୍ରୀ ଆଳାପ।

**ଅଭିନୟକୁ କିଭଳି ଆସିଲେ?**

ଚତୁର୍ଥ ଶ୍ରେଣୀରେ ପଢ଼ିବା ସମୟରେ ସ୍କୁଲ ଫଙ୍କ୍‌ଶନରେ ଏକ ନାଟକରୁ ଅଭିନୟ ଆରମ୍ଭ କରିଥିଲି। ପରେ ଭୁବନେଶ୍ୱର ପଢ଼ିବାକୁ ଆସିଥିଲି। ସେତେବେଳେ ପେପରରେ ଏକ ଆଡ୍ ପଢ଼ିଲି, ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟରେ ଆର୍ଟିଷ୍ଟ ଦରକାର, ଯେଉଁମାନଙ୍କୁ ପେଡ୍ ମଧ୍ୟ କରାଯିବ। ସେଠାରେ ଚୟନ ହେବା ପରେ ରେଗୁଲାର ନାଟକ ଅଭ୍ୟାସ ଆରମ୍ଭ ହେଲା। ୨୦୦୦ ମସିହାରେ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ପକ୍ଷରୁ ଭାରତ ରଙ୍ଗ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଟ୍ରଷ୍ଟକୁ ଏକ ଚିଠି ଆସିଲା। ଓଡ଼ିଶାରୁ ଏହା ପ୍ରଥମଥର ଥିଲା। ସେଠାକୁ ଗଲା ପରେ ମୋତେ ଲାଗିଲା, ଯଦି ମୁଁ ଅଭିନୟରେ କ୍ୟାରିୟର କରିବାକୁ ଚାହୁଁଛି ତା'ହେଲେ ମୋତେ ଏନ୍‌ଏସ୍‌ଡିରେ ପଢ଼ିବାକୁ ପଡ଼ିବ। ସେଠି ପାଠପଢ଼ା ପରେ ଏନ୍‌ଏସ୍‌ଡି ରେପେର୍‌ଟୋରିରେ ୬ବର୍ଷ କାମ କଲି। ପରବର୍ତ୍ତୀ ସମୟରେ ଏନ୍‌ଏସ୍‌ଡି ଏକାଡେମିକ ଓ ଆଡମିନିଷ୍ଟ୍ରେଟିଭ୍‌ରେ ଯୋଗଦେଲି। ପୁଣି ରେପେର୍‌ଟୋରି ଫେରି ୪ବର୍ଷ ଲିଡ୍ କଲି। ପରେ ଭାରତର ସବୁ ଅଡିଟୋରିୟମ ଓ ଅନେକ ଦେଶରେ ମଧ୍ୟ ନାଟକ ପ୍ରଦର୍ଶନ କଲି। ଏହାପରଠାରୁ ହିନ୍ଦୀ ଫିଲ୍ମ, ୱେବ୍ ସିରିଜ, ଓଡିଆ ଫିଲ୍ମରେ କାମ ଚାଲିଛି।

**ସାମ୍ପ୍ରତିକ ଓଡ଼ିଶାର ନାଟକ ସମ୍ପର୍କରେ କ'ଣ କହିବେ?**

ସେତେବେଳେ ବି ନାଟକ ଓଡ଼ିଶାରେ ଭଲ ଚାଲିଥିଲା। ଆଜି ବି ଚାଲୁଛି। ଆମେମାନେ ଆମ ସଂସ୍କୃତି, ପରମ୍ପରାକୁ ଦେଖାଉଥିଲୁ। ଏବେ ସେମାନେ ତାଙ୍କ ସମୟରେ ଥିବା କାହାଣୀ, ସଂସ୍କୃତିକୁ ଦେଖାଉଛନ୍ତି।

**ଓଡ଼ିଆ ଫିଲ୍ମ ଦେଖନ୍ତି?**

ଫାଙ୍କା ହେଲେ ଦେଖେ। ମାତ୍ର ଏବେ ଟିକେ ୨୦୧୦ ମସିହା ପରଠୁ ଫିଲ୍ମ ଦେଖିବା ବନ୍ଦ କରିଦେଇଛି। କାରଣ ସବୁ ଫିଲ୍ମରେ ପ୍ରାୟ ସେହିସବୁ ଜିନିଷ ଦେଖିବାକୁ ପାଇଲି। କହିବା ଶୈଳୀ ଏକା, ବସିବା, ଉଠିବା ସବୁଥିରେ ସମାନ ଲଗେ। ଯାହା ମୋତେ ଆଉ ଓଡ଼ିଆ ଫିଲ୍ମ ଦେଖିବାକୁ ଆକୃଷ୍ଟ କଲାନି।

**ବର୍ତ୍ତମାନର ପିଢ଼ି କିଛି ନୂଆ କଲେ, ପୂର୍ବ ପିଢ଼ି ନାପସନ୍ଦ କରିବା କିମ୍ବା ସହଯୋଗ ନ କରିବାର କଥା ଶୁଣିବାକୁ ମିଳୁଛି। ଏ ନେଇ ଆପଣଙ୍କ ମତ?**

ନୂଆପିଢ଼ିର ପିଲାମାନେ ଏକ୍ସପେରିମେଣ୍ଟ କରୁଛନ୍ତି। ଟ୍ରାଏଲ ଆଣ୍ଡ୍ ଏରର୍ ବେସିସ୍‌ରେ କାମ କରୁଛନ୍ତି। ପୁରୁଣା ପିଢ଼ି ଚାହୁଁଛନ୍ତି, ଆମେ ଯେମିତି କରୁଥିଲୁ ସେମିତି ହେଉ। ନୂଆ ପିଢ଼ି କିଛି ନୂଆ କରିବାକୁ ଚେଷ୍ଟା ଚଳେଇଛନ୍ତି। ତେଣୁ ଏଭଳି ହେବ। ମାତ୍ର ନୂଆ ପିଢ଼ିଙ୍କ କାମକୁ ସମ୍ପୂର୍ଣ୍ଣ ମନା କରିବା କଥା ନୁହେଁ। ସେମାନଙ୍କୁ ଗ୍ରହଣ କଲେ ହିଁ ବହୁତ କିଛି ହୋଇପାରିବ।

**୨ ଇଣ୍ଡଷ୍ଟ୍ରି ମଧ୍ୟରେ ପାର୍ଥକ୍ୟ?**

ବଲିଉଡ୍‌ରେ ଅର୍ଥର ଅଭାବ ନାହିଁ। ମାତ୍ର ଏପଟେ ଅଳ୍ପ ଧନ ବିକଳ ମନ। ବ୍ୟବସାୟ କୌଶଳ ଅଭାବରେ ଆମେ ବହୁତ କିଛି କରିପାରୁନାହୁଁ। ହେଲେ ବର୍ତ୍ତମାନ ବହୁତ ଭଲ ପିଲା ଇଣ୍ଡଷ୍ଟ୍ରିକୁ ଆସୁଛନ୍ତି। 'ବାରଙ୍ଗ ୧୯୯୯' ଦେଖନ୍ତୁ କମ୍ ପଇସାରେ ମଧ୍ୟ ମହାରାଣୀ ଭଳି ୱେବ୍ ସିରିଜଠୁ କିଛି କମ୍ ନୁହେଁ। ମଡର୍ନ ଟେକ୍ନୋଲୋଜି ନ ଥିଲେ ମଧ୍ୟ ପୁରୁଣା ଟେକ୍ନୋଲୋଜିରେ ଆମେ ବହୁତ କିଛି କରିପାରୁଛୁ। କ୍ରିଏଟିଭିଟି ଅନୁସାରେ ଓଡ଼ିଶା ବହୁତ ଷ୍ଟ୍ରଙ୍ଗ୍। ବାସ୍ ଆର୍ଥିକ ସମସ୍ୟା ରହୁଛି।

**ଅବସର ସମୟରେ କ'ଣ କରନ୍ତି?**

ପଢ଼ିବାକୁ ଭଲପାଏ।

**କ'ଣ ଖାଇବାକୁ ଭଲ ଲାଗେ?**

ଭାତ, ଡାଲି, ଶାଗ, ମାଛଭଜା।

**ଅଭିନୟକୁ ଆସିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ କ'ଣ ବାର୍ତ୍ତା ଦେବେ?**

ପ୍ରସ୍ତୁତ ହୋଇ ଆସନ୍ତୁ। ପ୍ରଶିକ୍ଷଣ ନିହାତି ଆବଶ୍ୟକ। ତେଣିକି ଯେଉଁ କ୍ଷେତ୍ରରେ କ୍ୟାରିୟର କରନ୍ତୁ।

**–ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ଦୃଷ୍ଟିରେ ଚନ୍ଦ୍ର ହେତୁ ବୃଥା ସନ୍ଦେହଜନିତ ଅନ୍ୟମନସ୍କ ଯୋଗୁ ମନ ବିଚଳିତ ରହିପାରେ। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ ଏବଂ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହାୟତାରେ ଆଶା କରିଥିବା ଦିଗରୁ ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ଅଧ୍ୟାପନା, ସାହିତ୍ୟ, ସଂସ୍କୃତି, କଳା ଓ ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ। ଆନୁଷ୍ଠାନିକ କାମରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବାର ସୂଚନା ରହିଛି।

**ମିଥୁନ**
ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ସାମାଜିକ ସ୍ତରରେ କାମ ହାସଲ ସକାଶେ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅଫିସ୍‌ରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ସଫଳତା ମିଳିବ ଏବଂ ଲକ୍ଷ୍ୟ ହାସଲ କାରଣରୁ ମନ ପ୍ରଫୁଲ୍ଲ ରହିବ।

**କର୍କଟ**
ପାପଗ୍ରହଜନିତ ଚନ୍ଦ୍ରଙ୍କ କୁଫଳ ପ୍ରଭାବରେ ଥଣ୍ଡା କାଶ ଲାଗିରହିବ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି। ଅଟକି ରହିଥିବା କାମଟି ଦିନ ଗୋଟାଏ ପରେ ଜଣେ ବନ୍ଧୁଙ୍କ ଦ୍ୱାରା ସମ୍ପନ୍ନ ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ରହିଲେ ଆକସ୍ମିକ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ**
ଶନିକ୍ଷେତ୍ରସ୍ଥ ରବିଙ୍କ ଯୋଗୁ ଅଧିକାଂଶ ସମୟରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯିବାର ସୂଚନା ରହିଛି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବନ୍ଧୁଙ୍କ ସହ ମିଶି କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି।

**କନ୍ୟା**
ଆଜି କୌଣସି ବ୍ୟକ୍ତି ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଅର୍ଥ,ସମ୍ମାନ ଓ ଆଦର ଗୌରବ ପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆଲୋଚନା କିମ୍ବା ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା**
ସପ୍ତମସ୍ଥ ଗୁରୁଙ୍କ ଯୋଗୁ ଆର୍ଥିକ ଉନ୍ନତି, ପାରିବାରିକ ସୁସମ୍ପର୍କ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଅଫିସ୍ କାମର ଜଞ୍ଜାଳ ବଳିଯିବାର ସାମାନ୍ୟ ଫୁରୁସତ୍ ମଧ୍ୟ ପାଇବେ ନାହିଁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**
ଶୁଭସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରୁ କର୍ମାରମ୍ଭ, ସଭାସମିତି ଓ ପାରିବାରିକ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟକ୍ତି ଚେଷ୍ଟା କରୁଥିବା କାମ ସୁବିଧାରେ ନ ହେବାରୁ ମାନସିକ ବ୍ୟଥା ଅନୁଭବ କରିବେ। ଆଲୋଚନା ପରିସରରେ ତର୍କବିତର୍କ ଯୋଗୁଁ ହଇରାଣ ହୋଇପାରନ୍ତି। ପାଉ ନ ଥିବା ଜିନିଷଟି ମିଳିଯିବାରୁ ଆନନ୍ଦ ଅନୁଭବ କରିବେ।

**ଧନୁ**
ଶୁଭଗ୍ରହମାନଙ୍କ କୃପାରୁ ପାରସ୍ପରିକ ସହାନୁଭୂତିଶୀଳ କାରଣରୁ ଜୀବନଯାତ୍ରା ସରଳ ରହିବ। ଆହୁରି ଅଧିକ ପାଇବା ସକାଶେ ଆଶାୟୀ ଥିବା ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି।

**ମକର**
ଦୀର୍ଘଦିନର କଳ୍ପନା ପ୍ରସୂତ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅଷ୍ଟମସ୍ଥ ଚନ୍ଦ୍ର ହେତୁକ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା କମିବ କିନ୍ତୁ ବିଭିନ୍ନ ବାଟରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ବୁଝିବିଚାରି କାମ ନ କଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ**
ଶନିଙ୍କ ଦୃଷ୍ଟିଜନିତ ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଦୁଃଖ ରହିବ। ଈର୍ଷାପରାୟଣ ବନ୍ଧୁ କିମ୍ବା ସହକର୍ମୀଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଅଶାନ୍ତି ବଢ଼ିବ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମ୍ପର୍କୀୟଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ।

**ମୀନ**
କର୍ମଭାବରେ ଏକାଧିକ ଗ୍ରହ ଥିବାରୁ ପ୍ରଭାବରୁ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଜୟଗାନରୁ ପ୍ରଶଂସିତ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

ଆଜି ଜାନୁଆରୀ ୨୯ ତାରିଖ, ମାଘ କୃଷ୍ଣ ଚତୁର୍ଥୀ ସୋମବାର, ରାଶିନକ୍ଷତ୍ର–ପୂର୍ବା ଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୬ମି. ଗତେ, ଘ.୦୭।୪୯ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୪୯ମି. ଗତେ, ଘ. ୦୯।୧୩ମି. ମଧ୍ୟେ ରାହୁ କାଳ।

# 'ନୂଆ-ଓ' ପ୍ରତିଭା ପରିପ୍ରକାଶର ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ



୫-ଟି ଅଧକ୍ଷ ଛାତ୍ରୀଙ୍କ ସହ ସେଲ୍‌ଫି ନେଉଛନ୍ତି।

## ୫-ଟି ଅଧକ୍ଷଙ୍କ ଦିନିକିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ଦିନିକିଆ ଗସ୍ତରେ ଆସି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ୨ ପୃଥକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜର ପାଖାପାଖି ୧୦ ହଜାର ଯୁକ୍ତ ୨, ଯୁକ୍ତ ୩ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ଅଧକ୍ଷ ସିଲିସୁଆଁ ନିକଟରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଯୁବ ଓଡିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ରେ ସାଂସ୍କୃତିକ, କ୍ରୀଡ଼ା ଓ ସାମାଜିକ ଆଦି ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ଭଲ ପାଆନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କର ପାଠପଢ଼ା ସହିତ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ଇଚ୍ଛା ବ୍ୟକ୍ତ କରିଥିବା କହିଥିଲେ। ନୂଆ-ଓ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ନିଜ ନିଜ ପ୍ରତିଭା ପରିପ୍ରକାଶର ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ। କଲେଜ, ବ୍ଲକ୍, ଉପଖଣ୍ଡ, ଜିଲାସ୍ତରୀୟ ପ୍ରତିଯୋଗିତାରେ ସେମାନେ ଭାଗ ନେଇ ନିଜର ପ୍ରତିଭା ପରିପ୍ରକାଶ କରିପାରିବେ। ଏହା ଆପଣଙ୍କ ପ୍ରତିଭାକୁ ଆହୁରି ଶାଣିତ କରିବ। ଆଗକୁ ବଢ଼ିବାକୁ ହେଲେ ପାଠ ସହିତ ଏଭଳି ପ୍ରତିଯୋଗିତାରେ ଭାଗନେବା ଆବଶ୍ୟକ। କଠିନ ପରିଶ୍ରମ ଦ୍ୱାରା କିଭଳି ସଫଳ ଲାଭ କରି ହୁଏ ଜିଲାର ତିନିଜଣ ବ୍ୟକ୍ତିତ୍ୱ ଆଇଏଏସ ଅଫିସର ସୁରେଶ ମହାପାତ୍ର, ବିଜ୍ଞାନ କ୍ଷେତ୍ରରେ ଅଟଳ କୃଷ୍ଣ ଖଟୁଆ, କ୍ରିକେଟ୍ ଖେଳାଳି ଶୁଭ୍ରାଂଶୁ ସେନାପତିଙ୍କ ଦୃଷ୍ଟାନ୍ତ ଦେଇଥିଲେ। ସେହିପରି ସ୍ଥାନୀୟ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉନ୍ନୟନ କାମ ଦେଢ଼ ମାସ ମଧ୍ୟରେ ସରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ୨୦୨୪ ନିର୍ବାଚନରେ ମୋଦି ଗ୍ୟାରେଣ୍ଟି ଯାଦୁ କରିବ: ଧର୍ମେନ୍ଦ୍ର



ପିପିଲି ବୁଥ୍ ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନ୍ୟ ନେତୃବୃନ୍ଦ ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି(ଭାଜପା) ବୁଥ୍ ଜନ ସମ୍ପର୍କ ଅଭିଯାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ଓ ପୁରୀରେ ହୋଇଥିବା ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶା ବଡ଼ ରାଜନୈତିକ ପରିବର୍ତ୍ତନ ଆଡ଼କୁ ଯାଉଛି। ୨୦୨୪ ସାଧାରଣ ନିର୍ବାଚନରେ ମୋଦି ଗ୍ୟାରେଣ୍ଟି ଯାଦୁ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର ଭୁବନେଶ୍ୱରର ୫୯ ନମ୍ବର ବୁଥ୍‌ରେ ଭାଜପାର 'କାନ୍ଥ ଲିଖନ' କାର୍ଯ୍ୟକ୍ରମରେ ସାମିଲ ହୋଇ କାନ୍ଥରେ ପଦ୍ମଫୁଲ ଚିହ୍ନ ଆଙ୍କିଥିଲେ। କାର୍ଯ୍ୟକର୍ତ୍ତାଙ୍କ ସହ ଦଳୀୟ ସଂଗଠନ ଓ ରାଜନୈତିକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଘର ଘର ବୁଲି ସାଧାରଣ ଲୋକଙ୍କୁ ଭେଟିବା ସହ ମୋଦିଙ୍କ ବାର୍ତ୍ତାର ଷ୍ଟିକର ଓ ମୋଦି ସରକାରରେ ହୋଇଥିବା କଲ୍ୟାଣକାରୀ ଯୋଜନାର ଲିଫଲେଟ୍ ବିତରଣ କରିଥିଲେ। ପରେ ବୁଥ୍ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଉପରେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାପରେ ସେ ପିପିଲି ନିର୍ବାଚନମଣ୍ଡଳୀ କଣ୍ଟି ପଞ୍ଚାୟତ ପାତ୍ରସାହି ବୁଥ ନମ୍ବର ୧୪୪ରେ ଆୟୋଜିତ ବୈଠକରେ ବୁଥ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଗୋବିନ୍ଦପୁର ସିଉଳାଠାରେ ପଦଯାତ୍ରାରେ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ନୀଳମଣି ସାମଲଙ୍କ ଶେଷକୃତ୍ୟ



ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୮।୧ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରବିବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆସ୍ଥିତ ତାଙ୍କ ନିଜ ଗ୍ରାମ ଶ୍ମଶାନରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଶ୍ମଶାନ ପଡ଼ିଆରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳେ ମରଶରୀର କଟକରୁ ବାଲିପଡ଼ିଆକୁ ଅଣାଯାଇଥିଲା। ଯାଜପୁର ଜିଲାର ଶେଷ ସଂଗ୍ରାମୀ ଭାବେ ପରିଚିତ ନୀଳମଣିଙ୍କ ମରଶରୀର ଆସିବା ସମୟରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ଯୁବ ସାମ୍ମୁଖ୍ୟର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଆସିଥିଲେ। ଛତିଆ ଓ ଚଣ୍ଡିଖୋଲଠାରେ ମରଶରୀର ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଚାରିନଙ୍ଗଳ ଛକଠାରେ କଂଗ୍ରେସ ନେତା ଅଜୟ ସାମଲ ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ସଂଗ୍ରାମୀ ପୀଠ ଠକର ବାପା ଆଶ୍ରମ ପରିସରକୁ ନିଆଯାଇ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ମରଶରୀର ବାଲିପଡ଼ିଆ ଶ୍ମଶାନରେ ପହଞ୍ଚିବା ପରେ ସେଠାରେ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ମାନସ କୁମାର ତ୍ରିପାଠୀ, ଖବରଦାତା ମହେଶ୍ୱର ବଳ ପ୍ରମୁଖ ଉପସ୍ଥିତ ଥିଲେ। ନୀଳମଣିଙ୍କ ଦୁଇ ପୁତ୍ର ଅଲେଖ ଚନ୍ଦ୍ର ସାମଲ ଓ ଚନ୍ଦ୍ରକାନ୍ତ ସାମଲ ମୁଖାଗ୍ନି ଦେଇଥିଲେ।

ଶନିବାର ଅପରାହ୍ନ ୪ଟାରେ ନୀଳମଣିଙ୍କ ୧୦୧ ବର୍ଷ ବୟସରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ମରଶରୀରକୁ କଟକ ସ୍ୱରାଜ ଆଶ୍ରମରେ ଦର୍ଶନ ପାଇଁ ରଖାଯାଇଥିଲା।

## ଜେସିବି ତଳେ ଚାପିହୋଇ ଯୁବକ ମୃତ

**ତିହିଡି,୨୮।୧ (ସଞ୍ଜିତ ବଳ):** ଭଦ୍ରକ ଜିଲା ତିହିଡ଼ି ଥାନା ତାଳପଦା ଗ୍ରାମରେ ରବିବାର ଅପରାହ୍ନରେ ଜେସିବି ତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସୁବୋଧ ଜେନା(୩୨)। ସୁବୋଧ ଜେସିବି ଉପରେ ବସିଥିବାବେଳେ ଜେସିବି ଓଲଟି ପଡ଼ିଥିଲା। ଫଳରେ ସେ ଜେସିବି ତଳେ ଚାପିହୋଇ ଯାଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

"ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁଙ୍କ ପଦାରବିନ୍ଦରେ ଆମେ ପ୍ରାର୍ଥନା କରୁଛୁ।"

ସ୍ୱ ନବ କିଶୋର ଦାସ
ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ
୦୭.୦୧.୧୯୬୨ - ୨୯.୦୧.୨୦୨୩

ଦାସ ପରିବାର

Ministry of Finance
Government of India

# ଜିଏସ୍‌ଟି ଅପିଲ ଦାଖଲରେ ବିଳମ୍ବକୁ ମାଫ୍ କରିବା ପାଇଁ ସ୍ୱତନ୍ତ୍ର କ୍ଷମା ଯୋଜନା

ଏହି କ୍ଷମା ଯୋଜନା ଅଧୀନରେ କେଉଁମାନେ ଆବେଦନ କରିପାରିବେ?

- ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ତା୩୧।୦୩।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଜାରି ହୋଇଥିବା ଦାବି ଆଦେଶ ବାବଦରେ ନିର୍ଦ୍ଧାରିତ ସମୟାବଧି ମଧ୍ୟରେ ଅପିଲ ଦାଖଲ କରିବାରେ ବିଫଳ ହୋଇଥିବା ଟିକସଯୋଗ୍ୟ ବ୍ୟକ୍ତି

ଏବଂ

- ଅପିଲ କେବଳ ନିର୍ଦ୍ଧାରିତ ସମୟାବଧି ମଧ୍ୟରେ ଦାଖଲ ହୋଇ ନ ଥିବାର କାରଣରୁ ଉକ୍ତ ଆଦେଶ ବାବଦରେ ଯେଉଁ ଟିକସଯୋଗ୍ୟ ବ୍ୟକ୍ତିମାନଙ୍କର ଅପିଲ ଖାରଜ ହୋଇଥିବ



ଏହି କ୍ଷମା ଯୋଜନାର ଲାଭ ଉଠାଇବା ପାଇଁ, ଆପଣ ତା୩୧।୦୧।୨୦୨୪ରିଖ କିମ୍ବା ତାହା ପୂର୍ବରୁ ଜାରି ହୋଇଥିବା ଉପରୋକ୍ତ ଆଦେଶ ବାବଦରେ ଫର୍ମ ଜିଏସ୍‌ଟି-ଏପିଏଲ୍-୦୧ରେ ଅପିଲ ଦାଏର କରିପାରିବେ; କିନ୍ତୁ ଏହି ସର୍ତ୍ତରେ ଯେ, ଆପଣ ନିମ୍ନଲିଖିତ ଦେୟ ପରିଶୋଧ କରିଥିବେ:

- ଆରୋପ ଆଦେଶରୁ ଉତ୍ପନ୍ନ ହୋଇଥିବା ସ୍ୱୀକୃତ ଦେୟତା (ଟିକସ, ସୁଧ, ଅର୍ଥଦଣ୍ଡ ଓ ଜରିମାନା)
- ବିବାଦରେ ଥିବା ଅବଶିଷ୍ଟ ଅର୍ଥରାଶିର ୧୨.୫% ସମତୁଲ୍ୟ ରାଶି, ଯାହାମଧ୍ୟରୁ ଅତି କମ୍‌ରେ ୨୦% ଇଲେକ୍ଟ୍ରୋନିକ୍ କ୍ୟାଶ୍ ଲେଜରରୁ ଡେବିଟ୍ ହୋଇଥିବ

ଦୟାକରି ଧ୍ୟାନରେ ରଖନ୍ତୁ

- ଅପିଲର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି କ୍ଷମା ଯୋଜନା ଅଧୀନରେ କୌଣସି ରିଫଣ୍ଡ ମଞ୍ଜୁର କରାଯିବ ନାହିଁ
- ଟିକସ ସଂଶ୍ଳିଷ୍ଟ ହୋଇ ନ ଥିବା ଦାବି ପାଇଁ ଏହି କ୍ଷମା ଯୋଜନା ଅଧୀନରେ କୌଣସି ଅପିଲ ଅନୁମତିଯୋଗ୍ୟ ହେବନାହିଁ

ସୁଯୋଗର ଲାଭ ଉଠାନ୍ତୁ!

ଅପିଲର ଶେଷ ତାରିଖକୁ ହାତଛଡ଼ା କରିଥିବା ଟିକସଦାତାଙ୍କ ପାଇଁ ଏକ ଏକ୍ସକ୍ଲୁସିଭ୍ ସୁଯୋଗ ଅପେକ୍ଷାରତ।

ବିବରଣୀ ପାଇଁ ଦୟାକରି ଦେଖନ୍ତୁ,
ଅଧିସୂଚନା ନଂ. ୫୩/୨୦୨୩-ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୦୨।୧୧।୨୦୨୩

cbc15502/13/0025/2324

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା

-ସଙ୍କଟ ଚତୁର୍ଥୀ ବ୍ରତ



# ଭୋଟ କହିବ

ଭାରତୀୟ ରାଜନୀତିରେ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ସମ୍ଭବତଃ ଏଭଳି ଜଣେ ବ୍ୟକ୍ତି, ଯିଏ ସୁବିଧାବାଦ ଚିନ୍ତାଧାରାକୁ ପାଣିକରି ପିଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ବସିବା ଲାଗି ସେ କ୍ରମାଗତ ବିଭିନ୍ନ ଦଳ ସହ ମିଶି ସରକାର ଗଢୁଛନ୍ତି ଓ ଭାଙ୍ଗୁଛନ୍ତି। ସଦ୍ୟ ଘଟଣାକୁ ଦେଖିଲେ ସେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), କଂଗ୍ରେସ ଓ ବାମପନ୍ଥୀଙ୍କ ସହ କରିଥିବା ମହାଗଠବନ୍ଧନକୁ ପ୍ରତ୍ୟାଖ୍ୟାନ କରି ପୁଣି ଭାରତୀୟ ଜନତା ପାର୍ଟି(ଭାଜପା)କୁ ଆପଣାଇ ନେଇଛନ୍ତି। ମନେପକାଇ ଦିଆଯାଇପାରେ ଯେ, ୧୮ ମାସ ତଳେ ଭାଜପାକୁ ଛାଡ଼ି ନୀତୀଶ ଉପରଲିଖିତ ଦଳଗୁଡ଼ିକ ସହିତ ମିଶି ସରକାର ଗଢ଼ିଥିଲେ। ସେତେବେଳେ ହୁଏତ ତାଙ୍କ ଉଦ୍ଦେଶ୍ୟ ଥିଲା କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକ ତାଙ୍କୁ (ନୀତୀଶଙ୍କୁ) ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଆଗରେ ରଖିବେ। କିନ୍ତୁ ନୀତୀଶଙ୍କ ଇତିହାସ ସମ୍ଭବତଃ ତାଙ୍କ ପାଇଁ କାଳ ହେଲା। ଏବେ ପୁନର୍ବାର ଭାଜପା କୋଳରେ ବସିବାର ଇଚ୍ଛା ନୀତୀଶଙ୍କ ରାଜନୈତିକ ଭାବମୂର୍ତ୍ତିକୁ କଳଙ୍କିତ କରିଛି। ପ୍ରଶ୍ନ ଉଠୁଛି, ୭ ମାସ ପୂର୍ବେ ବିହାର ରାଜଧାନୀ ପାଟନାରେ ଜେଡିୟୁ ସମେତ ଅନ୍ୟ ଅଣଭାଜପା ଦଳ ସହ ଇଣ୍ଡିଆନ୍ ନ୍ୟାଶନାଲ ଡେଭଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ଗୋଷ୍ଠୀ ଗଠନ କରିଥିଲେ ମଧ୍ୟ ଅଚାନକ ନୀତୀଶ କାହିଁକି ଏଭଳି ନିଷ୍ପତ୍ତି ନେଲେ। ଏହାର ଉତ୍ତରରେ ନୀତୀଶ କହିଛନ୍ତି, ଇଣ୍ଡିଆ ବ୍ଲକରେ ଯେଭଳି ଚାଲିଛି ସେଥିରେ ସେ ଖୁସି ନ ଥିଲେ। ସତେଯେମିତି ତାଙ୍କରି କଥାରେ ସବୁଦଳ ଚାଲିଥାଆନ୍ତେ। ଇତିମଧ୍ୟରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଚିନ୍ତାଧାରାର ଆଗୁଆ ନେତା କର୍ପୂରି ଠାକୁରଙ୍କୁ ମରଣୋତ୍ତର ଭାବେ 'ଭାରତ ରତ୍ନ' ଦେଇ ଭାଜପାର କେନ୍ଦ୍ର ସରକାର ନୀତୀଶଙ୍କୁ ନମନ୍ତ୍ରଣପତ୍ର ପଠାଇଲା ଭଳି କାର୍ଯ୍ୟଟି କଲେ। ନୀତୀଶ ମଧ୍ୟ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। କର୍ପୂରିଙ୍କୁ ଭାରତ ରତ୍ନ ଦିଆଯିବାରୁ ରାଜନୈତିକ ଫାଇଦା ହାସଲ ଲକ୍ଷ୍ୟରେ ମହାଗଠବନ୍ଧନ ଛାଡ଼ି ଭାଜପା ପ୍ରତି ଢଳିବାରେ ନୀତୀଶ ଏକ ସୁବିଧାଜନକ ବାଟ ପାଇଗଲେ।

**ସୋସିଆଲ ମିଡିଆରେ ମଧ୍ୟ ନୀତୀଶଙ୍କୁ ଯେଭଳି ଗାଳିଗୁଲଜ କରାଯାଉଛି ସେଥିରୁ ବୁଝାଯାଉଛି ଯେ, ଏଭଳି ବ୍ୟକ୍ତିତ୍ୱଙ୍କ ପାଇଁ ଭବିଷ୍ୟତରେ ରାଜନୀତିରେ ତିଷ୍ଠିବା କଷ୍ଟକର ହୋଇପାରେ। ନୀତୀଶଙ୍କ ଏପରି ପରିବର୍ତ୍ତନ ବିହାର ଭୋଟରଙ୍କୁ କିଭଳି ଭାବେ ପ୍ରଭାବିତ କରୁଛି ତାହା ଆଉ କିଛି ମାସ ପରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସମୟରେ ସ୍ପଷ୍ଟ ବୁଝାପଡ଼ିବା**

୨୮ ଜାନୁଆରୀରେ ନୀତୀଶ ୯ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ବିଧାନସଭାର ଗୋଟିଏ ୫ ବର୍ଷିଆ ଅବଧି ମଧ୍ୟରେ ତିନି ଥର ମୁଖ୍ୟମନ୍ତ୍ରୀ ହେଲେ। ଭାଜପା ନେତା ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା ଉପମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଆଉ କେତେ ଜଣଙ୍କୁ ମନ୍ତ୍ରୀ ପଦ ମିଳିଛି। ଦେଖିବାକୁ ଗଲେ ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ନୀତୀଶଙ୍କ ଜେଡିୟୁର ମାତ୍ର ୪୩ ସଦସ୍ୟ ଅଛନ୍ତି। ଅପରପକ୍ଷରେ ଭାଜପାର ୭୪ ସଦସ୍ୟ ଥିବା ବେଳେ ଆର୍‌ଜେଡିର ୭୫, କଂଗ୍ରେସର ୧୯ ଓ ବାମ ଦଳରୁ ୧୬ ଜଣ ଅଛନ୍ତି। ଯଦି ଜେଡିୟୁର ସିଟ୍ ସଂଖ୍ୟାକୁ ବିଗତ ୩ଟି ନିର୍ବାଚନକୁ ନେଇ ଦେଖାଯାଏ, ତେବେ ୨୦୧୦ରେ ଏହା ୧୧୫ ସିଟ୍ ପାଇଥିବା ବେଳେ ୨୦୧୫ରେ ୭୧ ଓ ୨୦୨୦ରେ ୪୩ରେ ରହିଛି। ସବୁଠାରୁ କୌତୂହଳର ବିଷୟ, ନୀତୀଶଙ୍କ ପାଖରେ ନିଜ ଦଳର କମ୍ ବଳ ଥିଲେ ମଧ୍ୟ ରାଜନୀତି ଗୋଟି ଚାଳନାରେ ଆଗରେ ରହିଆସିଛନ୍ତି। ଶୁଣାଯାଉଥିଲା ଇଣ୍ଡିଆ ଗୋଷ୍ଠୀରେ ନେତା ହେବା ନେଇ ନୀତୀଶ ହୁଙ୍କୁ ହୁଙ୍କୁ ହେଉଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନାମ ସର୍ବସମ୍ମତି କ୍ରମେ ଘୋଷଣା ହେବା ପରେ ନୀତୀଶ ବିମୁଖ ହୋଇଯାଇଥିଲେ। ତେଣୁ ଏହି ମେଣ୍ଟରୁ ବାହାରିବା ସକାଶେ ବାଟ ଖୋଜୁଥିବା ବେଳେ କର୍ପୂରିଙ୍କୁ ଭାରତ ରତ୍ନ ମିଳିବା ତାଙ୍କ କାମକୁ ସହଜ କରିଦେଇଥାଇପାରେ।

ଆସନ୍ତା ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଜ ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି ଘୋଷଣା କରିବା ପରେ ନୀତୀଶ ମହାଗଠବନ୍ଧନକୁ ଭାଙ୍ଗିଦେବା ଦ୍ୱାରା 'ଇଣ୍ଡିଆ ବ୍ଲକ' ଦୁର୍ବଳ ହୋଇଯାଇପାରେ। ଅନ୍ୟପଟେ ପଲ୍‌ଟୁ ରାମଙ୍କ ଆଖ୍ୟା ପାଇଥିବା ନୀତୀଶ ନିଜର ମର୍ଯ୍ୟାଦା ଓ ରାଜନୈତିକ ଓଜନକୁ କୌଣସି ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ୨୮ ଜାନୁଆରୀ ଘୋଷଣାରୁ ସ୍ପଷ୍ଟ ବୁଝାପଡୁଛି। ଯୁବ ଭୋଟରଙ୍କ ମନରେ ଏହିଭଳି ପଟ ବଦଳାଉଥିବା ରାଜନେତାଙ୍କ ପାଇଁ ସମ୍ମାନ ଓ ଶ୍ରଦ୍ଧା ନ ଥିବାର ଲକ୍ଷ୍ୟ କରାଯାଉଛି। ସୋସିଆଲ ମିଡିଆରେ ମଧ୍ୟ ନୀତୀଶଙ୍କୁ ଯେଭଳି ଗାଳିଗୁଲଜ କରାଯାଉଛି ସେଥିରୁ ବୁଝାଯାଉଛି ଯେ, ଏଭଳି ବ୍ୟକ୍ତିତ୍ୱଙ୍କ ପାଇଁ ଭବିଷ୍ୟତରେ ରାଜନୀତିରେ ତିଷ୍ଠିବା କଷ୍ଟକର ହୋଇପାରେ। ନୀତୀଶଙ୍କ ଏପରି ପରିବର୍ତ୍ତନ ବିହାର ଭୋଟରଙ୍କୁ କିଭଳି ଭାବେ ପ୍ରଭାବିତ କରୁଛି ତାହା ଆଉ କିଛି ମାସ ପରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସମୟରେ ସ୍ପଷ୍ଟ ବୁଝାପଡ଼ିବ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 6 | | | 2 | 5 | |
| | | | 2 | 5 | | | | 8 |
| | | | | | | | 1 | 3 |
| 2 | | | 3 | | 9 | | | |
| | 7 | | | | 1 | | | |
| | | 3 | 8 | 6 | | | | |
| | | 7 | 9 | 8 | 4 | | | |
| 8 | 2 | 9 | | | | 7 | | |
| 3 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 7 | 3 | 8 | 5 | 6 | 1 |
| 8 | 3 | 6 | 5 | 1 | 9 | 2 | 4 | 7 |
| 5 | 7 | 1 | 2 | 4 | 6 | 8 | 9 | 3 |
| 3 | 8 | 5 | 9 | 2 | 4 | 1 | 7 | 6 |
| 6 | 2 | 7 | 1 | 8 | 3 | 9 | 5 | 4 |
| 9 | 1 | 4 | 6 | 5 | 7 | 3 | 8 | 2 |
| 7 | 5 | 3 | 4 | 9 | 1 | 6 | 2 | 8 |
| 1 | 6 | 9 | 8 | 7 | 2 | 4 | 3 | 5 |
| 2 | 4 | 8 | 3 | 6 | 5 | 7 | 1 | 9 |

ଗତକାଲିର ଉତ୍ତର



# ଦାରିଦ୍ର୍ୟ ହ୍ରାସ ନେଇ ତ୍ରୁଟିପୂର୍ଣ୍ଣ ଦାବି

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ ନେଇ ଦେଶରେ ସରକାରୀ ପ୍ରାୟୋଜିତ ଉନ୍ମାଦନା ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଇତିମଧ୍ୟରେ ଦେଶରେ ଦାରିଦ୍ର୍ୟ ଦୂରୀକରଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଜାରି କରିଛି। ଗତ ଦଶବର୍ଷର ଶାସନକାଳରେ ଦେଶରେ ଦାରିଦ୍ର୍ୟ ଦୃଶିଆ ହ୍ରାସ ପାଇଛି ବୋଲି ଏଥିରେ ଦାବି କରାଯାଇଛି। ଏହି ଅବଧିରେ ଦେଶର ପ୍ରାୟ ୨୫ କୋଟି ଲୋକ ଗରିବ ରେଖାରୁ ଉପରକୁ ଉଠିପାରିଛନ୍ତି ବୋଲି କୁହାଯାଇଛି। ତେବେ ଦାରିଦ୍ର୍ୟ ହ୍ରାସ ନେଇ ନୀତି ଆୟୋଗର ଏହି ରିପୋର୍ଟର ସଠିକତାକୁ ନେଇ ଅର୍ଥନୀତିଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି। ନିର୍ବାଚନର ଠିକ୍ ପୂର୍ବରୁ ସରକାରଙ୍କୁ ସୁହାଇଲା ପରି ଆୟୋଗ ତା'ର ରିପୋର୍ଟ ପ୍ରସ୍ତୁତ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମୋଦି କ୍ଷମତାକୁ ଆସିବାର ଠିକ୍ ପୂର୍ବରୁ ଅର୍ଥାତ୍ ୨୦୧୩-୧୪ ବେଳକୁ ଦେଶର ମୋଟ ଜନସଂଖ୍ୟାର ୨୯.୧୭% ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ। କିନ୍ତୁ ଗତ ନଅବର୍ଷର ଶାସନକାଳ ମଧ୍ୟରେ ଦେଶର ଜନସଂଖ୍ୟାରେ ଗରିବଙ୍କ ସଂଖ୍ୟାରେ ୧୭.୮୯% ହ୍ରାସ ପାଇ ବର୍ତ୍ତମାନ ତାହା କୁଆଡ଼େ ୧୧.୨୮%ରେ ପହଞ୍ଚିଛି। ଏହାର ଅର୍ଥ ହେଲା, ଦେଶର ଜନସଂଖ୍ୟାର ୨୪.୮୨ କୋଟି ଲୋକ ଗରିବୀରୁ ବାହାରକୁ ଆସିଛନ୍ତି ଏବଂ ବର୍ତ୍ତମାନ କେବଳ ୧୫ କୋଟି ଲୋକ ହିଁ ଗରିବ ରହିଛନ୍ତି ବୋଲି ନୀତି ଆୟୋଗ ଦାବି କରିଛି। ଯଦି ନୀତି ଆୟୋଗ କଥାକୁ ବିଶ୍ୱାସ କରାଯାଏ, ତା'ହେଲେ ଗତ ଦଶବର୍ଷ ମଧ୍ୟରେ ଦେଶରେ ବାର୍ଷିକ ୧୦.୬୬% ହାରରେ ଦାରିଦ୍ର୍ୟ କମିବାରେ ଲାଗିଛି। ଅର୍ଥାତ୍ ମୋଦିଙ୍କ ଶାସନକାଳରେ ଦେଶରେ ବାର୍ଷିକ ୨.୭୫ କୋଟି ମଣିଷ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। ଯଦି ଏହି ହାର ଅବ୍ୟାହତ ରହିବ, ତା'ହେଲେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଶରେ ଆଉ ଜଣେହେଲେ କେହି ଦରିଦ୍ର ରହିବେ ନାହିଁ ବୋଲି ନୀତି ଆୟୋଗ ରିପୋର୍ଟରୁ ସ୍ପଷ୍ଟ ହେଉଛି।

ଦେଶରେ ଦାରିଦ୍ର୍ୟ ଦୂରୀକରଣ ସଫଳତାକୁ ନେଇ ନୀତି ଆୟୋଗ ରିପୋର୍ଟରେ ଯଦିଓ ବଡ଼ ଦାବି କରାଯାଇଛି, କିନ୍ତୁ ତା'ର ସଠିକତା ନେଇ ସନ୍ଦେହ ପ୍ରକାଶ ପାଇଛି। କାରଣ ଦେଶରେ ଦାରିଦ୍ର୍ୟ ଆକଳନ ପାଇଁ ଏଯାଏଁ ଆପଣା ଯାଉଥିବା ବିଜ୍ଞାନସମ୍ମତ ପ୍ରକ୍ରିୟା ବଦଳରେ ନୀତି ଆୟୋଗ ବହୁଆୟାମୀ ଦାରିଦ୍ର୍ୟ ସୂଚକାଙ୍କକୁ ଆଧାରକରି ନିଜର ରିପୋର୍ଟ ପ୍ରସ୍ତୁତ କରିଛି। ଏହି ବହୁଆୟାମୀ ସୂଚକାଙ୍କଗୁଡ଼ିକ ମଧ୍ୟରେ ଦେଶରେ ପୁଷ୍ଟି ବୃଦ୍ଧି, ଶିଶୁ ଓ କିଶୋରଙ୍କ ମୃତ୍ୟୁ ହାରରେ ହ୍ରାସ, ମାତୃ ସ୍ୱାସ୍ଥ୍ୟରେ ଉନ୍ନତି, ସ୍କୁଲ ଶିକ୍ଷାରେ ବିକାଶ, ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ବୃଦ୍ଧି, ରନ୍ଧାଖାଦ୍ୟର ସରବରାହରେ ବୃଦ୍ଧି, ପାଇଖାନା ନିର୍ମାଣରେ ବୃଦ୍ଧି, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣରେ ବୃଦ୍ଧି, ରନ୍ଧନ ଗ୍ୟାସ୍ ବ୍ୟବହାରରେ ବୃଦ୍ଧି, ଆବାସ ଯୋଜନାରେ ଗୃହ ଯୋଗାଣରେ ବୃଦ୍ଧି ଏବଂ ବ୍ୟାଙ୍କରେ ଆଧାର ଖାତାରେ ବୃଦ୍ଧି ଆଦିକୁ ନିଆଯାଇଛି। ଉପରୋକ୍ତ ସୂଚକାଙ୍କ ଆଧାରରେ ନୀତି ଆୟୋଗ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛି, ସେସବୁ ସରକାରଙ୍କ ଯୋଜନାର ସଫଳତାର



ଚିତ୍ର ହୁଏତ ହୋଇପାରେ; ଦାରିଦ୍ର୍ୟ ଦୂରୀକରଣର ସୂଚକ ବୋଲି କୁହାଯାଇ ନ ପାରେ। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯେଉଁମାନେ ଲାଭାର୍ଥୀ, ସେମାନଙ୍କ ଦାରିଦ୍ର୍ୟ ଦୂର ହୋଇଗଲା ବୋଲି ଯାନ୍ତ୍ରିକ ଭାବେ କହିବା ତ୍ରୁଟିପୂର୍ଣ୍ଣ। ଦାରିଦ୍ର୍ୟ ମାପିବାର ଏଭଳି ପଦ୍ଧତିଟି ଗ୍ରହଣଯୋଗ୍ୟ ନୁହେଁ। କାରଣ ଏଥିରେ କେବଳ ଅନୁମାନ କରି ହିସାବ କରାଯାଉଥିବାରୁ ଏଥିରେ ଦାରିଦ୍ର୍ୟର ପ୍ରକୃତ ଚିତ୍ରଟି ମିଳି ନ ଥାଏ। ସେହି କାରଣରୁ ଦେଶ ବିଦେଶର ଅଧିକାଂଶ ଅର୍ଥନୀତିଜ୍ଞ ଏହି ପଦ୍ଧତିଟିକୁ ନିର୍ଭରଯୋଗ୍ୟ ବୋଲି ଗ୍ରହଣ କରନ୍ତି ନାହିଁ।

ଆମ ଦେଶରେ ଦାରିଦ୍ର୍ୟ ମାପିବା ପାଇଁ କେତେକ ସ୍ଥାପିତ ସୂଚକାଙ୍କ ରହିଛି। ଅତୀତରେ ବିଭିନ୍ନ ସରକାର ତା' ଆଧାରରେ ହିଁ ଗରିବୀ ଆକଳନ କରିଆସିଛନ୍ତି। ପରିତାପର ବିଷୟ, ନୀତି ଆୟୋଗ ସେସବୁ ସ୍ଥାପିତ ଓ ବାରମ୍ବାର ପରୀକ୍ଷିତ ସୂଚକାଙ୍କଗୁଡ଼ିକର ଆଧାରରେ ଦାରିଦ୍ର୍ୟ ଆକଳନ ନ କରି କେବଳ ସରକାରଙ୍କୁ ସୁହାଇଲା ଭଳି ସୂଚକାଙ୍କଗୁଡ଼ିକୁ ବାଛିଛି। ସରକାରଙ୍କ ବିଭିନ୍ନ ଯୋଜନା ବା ପ୍ରକଳ୍ପର ହିତାଧିକାରୀଙ୍କ ଆଧାରରେ ହିଁ ଦାରିଦ୍ର୍ୟର ଆକଳନ କରାଯାଇଛି। ଏହି ହିସାବରେ ହିଁ ସରକାର ଦେଶର ଯେତେ ଲୋକଙ୍କୁ ମାଗଣାରେ ରାଶନ ଯୋଗାଉଛନ୍ତି, ସେମାନେ କେହି ଆଉ ଭୋକିଲା କି ଦାରିଦ୍ର୍ୟରେ ନାହାନ୍ତି ବୋଲି ଭାବୁଛନ୍ତି। ସେହିପରି ଯେତେଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ମାଗଣାରେ ପାଇଖାନା ଯୋଗାଯାଇଛି, ସେମାନେ ଆଉ ଗରିବ ନାହାନ୍ତି ବୋଲି ନୀତି ଆୟୋଗ ନିଷ୍କର୍ଷରେ ପହଞ୍ଚିଛି। ମୋଟାମୋଟି ଭାବେ କହିଲେ, ସରକାରଙ୍କ ଯୋଜନାଗୁଡ଼ିକ ଯେତିକି ଲୋକଙ୍କ ପାଖରେ ପହଞ୍ଚିଛି, ସେତିକି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ବୋଲି ଏକ ସରଳୀକୃତ ନିଷ୍କର୍ଷରେ ନୀତି ଆୟୋଗ ପହଞ୍ଚିଛି। ଦାରିଦ୍ର୍ୟ ଆକଳନର ଏହି ନୂତନ ପଦ୍ଧତି ସହିତ ମଣିଷର ରୋଜଗାର, ଆୟବ୍ୟୟର ସାମର୍ଥ୍ୟ ଆଦିର କୌଣସି ସମ୍ପର୍କ ନାହିଁ। ଗୋଟିଏ ପରିବାରର ସବୁ ସଦସ୍ୟ/ସଦସ୍ୟାଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଖର୍ଚ୍ଚ କରିବାକୁ ସେମାନେ ସମର୍ଥ ହୋଇପାରିଛନ୍ତି ନା ନାହିଁ, ତାହା ହିଁ ଦାରିଦ୍ର୍ୟ ମାପିବାର ଅସଲ ମାପକାଠି। ଗୋଟିଏ ପରିବାରର ବ୍ୟୟ ଆଧାରରେ ଯଦି ତଥ୍ୟ ସଂଗ୍ରହ ହେବ, ତା'ହେଲେ ଦାରିଦ୍ର୍ୟର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ। କିନ୍ତୁ ନୀତି ଆୟୋଗ ଅତ୍ୟନ୍ତ ସୁନିୟୋଜିତ ଭାବେ ଦାରିଦ୍ର୍ୟ ନିର୍ଦ୍ଧାରଣର ଉକ୍ତ ପଦ୍ଧତି ଓ ତଥ୍ୟ ପରିସଂଖ୍ୟାନକୁ ଆପଣେଇ ନାହାନ୍ତି।

ନୀତି ଆୟୋଗ ଜରିଆରେ କେନ୍ଦ୍ର ସରକାର ଦେଶରେ ଦାରିଦ୍ର୍ୟ ବ୍ୟାପକ ଭାବେ ହ୍ରାସ ପାଇଛି ବୋଲି ଦାବି କଲେ ମଧ୍ୟ ଏ ସଂକ୍ରାନ୍ତରେ ଲଗାତର ପ୍ରକାଶିତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ରିପୋର୍ଟରେ ତା'ର ବିପରୀତ କଥା ଦେଖିବାକୁ ମିଳୁଛି। ଅନ୍ତର୍ଜାତୀୟ ସଂସ୍ଥା ଅକ୍ସଫାମ୍ ଦ୍ୱାରା ପ୍ରତିବର୍ଷ ପ୍ରକାଶିତ ଅସମାନତା ରିପୋର୍ଟ ହେଉ କି ବିଶ୍ୱ ଖାଦ୍ୟ ସୂଚକାଙ୍କ ହେଉ, ସବୁଥିରେ ଭାରତର ଅଧିକାଂଶ ଜନତାଙ୍କ ଆର୍ଥିକ ସ୍ଥିତି ନୈରାଶ୍ୟଜନକ ରହିଆସିଛି। ଏଯାଏ ପ୍ରକାଶିତ କୌଣସି ବେସରକାରୀ ରିପୋର୍ଟରେ ଦାରିଦ୍ର୍ୟ ହ୍ରାସ ପାଇବାର ସାମାନ୍ୟତମ ସୂଚନା ଦେଖିବାକୁ ମିଳିନି। ଦେଶର ୨୧ ଜଣ ଅଧିଧନୀ ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୭୦%ର ମାଲିକାନା ରହିଥିବା ବେଳେ ତଳର ୫୦% ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ମାତ୍ର ୩% ହିଁ ରହିଛି।

କେବଳ ବେସରକାରୀ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ବିଭିନ୍ନ ରିପୋର୍ଟ ଏହି ତ୍ରୁଟିପୂର୍ଣ୍ଣ ଆକଳନକୁ ଉଜାଗର କରୁଛି। ନିକଟରେ କେନ୍ଦ୍ର ସରକାର ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଜନସାଧାରଣଙ୍କ କଲ୍ୟାଣକାରୀ ଯୋଜନା ସଂକ୍ରାନ୍ତରେ ସୁପ୍ରିମକୋର୍ଟକୁ ଦେଇଥିବା ସତ୍ୟପାଠରେ ୨୦୧୮ରୁ ୨୦୨୩ ମଧ୍ୟରେ ଦେଶରେ ଖାଦ୍ୟ ଅସୁରକ୍ଷାର ଶିକାର ଲୋକଙ୍କ ସଂଖ୍ୟା ୧୯ କୋଟିରୁ ୩୫ କୋଟିରେ ପହଞ୍ଚିଥିବା କହିଛନ୍ତି। ପ୍ରଶ୍ନ ଉଠେ, ଯଦି ସରକାର ଦେଶର ମାତ୍ର ୧୫ କୋଟି ଲୋକ ଗରିବ ରହିଛନ୍ତି ବୋଲି କହୁଛନ୍ତି, ତା'ହେଲେ କେଉଁ ଆଧାରରେ ଦେଶର ୮୦ କୋଟି ଲୋକଙ୍କୁ ମାସିକ ମାତ୍ର ୫ କିଲୋ ମାଗଣା ରାଶନ ଯୋଗାଉଛନ୍ତି? ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ୨୦୧୨ରେ ଦେଶରେ ବେକାରି ହାର ସରକାରୀ ଭାବେ ୨.୧% ରହିଥିବା ବେଳେ ମୋଦିଙ୍କ ଶାସନକାଳରେ ଏହା ତିନିରୁ ଚାରିଗୁଣ (୬.୧%-୮.୪%) ବୃଦ୍ଧି ପାଇ ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ହେବା କ'ଣ ଦର୍ଶାଉଛି? ଏହାବ୍ୟତୀତ ବିଶ୍ୱସ୍ତରରେ ଦାରିଦ୍ର୍ୟ ସୀମାରେଖା ଭାବେ ବିଶ୍ୱବ୍ୟାଙ୍କ୍ ଦୈନିକ ୨.୧୫ ଡଲାର ଧାର୍ଯ୍ୟ କରିଛି। ଯଦି ଭାରତରେ ଏହାର ଆନୁପାତିକ ହିସାବ ଦେଖିବା, ମାସିକ ସର୍ବନିମ୍ନ ୯ ହଜାର ଟଙ୍କାରୁ କମ୍ ରୋଜଗାରକୁ ଦରିଦ୍ର ବୋଲି ଧରାଯିବ। କିନ୍ତୁ ନିକଟରେ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପୋର୍ଟାଲରେ ଯେଉଁ ୨୮ କୋଟି ଶ୍ରମିକ ନିଜର ନାଁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ୯୪% ନିଜର ମାସିକ ଆୟକୁ ଦଶ ହଜାର ଟଙ୍କାରୁ କମ୍ ବୋଲି ଦର୍ଶାଇଛନ୍ତି।

ଦେଶରେ ଦାରିଦ୍ର୍ୟର ଆଉ ଏକ କାରଣ ହେଲା, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସରକାରଙ୍କ ଖର୍ଚ୍ଚ ହ୍ରାସ ଏବଂ ଲୋକଙ୍କ ପକେଟ ଖର୍ଚ୍ଚରେ ବୃଦ୍ଧି। କେନ୍ଦ୍ର ସରକାର ନିଜ ଶାସନକାଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଅନୁଦାନ ହ୍ରାସ କରିଚାଲିଛନ୍ତି। ୨୦୧୪-୧୫ରେ ଜିଡିପିର ୪% ଶିକ୍ଷା ବାବଦରେ ବିନିଯୋଗ ହେଉଥିବା ବେଳେ ବର୍ତ୍ତମାନ ୨.୯%କୁ ହ୍ରାସ ପାଇଛି। ସେହିପରି ସ୍ୱାସ୍ଥ୍ୟସେବାରେ ବିନିଯୋଗ ଜିଡିପିର ୧.୩%କୁ ହ୍ରାସ ପାଇଛି। ଏଭଳି ପରିସ୍ଥିତିରେ ଦେଶର ଦାରିଦ୍ର୍ୟ ବାର୍ଷିକ ୧୦.୬୬% ହ୍ରାସ ପାଇଛି ବୋଲି ନୀତି ଆୟୋଗର ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ କୁହାଯାଇପାରେ।

ମୋ-୯୪୩୭୧୬୬୩୯୧



# ସଡ଼କ ଦୁର୍ଘଟଣାର ପ୍ରଭାବ

ରାଜୀବ କର୍ମୀ

ଆମ ଦେଶରେ ସଡକ ଦୁର୍ଘଟଣାଜନିତ କ୍ଷୟକ୍ଷତି ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦୨୦ ତୁଳନାରେ ୨୦୨୨ରେ ଦୁର୍ଘଟଣା ହାରରେ ୨୪ ଭାଗ ବୃଦ୍ଧି ଘଟିଛି। ପରିବହନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୨୦୨୨ରେ ଭାରତରେ ୪,୬୧,୩୧୨ ସଡକ ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ୧,୬୮,୪୯୧ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରୁ ୯୫୨୮ ଜଣ ଶିଶୁ ଥିବାବେଳେ ୨୩,୩୧୪ ଜଣ ମହିଳା। ଏହି ସମୟରେ ୪,୪୩,୩୬୬ ଜଣ ସାମାନ୍ୟ ଏବଂ ଗୁରୁତର ଆହତ ହୋଇଥିବା ତଥ୍ୟରେ ପ୍ରକାଶ ପାଇଛି। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ କେବଳ ଦୁଇଚକିଆ ଯାନ ଏବଂ ଚାଲି ଚାଲି ଯାଉଥିବା ଲୋକ ହାର ସମୁଦାୟ ମୃତ୍ୟୁର ୬୪ ଭାଗ ବୋଲି ତଥ୍ୟ କହୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ, ପୃଥିବୀରେ ବାର୍ଷିକ ହାରାହାରି ୧୩ ଲକ୍ଷ ଲୋକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥାଆନ୍ତି। ପରିସଂଖ୍ୟାନରୁ ଜଣାଯାଇଛି, ଅନେକ ରାଷ୍ଟ୍ର ନିଜ ଜାତୀୟ ଆୟର ଶତକଡା ୩ ଭାଗ କ୍ଷତି, ସଡକଜନିତ ଦୁର୍ଘଟଣା ପାଇଁ ବହନ କରିଥାନ୍ତି। ରାସ୍ତାରେ ଚାଲିଚାଲି ଯାଉଥିବା ବ୍ୟକ୍ତି, ସାଇକେଲ ଏବଂ ମୋଟରସାଇକେଲ ଆରୋହୀମାନେ ଦୁର୍ଘଟଣାଜନିତ ଆହତ ଏବଂ ମୃତ୍ୟୁର ସମ୍ମୁଖୀନ ଅଧିକ ମାତ୍ରାରେ ହୋଇଥାନ୍ତି। କମ୍ ସଂଖ୍ୟକ ମୋଟରଯାନ ଥିବା ସତ୍ତ୍ୱେ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ୯୩ ଭାଗ ଦୁର୍ଘଟଣା ଘଟିଥାଏ। ସମୁଦାୟ ୫ରୁ ୨୯ ବର୍ଷ ବୟସ୍କଙ୍କ କ୍ଷେତ୍ରରେ ହେଉଥିବା ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି ସଡ଼କ ଦୁର୍ଘଟଣା। ଯୁବାବସ୍ଥାରେ ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସଡକ ଦୁର୍ଘଟଣାର ଶିକାର ହୋଇଥାନ୍ତି, ଯାହକି ୭୩ ଭାଗ।

ସଡ଼କ ଦୁର୍ଘଟଣାଜନିତ କ୍ଷୟକ୍ଷତି, ବ୍ୟକ୍ତି ଏବଂ ପରିବାର ପାଇଁ ଆର୍ଥିକ ବୋଝ ହେବା ସଙ୍ଗେସଙ୍ଗେ ଦେଶ ପାଇଁ ମଧ୍ୟ ବୋଝ ହୋଇଥାଏ। ଯେଉଁ ବୋଝ କି ଦୁର୍ଘଟଣାଜନିତ ଆଘାତର ଚିକିତ୍ସା, ଭିନ୍ନକ୍ଷମତା ଏବଂ ମୃତ୍ୟୁବରଣ କରୁଥିବା ବ୍ୟକ୍ତିର ଉତ୍ପାଦକଜନିତ କ୍ଷତି ଏବଂ ସେମାନଙ୍କ ଯତ୍ନ ପାଇଁ ପରିବାର ଦେଉଥିବା ସମୟଜନିତ କ୍ଷତି, ସମ୍ପତ୍ତି ନଷ୍ଟ, ଦୁର୍ଘଟଣାଜନିତ ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସଡକ ଦୁର୍ଘଟଣା ଶାରୀରିକ ଆଘାତ ସହିତ ମନରେ ଗଭୀର ଆଘାତ ଦେଇଥାଏ। ବଞ୍ଚି ଯାଇଥିବା ବ୍ୟକ୍ତିମାନେ ଶକ୍, ଚିନ୍ତା, ଉଦାସୀନତା, ଅତ୍ୟଧିକ ଭୟ ଏବଂ ଆଘାତଜନିତ ଚାପ ଦୀର୍ଘଦିନ ଧରି ଅନୁଭବ କରିଥାଆନ୍ତି, ଯାହାକି ସେମାନଙ୍କ ସାଧାରଣ କାର୍ଯ୍ୟକ୍ଷମତା ଏବଂ ଜୀବନକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ବ୍ୟକ୍ତି ସମ୍ପର୍କ ଏବଂ ସମ୍ବନ୍ଧ ଉପରେ ପ୍ରଭାବ ପଡ଼ିଥାଏ। ଏପରି କି ପରିବାର ଏବଂ ସମାଜ ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ଗବେଷଣାରୁ ଜଣାଯାଇଛି ଯେ ଗାଡିର ଗତିକୁ ଯଦି ଘଣ୍ଟା ପ୍ରତି ୧ କିଲୋମିଟର ବୃଦ୍ଧି କରାଯାଏ ତେବେ ୪ ଶତକଡା ଆଘାତ ଏବଂ ୩ ଶତକଡା ଗମ୍ଭୀର କ୍ଷତିର ଆଶଙ୍କାକୁ ବଢ଼ି ଯାଇଥାଏ। ଯଦି ଏହାକୁ ୫୦ରୁ ୬୫ ଘଣ୍ଟା ପ୍ରତି ବଢ଼ାଇ ଦିଆଯାଏ ତେବେ ୪.୫ ଗୁଣ ଚାଲିଚାଲି ଯାଉଥିବା ଲୋକଙ୍କ ଉପରେ ଏବଂ ୮୫ ଶତକଡା କାରକୁ କାର ସହିତ ଦୁର୍ଘଟଣା ହେବାର ସମ୍ଭାବନା ସୃଷ୍ଟି କରିଥାଏ। ନିଶା ସେବନ କରି ଗାଡ଼ି ଚଳାଇବା ଫଳରେ ଗମ୍ଭୀର ଦୁର୍ଘଟଣାର ସମ୍ଭାବନା ବଢ଼ିଥାଏ। ଆଟୋମାଇନ୍ ଏମିତି ଏକ ନିଶା, ଯାହାକି ଅନ୍ୟାନ୍ୟ ନିଶା ତୁଳନାରେ ୫ ଗୁଣ ଅଧିକ ଦୁର୍ଘଟଣାର ସମ୍ଭାବନା ସୃଷ୍ଟି କରେ।

ହେଲ୍‌ମେଟ, ସିଟ୍‌ବେଲ୍ଟ ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ବେଲ୍ଟ ବ୍ୟବହାର ନ କରିବା ଦୁର୍ଘଟଣାର ଏକ ପ୍ରମୁଖ କାରଣ। ହେଲ୍‌ମେଟର ଠିକ୍ ବ୍ୟବହାର ଫଳରେ ୪୨ ଭାଗ ଆଘାତ ଏବଂ ୬୯ ଭାଗ ମୁଣ୍ଡ ଆଘାତକୁ ରକ୍ଷା କରାଯାଇ ପାରିବ। ସିଟ୍‌ବେଲ୍ଟ ବାନ୍ଧିବା ଫଳରେ ଉଭୟ ଚାଳକ ଏବଂ ଆଗ ସିଟ୍‌ରେ ବସିଥିବା ଯାତ୍ରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁକୁ ୪୫ରୁ ୫୦ ଭାଗ ଏବଂ ପଛ ସିଟ୍‌ରେ ବସିଥିବା ଯାତ୍ରୀର ୨୫ ଭାଗ ଆଘାତକୁ କମ୍ କରାଯାଇପାରିବ। ଶିଶୁଙ୍କ ସୁରକ୍ଷା ବେଲ୍ଟ ବାନ୍ଧିବା ଦ୍ୱାରା ୬୦ ଭାଗ ଶିଶୁଙ୍କୁ ମୃତ୍ୟୁରୁ ରୋକାଯାଇ ପାରିବ।

ଅନ୍ୟମନସ୍କ ଭାବରେ ଗାଡ଼ିଚାଳନା ଯେପରି କି ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ର ବ୍ୟବହାର ବର୍ତ୍ତମାନର ସବୁଠାରୁ ବଡ଼ ସମସ୍ୟା। ଗାଡ଼ି ଚଳାଇବା ସମୟରେ ଚାଳକ ଦ୍ୱାରା ମୋବାଇଲ ଫୋନ୍‌ର ବ୍ୟବହାର ଦୁର୍ଘଟଣାର ସମ୍ଭାବନାକୁ ୪ ଗୁଣ ବଢ଼ାଇଥାଏ। ଫୋନ୍‌ର ବ୍ୟବହାର ଦ୍ୱାରା ଟ୍ରାଫିକ୍ ସିଗ୍‌ନାଲକୁ ଧ୍ୟାନ ନ ଦେବା, ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା, ଗାଡ଼ିରୁ ଗାଡ଼ି ଦୂରତା ବଜାୟ ନ ରଖିବା ଇତ୍ୟାଦି ଘଟିଥାଏ। ଏହା ଉଭୟ ଇୟରଫୋନ ବ୍ୟବହାର ଏବଂ ବ୍ୟବହାର କରୁ ନ ଥିବା ଚାଳକଙ୍କ କ୍ଷେତ୍ରରେ ଘଟେ।

ଅନ୍ୟ କାରଣଟି ହେଉଛି ଅସୁରକ୍ଷିତ ରାସ୍ତା ଏବଂ ଅସୁରକ୍ଷିତ ଯାନର ବ୍ୟବହାର। ସମସ୍ତ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଠିକ୍ ଭାବରେ ରାସ୍ତା ନିର୍ମାଣ ହେବା ଜରୁରୀ। ଯେପରି କି ରାସ୍ତାରେ ଚାଲୁଥିବା ବ୍ୟକ୍ତି, ସାଇକେଲ ଏବଂ ମୋଟରସାଇକେଲ ଚାଳକଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା, ଉପଯୁକ୍ତ ଟ୍ରାଫିକ୍ ସିଗ୍‌ନାଲ ଇତ୍ୟାଦିର ବ୍ୟବସ୍ଥା। ସୁରକ୍ଷିତ ଯାନର ବ୍ୟବହାର ଫଳରେ ଅନେକ ଦୁର୍ଘଟଣାକୁ କମ୍ କରାଯାଇ ପାରିବ। ଯେପରି କି ସୁରକ୍ଷିତ ଯାନର ଉତ୍ପାଦନ, ଉପଯୁକ୍ତ ଷ୍ଟିଅରିଙ୍ଗ୍ କଣ୍ଟ୍ରୋଲ, ଏଆର୍ ବ୍ୟାଗ ଇତ୍ୟାଦି ସମସ୍ତ ଯାନରେ ବାଧ୍ୟତାମୂଳକ ଏବଂ ସିଟ୍‌ବେଲ୍ଟ ବ୍ୟବହାରକୁ ନିଶ୍ଚିତ କରିବା ଜରୁରୀ। ଆଉ ଏକ କାରଣ ହେଉଛି ସଡ଼କ ଦୁର୍ଘଟଣା ସମ୍ପର୍କିତ ନୀତି ନିୟମ। ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲ୍‌ମେଟ ବ୍ୟବହାର ନ କରିବା, ସିଟ୍‌ବେଲ୍ଟ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡ଼ି ଚାଳନା, ଟ୍ରାଫିକ୍ ନିୟମ ନ ମାନିବା, ଶିଶୁଙ୍କ ପାଇଁ ସୁରକ୍ଷିତ ବେଲ୍ଟ ବାନ୍ଧିବା ଏବଂ ଓଭର ଲୋଡିଙ୍ଗ୍ ପାଇଁ ଥିବା ନିୟମକୁ କଡ଼ାକଡ଼ି କରିବା ଜରୁରୀ। ଅନ୍ୟ ମୁଖ୍ୟ ଦିଗଟି ହେଉଛି ଦୁର୍ଘଟଣା ପରବର୍ତ୍ତୀ ଦାୟିତ୍ୱ। ଆଘାତ ପାଇଥିବା ବ୍ୟକ୍ତିର ଚିହ୍ନଟ ଏବଂ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇବା, ଡାକ୍ତରଖାନାରେ ପହଞ୍ଚିବା ପୂର୍ବବର୍ତ୍ତୀ ଯତ୍ନ ଇତ୍ୟାଦି ଦୁର୍ଘଟଣାଜନିତ କ୍ଷୟକ୍ଷତି କମ୍ ବେଶି କରିଥାଏ।

ଉପରୋକ୍ତ ତଥ୍ୟ ହେଉଛି ସରକାରୀ ତଥ୍ୟ। କିନ୍ତୁ ପ୍ରକୃତରେ କେତେ ଯେ ଧନଜୀବନ ନିମିଷକେ ନଷ୍ଟ ହେଉଥିବ ଏଥିରୁ ଅନୁମେୟ। ଅନେକ ସମୟରେ ସରକାର ଅଳ୍ପ କିଛି ଅନୁକମ୍ପା ରାଶି ଦେଇ ବାଃ ବାଃ ନିଅନ୍ତି। ପ୍ରକୃତ ଦୁଃଖ ପରିବାର ଏବଂ ସମ୍ବନ୍ଧୀୟ ଭୋଗ କରିଥାନ୍ତି। ପରିବହନ ମନ୍ତ୍ରଣାଳୟ ଅନୁସାରେ ଖରାପ ରାସ୍ତା ଏବଂ ଟ୍ରାଫିକ୍ ବ୍ୟବସ୍ଥାଜନିତ ଦୁର୍ଘଟଣା ଏକ ପ୍ରମୁଖ କାରଣ ନୁହେଁ। ସକରାରଙ୍କ ଅନୁସାରେ ଅତ୍ୟଧିକ ବେଗରେ ଗାଡି ଚାଳନା ଏକ ପ୍ରମୁଖ କାରଣ, ଯାହାକି ସମସ୍ତ ଦୁର୍ଘଟଣାର ୭୨.୩ ଭାଗ। ତେଣୁ ସରକାର ସୁରକ୍ଷିତ ରାସ୍ତା ଏବଂ ଉପଯୁକ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଦରକାର। କେବଳ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ପଦଯାତ୍ରାରେ ସୀମିତ ନ ରଖି ଏଥିପ୍ରତି ବିଚାର କରିବା ନିହାତି ଜରୁରୀ।

**ସଗଡ଼ା, ବୌଦ୍ଧ**
**ମୋ: ୮୩୨୮୮୪୮୧୪୫**

## ଏଇ ଭାରତରେ

ଅସହାୟ, ଗୃହହୀନ ଓ ଅନାଥଙ୍କ ସାହାରା ପାଲଟିଛନ୍ତି ବେଙ୍ଗାଲୁରୁର ଟ୍ରାନ୍ସଜେଣ୍ଡର ନକ୍ଷତ୍ର। ସେ ଏବେ ୧୫୦ ଜଣଙ୍କୁ ଆଶ୍ରୟ ଦେଇଛନ୍ତି। ନକ୍ଷତ୍ର ଯେତେବେଳେ ଜଣେ ଟ୍ରାନ୍ସଜେଣ୍ଡର ବୋଲି ଚିହ୍ନଟ ହେଲେ ସେତେବେଳେ ତାଙ୍କ ପରିବାର ତାଙ୍କୁ ଘରୁ ବାହାରିଯିବାକୁ ବାଧ୍ୟ କରିଥିଲେ। ଏଭଳି ଅବସ୍ଥାରେ ସେ ଘରୁ ବାହାରି ଆସି ରାସ୍ତାରେ ମାସ ମାସ ଧରି ଜୀବନ ବିତାଇଛନ୍ତି। ସେହି ଅନୁଭବ ତାଙ୍କୁ ଅସହାୟଙ୍କୁ ଆଶ୍ରୟ ଦେବା ଲାଗି ପ୍ରେରିତ କରିଛି। ସେଥିପାଇଁ ନକ୍ଷତ୍ର ଏବେ ରାସ୍ତାରେ ଥିବା ଅସହାୟ, ଦିବ୍ୟାଙ୍ଗ, ଗୃହହୀନ ତଥା ଅନାଥ ପିଲାଙ୍କ ଆଶାବାଡ଼ି ପାଲଟିଛନ୍ତି। ସେ 'ନମନେ ସୁମନେ' ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ଏବେ ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ନକ୍ଷତ୍ରଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏମାନଙ୍କ ସହାୟତାରେ ଆଶ୍ରୟସ୍ଥଳୀରେ ଥିବା ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ତଥା ଆବଶ୍ୟକ ଚିକିତ୍ସା ଯୋଗାଉଛନ୍ତି। ଘରୁ ବାହାରି ଆସିବା ପରେ ନକ୍ଷତ୍ର ନିଜସ୍ୱ ଉଦ୍ୟମରେ ପଢ଼ି ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ଶିକ୍ଷାଗତ ଯୋଗ୍ୟତା ଯୋଗୁ ସେ ଏହି ସେବାକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ସମ୍ପୂର୍ଣ୍ଣ କାର୍ଯ୍ୟ ଲୋକମାନଙ୍କ ଅନୁଦାନରେ ହିଁ ଚାଲୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜାନୁଆରୀ ୧୯୭୫

- ଉଚ୍ଚଶକ୍ତିସମ୍ପନ୍ନ ବିସ୍ଫୋରଣ ବ୍ୟବହାର ଦ୍ୱାରା ସାଧାରଣ ଗ୍ରାଫାଇଟକୁ ହୀରାରେ ପରିଣତ କରାଯାଇପାରିବାର ଏକ କୌଶଳ ସମ୍ପ୍ରତି କାନପୁରର ପ୍ରତିରକ୍ଷା ବିଜ୍ଞାନୀମାନଙ୍କ ଦ୍ୱାରା ଉଦ୍ଭାବିତ।
- ଇଷ୍ଟର୍ଣ୍ଣ କମାଣ୍ଡର ମୁଖ୍ୟ ଲୋକସମ୍ପର୍କ ଅଫିସର କର୍ଣ୍ଣେଲ ବି.ପି. ରିକ୍ଷେଙ୍କ ୫୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପାକଲା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଶାମରା ଅଭିଯାନ ଆରମ୍ଭ ହେଉ

ମହାଶୟ,

କୁହାଯାଏ ମଶା ମହାବଳ ବାଘଠାରୁ ଅଧିକ ବିପଜ୍ଜନକ । ଗାଁରୁ ସହର ସବୁଠି ଲୋକେ ମଶା କାମୁଡ଼ାରେ ଆକ୍ରାନ୍ତ। ଲୋକେ ମଶା କାମୁଡ଼ାଜନିତ ଅନେକ ରୋଗର ଶିକାର ହେଉଛନ୍ତି। ମହାନଗର ନିଗମ କିମ୍ବା ପୌରପାଳିକା ଅନେକ ପ୍ରକାର ବିଶୋଧନ ଟିପା ଜରିଆରେ ଧୂଆଁ ପ୍ରୟୋଗ କରୁଛନ୍ତି। ମାତ୍ର ମଫସଲବାସୀଙ୍କ ନିମନ୍ତେ ମଶା ତଡ଼ିବା, ନିପାତ କରିବାର ସାଧନ ନାହିଁ। କହିବାର କଥା ହେଲା ଯେ ଗାଁମାନଙ୍କରେ ଜଳାଶୟ ଆଦିରେ ମଶାବଂଶ ବୃଦ୍ଧି ପାଉଛି। ଏକ 'ମଶାମରା ଅଭିଯାନ ସପ୍ତାହ' ଘୋଷଣା କରି ଓଡ଼ିଶାର ସମସ୍ତ ଅଞ୍ଚଳରେ ମଶାମରା ଅଭିଯାନ ଆରମ୍ଭ କରିବା ଦରକାର। ତା' ନ ହେଲେ ମଶାଙ୍କ ଯୋଗୁ ବ୍ୟକ୍ତିମାନେ ବିପଦରେ ପଡ଼ିବା ନିଶ୍ଚିତ।

**-ଶ୍ରୀରାମ ଚନ୍ଦ୍ର ଦାସ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସେଇ ନୀତୀଶ, ପୂର୍ବ ମେଣ୍ଟ

## ଭାଜପାଃ ଗୋଟିଏ ଗୁଳିରେ ୩ ଶିକାର

**ପାଟ୍ନା/ନୂଆଦିଲ୍ଲୀ,୨୮।୧**
**(ପ୍ରସ୍ତୁତିଃ ଦୁର୍ଯ୍ୟୋଧନ ମିଶ୍ର)**



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନକଥା ଜାଣିବା ସହଜ ନୁହେଁ। ଏହା ଏକ ଗବେଷଣାର ବିଷୟବସ୍ତୁ। ମହାମେଣ୍ଟରୁ ଓହରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ପୁନଃ ମିଶ୍ରଣ ବେଳେ ନୀତୀଶ କହିଛନ୍ତି, ବିରୋଧୀ ବ୍ଲକ୍ ତାଙ୍କୁ ହତାଶ କରିଛି। ୨୦୨୨ ଅଗଷ୍ଟରେ ଗଢ଼ାଯାଇଥିବା ମହାମେଣ୍ଟର ଅବସ୍ଥା ଭଲ ନାହିଁ। ସ୍ଥିତି ଭଲ ଦେଖାଯାଉନାହିଁ। ସେହିପରି ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଗଠନ କରି ଏହାକୁ ସଫଳ ରୂପ ଦେବା ପାଇଁ ସେ କଠିନ ପରିଶ୍ରମ କରିଥିଲେ। କିନ୍ତୁ ବିରୋଧୀ ମେଣ୍ଟରେ ଅନ୍ୟ କେହି କିଛି କରୁନାହାନ୍ତି। ଲୋକ ସଭା ନିର୍ବାଚନ ପ୍ରସ୍ତୁତି ନେଇ 'ଇଣ୍ଡିଆ'ରେ କୌଣସି ସ୍ପଷ୍ଟତା ନାହିଁ। ଆସନ ବୁଝାମଣାରେ ବିଳମ୍ବ ଘଟୁଛି। ତାଙ୍କୁ ଅପମାନିତ କରାଯାଉଛି। ଏଥିରେ ମର୍ମାହତ ହୋଇ ନୀତୀଶ ଏହି ବଡ଼ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିନ୍ତୁ ୯ମ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବା ୭୨ ବର୍ଷୀୟ ଅଭିଜ୍ଞ ରାଜନେତା ନୀତୀଶ ସମ୍ଭବତଃ ଜାଣିପାରି ନାହାନ୍ତି ଯେ, କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ଦଳ (ଭାଜପା) ଗୋଟିଏ ଗୁଳିରେ ତିନୋଟି ଶିକାର କରିଛି। ଏକକାଳୀନ 'ଇଣ୍ଡିଆ' ବ୍ଲକ୍ ଏବଂ ବିହାର ମହାମେଣ୍ଟ ଏବଂ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହି ଗୁଳିର ଶିକାର ହୋଇଛନ୍ତି।

ଲୋକ ସଭା ନିର୍ବାଚନକୁ ୧୦୦ରୁ କମ୍ ଦିନ ବାକି। ନୂଆକରି ମେଳି ବାନ୍ଧିଥିବା ୨୮ ବିରୋଧୀ ଦଳଙ୍କ 'ଇଣ୍ଡିଆ' ବ୍ଲକ୍‌କୁ ଖଣ୍ଡବିଖଣ୍ଡିତ କରି ସାଧାରଣ ନିର୍ବାଚନରେ ୪୦୦ ଲୋକ ସଭା ଆସନ ଦଖଲ କରିବା ହେଉଛି ଭାଜପାର ଲକ୍ଷ୍ୟ। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପଞ୍ଜାବରେ ଇଣ୍ଡିଆ ବ୍ଲକ୍‌ରୁ ମୁହଁ ମୋଡ଼ିନେବା ପରେ ଭାଜପାର ଲକ୍ଷ୍ୟ ହାସଲ ସହଜ ହୋଇଯାଇଥିଲା। ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିଲା। ୨୦୨୨ ଅଗଷ୍ଟରେ ନୀତୀଶ ମୁଖ୍ୟମନ୍ତ୍ରୀ ହୋଇ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କୁ ଉପମୁଖ୍ୟମନ୍ତ୍ରୀ କରିଥିଲେ। ସେତେବେଳେ ନୀତୀଶ ପ୍ରତିଶ୍ରୁତି ଦେଇଥିଲେ, ସେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ିଦେଇ ନିଜେ ଜାତୀୟ ରାଜନୀତିରେ ସକ୍ରିୟ (ପ୍ରଧାନମନ୍ତ୍ରୀ ପ୍ରାର୍ଥୀ) ହେବେ। କିନ୍ତୁ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକର ନେତାମାନେ ତାଙ୍କୁ ଅଣଦେଖା କଲେ। ତେଣୁ ଭାଜପା ଖୋଜୁଥିବା ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁଲା ନାହିଁ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୨୨। ଆର୍‌ଜେଡିର ୭୯, ଭାଜପା ୭୮, ଜେଡିୟୁ ୪୫, କଂଗ୍ରେସ ୧୯, ସିପିଆଇଏମ୍‌ଏଲ୍ ୧୨, ସିପିଆଇ ୨, ସିପିଏମ୍ ୨, ଏଚ୍‌ଏଏମ୍ ୪, ଏଆଇଏମ୍‌ଆଇଏମ୍ ୧ ଓ ଜଣେ ସ୍ୱାଧୀନ ବିଧାୟକ ରହିଛନ୍ତି। ତେଣୁ ଆର୍‌ଜେଡିକୁ ଛାଡ଼ି ଭାଜପା ସମର୍ଥନରେ ସରକାର ଗଢ଼ିବା ପାଇଁ ନୀତୀଶ ଆଗେଇ ଆସିଲେ। ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ଗଡ଼ ଜିତି ଚାଲିଥିବା ଭାଜପା ପାଇଁ ନୀତୀଶଙ୍କୁ ହରାଇବା କଷ୍ଟକର ଥିଲା। ଏବେ ନୀତୀଶଙ୍କୁ ଏନ୍‌ଡିଏ ମେଣ୍ଟ ଭିତରକୁ ଆଣି ୪୦ ଲୋକ ସଭା ଆସନ ଦଖଲ କରିବା ପାଇଁ ଗୈରିକ ଦଳ ଅଣ୍ଟା ଭିଡ଼ିଛି। ଭାଜପାର ଯୋଜନା ସଫଳ ହେଲେ ଭବିଷ୍ୟତରେ ବିହାରରୁ ନୀତୀଶଙ୍କ ଜେଡିୟୁ ସଫା ହୋଇଯାଇପାରେ।

### ନାନା ମୁନି ନାନା ମତ

" ବିହାରର ବିକାଶ ଓ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଏନ୍‌ଡିଏ ସରକାର କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ତାଙ୍କ ଦୁଇ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଓ ବିଜୟ ସିହ୍ନାଙ୍କୁ ଅଭିନନ୍ଦନ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

" ନୀତୀଶ ଇଣ୍ଡିଆ ବ୍ଲକ୍ ଛାଡ଼ିବେ ବୋଲି ଆଗରୁ ଜାଣିଥିଲି। କିନ୍ତୁ ମେଣ୍ଟକୁ ଅତୁଟ ରଖିବା ପାଇଁ ଏନେଇ କାହାକୁ କିଛି ଜଣାଇ ନ ଥିଲି। ଦେଶରେ 'ଆୟା ରାମ ଗୟା ରାମ' ଭଳି ଅନେକ ଲୋକ ଅଛନ୍ତି।

**–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

" ବିହାରରେ କଂଗ୍ରେସ ଯୋଗୁ 'ଇଣ୍ଡିଆ' ଭାଙ୍ଗିଯାଇଛି। କଂଗ୍ରେସ ନେତାମାନେ ବିରୋଧୀ ମେଣ୍ଟକୁ ସୁଦୃଢ଼ କରିବା ପରିବର୍ତ୍ତେ ନିଜ ଦଳ ସ୍ୱାର୍ଥ ନେଇ ଅଧିକ ଚିନ୍ତିତ ଥିଲେ। ସେମାନେ ନୀତୀଶଙ୍କୁ ଅଣଦେଖା କରି ଖାର୍ଗେଙ୍କୁ ଅଧ୍ୟକ୍ଷ କଲେ।

**–କେ.ସି. ତ୍ୟାଗୀ, ଜେଡିୟୁ ମୁଖପାତ୍ର**

ନୀତୀଶ ଜଣେ ପଲଟୁମାର। ମେଣ୍ଟ ବଦଳ ତାଙ୍କ ରାଜନୀତିର ଏକ ଅଂଶ। କିନ୍ତୁ ଆଜିର ଘଟଣାକ୍ରମ ଦେଖାଇଦେଇଛି ଯେ ବିହାରରେ ସବୁ ଦଳ ଓ ନେତା ହେଉଛନ୍ତି ପଲଟୁରାମ। ମୋଦି ଓ ଶାହା ମଧ୍ୟ ପଲଟୁମାର।

**–ପ୍ରଶାନ୍ତ କିଶୋର, ଜନ ସୁରାଜ ଅଧ୍ୟକ୍ଷ**

" ଅଳିଆ ଡଷ୍ଟବିନ୍‌କୁ ହିଁ ଯାଇଥାଏ। ଅଳିଆ ବ୍ୟକ୍ତି ଅଳିଆ ଗୋଷ୍ଠୀକୁ ଫେରି ଖୁସି ହୁଅନ୍ତୁ।

**–ରୋହିଣୀ ଆଚାର୍ଯ୍ୟ, ଲାଲୁଙ୍କ ଝିଅ**

ଭାଜପା ଅଯୋଧ୍ୟାରେ ରାମରାଜ୍ୟ କଥା କହୁଛି। କିନ୍ତୁ ବିହାରରେ 'ଆୟା ରାମ ଗୟା ରାମ' କୁ ପ୍ରଦର୍ଶିତ କରୁଛି।

**–କପିଲ ସିବଲ, ରାଜ୍ୟ ସଭା ସଦସ୍ୟ**

" ୱାର୍ଡ ଅଫ୍ ଦି ଡେ ହେଉଛି 'ସ୍ନୋଲିଗୋଷ୍ଟର'। ଏହାର ତାତ୍ପର୍ଯ୍ୟ ହେଲା ଜଣେ ଚତୁର ତଥା ସିଦ୍ଧାନ୍ତବିହୀନ ରାଜନେତା।

**–ଶଶୀ ଥରୁର, କଂଗ୍ରେସ ଏମ୍‌ପି**

## ମେଣ୍ଟ ବଦଳାଇ ନବମ ଥର ମୁଖ୍ୟମନ୍ତ୍ରୀ

୧ ଦଶନ୍ଧି ମଧ୍ୟରେ ଏହା ହେଉଛି ନୀତୀଶଙ୍କ ପଞ୍ଚମ ଶିବିର ପରିବର୍ତ୍ତନ। ବାରମ୍ବାର ମେଣ୍ଟ ବଦଳାଉଥିବାରୁ ତାଙ୍କୁ ରାଜନୈତିକ ମହଲରେ 'ପଲ୍‌ଟୁ ରାମ' ଓ 'ପଲଟୁ କୁମାର' ଭଳି ଆଖ୍ୟା ଦିଆଯାଇଛି। ନୀତୀଶ ୨୦୦୦ ମାର୍ଚ୍ଚରେ ଭାଜପା ସମର୍ଥନରେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ୨୦୦୫ ନଭେମ୍ବରରେ ଦ୍ୱିତୀୟ ଓ ୨୦୧୦ ନଭେମ୍ବରରେ ତୃତୀୟ ଥର ପାଇଁ ଭାଜପା ସହ ମିଶି ସରକାର ଗଢ଼ିଥିଲେ। ୨୦୧୫ ଫେବୃୟାରୀରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ମହାମେଣ୍ଟ ସମର୍ଥନରେ ନୀତୀଶ ୨୦୧୫ ନଭେମ୍ବରରେ ପଞ୍ଚମ ଥର କ୍ଷମତାସୀନ ହୋଇଥିଲେ। କିନ୍ତୁ ୨୦୧୭ ଜୁଲାଇରେ ମହାମେଣ୍ଟରୁ ଓହରି ଭାଜପା ସମର୍ଥନରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ସେହିପରି ୨୦୨୦ ନଭେମ୍ବରରେ ଭାଜପା ସମର୍ଥନରେ ସପ୍ତମ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଭାଜପା ମହାରାଷ୍ଟ୍ରରେ ଶିବସେନାର ବିଭାଜନ ଭଳି ବିହାରରେ ଜେଡିୟୁକୁ ଭାଙ୍ଗିଦେବ ବୋଲି ଆଶଙ୍କା କରି ୨୦୨୨ ଅଗଷ୍ଟରେ ସେ ଏନ୍‌ଡିଏ ଛାଡ଼ି ପୁଣି ମହାମେଣ୍ଟକୁ ଫେରିଥିଲେ। ସେହି ସମୟରେ ସେ ଆର୍‌ଜେଡି–କଂଗ୍ରେସର ସମର୍ଥନରେ ଅଷ୍ଟମ ଥର ଶପଥ ଗ୍ରହଣ କରିଥିଲେ। ନୀତୀଶ ରବିବାର ଭାଜପା ସମର୍ଥନରେ ନବମ ଥର ବିହାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀ ହେଲେ, ପଗଡ଼ି ଖୋଲିଲେ ନାହିଁ



ସମ୍ରାଟ ଚୌଧରୀ

୨୦୨୨ ଅଗଷ୍ଟରେ ନୀତୀଶ ଆର୍‌ଜେଡି ସହ ମିଶି ସରକାର ଗଠନ କରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ପଲଟୁରାମଙ୍କ ପାଇଁ ଭାଜପା ଦ୍ୱାର ସବୁଦିନ ଲାଗି ବନ୍ଦ ହୋଇଗଲା। ସେତେବେଳେ ବିହାର ଭାଜପା ସଭାପତି ସମ୍ରାଟ ଚୌଧରୀ ମୁଣ୍ଡରେ ପଗଡ଼ି ଭିଡ଼ିଥିଲେ। ନୀତୀଶଙ୍କୁ କ୍ଷମତାଚ୍ୟୁତ ନ କରିବା ଯାଏ ପାଗ ଖୋଲିବେ ନାହିଁ ବୋଲି ସେ ପ୍ରତିଜ୍ଞା କରିଥିଲେ। କିନ୍ତୁ ଭାଜପା ନୀତୀଶଙ୍କ ପାଇଁ ବନ୍ଦ ଦ୍ୱାର ଖୋଲିଦେବା ପରେ ରବିବାର ସମ୍ରାଟ ତାଙ୍କ ସହ ମିଶି ରାଜ୍ୟପାଳଙ୍କ ନିକଟକୁ ସରକାର ଗଠନ ନିମନ୍ତେ ଦାବି ଜଣାଇବା ପାଇଁ ଗଲେ। ଅପରାହ୍ଣରେ ସମ୍ରାଟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ଗ୍ରହଣ ବେଳେ ବି ତାଙ୍କ ମୁଣ୍ଡରେ ସେହି ଗେରୁଆ ପଗଡ଼ି ରହିଥିଲା।

## ସଂକ୍ଷେପରେ

### ଶିଷ୍ୟଙ୍କୁ ଚପଲରେ ମାରି କ୍ଷମା ମାଗିଲେ ରାହତ୍ ଫତେ ଅଲି ଖାନ୍



**ନୂଆଦିଲ୍ଲୀ, ୨୮।୧ (ପିଟି):** ପାକିସ୍ତାନୀ ଗାୟକ ରାହତ୍ ଫତେ ଅଲି ଖାନ୍ ଜଣେ ଶିଷ୍ୟଙ୍କୁ ଚପଲରେ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହେବା ପରେ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶିକାର ହୋଇଛନ୍ତି। ଶିଷ୍ୟ ନଭୀଦ ହସନୈନ୍‌ଙ୍କୁ ବୋତଲ କେଉଁଠାରେ ଅଛି ବୋଲି ପଚାରି ରାହତ୍ ମାଡ଼ ମାରୁଥିବାର ଭିଡିଓ ସାମ୍ନାକୁ ଆସିଥିଲା। ତେବେ ଏହା ଜଣେ ଉସ୍ତାଦ ଓ ତାଙ୍କ ଶିଷ୍ୟ ମଧ୍ୟରେ ଏକ ଆଭ୍ୟନ୍ତରୀଣ ବିଷୟ ହୋଇଥିବା କହି, ତାଙ୍କୁ ଅଯଥାରେ ବଦନାମ କରାଯାଉଛି। ଶିଷ୍ୟ ଭୁଲ୍ କଲେ ଉସ୍ତାଦ ଭାବେ ଦଣ୍ଡ ଦେବାର ଅଧିକାର ତାଙ୍କର ରହିଥିବା ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସଫେଇ ଦେଇଛନ୍ତି। ମାଡ଼ ମାରିବା ପରେ ହିଁ ନିଜ ଶିଷ୍ୟ ନଭୀଦଙ୍କୁ ତାଙ୍କ ପିତାଙ୍କ ଉପସ୍ଥିତିରେ କ୍ଷମା ପ୍ରାର୍ଥନା କରିଥିବା କହିଛନ୍ତି। ସେପଟେ ରାହତ୍‌ଙ୍କୁ ବଦନାମ କରିବା ପାଇଁ ଭିଡିଓ କରାଯାଇଥିବା ନଭୀଦ କହିଛନ୍ତି।

### ୩ ସାଟେଲାଇଟ୍ ଲଞ୍ଚ୍ କଲା ଇରାନ

**ତେହେରାନ,୨୮।୧:** ଅନେକ ବିଫଳତାର ସମ୍ମୁଖୀନ ହେବା ପରେ ଇରାନ ସିମୋର୍ଗ ରକେଟ ସହାୟତାରେ ୩ଟି ସାଟେଲାଇଟ୍‌କୁ ମହାକାଶକୁ ପଠାଇବାରେ ସଫଳ ହୋଇଛି। ସେମ୍‌ନାନ ପ୍ରଦେଶର ଇମାମ ଖୋମେନି ସ୍ପେସ୍‌ପୋର୍ଟରୁ ସିମୋର୍ଗ ପ୍ରୋଗ୍ରାମର ଏହା ଷଷ୍ଠ ଉଦ୍ୟମ ଥିଲା। ସାଟେଲାଇଟ୍‌ଗୁଡ଼ିକ ଗବେଷଣା, ଗ୍ଲୋବାଲ ପୋଜିଶନିଂ, ଯୋଗାଯୋଗ ଆଦି ବିଭିନ୍ନ ଉଦ୍ଦେଶ୍ୟରେ କାର୍ଯ୍ୟ କରିବ। ପୃଥିବୀର ନିମ୍ନ କକ୍ଷପଥ ପାଇଁ ସିମୋର୍ଗ ସାଟେଲାଇଟ୍ କ୍ୟାରିୟର ପ୍ରସ୍ତୁତ ହୋଇଥିବା ଇରାନ କହୁଥିଲେ ମଧ୍ୟ ଆମେରିକା ଗୋଇନ୍ଦା ସଂସ୍ଥା ଏହାକୁ ନେଇ ଚିନ୍ତା ପ୍ରକଟ କରିଛି। ଇରାନର ଏହି ରକେଟକୁ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ ବିକାଶ ପାଇଁ ଉପଯୋଗ କରାଯାଇପାରେ ବୋଲି ଗତବର୍ଷ ବିଶ୍ୱବ୍ୟାପୀ ଆଶଙ୍କା ବ୍ୟକ୍ତ କରାଯାଇଥିଲା।

### ଇରାନରେ ୯ ପାକିସ୍ତାନୀ ଶ୍ରମିକଙ୍କୁ ହତ୍ୟା

**ଇସ୍‌ଲାମାବାଦ,୨୮।୧(ପି.ଟି.):** ପାକିସ୍ତାନ ଓ ଇରାନ ମଧ୍ୟରେ ସୀମାପାର ଆକ୍ରମଣକୁ ନେଇ ଉତ୍ତେଜନା ଦେଖାଦେବାର ଦିନ କେଇଟା ପରେ ପୁନର୍ବାର ଉତ୍ତେଜନା ଦେଖାଦେଇଛି। ଇରାନରେ ଥିବା ପାକିସ୍ତାନୀ ଶ୍ରମିକଙ୍କ ଉପରେ ଆକ୍ରମଣ ହୋଇଛି। ଏଥିରେ ୯ ଶ୍ରମିକ ନିହତ ହୋଇଥିବାବେଳେ ତଦନ୍ତ ପାଇଁ ଇସ୍‌ଲାମାବାଦ ଦାବି କରିଛି। ପାକ୍ ସୀମାକୁ ଲାଗିଥିବା ଇରାନର ସିସ୍ତାନ–ବେଲୁଚିସ୍ତାନ ପ୍ରଦେଶରେ ଆକ୍ରମଣକାରୀମାନେ ଆଖିବୁଜା ଗୁଳି ଚଳାଇବାରୁ ୯ ପାକିସ୍ତାନୀ ଶ୍ରମିକ ନିହତ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ପାକ୍ କର୍ତ୍ତୃପକ୍ଷ ଏନେଇ ଇରାନ୍‌ର ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ତଦନ୍ତ ଲାଗି ଦାବି କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ନିର୍ଣ୍ଣୟାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ପାକିସ୍ତାନୀ କୂଟନୀତିଜ୍ଞ ଇରାନ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିବେ ବୋଲି ଜଣାପଡ଼ିଛି।



ଅକ୍ଟୋବର ୭ରୁ ଇସ୍ରାଏଲ–ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅଦ୍ୟାବଧି ୨୬,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହେଲେଣି। ସ୍ଥଳଭାଗରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣରେ ଭୟଭୀତ ପାଲେଷ୍ଟିନୀୟ ମହିଳାମାନେ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରୁ ପଳାୟନ କରୁଛନ୍ତି।

## ସମ୍ବିଧାନ ପ୍ରଣେତାଙ୍କ ପ୍ରେରଣାର ଉତ୍ସ ଥିଲା ରାମରାଜ୍ୟ

**ନୂଆଦିଲ୍ଲୀ,୨୮।୧**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ କୋଟି କୋଟି ଲୋକଙ୍କୁ ଏକାଠି କରିଥିଲା ଏବଂ ସେହି ସମୟରେ ଦେଶର ସାମୂହିକ ଶକ୍ତି ଦୃଶ୍ୟମାନ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତବର୍ଷର ପ୍ରଥମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ରାମରାଜ୍ୟ ସମ୍ବିଧାନ ପ୍ରଣେତାମାନଙ୍କ ପ୍ରେରଣାର ଉତ୍ସ ଥିଲା। ରାମ ପ୍ରତ୍ୟେକଙ୍କ ଶବ୍ଦ ଓ ପ୍ରତ୍ୟେକଙ୍କ ହୃଦୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।
ଏଥର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଏବଂ ଦୃଷ୍ଟି ଆଢୁଆଳରେ ରହି ବଡ଼ ପରିବର୍ତ୍ତନ ଆଣିଥିବା ଅନେକ ବ୍ୟକ୍ତିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ପଦ୍ମ ପୁରସ୍କାର ଏବେ ଲୋକଙ୍କ ପଦ୍ମରେ ପରିଣତ ହୋଇଥିବା ମୋଦି କହିଛନ୍ତି। ଏଥର ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ପରେଡ୍‌ରେ ଭାଗନେଇଥିବା ୨୦ କଣ୍ଟିଞ୍ଜେଣ୍ଟ ମଧ୍ୟରୁ ୧୧ଟି କେବଳ ମହିଳାମାନଙ୍କର ଥିଲା। ଏପରିକି ପ୍ରଜ୍ଞାପନ ମେଢ଼ଗୁଡ଼ିକର ସମସ୍ତ କଳାକାର ମହିଳା ଥିଲେ। ମନ୍ କୀ ବାତ୍ ଅବସରରେ ପ୍ରଧାନମନ୍ତ୍ରୀ ଅଙ୍ଗଦାନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। କେତେ ଲୋକ ସମାଜ ସେବା କରୁଥିବାବେଳେ କେହି ସେନାରେ ସାମିଲ ହୋଇ ଦେଶ ମାତୃକାର ସେବା କରୁଛନ୍ତି। କେତେଜଣ ଆଗାମୀ ପିଢ଼ିଙ୍କୁ ଶିକ୍ଷା ଦେଉଛନ୍ତି। ଏପରିକି କେତେଜଣ ସେମାନଙ୍କ ଜୀବନ ଶେଷ ହେବା ପରେ ମଧ୍ୟ ସମାଜ ପ୍ରତି ସେମାନଙ୍କ ଦାୟିତ୍ୱବୋଧ ପୂରଣ କରୁଥିବା ମୋଦି କହିଥିଲେ। ନିକଟ ଅତୀତରେ ହଜାରେରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ପରେ ସେମାନଙ୍କ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇଛନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି।

## ମାଳଦ୍ୱୀପ ପାର୍ଲାମେଣ୍ଟ ରଣକ୍ଷେତ୍ର

### ଏମ୍‌ପିଙ୍କ ମଧ୍ୟରେ ମାର୍‌ପିଟ

**ମାଲେ,୨୮।୧**



ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସଂସଦୀୟ ଅନୁମୋଦନ ପାଇଁ ଡକାଯାଇଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ରବିବାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଏମ୍‌ପିମାନେ ପରସ୍ପରକୁ ମୁଥ, ଗୋଇଠା ମାରିବା ସହ ଗଡ଼ାପଡ଼ା ହେଉଥିବା ଦେଖାଯାଇଛି। ପିପୁଲ୍ସ ନ୍ୟାଶନାଲ କଂଗ୍ରେସ (ପିଏନ୍‌ସି) ଏବଂ ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ (ପିପିଏମ୍)କୁ ନେଇ ଗଠିତ ଶାସକ ମେଣ୍ଟ ଏବଂ ବିରୋଧୀ ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି (ଏମ୍‌ଡିପି)ର ଏମ୍‌ପିମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ସଂଘର୍ଷ ସମୟର ଭିଡିଓ ସ୍ଥାନୀୟ ଅନ୍‌ଲାଇନ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେବା ସହ ଭାଇରାଲ ହୋଇଛି। ମୁଇଜ୍ଜୁ କ୍ୟାବିନେଟରେ ଯୋଗ ଦେଇଥିବା ଶାସକ ଦଳର ୪ ସଦସ୍ୟଙ୍କୁ ଅନୁମୋଦନ ଦେବାକୁ ବିରୋଧୀ ଦଳ ଏମ୍‌ଡିପି ମନା କରିଦେବା ପରେ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଶାସକ ମେଣ୍ଟର ସଦସ୍ୟମାନେ ବିରୋଧୀ ଏମ୍‌ପିଙ୍କୁ ଚାମ୍ବର ମଧ୍ୟରେ ପୂରାଇ ନ ଦେବାକୁ ଉଦ୍ୟମ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ହସ୍ତଲିଖନ ଅଧିକ ସୃଜନଶୀଳ

**ନୂଆଦିଲ୍ଲୀ,୨୮।୧(ପି.ଟି.)**



### ଟାଇପିଂ ଅପେକ୍ଷା ହାତରେ ଲେଖିଲେ ମସ୍ତିଷ୍କ ସମ୍ପର୍କ ସମୃଦ୍ଧ ହୁଏ

କି–ବୋର୍ଡ ଟାଇପିଂ ତୁଳନାରେ ହାତରେ ନୋଟ୍ ଲେଖୁଥିବା ଛାତ୍ରୀଛାତ୍ର ଅଧିକ ଶିଖିଥାନ୍ତି ଓ ମନେରଖିଥାନ୍ତି। କାରଣ ଟାଇପିଂ ଅପେକ୍ଷା ହାତରେ ଲେଖିବା ଦ୍ୱାରା ମସ୍ତିଷ୍କ ସହ ସମ୍ପର୍କ ଅଧିକ ପ୍ରଶସ୍ତ ହୋଇଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଏଥିରେ କୁହାଯାଇଛି, ଆମେ କଲମରେ ଲେଖିବା ସମୟରେ ହାତର ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଗତିଶୀଳତା ଆମକୁ ଉଭୟ ଦୃଶ୍ୟ ଏବଂ ଗତିଶୀଳ ତଥ୍ୟ ସଂଗ୍ରହରେ ସହାୟକ ହୋଇଥାଏ, ଯାହାର ମସ୍ତିଷ୍କ ସଂଯୋଗ କ୍ରିୟା ପ୍ରତି ଅଧିକ ଅବଦାନ ରହିଥାଏ। ସ୍ମରଣ କରିବା ଏବଂ ଶିଖିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି। ଦେଖାଯାଇଛି ଯେ, ଶ୍ରେଣୀରେ ଶିକ୍ଷକ ପଢ଼ାଉଥିବାବେଳେ ଯେଉଁ ପିଲାମାନେ ଏହାକୁ ହାତରେ ନୋଟ୍ କରିଥାନ୍ତି, ସେମାନେ ତାହାକୁ ଅଧିକ ଭଲ ମନେ ରଖିଥାନ୍ତି। ତେବେ ଏକ ଦୀର୍ଘ ବିଷୟ ବା ନିବନ୍ଧ ଲେଖିବା ପାଇଁ କମ୍ପ୍ୟୁଟର କି–ବୋର୍ଡର ବ୍ୟବହାର ଅଧିକ ପ୍ରାସଙ୍ଗିକ ହୋଇପାରେ ବୋଲି ନରୱେଜିଆନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ ଗବେଷକ ଔଡ୍ରେୟ ଭାନ୍ ଡେର୍ ମୀର କହିଛନ୍ତି। ସେ ମଧ୍ୟ 'ଫ୍ରଣ୍ଟିୟର୍ସ ଇନ୍ ସାଇକୋଲୋଜି'ରେ ପ୍ରକାଶିତ ଉକ୍ତ ଅଧ୍ୟୟନର ସହନିବନ୍ଧକ ଅଛନ୍ତି।
ଏହି ଅଧ୍ୟୟନ ପାଇଁ ଗବେଷକମାନେ ୩୬ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମସ୍ତିଷ୍କର ବୈଦ୍ୟୁତିକ କ୍ରିୟାର ରେକର୍ଡ କରିଥିଲେ। ସ୍କ୍ରିନ୍‌ରେ ଦୃଶ୍ୟ ହେଉଥିବା ଶବ୍ଦକୁ ସେମାନଙ୍କୁ ଲେଖିବା କିମ୍ବା ଟାଇପ୍ କରିବା ପାଇଁ ବାରମ୍ବାର ଉତ୍ସାହିତ କରାଯାଇଥିଲା। ସେମାନେ ଟଚ୍‌ସ୍କ୍ରିନ୍‌ରେ ସିଧାସଳଖ ଲେଖିବା ପାଇଁ ଡିଜିଟାଲ ପେନ୍ ବ୍ୟବହାର କରିଥିଲେ। ଟାଇପିଂ କଲାବେଳେ ସେମାନେ କି–ବୋର୍ଡକୁ ଚାପିବା ପାଇଁ ଗୋଟିଏ ଆଙ୍ଗୁଠି ବ୍ୟବହାର କରୁଥିଲେ। ଗବେଷକମାନେ ଜାଣିବାକୁ ପାଇଥିଲେ ଯେ, ଯେତେବେଳେ ଛାତ୍ରୀଛାତ୍ର ହାତରେ ଲେଖୁଥିଲେ ସେତେବେଳେ ମସ୍ତିଷ୍କର ବିଭିନ୍ନ ଅଂଶ ସହ ସଂଯୋଗ ବଢ଼ୁଥିଲା। କିନ୍ତୁ ଟାଇପ୍ କଲାବେଳେ ସେପରି ହୋଇ ନ ଥିଲା। ଅନ୍ୟପକ୍ଷରେ ବାରମ୍ବାର ଗୋଟିଏ କି'କୁ ଆଘାତ କରିବା ଦ୍ୱାରା ଉକ୍ତ ଆଙ୍ଗୁଠି ମସ୍ତିଷ୍କକୁ କମ୍ ଉଦ୍ଦୀପିତ କରୁଥିବା ଜଣାପଡ଼ିଥିଲା। ସେଥିପାଇଁ ଟାବ୍‌ଲେଟରେ ଲେଖିବା ଓ ପଢ଼ିବା ଶିଖୁଥିବା ପିଲାମାନଙ୍କ କ୍ଷେତ୍ରରେ ଅକ୍ଷର ମଧ୍ୟରେ ଥିବା ପାର୍ଥକ୍ୟ ବାରିବାରେ ସମସ୍ୟା ହୋଇଥାଏ। କାରଣ କହିବାକୁ ଗଲେ, ସେମାନେ ଏହାକୁ ଦେହରେ ଅନୁଭବ କରି ନ ଥାନ୍ତି ବୋଲି ଭାନ୍ ଡେର୍ ମୀର୍ କହିଛନ୍ତି। ତେଣୁ ପିଲାମାନଙ୍କୁ ଶ୍ରେଣୀରେ ଟାଇପ୍ କରିବାକୁ ନ ଦେଇ କଲମ ବ୍ୟବହାରର ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଅଧ୍ୟୟନରେ ଦର୍ଶାଯାଇଛି।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କେସିଙ୍ଗା,୨୮।୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ପରଲସିଙ୍ଗା ଗ୍ରାମପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସରପଞ୍ଚ କୃତାଞ୍ଜଳ ଗୌଡ଼ଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ, ବିଧାୟକଙ୍କ ପ୍ରତିନିଧି ଶନ୍ତୋଷ ଶର୍ମା, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡିଓ ପଦ୍ମନାଭ ପୁରୋହିତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରା, ଚାଞ୍ଚେର ନିର୍ବାହୀ ଅଧିକାରୀ ଲେମ୍ବୁ ଶିଖା, ପରଲସିଙ୍ଗା ନିର୍ବାହୀ ଅଧିକାରୀ ଝସକେତନ ସାହୁ, ଖାଦ୍ୟ ଯୋଗାଣ ସହକାରୀ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଡିଓ ପଦ୍ମନାଭ ବିଭିନ୍ନ ପ୍ରକଳ୍ପ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମିଶନ ଶକ୍ତି, ବିଭିନ୍ନ ଉନ୍ନୟନ, ଲକ୍ଷ୍ମୀ ବସ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଉତ୍କେଳା ବିମାନ ବନ୍ଦର, କୃଷି ଆଦି ବିଷୟରେ ଅଧ୍ୟକ୍ଷ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଖଡ଼ିଆଳ/ବୋଡେନ, ୨୮।୧(ସୁଜିତ କୁମାର ପ୍ରଧାନ/ ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ମହିଳାଙ୍କୁ ସଶକ୍ତ କରିବା ସହ ପ୍ରତିକୂଳ ପରିସ୍ଥିତି ମୁକାବିଲା ପାଇଁ ମନୋବଳ ବୃଦ୍ଧି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ୱାର୍ଡ ସଭ୍ୟ ତଥା ପୂର୍ବତନ ଖେଳାଳି ସୁବେର ସିଂ ଦେଓ ଯୋଗଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିଲେ। କଳ୍ପଶ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ମମତା ସାହୁ, ଜ୍ୟୋସ୍ନା ସାହୁ, ଇପଶୀତା ହୋତା, ସୁଜିତ୍ କୁମାର ପାତ୍ର, ଗିରିଶୁତା ଛତ୍ରିଆ, ପାନଙ୍ଗ ସିଂ ନିନା, ଲିଲି ସାହୁ, ଚକ୍ରଧର ଭୋଇ, ମଞ୍ଜୁଲତା ରାଉତ, ଜ୍ୟୋସ୍ନା ସେଠୀ, ସୁଭାଷିନୀ ସେଠୀ, ଟଙ୍କଧର ଭରାସଗରିଆ ସହଯୋଗ କରିଥିବା ବେଳେ ପ୍ରଶିକ୍ଷକ ନିଳୀମା ବାରିକ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ବିଭିନ୍ନ ତାଲିମ ଦେଇଥିଲେ। ସେହିପରି ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ ଅଧ୍ୟକ୍ଷତା କରିଥିଲେ। ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଇତିହାସ ପ୍ରାଧ୍ୟାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ସାମୁଏଲ ଦାନୀ, ମାଷ୍ଟର ଟ୍ରେନର ପଲ୍ଲବୀ ବାଗ, ମୌସୁମୀ ଜଗତ, ପୁଷ୍ପାଞ୍ଜଳି ସାହୁ ଆତ୍ମରକ୍ଷା ତାଲିମ ଦେଇଥିଲେ।

# ଜିଲା ଶ୍ରମିକ ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ନୂଆପଡ଼ା,୨୮।୧(ମକାରୁ ବେମାଲ)


ରାଜ୍ୟପାଳଙ୍କୁ ଏମ୍‌ପି ସାକ୍ଷାତ କରି ଦାବିପତ୍ର ପ୍ରଦାନ କରୁଛନ୍ତି।

କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନୂଆପଡା ଜିଲା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନୂଆପଡା ଜିଲା ଗସ୍ତରେ ଆସିଥିବା ଓଡିଶା ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ୨୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାର ଖଟିଖିଆ, ଗରିବ ଶ୍ରେଣୀର ଶ୍ରମିକ, ନିର୍ମାଣ ଶ୍ରମିକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ, ଦାଦନ ପ୍ରବାସୀ, କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ଧାନ ମଣ୍ଡିରେ କାର୍ଯ୍ୟରତ ଶ୍ରମିକ ଓ ଅନ୍ୟାନ୍ୟ ବର୍ଗର ଶ୍ରମିକମାନଙ୍କ ଦୁଃଖର ନିରାକରଣ ପାଇଁ ଉଭୟ ଏମପି ଓ ଆବାହକ ରାଜ୍ୟପାଳ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ଜିଲାକୁ ଦାଦନ ମୁକ୍ତ ସହ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା, ଜିଲା ଶ୍ରମ କାର୍ଯ୍ୟାଳୟକୁ ଖରିଆର ରୋଡଠାରୁ ଜିଲା ସଦର ମହକୁମାକୁ ସ୍ଥାନାନ୍ତରଣ, ସର୍ବନିମ୍ନ ମଜୁରୀ ଘୋଷଣା, ବେଆଇନ ମଦ ବିକ୍ରୟ ବନ୍ଦ, ପଞ୍ଜୀକୃତ ନିର୍ମାଣଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ମାଧ୍ୟରେ ଦୁଇ ମାସରେ ନବୀକରଣ ବ୍ୟବସ୍ଥା, ୬୦ ବର୍ଷ ପରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ପେନସନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ନୂତନ ଜବ କାର୍ଡ ପ୍ରଦାନ ସହ ୩ ଶହ ଦିନର କାମ ସୁନିଶ୍ଚିତ, କେନ୍ଦୁପତ୍ର ଦର ବୃଦ୍ଧି, ଶତ ପ୍ରତିଶତ ବୋନସ, ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ଓ ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ବନ୍ଧାଳୀ ଓ ସିଜିନାଲ କର୍ମଚାରୀଙ୍କୁ ୨୫ ପ୍ରତିଶତ ଇନସେଟିଭ ଆଲାଉନସ, କେନ୍ଦୁପତ୍ର ତୋଳାଳିଙ୍କୁ ସାମାଜିକ କଲ୍ୟାଣ ଓ ନିରାପତା ଯୋଜନାରେ ପୂର୍ବବତ ଶିକ୍ଷା, ଝିଅ ବାହାଘର ଓ ଚିକିତ୍ସା ସହାୟତା, ଧାନମଣ୍ଡିରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି, ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ରାଜ୍ୟ କେଡର ପରିବର୍ତ୍ତେ ଜିଲା କେଡର ଲାଗୁ କରାବା ଆଦି ଦାବି ନେଇ ପ୍ରଦାନ କରି ଆଲୋଚନା କରାଯାଇଥିଲା। ଦୀର୍ଘ ବର୍ଷ ଧରି ଏହି ଦାବି କରି ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ଏମ୍‌ପି ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଭକ୍ତବନ୍ଧୁ ଧରୁଆ ଓ ସୁଖଦେବ ସାହୁ ଉପସ୍ଥିତ ଥିଲେ।

## ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମଦନପୁର,୨୮।୧(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଶ୍ୱମ୍ଭର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ପୁଷ୍ପେନ୍ଦ୍ର ସିଂ ଦେଓ ଜିଲା ପରିଷଦ ଅଧ୍ୟକ୍ଷ, ମଞ୍ଜୁଲତା ଧରୁଆ ଜିଲା ପରିଷଦ ସଭ୍ୟା, ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ମୁଖ୍ୟବକ୍ତା ଭାବେ ସୁରେଶ ପଧାନ ଗୋଛାଡେଙ୍ଗେନ ସରପଞ୍ଚ, ବିରାଟ ମୁଣ୍ଡଛୀନା, ଜୟରାମ ମହାନନ୍ଦ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦାମ ଦୁବେ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ଉନ୍ନତି ସକାଶେ ଅତିଥିମାନେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇ, ପୁରାତନ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ସିଂ, ଡେଭିଡ ରଣା, ରାଜଶ୍ରୀ ନାୟକ, ମୋନାଲିଶା ଭୋଇ ସହଯୋଗ କରିଥିଲେ। ହରିଶ୍ଚନ୍ଦ୍ର ବଗର୍ତ୍ତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିଠୁ ଖଡ଼ିଆଳ ମହୋତ୍ସବ-୨୦୨୪


ଖଡ଼ିଆଳ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଖଡ଼ିଆଳ,୨୮।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୪ ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରସାର ପ୍ରସାର କମିଟି ଆବାହକ ବିମଳ ସିଂ ଦଳପତି ପରମ୍ପିକ ସୂଚନା ଦେବା ପରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ଉପଦେଷ୍ଟା ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ପାଦକ ସୁନୀଲ କୁମାର ସାହୁ, ଉପ ସଭାପତି ସୁଶାନ୍ତ ତାଣ୍ଡି ପ୍ରମୁଖ ମହୋତ୍ସବ ପାଳନ୍‌ର ରୂପରେଖା ନେଇ ଅଯୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖଡ଼ିଆଳ ମହୋତ୍ସବ ଚଳିତ ବର୍ଷ ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ ୨୯ରୁ ଫେବୃଆରୀ ୨ ତାରିଖ ଯାଏଁ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିବର୍ଷ ବିଭିନ୍ନ ଐତିହ୍ୟକୁ ଆକର୍ଷଣୀୟ ରଙ୍ଗମଞ୍ଚ ତିଆରି ହୋଇ ଆସୁଥିବା ବେଳେ ରଙ୍ଗମଞ୍ଚକୁ ମହୀଶୂର ପେଲେସର ରୂପ ଦିଆଯିବ। ମହୋତ୍ସବ ଆହୁରି ଆକର୍ଷଣୀୟ ପାଇଁ ପାରମ୍ପରିକ ଖାଦ୍ୟ ମେଳା, ରଙ୍ଗୋଲି ଏବଂ ଝୋଟି ପ୍ରତିଯୋଗିତା, ଆଲୋଚନାଚକ୍ର ଏବଂ କବିତା ଆସର କରାଯିବ ବୋଲି ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନରେ ସୂଚନା ଦିଆଯାଇଛି ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଅମଳା ଭବନ ଯାଏ ମିନି ମାରାଥନ

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)


ଅନୁଷ୍ଠିତ ମିନି ମାରାଥନ।

କଳାହାଣ୍ଡି ଜିଲା ଭବାନୀପାଟଣାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କିଟ କିସ୍ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ରବିବାର ମିନି ମାରାଥନ ଥିମ 'ଶିକ୍ଷା ସମସ୍ତଙ୍କ ପାଇଁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ ହୋଇ ଅମଳା ଭବନରେ ଶେଷ ହୋଇଥିଲା। ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଓ ପ୍ରଗତି ଗ୍ରୁପର ଅଧ୍ୟକ୍ଷ ଅଜୟ ପଣ୍ଡା ଉଭୟେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅମଳା ଭବନରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଗତି ଗ୍ରୁପର ଅଧ୍ୟକ୍ଷ ଅଜୟ ପଣ୍ଡା, ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡି ଶ୍ୟାମ, ବାଳ ଗୋପାଳ ସେବାନିକେତନର ଅଧ୍ୟକ୍ଷ ହେମନ୍ତ ମୁଣ୍ଡ, ସାମାଜିକ କର୍ମୀ କାଦିର ଖାଁନ, ମୁଖ୍ୟବକ୍ତା ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ଅବିନାଶ ଠାକୁର ପ୍ରମୁଖ ଉପସ୍ଥିତ ରହି ଡ଼. ଅଚ୍ୟୁତଙ୍କ ଏଭଳି କାର୍ଯ୍ୟକ୍ରମ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କିସ୍‌ର ଶିକ୍ଷକ କ୍ଷୀରସିନ୍ଧୁ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି କିସର ଉପ କାର୍ଯ୍ୟ ନିର୍ବାହୀ ଦୁଷ୍ମନ୍ତ କୁମାର ପଧାନ ଉପସ୍ଥିତ ଧନ୍ୟବାଦ ଦେଇଥିଲେ।

## ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଦାବିପତ୍ର

ନୂଆପଡ଼ା,୨୮।୧(ମକାରୁ ବେମାଲ)

ନୂଆପଡା ଜିଲା ଗସ୍ତରେ ଆସିଥିବା ଓଡିଶା ରାଜ୍ୟପାଳ ରଘୁବର ଦାସଙ୍କୁ ଆଦିବାସୀମାନେ ସାକ୍ଷାତ କରି କୋମନା ବ୍ଲକ ମିଛାପାଲି ଅଞ୍ଚଳର ସର୍ବାଙ୍ଗୀନ ମୌଳିକ ବିକାଶ ଉପରେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାର ପଶ୍ଚିମ ଭାଗକୁ ଅବସ୍ଥିତ ସୁନାବେଡା ଅଭୟାରଣ୍ୟ ଭିତରେ ଅନେକ ବର୍ଗର ଆଦିବାସୀ ବାସ କରୁଛନ୍ତି। ଅଭୟାରଣ୍ୟ ଭିତରେ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତ ରହିଥିବା ବେଳେ ପାହାଡର ପାଦଦେଶରେ ମିଛାପାଲି, ଝଗ୍ରାହୀ, ଢୋର୍ଲାମୁଣ୍ଡା, ଦେଓଦର୍ହା, ଆଗ୍ରେନ, ଜଡାମୁଣ୍ଡା, ଦର୍ଲିପଡା, ସିଆଲଲଟି ଆଦି ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ସମ୍ପୂର୍ଣ୍ଣ ଆଦିବାସୀ ଅଧୁଷିତ ପଛୁଆ ଅଞ୍ଚଳ। ଏହି ପଞ୍ଚାୟତରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଆଶାନୁରୂପ ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ସ୍ୱଚ୍ଛଳ ସମ୍ଭବପର ହେଉ ନାହିଁ। ମିଛାପାଲିଠାରେ ଏକ ସମ୍ପ୍ରଦାୟ ବିକାଶ ବ୍ଲକ ଅବସ୍ଥାପିତ କରାଯାଉ, ମିଛାପାଲିଠାରେ ଏକ ଏକଲବ୍ୟ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାରୀଶିକ୍ଷା ବିକାଶ ପାଇଁ ମିଛାପାଲି ସେବାଶ୍ରମ ବିଦ୍ୟାଳୟକୁ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିଣତ, ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ, କୃଷି ଗବେଷଣା କେନ୍ଦ୍ର ଏକ ଶାଖା ଅବସ୍ଥାପିତ, ଆଦିବାସୀ ସଂସ୍କୃତି ଭବନ ନିର୍ମାଣ କରାଯାଉ ବୋଲି ଅଞ୍ଚଳର ଆଦିବାସୀମାନେ ଦାବି କରିଛନ୍ତି। ଏହି ସମସ୍ତ ଦାବି ପୂରଣ କଲେ ଅଞ୍ଚଳର ଆଦିବାସୀମାନେ ଆର୍ଥିକ ସ୍ୱଚ୍ଛଳ ହୋଇ ପାରିବେ ବୋଲି ଗୁହାରୀ କରିଛନ୍ତି।

## ୨୨୦ ତୀର୍ଥଯାତ୍ରୀଙ୍କ ଗୟା, ବାରାଣସୀ ଯାତ୍ରା

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ରେଡକ୍ରସ କଲ୍ୟାଣ ମଣ୍ଡପଠାରେ କଳାହାଣ୍ଡି ଜିଲାର ୨୨୦ ତୀର୍ଥ ଯାତ୍ରୀଙ୍କ ଗୟା ଓ ବାରାଣସୀ ଯାତ୍ରା ଆରମ୍ଭ କରିଛନ୍ତି। ଭବାନୀପାଟଣାରୁ ସେମାନେ ୬ଟି ବସ ଯୋଗେ ରାୟଗଡ଼ାକୁ ଯାଇ ସେଠାରୁ ରେଳ ଯୋଗେ ଗୟା ଓ ବାରାଣସୀ ଯିବେ ବୋଲି ଜଣାପଡିଛି। ସେମାନଙ୍କ ଦାୟିତ୍ୱ ନିର୍ବାହ ପାଇଁ ଜିଲାର ୭ଜଣ ଏସ୍କର୍ଟ ଅଫିସରଙ୍କୁ ଜିଲା ପ୍ରଶାସନ ଦାୟିତ୍ୱ ଦିଆଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଓ ଅଭିନନ୍ଦନ ଜଣାଇଥିଲେ। ପରେ ସବୁଜ ପତାକା ପ୍ରଦର୍ଶନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ଓରମାସର ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଜଜ୍ ଏମ କେରକେଟା ଓ ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

## କିଟ ଆଣ୍ଡ କିସ୍ ପକ୍ଷରୁ ମିନି ମାରାଥନ


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ନୂଆପଡ଼ା,୨୮।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବଞ୍ଜାରୀଠାରୁ ତରବୋଡ ପର୍ଯ୍ୟନ୍ତ ରବିବାର କିଟ ଆଣ୍ଡ କିସ ପକ୍ଷରୁ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନରେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲାପାଳ ପ୍ରତିନିଧି ହେମନ୍ତ ପୁଟା, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ପଲସିପାଣି ସରପଞ୍ଚ ଗଙ୍ଗାରାମ ମାଝି, ବାଞ୍ଜିବାହାଲ ରାଷ୍ଟ୍ରୀୟ ବିଦ୍ୟାପିଠ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ଶବର, ପରଶରାମ ଅହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କିଟ ଏଣ୍ଡ କିସରେ ସମସ୍ତଙ୍କ ପାଇଁ ଶିକ୍ଷା, ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଅଭିନବ ପ୍ରୟାସ ଜାରି ରହିଛି। କିଟ ଏଣ୍ଡ କିସରେ ପାଠ ପଢି ଅନେକ ଛାତ୍ରୀଛାତ୍ର ଉପକୃତ ହୋଇ ସାରିଲେଣି। କିଟ ଏଣ୍ଡ କିସ କ'ଣ ଜାଣିବା ପାଇଁ ମିନି ମାରାଥନ ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟଅତିଥି ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଆୟୋଜିତ ସଭାରେ ମତବ୍ୟକ୍ତ କରିଛନ୍ତି। କିସ ଜିଲା ସଂଯୋଜକ ମନୋଜ ମାଝି ପରିଚାଳନା କରିଥିବା ବେଳେ ହେମନ୍ତ ସିଂ ମାଝି, ପ୍ରମୋଦ ଭୋଇ, ସୁଶାନ୍ତ ମାଝି, ଲକ୍ଷ୍ମୀ ନାରାୟଣ ଶବର, ଜିରାଖାନ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଆନ୍ତଃ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

**ଭବାନୀପାଟଣା ବ୍ରଜ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଜୟୀ**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ରବିବାର ଜିଲାସ୍ତରୀୟ ଆନ୍ତଃ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଭବାନୀପାଟଣା ବ୍ରଜବିହାର ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର ଓ ଅରବିନ୍ଦ ଇଣ୍ଟେଗ୍ରାଲ ଇଜୁକେସନ ସେଣ୍ଟର ମଧ୍ୟରେ ଉଦଘାଟନୀ ମ୍ୟାଚ୍‌ରେ ବ୍ରଜ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଜୟୀ ହୋଇଥିଲା। ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୫ ଉଇକେଟ୍ ହରାଇ ୩୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଜୁକେସନ ସେଣ୍ଟର ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୩ ରନ୍ କରି ୨୯୧ ରନ୍ ରେ ପରାଜିତ ହୋଇଥିଲା। ଟୁର୍ନାମେଣ୍ଟରେ ବ୍ରଜବିହାର ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର ବିବେକା ନନ୍ଦ ଗହୀର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ତେଜରାଜ ଦୁର୍ଗା ଓ ରବିନ୍ଦ୍ର ନାଏକ ଖେଳ ପରିଚାଳନା କରିଥିବାବେଳେ ସ୍କୋର ଦାୟିତ୍ୱ ସାକ୍ଷୀ ଗୋପାଳ ମହାପାତ୍ର ଓ ମନୋଜ ସିଂହ ତୁଲାଇଥିଲେ। ଅତିଥି ଭାବେ ଜିଲା କ୍ରୀଡା ସଂସ୍ଥା କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଅଲମ୍ପିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାର ସନ୍ତ ସିଂ, ଧିରେନ୍ଦ୍ର କୁମାର ପଟ୍ଟନାୟକ, ସର୍ଦାର ନିର୍ମଳ ସିଂ, ଭିକାରୀ ଚରଣ ମିଶ୍ର, ଅଶୋକ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଅବଦୁଲ କାଦିର, ଜିତେନ୍ଦ୍ର ପଟ୍ଟନାୟକ, ରବି ପ୍ରସାଦ କାନୁନ୍ ଗୋ, ବରିଷ୍ଠ ସଭ୍ୟ ବିପିନ ମିଶ୍ର, ଅଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲ। ଓଡିଶା କ୍ରିକେଟ ଆସୋସିଏଶନ୍ ସହାୟତାରେ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଉଥିବାବେଳେ ଫେବୃଆରୀ ୮ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

## ବିଡିଓଙ୍କ ବଦଳି ବାତିଲ ଦାବି କଲେ ସମିତି, ସରପଞ୍ଚ ସଂଘ

ଲାଞ୍ଜିଗଡ଼,୨୮।୧(ରମେଶ ଚନ୍ଦ୍ର ନାୟକ)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସମିତି, ସରପଞ୍ଚ ସଂଘ କର୍ମକର୍ତ୍ତାମାନେ।

- **ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**
- **୨ ମାସ ପୂର୍ବରୁ ଯୋଗଦେଇଥିଲେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବିଡିଓଙ୍କ ବଦଳି ବାତିଲ ଦାବି ନେଇ ଜିଲାପାଳଙ୍କୁ ଭେଟିଲେ ସମିତି ଓ ସରପଞ୍ଚ ସଂଘ କର୍ମକର୍ତ୍ତା। ୨ ମାସ ପୂର୍ବରୁ ବିଡିଓ ଭାବେ ଯୋଗଦେଇଥିବାବେଳେ ଠିକ ଭାବେ ବ୍ଲକର ପ୍ରଶାସନିକ ଦାୟିତ୍ୱ ସମ୍ଭାଳିବା ଆଗରୁ ତାଙ୍କୁ ବଦଳି ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ବ୍ଲକ ଅଞ୍ଚଳରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଛି। ଏପରିକି ଅଳ୍ପ ଦିନ ବ୍ୟବଧାନରେ ବିଡିଓଙ୍କ ବଦଳି ବ୍ଲକର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ଏବଂ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଶିଥିଳ ହେବା ଆଶଙ୍କା କରାଯାଉଛି। ଏହାକୁ ନେଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଜିଲାପାଳ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ତାଙ୍କ ଭବାନୀପାଟଣାସ୍ଥିତ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହିତ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ବଦଳିକୁ ବାତିଲ କରିବାକୁ ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କାର୍ଯ୍ୟରେ ଯୋଗଦେବା ୨ ମାସ ନ ପୂରୁଣୁ ବାହାରିଛି ବଦଳି ନିର୍ଦ୍ଦେଶ। ଆଗକୁ ନିର୍ବାଚନ ଥିବାବେଳେ ପ୍ରଶାସନିକ ଅଧିକାରୀମାନେ ସୁରଖୁରୁ ଭାବେ ନିର୍ବାଚନ ପରିଚାଳନା କରିବାକୁ ଦିନରାତି ପରିଶ୍ରମ କରୁଛନ୍ତି। ବିଶେଷ କରି ବିଡିଓ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଉପରେ ରହିଛି ଗୁରୁଦାୟିତ୍ୱ। ଏହିପରି ମୁହୂର୍ତ୍ତରେ ରାଜ୍ୟ ସରକାର ରାଜ୍ୟର ୧୧୧ଜଣ ପ୍ରଶାସନିକ ଅଧିକାରୀଙ୍କୁ ଅଦଳବଦଳ କରିଛନ୍ତି। ଏଭଳି ସ୍ଥିତିରେ ଲାଞ୍ଜିଗଡ ବ୍ଲକ ଭଳି ଦୁର୍ଗମ ଓ ଆଦିବାସୀ ଅଧୁଷିତ ବ୍ଲକ ବିଡିଓ ପାତ୍ରଙ୍କ ହଠାତ ବଦଳି ନିର୍ଦ୍ଦେଶ ବାହାରିଯିବାରୁ ପ୍ରଶାସନିକସ୍ତରରେ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ଦେଖାଦେଇଛି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ପାହାଡପଦର ସମିତି ସଭ୍ୟ ଜଗଦୀଶ ବେନିଆ, କାନକୁଟରୁ ସମିତି ସଭ୍ୟ ମନୋହର ହରପାଲ, ସରପଞ୍ଚ ବନମାଳୀ ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ରୋଡ଼ ସରପଞ୍ଚ ମମତା ଶବର, ଛତ୍ରପୁର ସରପଞ୍ଚ ସୁଷମା ମାଝି, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝି, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ଭୁର୍ଟିଗଡ଼ ସରପଞ୍ଚ ଦାନଦେଇ ମାଝି, ସମିତିସଭ୍ୟ ଶ୍ରୀଦେବୀ ମହାନନ୍ଦ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝି, ଭଟାଙ୍ଗପଦର ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆ, ସରପଞ୍ଚ ଦଶମୀ ମାଝି, ବେନଗାଁ ସରପଞ୍ଚ ପୁରାଣା ମାଝି, ସମିତି ସଭ୍ୟ ଯଶୋବନ୍ତି ନାଏକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଜନ ପ୍ରତିନିଧି ଜିଲାପାଳଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେବା ସହିତ ବିଡିଓ ପାତ୍ରଙ୍କ ବଦଳି ବାତିଲ କରିବାକୁ ନିବେଦନ କରିଛନ୍ତି।

## ଆଜି କର୍ଡ଼ଙ୍ଗ ଆସୁଛନ୍ତି ରାଜ୍ୟପାଳ

ବିନିକା,(ରାମ ଗୋପାଳ ବାଘ ):ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କର୍ଡ଼ଙ୍ଗ ଗ୍ରାମକୁ ରାଜ୍ୟପାଳ ରଘୁବର ଦାସ ସୋମବାର ଆସିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଜଣାପଡିଛି । ରାଜ୍ୟପାଳ ଅପରାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ପହଞ୍ଚିବେ । ପ୍ରଥମେ ପିଏମଏୱାଇ ହିତାଧିକାରୀଙ୍କ ସହିତ ଆଲୋଚନା କରିବା ପରେ କର୍ଡ଼ଙ୍ଗ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

### ସଂକ୍ଷେପରେ

## ଘଣ୍ଟାପଡ଼ା ଡିଗ୍ରୀ କଲେଜରେ ମିନି ମାରାଥନ

ଘଣ୍ଟାପଡ଼ା,୨୮।୧(ପ୍ରଭାତ କୁମାର ସାହୁ)

ସମସ୍ତଙ୍କ ପାଇଁ ଶିକ୍ଷା ଉପରେ କିଟ ଓ କିସ ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର କୋଡିନେଟର ସମିର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ଡିଗ୍ରୀ କଲେଜରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଉକ୍ତ ମିନି ମାରାଥନକୁ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ଓ ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ନୀଳାଚଳ ଭୋଇ ସବୁଜ ପତାକା ଦେଖାଇ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନେ କଲେଜରୁ ଘଣ୍ଟାପଡ଼ା ବଜାର, ସ୍ଥାନୀୟ ସମଲେଶରୀ ମନ୍ଦିର ଦେଇ ପୁଣି କଲେଜକୁ ଆସିଥିଲେ । ପରେ କିସ୍ ଓ କିଟର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍ପି ଅଚ୍ୟୁତ ସାମନ୍ତଙ୍କ କଣ୍ଟାମାଳ ପ୍ରତିନିଧି ଶମ୍ଭୁପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ କଣ୍ଟାମାଳ ବିଧାୟକ ମହିଧର ରଣାଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରଣା, ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଶିକ୍ଷାବିତ ନୀଳାଚଳ ଭୋଇ, କଲେଜ ପରିଚାଳନା ସଭାପତି କାର୍ତ୍ତିକେଶର ବେହେରା , ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ବିଜେଡି ଜିଲା ସଂଯୋଜନ ପ୍ରଶାନ୍ତ ରଣା, ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝୀ, କଲେଜର ଅଧ୍ୟକ୍ଷ ଗିରିଧର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କ ପାଇଁ ଶିକ୍ଷା ଓ ମିନି ମାରାଥନ ଉପରେ ବକ୍ତବ୍ୟ ରଖିଥିଲେ। ଶିବଶଙ୍କର କାଳସେ ସଭା ପରିଚାଳନା କରିଥିବା ବେଳେ ଉମେଶ ରଣା ଧନ୍ୟବାଦ ଦେଇଥିଲେ।

# ତୃତୀୟ ଗନ୍ଧରାଢ଼ୀ ଲୋକ ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ/ବାଉଁଶୁଣୀ,୨୮।୧(ଅଜିତ କୁମାର ବାରିକ/ଦେବାଶିଷ ନେପାକ)


ଗନ୍ଧରାଢୀ ମହୋତ୍ସବର ଉଦ୍‌ଘାଟନୀ ସଭାରେ ଅତିଥି।

ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଢୀ ପୀଠଠାରେ ତୃତୀୟ ଗନ୍ଧରାଢୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଐତିହାସିକ ଗନ୍ଧରାଢୀ ପୀଠ ଓ ହର, ହରି, ପଶ୍ଚିମ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବିରାଟ ମଶାଲ ଶୋଭଯାତ୍ରା ମହୋତ୍ସବ ପଡିଆକୁ ଯାଇଥିଲା । ଗୀତ, ଶଙ୍ଖବାଦ୍ୟ, ଘଣ୍ଟ, ଢୋଲ, ନିଶାନ, ତାସା ଓ ନାମ ସଂଙ୍କୀର୍ତ୍ତନର ତାଳେ ତାଳେ ସ୍ଥାନୀୟ କଳାକାରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମହୋତ୍ସବ ପଡିଆରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ

### ଢୋଲ , ନିଶାନ, ତାସାରେ ଦୁଲୁକିଲା ମଞ୍ଚ

, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ଜିଲା ପରିଷଦ ସଭ୍ୟା କଳ୍ପନା ରାଣୀ ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ଗୁରୁ ଗଗନ ଗୁରୁଜୀ ମଞ୍ଚାସୀନ ଥିଲେ। ଗନ୍ଧରାଢୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କମିଟିର ଉପସଭାପତି ମନୋରଞ୍ଜନ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଶମ୍ଭୁ ଗିରି ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରୀଛାତ୍ର ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରୀ ନାଚ ଗୀତ, ଢୋଲ, ନିଶାନ, ତାସାରେ ପୁରା ମଞ୍ଚ ଦୁଲୁକି ଉଠିଥିଲା। ଲୋକ ମହୋତ୍ସବକୁ ସରସ ସୁନ୍ଦର ଆର୍କଷଣୀୟ କରିବାକୁ ମୀନାବଜାର ପଡିଥିବା ବେଳେ ଦର୍ଶକ ଖାଦ୍ୟ ଷ୍ଟଲର ମଜା ନେଇଥିଲେ । ମଞ୍ଚକୁ ଜଗନ୍ନାଥ ସାହୁ ଓ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ ।

## ଅସୁରଗଡ଼ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ମନମୁଣ୍ଡା,୨୮।୧(ବେଣୁଧର ପ୍ରଧାନ)

ରବିବାର କଣ୍ଟାମାଳ ବ୍ଲକ ମନମୁଣ୍ଡା ତେଲନଦୀ କୂଳରେ ଆୟୋଜିତ ପ୍ରଥମ ଅସୁରଗଡ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ ସଭାରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି , ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମାଳୟା ପ୍ରଧାନ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ସିମିଳିପଦର ସରପଞ୍ଚ ସାର୍ଦ୍ଦୁଳ ନାଗ, ବରିଷ୍ଠ ଆଇନଜୀବୀ ରାଧା ବଲ୍ଲଭ ପ୍ରଧାନ ଯୋଗ ଦେଇଥିଲେ। ନାରାୟଣ ପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ, ସମାଜସେବୀ ପ୍ରଶାନ୍ତ ରଣା, ବାଳମୁକୁନ୍ଦ ମେହେର, ଶାନ୍ତନୁ ଥାଟ୍ଟିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଉପଭୋଗ କରିଥିଲେ ।


ଅସୁରଗଡ ଲୋକ ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

# ଜ୍ଞାନ ହୋତାଙ୍କ ବ୍ୟଙ୍ଗରେ ଦର୍ଶକ ବିଭୋର



ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ,୨୮।୧(ଅଜିତ କୁମାର ବାରିକ)

### ହରଭଙ୍ଗା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୌଦ୍ଧ ଜିଲା ହରଭଙ୍ଗା ଲୋକ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟାମାଳ ପୂର୍ବତନ ବିଧାୟକ ଭଗବାନ କହଁର, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ହରଭଙ୍ଗା କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ, ଛତ୍ରଙ୍ଗ ସରପଞ୍ଚ ବିନୋଦିନୀ ପ୍ରଧାନ, ମହୋତ୍ସବ କମିଟି ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ସଭାପତି ସୁବୋଧ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ଭୋକ୍ତା ଯୋଗ ଦେଇଥିଲେ। ନଟରାଜ କଳାମନ୍ଦିର ଫୁଲବାଣୀ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କ ହାସ୍ୟ ରସାତ୍ମକ ବ୍ୟଙ୍ଗରେ ଦର୍ଶକ ବିଭୋର ହୋଇଥିଲେ। ଶରଣାବିନ୍ଦ ଏବଂ ସିନେ ଅଭିନେତ୍ରୀ ଶୋଭା ରାଉତଙ୍କ ନାଚ ଗୀତରେ ଦର୍ଶକ ଭରପୁର ମଜା ଉଠାଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ମିନାବଜାର ସହିତ ଚଟପଟି ଖାଦ୍ୟ ଷ୍ଟଲରେ ବେଶ ଭିଡ଼ ଜମିଥିଲା। ସଞ୍ଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ମତଦାତା ଦିବସରେ ଶପଥ ପାଠ

ବିନିକା,୨୮।୧( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷା ରେଖା ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ନୀଳମାଧବ ଛତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନିସ ଆଚାର୍ଯ୍ୟ, ଝସକେତନ ମେହେର, ଗରିବ ସାଲମା,ବିଜୟ ସାହୁ, ଆର୍ଶୀବାଦ ପଧାନ, ଝଲକ ମିଶ୍ର, ଅଭିଳାଷ ମିଶ୍ର ଯୋଗଦେଇ ମତଦାନ ଅଧିକାରର ଉପାଦେୟତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରି ମତଦାନ ନେଇ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନ ଦ୍ୱିପ୍ରହରରେ ଘରେ ପଶି ଚୋରି

ଡୁଙ୍ଗୁରିପାଲି,୨୮।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ବସ୍ତିର ରବୀନ ମେହେରଙ୍କ ଘରେ ଦିନ ଦ୍ୱିପ୍ରହରରେ କେହି ଦୁର୍ବୃତ୍ତ ପଶି ଏକ ମୋବାଇଲ ଓ ସୁନା ଚେନ ଲୁଟି ନେଇଛି । ମେହେରଙ୍କ ସ୍ତ୍ରୀ ଘରର ଉପର ମହଲାରେ କୌଣସି କାମରେ ବ୍ୟସ୍ତ ଥିବା ବେଳେ ତଳ ମହଲାରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଘର ଥାକରେ ଥିବା ମୋବାଇଲ ଓ ସେଠାରେ ଥିବା ସୁନାଚେନ ନେଇଯାଇଛି । ଏ ନେଇ ମେହେର ରାମପୁର ଥାନରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏସଆଇ ଅବିନାଶ ପଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ


ଦିଗଶିରା ଗଣ୍ଡାପଡାଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅତିଥିବୃନ୍ଦ ।

ଡୁଙ୍ଗୁରିପାଲି,୨୮।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ଗଣ୍ଡାପଡ଼ାଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସ୍କୁଲର ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଦିଗଶିରା ପଞ୍ଚାୟତର ସମିତି ସଭ୍ୟା ମମତା ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦିଗଶିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲବ ମେହେର, ୧୦ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ମେମ୍ବର ଦୀନବନ୍ଧୁ ସୁନା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପୃଥ୍ୱୀରାଜ ସିକନ କରିଥିଲେ। ସୁରେଶ ବାଗ, ମହୀପାଲ ଦୀପ, ହିମାଂଶୁ ସୁନା, ପ୍ରଦୀପ ମହାନନ୍ଦଙ୍କ ସମେତ ପଡ଼ାର ବହୁସଂଖ୍ୟକ ମହିଳା ପୁରୁଷ ଉପସ୍ଥିତ ଥିଲେ । ସେହିପରି ଡୁଙ୍ଗୁରିପାଲି ବହୁଜନ ସମାଜ ପାର୍ଟି ପକ୍ଷରୁ ବସଷ୍ଟାଣ୍ଡ ଚାରିଛକଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆମ୍ବେଡକରବାଦୀ ଜିଲା ବାମସେଫ କୋଡିନେଟର ତଥା ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜର ଉପସଭାପତି ଖଗେଶ୍ୱର କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବହୁଜନ ସମାଜ ପାର୍ଟିର ରାଜୁ ନନ୍ଦ, କୃଷ୍ଣ ବାଗ, ସୁନାଧର ବାଗ, ବ୍ଲକ ଆଦିବାସୀ ସଂଘର ସଭାପତି ଶ୍ୟାମସୁନ୍ଦର ଭୋଇ ଯୋଗ ଦେଇଥିଲେ। ଏସସି, ଏସଟି ଷ୍ଟଲ ପରିସରରେ ହୋଇଥିବା ସାଧାରଣତନ୍ତ୍ର ଦିବସରେ ଜିଲା ଆଦିବାସୀ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ଦଣ୍ଡସେନା, ଗଙ୍ଗା ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୈଦୁପାଲି ସରପଞ୍ଚ ମିନତୀ ସା ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ ।

## ହରଭଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସନତ ବିଶିଙ୍କ ପରଲୋକ

ବୌଦ୍ଧ,୨୮।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସନତ ବିଶି(୮୨)ଙ୍କ ରବିବାର ଦିନ ତାଙ୍କ ଖଜୁରିଆ ବାସଭବନରେ



ପରଲୋକ ହୋଇଯାଇଛି। ସ୍ୱର୍ଗତ ବିଶି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ସେ ହରଭଙ୍ଗା ବ୍ଲକର ଅଧ୍ୟକ୍ଷ ଭାବରେ ୧୯୮୪ ମସିହାରୁ ୧୯୮୯ ମସିହା ପର୍ଯ୍ୟନ୍ତ ରହିଥିବା ବେଳେ ତିଳେଶ୍ୱର ଗ୍ରାମ ପଞ୍ଚାୟତରେ ଦୁଇଥର ସରପଞ୍ଚ ହୋଇଥିଲେ। ସେ ଜଣେ ପରୋପକାରୀ, ସମାଜସେବୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତିଳେଶ୍ୱର ଫୁଟବଲ ଟୁର୍ନାମେଣ୍ଟ ମଧ୍ୟ ଆରମ୍ଭ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ବେଳେ ପୁଅ ଆଇନଜୀବୀ ଦେବରଞ୍ଜନ ବିଶି ମୁଖାଗ୍ନି ଦେଇଥିଲେ।

# ‘ଶିକ୍ଷା ସମସ୍ତଙ୍କ ପାଇଁ ବାର୍ତ୍ତା’ ନେଇ ମିନି ମାରାଥନ

ବୌଦ୍ଧ,୨୮।୧(ଅଜିତ କୁମାର ବାରିକ )



ମିନି ମାରାଥନକୁ ମନ୍ତ୍ରୀ ପ୍ରଦୀପ ଅମାତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରଛନ୍ତି ।

ଶିକ୍ଷା ସମସ୍ତଙ୍କ ପାଇଁ ଏକ ବାର୍ତ୍ତା ନେଇ କିସ୍ ଓ କିଟ ପକ୍ଷରୁ ରବିବାର ଦିନ ବୌଦ୍ଧ ସହରରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। କିସ୍ ଓ କିଟର ସହକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମାରାଥନ ବୌଦ୍ଧ ସହରର ମର୍ଯ୍ୟାକୁଦ ବିଜ୍ର ଛକଠାରୁ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗଦେଇ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏହି ମାରାଥନ ସହରର ୱାରଲେସ ଛକ, ପୋଡାପୋଡା ଛକ, ଗାନ୍ଧୀଛକ, ଏନଏସି ଛକ ଦେଇ ଜିଲା ଷ୍ଟାଡିୟମଠାରେ ଶେଷ ହୋଇଥିଲା। ମାରାଥନରେ ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ମଡେଲ ଡିଗ୍ରୀ ଓ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବୁଟୁପାଲି, ମର୍ଯ୍ୟାକୁଦ, ଟୁଟୁସିଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ରେଡକ୍ରସ, ଏନସିସିର ଛାତ୍ରୀଛାତ୍ର ସାମିଲ ଥିଲେ। ଏହି ଅବସରରେ ଜିଲା ଷ୍ଟାଡିୟମଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ଜିଲା କ୍ରୀଡା ସଂଘ ସମ୍ପାଦକ ରବିନ୍ଦ୍ର କୁମାର ରାଉତ ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ ଶିକ୍ଷା ନେଇ ମତବ୍ୟକ୍ତ କରିଥିଲେ। ସଭାକୁ ସୁମନ ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳିତ

ବିନିକା,୨୮।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସିଦ୍ଧାର୍ଥ କଲେଜ ପଡିଆରେ ଏନଏସି ତରଫରୁ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ପରେଡରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ କଲେଜ ପଡିଆରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନଗରପାଳ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ତପସ୍ୱିନୀ ମେହେରଙ୍କ ସମେତ କାଉନସିଲର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଅମରପାଲି,୨୮।୧(ପୀତାମ୍ବର ସାହୁ)

### ପ୍ରଫୁଲ୍ଲ ରଥ ସଭାପତି, ସନ୍ତୋଷ ଷଡ଼ଙ୍ଗୀ ସମ୍ପାଦକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଗଠନ ସଭାଗୃହରେ କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନିର୍ବାଚନରେ ସର୍ବସମ୍ମତିକ୍ରମେ ପ୍ରସନ୍ନ କୁମାର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାଢ଼ୀ, ଶ୍ରୀନିବାସ ଅଗ୍ରୱାଲା, ଗୋପୀନାଥ ମହାକୁର, ଧ୍ରୁବ ଚରଣ ଦାସ,ଗୋଲକ ବିହାରୀ ଦେହୁରୀ,ଭୂଷଣ କୁମାର ପାତ୍ର ଓ ଭଗବାନ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଡ.ପ୍ରଫୁଲ୍ଲ କୁମାର ରଥ ଙ୍କୁ ସଭାପତି,ସୁଦାମ ସେଠୀ ଓ ସୌମିତ୍ରୀ ମେହେରଙ୍କୁ ଉପସଭାପତି, ସନ୍ତୋଷ ଷଡ଼ଙ୍ଗୀଙ୍କୁ ସମ୍ପାଦକ,ବଳରାମ କାଣ୍ଡ ସହ ସମ୍ପାଦକ ଏବଂ ଦୟାନିଧି ହୋତାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଧନୁ ପ୍ରଧାନ, ପ୍ରଶାନ୍ତ ଶତପଥୀ, ଅକ୍ରୁର ଦନ୍ତା, ଦିଲିପ ତ୍ରିପାଠୀ, ସୁରୁ ସାହୁ, ଦିଲିପ ମିଶ୍ର, ଶ୍ୟାମ ସୁନ୍ଦର ସେଠୀ, ଶିବ ରମଣ ପଣ୍ଡା, ବାସୁଦେବ ପଣ୍ଡା, ପଦ୍ମିନୀ ମିଶ୍ର, ଜ୍ୟୋର୍ତିମୟୀ ମିଶ୍ର ପ୍ରମୁଖ କାର୍ଯ୍ୟକାରୀ ସମିତିର ସଭ୍ୟାସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତା ଙ୍କୁ କୃଷ୍ଣଚନ୍ଦ୍ର ପାଢ଼ୀ ଶପଥ ପାଠ କରାଇଥିଲେ। ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମୃଦ୍ଧ ଭାରତ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)



ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନରେ ଜାତୀୟସ୍ତରର ଅନୁଷ୍ଠାନ ତପସ୍ୱିନୀ ପକ୍ଷରୁ ମାତୃଶକ୍ତି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଚିନ୍ତନରେ ମହିଳା, ସ୍ଥାନୀୟ ମହିଳାଙ୍କ ସ୍ଥିତି, ସମସ୍ୟା ଓ ଭବିଷ୍ୟତ ଭାରତ ନିର୍ମାଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ସମ୍ମିଳନୀରେ ଦିବସ ବ୍ୟାପି ଆଲୋଚନା ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଦେଶର ଜନସଂଖ୍ୟାର ୫୦ ପ୍ରତିଶତ ମହିଳା। ସେମାନଙ୍କୁ ସବୁ କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ ହେବାକୁ ପଡିବ। ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନ କହିଥିଲେ। ଦୃଷ୍ଟି ତ୍ରିଶକ୍ତି ଅଧ୍ୟୟନ ପ୍ରବୋଧନର କେନ୍ଦ୍ରୀୟ ପ୍ରମୁଖ ଭାଗ୍ୟଶ୍ରୀ ସାଠେ ମୁଖ୍ୟବକ୍ତା ଭାବେ ଯୋଗଦାନ

### ସୁବର୍ଣ୍ଣପୁରରେ ମାତୃଶକ୍ତି ସମ୍ମିଳନୀ

କରି ଭବିଷ୍ୟତ ଭାରତ ନିର୍ମାଣରେ ମହିଳାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୀନା ମହାରଣା, ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ତପସ୍ୱିନୀର ରାଜ୍ୟ ସଭାପତି ହେମାଙ୍ଗିନୀ ମେହେର ଓ ରାଜ୍ୟ ସଂଯୋଜିକା ରାଜଶ୍ରୀ ମହାପାତ୍ର ଯୋଗଦାନ କରି ମହିଳାଙ୍କୁ ସ୍ୱାବଲମ୍ବୀ ହେବା ସହିତ ଦେଶ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲାର ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ତପସ୍ୱିନୀ ସୁବର୍ଣ୍ଣପୁର ଜିଲା ଶାଖାର ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ସଞ୍ଜୁରାଣୀ ସିଂ, ପୂର୍ଣ୍ଣିମା ସା, ଆରତୀ ଖମାରୀ, ପ୍ରଭାସିନୀ ପଟ୍ଟନାୟକ ଓ ସରିତା ସାହୁ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା କାର୍ଯକ୍ରମରେ ଅଂଶଗ୍ରହଣ କରିଥିଲେ।

**ସଂକ୍ଷେପରେ**

## କୂଅରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

ହେମଗିର,୨୮।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଅଧୀନ ଛତାବର ଡୁଙ୍ଗୁରିପଡା ନିକଟ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତକ ହେଲେ ଛତାବର ଗ୍ରାମର ହୃଷୀକେଶ ମାଝି(୪୮)। ତେବେ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରି କୁଅରେ ଫିଙ୍ଗାଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି।

## ପିକ୍‌ଅପ୍ ଭ୍ୟାନ୍-କାର୍ ଦୁର୍ଘଟଣାଗ୍ରସ୍ତ

ବେଦବ୍ୟାସ,୨୮।୧(ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥର ବେଦବ୍ୟାସ ଟିସିଆଇ ଛକ ନିକଟରେ ରବିବାର ପୂର୍ବାହ୍ନରେ ବାଉଁଶ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ବାଉଁଶ ପିକ୍‌ଅପ୍ ଭ୍ୟାନ୍ ସମ୍ପୂର୍ଣ୍ଣ ଓଲଟି ପଡିଥିବା ବେଳେ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ସେହିପରି କାର୍ ଚାଳକ ମଧ୍ୟ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଉକ୍ତ ପିକଅପ୍ ଭ୍ୟାନ ସ୍ଥାନୀୟ ଟେଣ୍ଟହାଉସ ମାଲିକଙ୍କର ବୋଲି ଜଣାପଡ଼ିଛି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କେସିଙ୍ଗା,୨୮।୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ପରଲସିଙ୍ଗା ଗ୍ରାମପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସରପଞ୍ଚ କୃତାଞ୍ଜଳ ଗୌଡ଼ଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ, ବିଧାୟକଙ୍କ ପ୍ରତିନିଧି ଶନ୍ତୋଷ ଶର୍ମା, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡିଓ ପଦ୍ମନାଭ ପୁରୋହିତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରା, ଚାଞ୍ଚେର ନିର୍ବାହୀ ଅଧିକାରୀ ଲେମ୍ବୁ ଶିଖା, ପରଲସିଙ୍ଗା ନିର୍ବାହୀ ଅଧିକାରୀ ଝସକେତନ ସାହୁ, ଖାଦ୍ୟ ଯୋଗାଣ ସହକାରୀ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଡିଓ ପଦ୍ମନାଭ ବିଭିନ୍ନ ପ୍ରକଳ୍ପ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମିଶନ ଶକ୍ତି, ବିଭିନ୍ନ ଉନ୍ନୟନ, ଲକ୍ଷ୍ମୀ ବସ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଉତ୍କେଳା ବିମାନ ବନ୍ଦର, କୃଷି ଆଦି ବିଷୟରେ ଅଧ୍ୟକ୍ଷ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଖଡ଼ିଆଳ/ବୋଡେନ, ୨୮।୧(ସୁଜିତ କୁମାର ପ୍ରଧାନ/ ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହିଳାଙ୍କୁ ସଶକ୍ତ କରିବା ସହ ପ୍ରତିକୂଳ ପରିସ୍ଥିତି ମୁକାବିଲା ପାଇଁ ମନୋବଳ ବୃଦ୍ଧି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ୱାର୍ଡ ସଭ୍ୟ ତଥା ପୂର୍ବତନ ଖେଳାଳି ସୁବେର ସିଂ ଦେଓ ଯୋଗଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିଲେ। କଳ୍ପଶ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ମମତା ସାହୁ, ଜ୍ୟୋସ୍ନା ସାହୁ, ଇପଶୀତା ହୋତା, ସୁଜିତ୍ କୁମାର ପାତ୍ର, ଗିରିଶୁତା ଛତ୍ରିଆ, ପାନଙ୍ଗ ସିଂ ନିନା, ଲିଲି ସାହୁ, ସୁଭାଷିନୀ ସେଠୀ, ଟଙ୍କଧର ଭରାସଗରିଆ ସହଯୋଗ କରିଥିବା ବେଳେ ପ୍ରଶିକ୍ଷକ ନିଳୀମା ବାରିକ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ବିଭିନ୍ନ ତାଲିମ ଦେଇଥିଲେ। ସେହିପରି ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ ଅଧ୍ୟକ୍ଷତା କରିଥିଲେ। ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଇତିହାସ ପ୍ରାଧ୍ୟାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ସାମୁଏଲ ଦାନୀ, ମାଷ୍ଟର ଟ୍ରେନର ପଲ୍ଲବୀ ବାଗ, ମୌସୁମୀ ଜଗତ, ପୁଷ୍ପାଞ୍ଜଳି ସାହୁ ଆତ୍ମରକ୍ଷା ତାଲିମ ଦେଇଥିଲେ।

# ଯାତ୍ରୀବାହୀ ଅଟୋରେ ଘରୋଇ ଗ୍ୟାସ୍ ଚାଲାଣ

ରାଉରକେଲା,୨୮।୧(ଦିନେଶ ମିଶ୍ର)

ଷ୍ଟିଲସିଟି ରାଉରକେଲାରେ ଦିନକୁ ଦିନ ଗ୍ୟାସ କଳାବଜାର ବଢିବାରେ ଲାଗିଛି। ଅଧିକ ଟଙ୍କା ଲୋଭରେ ଗ୍ୟାସ କଳାବଜାରୀମାନେ ସହରର ବିଭିନ୍ନ ଜଳଖିଆ, ଫାଷ୍ଟଫୁଡ, ହୋଟେଲମାନଙ୍କରେ ଏହି ରନ୍ଧନ ଗ୍ୟାସକୁ ବେଆଇନ ଭାବେ ସ୍କୁଟି ଓ ଯାତ୍ରୀବାହୀ ଅଟୋ ଯୋଗେ ପହଞ୍ଚାଉଛନ୍ତି। ଏଭଳି ଦୃଶ୍ୟ ରାଉରକେଲା ମେନ୍‌ରୋଡ ଡେଲିମାର୍କେଟ, ପ୍ଲାଣ୍ଟସାଇଟ, ବାସନ୍ତୀ କଲୋନୀ, କୋଏଲନଗର, ଛେଣ୍ଡ, ପାନପୋଷ ବସ୍ତି ଓ ସେକ୍ଟରର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଛି।

ଏଭଳି ଭାବେ ରାଉରକେଲା ଡେଲି ମାର୍କେଟ ଅଞ୍ଚଳର ରାସ୍ତାକଡ଼ ଜଳଖିଆ ଦୋକାନରେ ଘରୋଇ ଗ୍ୟାସ୍ ବ୍ୟବହାର କରାଯାଉଛି। ବାସନ୍ତୀ କଲୋନୀ ଭେଣ୍ଡିଂ ଜୋନ ମାର୍କେଟରେ ଥିବା କିଛି ଫାଷ୍ଟଫୁଡ ଦୋକାନରେ ଏକାଧିକ ଗ୍ୟାସ ଟାଙ୍କି ରଖି କାରବାର ଜିନିଷ ତିଆରି କରାଯାଉଛି। ଏହି ବ୍ୟବସାୟୀମାନେ ଗୋଟିଏ ଗ୍ୟାସ୍ ଟାଙ୍କିକୁ ପିଛା ୧୫ଶହରୁ ୨ ହଜାର ଟଙ୍କା ଦେଇ କିଣୁଥିବା ଜଣାପଡିଛି। ରାଉରକେଲା ସହରରେ କିଛି ଗ୍ୟାସ୍ କଳାବଜାରୀ ନିଜ ଘରେ ଏକାଧିକ କମ୍ପାନୀର ଟାଙ୍କି ରଖି ଡିଲରଙ୍କୁ ଅଧିକ ଅର୍ଥ ଦେଇ ଭିତରିଆ ଟାଙ୍କି ଫିଲିଂ କରୁଛନ୍ତି। ସେହିପରି ଆଉ କିଛି ବ୍ୟବସାୟୀ ନାଲାରୋଡ୍, ଡେଲିମାର୍କେଟ ଓ ସେକ୍ଟର ଅଞ୍ଚଳରେ ଗ୍ୟାସ୍ ମରାମତି ଦୋକାନ ଖୋଲି ସେଠାରେ ବେଆଇନ ଭାବେ ଗ୍ୟାସ କେଜି ପିଛା ୨ଶହରୁ ସାଢେ ୩ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଉଜ୍ଜ୍ୱଳା ଯୋଜନାର ଗ୍ୟାସ୍ କଳାବଜାର ହେଉଥିବା ନଜରକୁ ଆସିଛି।

ଗ୍ୟାସ୍ ଟାଙ୍କି ପରିବହନ ପାଇଁ ଏକ ଆବଦ୍ଧ ଗାଡ଼ି ବ୍ୟବସ୍ଥା ସହ ସ୍ୱତନ୍ତ୍ର ନିୟମ ରହିଥିବାବେଳେ ସହରରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। କଳାବଜାରୀମାନେ ମନଇଚ୍ଛା ଯାତ୍ରୀବାହୀ ଅଟୋ ନଚେତ ନିଜ ଗାଡିରେ ଲଦି ଗ୍ରାହକଙ୍କ ପାଖରେ ପହଞ୍ଚାଇ ଚଢାଦର ନେଉଛନ୍ତି। ସହରରେ ଏଭଳି ଗ୍ୟାସ ଚାଲାଣ ହେଉଥିବାବେଳେ ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ଦିନକୁ ଦିନ ସହରରେ ଗ୍ୟାସ କଳାବଜାର ବଢୁଛି। ୨୦୨୨-୨୦୨୩ ବର୍ଷରେ ରାଉରକେଲାରେ ଯୋଗାଣ ବିଭାଗ ପକ୍ଷରୁ ମାତ୍ର ୭ଟି ସ୍ଥାନରେ ଚଢାଉ କରାଯାଇଛି। ବିଭିନ୍ନ ସମୟରେ ଗ୍ୟାସ କଳାବଜାରଙ୍କ ଉପରେ ଚଢାଉ ହେଉ ନ ଥିବାରୁ ସହରରେ ଖୁଲମଖୁଲା ଗ୍ୟାସ ଚୋରା ଚାଲାଣ ବଢିଚାଲିଛି। ଏଥିପ୍ରତି ସ୍ଥାନୀୟ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଯୋଗାଣ ଅଧିକାରୀ ଲିପ୍‌ସା ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଘରୋଇ ଗ୍ୟାସ୍ ଟାଙ୍କି ବେଆଇନ ଚାଲାଣକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ତଥାପି ଆମେ ସହରରେ ବେଆଇନ ଗ୍ୟାସ ଚାଲାଣକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଖୁବ ଶୀଘ୍ର ଗଠନ କରି ଚଢାଉ କରାଯିବ।



ଯାତ୍ରୀବାହୀ ଅଟୋରେ ଗ୍ୟାସ୍ ଚାଲାଣ କରାଯାଉଛି।

# କ୍ୱାର୍ଟର ଫାଇନାଲରେ ଆର୍‌ଏସ୍‌ପି




କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୮।୧(ଦିନେଶ ମିଶ୍ର)

**ପ୍ରକାଶ ସ୍ମାରକୀ କ୍ରିକେଟ**

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟରେ ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ଦଳ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍ ଆରଏସ୍‌ପି ଓ ଝାଡ଼ଖଣ୍ଡ ରାଞ୍ଚି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଞ୍ଚି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୧୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରିନ୍ସସିଂ ମାତ୍ର ୫୫ ବଲ ଖେଳି ସର୍ବାଧିକ ୬୭ ରନ୍ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆର୍‌ଏସ୍‌ପି ଦଳ ୨୭ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଆଜିର ମ୍ୟାଚ୍‌ରେ ସ୍କାନ ଷ୍ଟିଲ୍‌ର ମାଲିକ ଅର୍ଚ୍ଚନା ଗରୋଡିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆରଏସ୍‌ପି ପକ୍ଷରୁ ପିଙ୍କୁ ମହାରଣା ୪୫ ବଲ ଖେଳି ସର୍ବାଧିକ ୫୫ ରନ ସଂଗ୍ରହ କରିଥିଲେ। ଏହାସହ ୬ ଓଭର ବୋଲିଂ କରି ୩୧ ରନ ଦେଇ ସର୍ବାଧିକ ୩ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ସୁଜଲ କୁମାର ସିଂ ଓ ଯଶୋବନ୍ତ ଚନ୍ଦ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଆରଏସ୍‌ଏ ଓ ସନ୍‌ରାଇଜର ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବର ସଭାପତି ବାନାମ୍ବର ସାହୁ ସୂଚନା ଦେଇଛନ୍ତି।

# ଜାତୀୟ ମତଦାତା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ରାଉରକେଲା,୨୮।୧(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମହେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାର ଗଠନରେ ମତଦାନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡକ୍ଟର ବେହେରା ଏହି ଦିବସ ପାଳନ ସମ୍ପର୍କରେ ସୂଚନା ଦେବା ସହ ତତ୍‌କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ପ୍ରଥମେ ୨୦୧୧ ମସିହାରେ ଜାତୀୟ ଭୋଟର ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶକୁ ବିକାଶ ଓ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଖଣ୍ଡେ ଭୋଟର ମୂଲ୍ୟ ରହିଛି। ତେଣୁ ଚଳିତ ବର୍ଷ ଭୋଟଦେବାକୁ ଥିବା ପ୍ରତେକ ନାଗରିକ ନିଜ ଭୋଟ୍‌କୁ ଦେବା ପାଇଁ ଅଧ୍ୟକ୍ଷ ଡକ୍ଟର ବେହେରା ଆହ୍ୱାନ ଦେଇଥିଲେ। ରାଜନୀତି ବିଭାଗର ମୁଖ୍ୟ ଚୌଧୁରୀ ପ୍ରଦୋଷ ରଞ୍ଜନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରାମେଶ୍ୱରୀ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୁଷ୍ଟି ଭାରତର ନିର୍ବାଚନ ଆୟୋଗଙ୍କ ପ୍ରଦତ୍ତ ପ୍ରତିଜ୍ଞା ପତ୍ରର ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଐଶ୍ୱର୍ଯ୍ୟା ରାଉତ, ଭୋଳାନାଥ ମଲ୍ଲିକ ଓ ସୂର୍ଯ୍ୟକାନ୍ତ ରାଉତ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଞ୍ଜିତା ବଡାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ: ଝାଡ଼ତରଙ୍ଗ ଚାମ୍ପିୟନ

ରାଜଗାଙ୍ଗପୁର,୨୮।୧(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଲାଇଙ୍ଗ ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ଆୟୋଜିତ ୧୪ତମ ଲାଇଙ୍ଗ ଫୁଟବଲ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କାଂଶବାହାଲ ଓ ଝାଡତରଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇ ଝାଡତରଙ୍ଗ ୩-୨ ଗୋଲରେ ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାସହ ବିଜେତା ଦଳ ଓ ରନର୍ସ ଅପ୍ ଫୁଟବଲ ଦଳକୁ ସମ୍ମାନିତ କରିଥିଲେ। ସୁନ୍ଦରଗଡ ଜିଲା ଏସ୍‌ଡିସିସି ବ୍ୟାଙ୍କର ନିର୍ଦ୍ଦେଶକ ପର୍ଶୁରାମ ସାହୁ, ବରିଷ୍ଠ ବିଜେଡି ନେତା ବେନେଡିକ୍ଟ ତିର୍କୀ, ରାଜଗାଙ୍ଗପୁର ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନବଜ୍ୟୋତି ଯୁବକ ସଂଘ ସଭାପତି ତପନ ସାହୁ, ଉପସଭାପତି ଜୟରାମ ମିଞ୍ଜଙ୍କ ସମେତ ସଦସ୍ୟ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ୧୪ ଅଧିକାରୀଙ୍କୁ ଜବାହର ସମ୍ମାନ



କାର୍ଯ୍ୟକ୍ରମରେ ଜଣେ ଅଧିକାରୀ ସମ୍ମାନିତ ହେଉଛନ୍ତି।

ରାଉରକେଲା,୨୮।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ୧୪ ଅଧିକାରୀଙ୍କୁ ଜବାହର ସମ୍ମାନରେ ସମ୍ମାନିତ କରାଯାଇଛି। ଚଳିତ ବର୍ଷ ଜବାହର ପୁରସ୍କାର ବିଜେତାମାନେ ହେଲେ ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ଡିଜିଏମ୍ ଜ୍ୟୋତି ପ୍ରକାଶ ଦାସ, ବ୍ଲାଷ୍ଟ ଫର୍ନେସ ବିଭାଗର ଜିଏମ୍ ଇନ୍‌ଚାର୍ଜ ପ୍ରଣବ କୁମାର ମହାପାତ୍ର, ଏସ୍‌ଏମ୍‌ଏସ୍-୨ ବିଭାଗର ଜିଏମ୍ ଅଜିତ କୁମାର ଦାସ, ଏଚ୍‌ଏସ୍‌ଏମ୍ ବିଭାଗର ଜିଏମ୍ ସୁବ୍ରତ କାନୁନଗୋ, ପାଇପ ପ୍ଲାଣ୍ଟର ଜିଏମ୍ ଅଜିତ ଚୌଧୁରୀ, ଶପ୍‌ସ ଫେବ୍ରିକେଶନ ଏବଂ ପିସିଏସ୍ ବିଭାଗର ଜିଏମ୍ ସୁରେଶ ଚନ୍ଦ୍ର ସାବତ, ପରିବେଶ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନ୍‌ଚାର୍ଜ ପ୍ରମୋଦ ଚନ୍ଦ୍ର ଦାସ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଅବକାଶ ବେହେରା, କାର୍ମିକ ବିଭାଗର ଜିଏମ୍ ସଞ୍ଜୟ କୁମାର ମେହରୋତ୍ରା, ଏମ୍‌ଏମ୍ ପର୍ଚେଜ ବିଭାଗର ଡିଜିଏମ୍ କୈଳାଶ ଚନ୍ଦ୍ର ବେହେରା, ବିତ୍ତ ଓ ଲେଖା ବିଭାଗର ଜିଏମ୍ ଦିବାକର ପରିଡା, ବିତ୍ତ ଓ ଲେଖା ପ୍ରକଳ୍ପ ବିଭାଗର ଜିଏମ୍ ଅମର କୁମାର ମହାନ୍ତି, ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ଓ ବିଆଇଏମ୍ ସିନିୟର ମ୍ୟାନେଜର ବିଶ୍ୱ ରଞ୍ଜନ ଦାସ। ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଆରଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉକ୍ତ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ।

# ଖବରକାଗଜ ବିକ୍ରେତାଙ୍କ ଭବିଷ୍ୟତ ଆଲୋଚନାଚକ୍ର

ରାଉରକେଲା,୨୮।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୯ ଲୁଗୁନ ପାର୍କଠାରେ ଶନିବାର ସିଆଇଟିୟୁ ଓ ରାଉରକେଲା ଖବରକାଗଜ ହକର୍ସ ଆସୋସିଏଶନର ଯୁଗ୍ମ ସହଯୋଗରେ ଖବରକାଗଜ ଏବଂ ଖବରକାଗଜ ବିକ୍ରେତାମାନଙ୍କ ଭବିଷ୍ୟତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହକର୍ସ ଆସୋସିଏଶନ ସଭାପତି ବିଷ୍ଣୁମହାନ୍ତିସଭାପତିତ୍ୱ କରିକହିଥିଲେ, ଗତ ତା୨୮।୧୧।୨୩ରିଖରେ ଭୁବନେଶ୍ୱରରେ ରାଜ୍ୟର ଖବରକାଗଜ ହକର୍ସ (ବିତରକ) ମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରଙ୍କ ପାଖରେ ଶ୍ରମିକ କଲ୍ୟାଣ ବୋର୍ଡ ଭଳି ଖବରକାଗଜ ହକର୍ସ(ବିତରକ) କଲ୍ୟାଣ ବୋର୍ଡ ଗଠନ କରିବାକୁ ଦାବି ହୋଇଥିଲା। ଏତଦବ୍ୟତୀତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଖବରକାଗଜ ବିତରକମାନଙ୍କୁ ସାମିଲ କରାଯିବା ସହ ରାଜ୍ୟର ପ୍ରତ୍ୟେକ ଖବରକାଗଜ ମଣ୍ଡିରେ ସେଡ୍ ନିର୍ମାଣ କରିବା ପାଇଁ କରାଯାଇଥିଲା। ଏହି କ୍ରମରେ ସରକାର କିଛି ମଣ୍ଡିରେ ସେଡ୍ ନିର୍ମାଣ କରିଛନ୍ତି। ମାତ୍ର ଖବରକାଗଜ ବିତରକମାନଙ୍କ ସାମାଜିକ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ ହେବା ଯୋଗୁ ସେମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଏଣୁ ଆଗାମୀ ସମୟରେ ଖବରକାଗଜ ବିତରକମାନଙ୍କ ସାମାଜିକ ହକ୍ ନେଇ ରାଉରକେଲା ଓ ରାଜ୍ୟର ଲକ୍ଷ ଲକ୍ଷ ହକର୍ସମାନଙ୍କ ସହ ସରକାରଙ୍କ ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରାଯିବ ବୋଲି ମହାନ୍ତି କହିଥିଲେ। ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ତଥା ଆସୋସିଏଶନ ଉପଦେଷ୍ଟା ବସନ୍ତ ନାୟକ, ଜାହାଙ୍ଗୀର ଅଲ୍ଲୀ, ଆସୋସିଏଶନର ଭୂପେନ ମହାପାତ୍ର, ଆର୍ତ୍ତତ୍ରାଣ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ସହରର ୧୬୦ଜଣ ହକର୍ସମାନଙ୍କୁ ନେଇ ଏକ ବନ୍ଧୁମିଳନ ହୋଇଥିଲା। ମିହିର ପାତ୍ର, କିଶୋର ରାଉତ, ଅଶୋକ ବିଶ୍ୱାଳ, ସୁକେନ୍ଦୁ ପାତ୍ର, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନବୀନ ମାଝୀ, ସୁର ବିଶ୍ୱାଳ, ଆନନ୍ଦ କଲେ, କେଶବ ଜେନା, ବାଦଲ ଘୋଷ, ମନୋଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରେବତୀ ଏକ ଗଳ୍ପ ନୁହେଁ, ମହିଳା ଶକ୍ତି ଅଭ୍ୟୁଦୟର ମୂଳସୂତ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା,୨୮।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ କଲଚରାଲ ଏକାଡେମୀ ସଭାଗୃହରେ ରବିବାର କଥାସମ୍ରାଟ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ରେବତୀ ଗଳ୍ପର ୧୨୫ ତମ ବର୍ଷ ପୂର୍ତ୍ତି ପାଳନ ଉପରେ ଏକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେସିଆଇଟିୟୁନେତାବିଷ୍ଣୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କଥାସମ୍ରାଟ ଫକୀରମୋହନଙ୍କ ରେବତୀ ଏକ ଗଳ୍ପ ନୁହେଁ, ମହିଳା ଶକ୍ତି ଅଭ୍ୟୁଦୟର ମୂଳସୂତ୍ର ବୋଲି ମତପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଡାକ୍ତର ମାନସ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ରେବତୀ ଗଳ୍ପର ସମୀକ୍ଷା ଏବଂ ଆଧୁନିକ ଯୁଗର ନାରୀ ପାଇଁ ଏହା କେତେ ପ୍ରଯୁଜ୍ୟ ତାହା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ବଳରାମ ରାଉଳ ରେବତୀ ଗଳ୍ପ ମଧ୍ୟରେ ଲୁଚି ରହିଥିବା ଭିତ୍ତିପ୍ରବନ୍ଧର ସବିଶେଷ ତଥ୍ୟ ବ୍ୟାଖ୍ୟା କରିଥିଲେ। ଶେଷରେ ଅକ୍ଷୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକୁଳା ଟ୍ରାନ୍ସଫର୍ମର, ଦୁର୍ଘଟଣାକୁ ଆମନ୍ତ୍ରଣ

ରାଉରକେଲା,୨୮।୧(ସଙ୍ଗୀତା ଜେନା)

ରାଉରକେଲା କୋଏଲନଗର ଓ ହମିରପୁରଠାରେ ୬ରୁ ଊର୍ଦ୍ଧ୍ୱ ପାଚେରି ବିହୀନ ଟ୍ରାନ୍ସଫର୍ମର ରହିଛି। ଏଥିଯୋଗୁ ଜୀବନହାନି ହେବା ଆଶଙ୍କା କରାଯାଉଛି। ଉକ୍ତ ଖୋଲା ଟ୍ରାନ୍ସଫର୍ମର ଚାରିପାଖରେ ପାଚେରି ନିର୍ମାଣ କରିବାକୁ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳନାହିଁ।

ଉକ୍ତ ବିପଦସଙ୍କୁଳ ଟ୍ରାନ୍ସଫର୍ମର ଯୋଗୁ ସାଧାରଣ ଲୋକ, ଛାତ୍ରୀଛାତ୍ରମାନେ ଉକ୍ତ ସ୍ଥାନ ଦେଇ ଯିବାକୁ ଭୟ କରୁଛନ୍ତି। ହମିରପୁର ଭାଟିଟୋଲା, ଧୋବି ବସ୍ତି, ରାମକୃଷ୍ଣ ମନ୍ଦିର ସମେତ ୩ଟି ସ୍ଥାନରେ ଚାଷଜମି ମଧ୍ୟରେ ଏଭଳି ଟ୍ରାନ୍ସଫର୍ମର ରହିଛି। ହମିରପୁର ନିବାସୀ ପ୍ରକାଶ ଗୁପ୍ତା ଅଭିଯୋଗ କରିଛନ୍ତି, ଟ୍ରାନ୍ସଫର୍ମର ଖୋଲା ଥିବାରୁ ବର୍ଷାଋତୁ ସମେତ ବିଭିନ୍ନ ସମୟରେ ଗାଈଗୋରୁ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଏପରିକି ଅନେକ ବୁଲାପ୍ରାଣୀ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଅନେକ ଥର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ ବୋଲି ଗୁପ୍ତା କହିଥିଲେ। ସେହିପରି ଜନଗହଳିପୂର୍ଣ୍ଣ କୋଏଲନଗର ଏ ବ୍ଲକରେ ୨ଟି ଓ ଡି ବ୍ଲକରେ ଗୋଟିଏ ପାଚେରି ବିହୀନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। କୋଏଲନଗର ନିବାସୀ ଅମର ମହାନ୍ତି ଅଭିଯୋଗ କରିଛନ୍ତି, କୋଏଲନଗର ଏ ବ୍ଲକରେ ଏପରି ଖୋଲା ଟ୍ରାନ୍ସଫର୍ମର ଯୋଗ ବିପଦ ସୃଷ୍ଟି ହୋଇଛି। ବହୁବାର ଜନସାଧାରଣ ଓ ବୁଲା ପ୍ରାଣୀ ଏହା ସଂସ୍ପର୍ଶରେ ଆସିଲେଣି ବୋଲି ମହାନ୍ତି କହିଥିଲେ। ଏ ସମ୍ପର୍କରେ କୋଏଲନଗର ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଶୁଭାଶିଷ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଆସିଲେ ତୁରନ୍ତ ସମାଧାନ କରାଯିବ। ଉକ୍ତ ୬ଟି ଟ୍ରାନ୍ସଫର୍ମର ପାଚେରି ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଚିଠି ଯୋଗେ ଅବଗତ କରାଯିବ ବୋଲି ସେ କହିଥିଲେ।



ହମିରପୁର ରାମକୃଷ୍ଣ ମନ୍ଦିର ନିକଟରେ ପାଚେରି ବିହୀନ ଟ୍ରାନ୍ସଫର୍ମର।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ନବ ଦାସ ସ୍ମୃତି ପରିଷଦ ପକ୍ଷରୁ ମିନି ମାରାଥନ, ଅଇଁଠାପାଲି ଛକ, ସକାଳ ୭ଟା।
- ଓଡ଼ିଆ ଭାଷା ସମ୍ମିଳନୀ -୨୦୨୪, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ପୁସ୍ତକ ମେଳା ଉଦଯାପନୀ ଉତ୍ସବ , ଅଇଁଠାପାଲି ପିଏଚଡି ପଡ଼ିଆ, ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ମହାନଦୀ ଆଳତି ମଣ୍ଡପ, ସନ୍ଧ୍ୟା ୭ଟା।



ଯାଦୁଲୁଇସିଂରେ ଜଙ୍ଘାଲିଙ୍ଗାଙ୍କ ପୂଜା ଚାଲିଛି।

# ଯାଦୁଲୁଇସିଂରେ ଜଙ୍ଘାଲିଙ୍ଗା ବଡଦେଓଙ୍କ ପୂଜା

ସମ୍ବଲପୁର,୨୮।୧
(ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଅନ୍ତର୍ଗତ ଯାଦୁଲୁଇସିଂ ଗ୍ରାମରେ ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡଦେଓଙ୍କ ଦୁଇଦିନିଆ ପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଯୁଯୋମୁରା ବ୍ଲକ ବିରସିଂଗଡ଼ କିଲାତିକୁଦ ଗାଁରୁ ଜଙ୍ଘାଲିଙ୍ଗା ବଡଦେଓଙ୍କୁ ଯାଦୁଲୁଇସିଂ ଗ୍ରାମକୁ ଅଣାଯାଇଥିଲା। ଶନିବାର ସକାଳେ କଳସ ସ୍ଥାପନ ସହିତ ହୋମଯଜ୍ଞ ଓ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ଜଙ୍ଘାଲିଙ୍ଗାଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। ଭକ୍ତମାନେ କାନ୍ଧରେ ବଡଦେଓଙ୍କୁ ବୋହି ନଗର ପରିକ୍ରମା କରିବା ସମୟରେ ପ୍ରତିଘରୁ ଭକ୍ତମାନେ ବଡଦେଓଙ୍କୁ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ ଅଞ୍ଚଳର ମଙ୍ଗଳ କାମନା କରିଥିଲେ। ରବିବାର ଜଙ୍ଘା ବଡଦେଓ ନିଜର ଆସ୍ଥାନକୁ ଫେରିଯିବା ସହ ପୂଜା କାର୍ଯ୍ୟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବରେ ନବୀନ ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ଇନ୍ଦ୍ରଜିତ ପାଣିଗ୍ରାହୀ ପ୍ରମୁଖଙ୍କ ସହ ୬ ଯୋଡ଼ା କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଯାଦୁ ଲୁଇସିଂ, ପୁରଣାପାଣି, ରାଶିଖାଇ, ସାହାସପୁର, ତେନ୍ତୁଳିକୁର୍ଦ୍ଦା, ଟାଙ୍ଗରପାଲି ଆଦି ଗ୍ରାମର ଗଣ୍ଡ ସମାଜର ଭକ୍ତଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଏହି ଅଧ୍ୟାମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରିଙ୍କୁ ଭୋଇ, ପଦ୍ମଲୋଚନ ଭୋଇ, ଅଶୋକ ଭୋଇ, ଦୁଃଶାଶନ ଭୋଇ, ଲକ୍ଷ୍ମଣ ଭୋଇ, ଅଲେଖ ପଟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଲ ପାଠପଢ଼ି ସୁନାଗରିକ ହେବାକୁ ପରାମର୍ଶ

## ରାହସ ବିହାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ସାଲେଭାଡି ରାହସ ବିହାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ରହାସ କର୍ଣ୍ଣଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ଏବିଇଓ ଗୌରାଙ୍ଗ କୁସୁମ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ପଟେଲ,ବ୍ଲକ ଓଷ୍ଟା ସମ୍ପାଦକ କମଳଲୋଚନ ବେହେରା, ବିଦ୍ୟାଳୟ ପ୍ରତିଷ୍ଠାତା ଉଷାବତୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଲ ପାଠ ପଢି ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଭୈରବ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାଂସ୍କୃତିକ କ୍ଷେତ୍ରରେ ଭିନ୍ନ ପରିଚୟ ଦେଇଛି



ହୀରାକୁଦ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି।

## ହୀରାକୁଦ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୨୮।୧
(ଭବାନୀ ଶଙ୍କର ଭୋଇ)

ହୀରାକୁଦ ସ୍ଥିତ ସୁବାସ ମଇଦାନରେ ତିନିଦିନ ଧରି ଆୟୋଜିତ ହେଉଥିବା ହୀରାକୁଦ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ହୀରାକୁଦକୁ ଲୋକେ ଶିଳ୍ପ ସମୃଦ୍ଧ ବୋଲି ଜାଣିଥିଲେ। ମହୋତ୍ସବ ହୀରକୁଦକୁ ସାଂସ୍କୃତିକ କ୍ଷେତ୍ରରେ ଭିନ୍ନ ପରିଚୟ ଦେଇପାରିଛି ବୋଲି ଅତିଥିମାନେ ମତଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଯୁବ ନେତା ବିଶାଳ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ହୀରାକୁଦ ମହୋତ୍ସବ କମିଟିର ସଭାପତି ଡ଼ା.ରାଜ କୁମାର ବଡ଼ପଣ୍ଡା, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ, ଉପସଭାପତି ସଚିକାନ୍ତ ମିଶ୍ର, ସମ୍ପାଦକ ଶାନ୍ତନୁ କୁମାର ବଡ଼ପଣ୍ଡା, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ। ହୀରାକୁଦ ମହୋତ୍ସବର ତୃତୀୟ ତଥା ଶେଷ ସନ୍ଧ୍ୟାରେ ହୁଳହୁଳୀ, ଘଣ୍ଟ, ଶଙ୍ଖ ମଧ୍ୟରେ ମଞ୍ଚ ପୂଜନ କରାଯିବା ପରେ ଜାତୀୟ ସଙ୍ଗୀତ ଗାନ ରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଲୋକ ନାଟକ କ୍ରମରେ କଂସ ମହାରାଜଙ୍କ ମଞ୍ଚ ପ୍ରବେଶ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲେ। ସମ୍ବଲପୁରୀ ଲୋକଗୀତ କ୍ରମରେ ଚେତନାମୟୀ ବେହେରା ସମଲେଇଙ୍କ ଭଜନ ଗାନ କରିଥିଲେ। ଏହା ପରେ ଶ୍ରୀମନ୍ତ ବେହେରା, ଚେତନାମୟୀ ଓ ପୁଷ୍ପକରାଜ ସୁନା ସମ୍ବଲପୁରୀ ଲୋକ ଗୀତ ଗାୟନ କରିଥିଲେ। ଏହା ପରେ ଲୋକନୃତ୍ୟ କ୍ରମରେ ବଲାଙ୍ଗିରର କୃଷ୍ଣପ୍ରୀୟା କଳା ପରିଷଦ ପକ୍ଷରୁ ପାରମ୍ପରିକ ଘୁଡ଼କୁଡୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସମ୍ବଲପୁର ଧନୁପାଲିର କଳା ଓ କଳାକାର ପକ୍ଷରୁ ସମ୍ବଲପୁରୀ ଲୋକ ନୃତ୍ୟ, ମୁମ୍ବାଇରୁ ଆସିଥିବା ମହାରାଷ୍ଟ୍ର ଲୋକ ନୃତ୍ୟ ଦଳ ପକ୍ଷରୁ ରାହୁଲ ହାଲଦେଙ୍କ ନେତୃତ୍ୱରେ ବଏଠି ଲାୱନୀ, ହୀରାକୁଦର ମା' କରମସାନୀ ଲୋକ ନୃତ୍ୟଦଳ, ହୀରାକୁଦର ଜିଗ୍ ଜାଗ୍ ନୃତ୍ୟ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ଲୋକ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ସଞ୍ଜିବ କୁମାର ପଣ୍ଡା, ଶ୍ରୀମନ୍ତ ବେହେରା ଏବଂ ରଞ୍ଜନ ହୋତା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ହୀରାକୁଦ ମହୋତ୍ସବକୁ ହୀରାକୁଦବାସୀ ବେଶ ଉପଭୋଗ କରିଥିବା ବେଳେ ଶିଳ୍ପ ସମୃଦ୍ଧ ହୀରାକୁଦକୁ ସାଂସ୍କୃତିକ କ୍ଷେତ୍ରରେ ଭିନ୍ନ ପରିଚୟ ଦେଇପାରିଛି।

# ଖଣ୍ଡୋକଟା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ



ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟାର ପ୍ରସିଦ୍ଧ ୩୧ତମ ଧନୁଯାତ୍ରା ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ପୂର୍ବାହ୍ନରେ ଖଣ୍ଡୋକଟା ଶ୍ରୀଜଗନ୍ନାଥ ମନ୍ଦିରଠାରେ ଶୁଭସ୍ତମ୍ଭକୁ ପୂଜାର୍ଚ୍ଚନା ପରେ ଘଣ୍ଟ, ଶଙ୍ଖ ହୁଳହୁଳି ଧ୍ୱନି ସହ କୀର୍ତ୍ତନ, ସଂକୀର୍ତ୍ତନ ବାଦ୍ୟରେ ଏକ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ କଂସ ମଣ୍ଡପକୁ ନିଆଯାଇଥିଲା। ସେଠାରେ ପୂଜକ ପତିତପାବନ ପାଣିଗ୍ରାହୀଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଧନୁଯାତ୍ରା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ଓ ମୂରଲୀଧର ସୁନାନୀ, ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ଅର୍ଜୁନ ଦ୍ୱିତୀୟାଚାନ୍ଦ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ, ସରପଞ୍ଚ କୁନି ସେଉଳ, ପ୍ରତାପ ଧୂରୁଆ, ସନ୍ତୋଷ ପୃଷେଠ, ପ୍ରଫୁଲ୍ଲ ପଟେଲ, ଦିଲୀପ ପଟେଲ, ବିକାଶ ନାଏକ, ବଳରାମ ସାହୁ, ରାଜେଶ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ଅଶୋକ ପଟେଲ, ବୀରେନ୍ଦ୍ର ପଟେଲ, ଶ୍ରୀବତ୍ସ ମାକରଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ପ୍ରକାଶ ଥାଉକି,ଏହି ଧନୁଯାତ୍ରା ଫେବୃଆରୀ ୨୦ରୁ ଆରମ୍ଭ ହୋଇ ୨୪ରେ ସମାପନ ହେବ ବୋଲି ଧାର୍ଯ୍ୟ ହୋଇଛି।

# ବିଜିଡି କଲେଜର ଶୀତକାଳୀନ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

କୁଚିଣ୍ଡା, ୨୮।୧(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଶୀତକାଳୀନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୭ଦିନ ଧରି ଚାଲିଥିଲା। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ସମ୍ବଲପୁର ଜିଲା ସଂଯୋଜକ ଶାନ୍ତନୁ ପ୍ରଧାନ ମୁଖ୍ୟ ଅତିଥି, ସୁରେଶ୍ୱର ପ୍ରଧାନ ଓ ଅଶୋକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ସମାଜ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱର ବିକାଶ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ବିନୋଦ ବିହାରୀ ପୃଷେଠ ଅନୁଷ୍ଠିତ ଶିବିରରେ ସ୍ୱଚ୍ଛଭାରତ, ଶ୍ରମ ଦାନ, ଯୌତୁକ ନିରୋଧ, ଯୋଗ, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପ୍ରଶମନ, ଶକ୍ତି ସଂରକ୍ଷଣ ଓ ତା'ର ଆବଶ୍ୟକତା, ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଆବଶ୍ୟକତା ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିଗଣ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

# ବିକାଶ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ




ସମ୍ବଲପୁର,୨୮।୧(ବି.ଶଙ୍କର)

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଅତିଥି ପରିଚୟ ଦେଇଥିଲେ। ବିକାଶ ଗ୍ରୁପ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଜାତୀୟ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆଗକୁ ବଢ଼ିବା ପାଇଁ କହିଥିଲେ। ବିକାଶ ଦି କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଦେଶର ସୁରକ୍ଷା ଆମର ଦାୟିତ୍ୱ ବୋଲି କହିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ ଗୁରୁ ଲବ ଭୂୟାଁ, ନବକୁମାର ଦାଶ, ନୃତ୍ୟଗୁରୁ ଚିତ୍ତରଞ୍ଜନ ପ୍ରଧାନ ଓ ପିତାମ୍ବର କୁମ୍ଭାର, କ୍ରୀଡ଼ା ଶିକ୍ଷକ ପ୍ରେମରାଜ ବଘାର ତଥା ଚାରୋଟି ହାଉସ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପରେଡ଼ ପରିବେଷଣକରାଥିଲେ। କୃତୀଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦିଆଯାଇଥିଲା।

# ମିନି ଟ୍ରକ୍ ମାଲିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୮।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମିନି ଟ୍ରକ୍ ମାଲିକ ସଂଘ ପକ୍ଷରୁ ରବିବାର ଲକ୍ଷ୍ମୀଡୁଙ୍ଗରୀଠାରେ ଏକ ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତବର୍ଗ ଚିହ୍ନଟ ସହ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକ୍ତର କାଞ୍ଚନ ରାୟ ଓ ଡାକ୍ତର ରାଜାରାମ ଦାଶ ମିଳିତ ଭାବେ ଫିତାକାଟି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ଦୁର୍ଗା ଶତପଥି, ଡାକ୍ତର ସୌମ୍ୟା ଶୈଳେଶ, ଡାକ୍ତର କାଞ୍ଚନ ରାୟ, ଡାକ୍ତର ରାଜାରାମ ଦାଶ, ଡାକ୍ତର ଅରବିନ୍ଦ ଶତପଥୀ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ଦନ୍ତ, ସ୍ତ୍ରୀ ରୋଗ, ଚର୍ମରୋଗ ପ୍ରଭୃତି ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ଏଥିରେ ରେଡ୍‌କ୍ରସ ଆଜୀବନ ସଦସ୍ୟ ଡା.ରାଜାରାମ ଷଡଙ୍ଗୀ ସହଯୋଗ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବୁର୍ଲା ଭିମସାର ରକ୍ତଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଭିମସାର ରକ୍ତ ଭଣ୍ଡାରର ଡା.ଜ୍ୟୋତିର୍ମୟୀ ସାହୁ, ମଣ୍ଟୁ ପ୍ରଧାନ, ଦେବାଶିଷ ମିଶ୍ର, ପ୍ରହଲ୍ଲାଦ ଭୋଇ, ପାଏନୁ ଭୋଇ, ସଞ୍ଜିବ ବେରା ପ୍ରମୁଖ ରକ୍ତସଂଗ୍ରହରେ ସହଯୋଗ କରିଥିଲେ। ଆୟୋଜିତ ଶିବିରରେ ନିଖିଳ ଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘର ରାଜ୍ୟ ସଭାପତି ଗଣେଶ ମହାରୀ ଓ ସମ୍ବଲପୁର ଜିଲା ଟ୍ରକ୍ ମାଲିକ ସଂଘର ସଭାପତି ସୁରେନ୍ଦର ସିଂ ଅତିଥି ହିସାବରେ ଯୋଗ ଦେଇଥିଲେ। ଏହି ଶିବିରକୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ସଭାପତି ରୂପେଶ ପାଣିଗ୍ରାହୀ, ଜିଲା ସମ୍ପାଦକ ଭରତ ଗୋଏଲ, କୋଷାଧ୍ୟକ୍ଷ ସୁରେଶ କୁମାର ସାହୁ, ଉପସଭାପତି ଶୋଭନଲାଲ୍ ଗଭନେ, ବିପିନ ତିୱାରୀ, ଗଣେଶ ସାହୁ, ଦିଲ୍ଲୀପ୍ କୁମାର ଅଗ୍ରୱାଲ, ସନ୍ଦିପ ସାଲୁଜା, ବିଶ୍ୱଜିତ ପଣ୍ଡା, ପୂର୍ଣ୍ଣ ସାହୁ, ସପନ କୁମାର, ଅମରଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଚିକିତ୍ସା କରିଥିବା ସମସ୍ତ ଡାକ୍ତର, ରକ୍ତଦାତା, ଅତିଥି ଓ ଉଦ୍ୟୋକ୍ତାମାନଙ୍କୁ ଜିଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ରାଜ୍ୟର ସମସ୍ତ ଜିଲାରେ ଆୟୋଜନ କରାଯିବ ବୋଲି ରାଜ୍ୟ ମହାସଂଘ ସଭାପତି ଗଣେଶ ମହାର ଓ ରାଜ୍ୟ ସାଧାରଣ ସମ୍ପାଦକ ରୂପେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଭାଜପା କର୍ମୀଙ୍କ ଦ୍ୱାରା ପ୍ରମୋଦ ରଥଙ୍କୁ ସ୍ୱାଗତ

ସମ୍ବଲପୁର,୨୮।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ରବିବାର ଡ. ପ୍ରମୋଦ ରଥଙ୍କୁ ସ୍ୱାଗତ କରାଯାଇଛି। ରାଜ୍ୟ ଉପସଭାପତି ତଥା ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ନେତା ଦାମୋଦର କର, ସରୋଜ ଦଳପଥ, ବିପିନ ଭାଟିଆ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଡ. ରଥଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳର ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଡ.ରଥ ତାଙ୍କର ବକ୍ତବ୍ୟରେ କହିଲେ ଯେ, ଭୁବନେଶ୍ୱର କାର୍ଯ୍ୟାଳୟରେ ମୋର ଯୋଗଦାନ ମୋ ପାଇଁ ଯେତିକି ଗୁରୁତ୍ୱ ବହନ କରୁ ନ ଥିଲା, ଆଜି ମୋର ମାଟିରେ ମୋର୍ ଜିଲା ପରିବାରର ସ୍ୱାଗତ ମୋତେ ସେତିକି ଭାବବିହ୍ୱଳ କରିଛି। ଆଗାମୀ ଦିନରେ ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ଜଣେ ଶୃଙ୍ଖଳିତ ଓ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ ସମ୍ପାଦନ କରିବି। ଜିଲାରେ ଭାଜପାକୁ ସଙ୍ଗଠିତ କରିବା ସହ ଚାରୋଟି ଯାକ ବିଧାନସଭା ଓ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭାଜପାକୁ ବିଜୟୀ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ବକ୍ସି, ଫଣିଭୂଷଣ ମିଶ୍ର, ଶିବ ଦିୱାନ୍, ପ୍ରଭୁଦତ୍ତ ପଣ୍ଡା, ସଞ୍ଜୀବ ବର୍ମା, ଆକାଶ ଆଚାର୍ଯ୍ୟ, ଅଜିତ ବେହେରା, ଡ.ପ୍ରଭାସ ଦେବତା, ସୁଧୀର ରଞ୍ଜନ ବହିଦାର୍, ଅଭିଷେକ ମିଶ୍ର, ଟୁକୁ ମହାନ୍ତି, ସୋମିକ୍ ବାବୁ, ଆଶିଷ ପାଢ଼ୀ, ବାପି ଜେନା, ରୁନୁ ପ୍ରଧାନ, ସୁଜାତା ଗୁରୁ, ଲକ୍ଷ୍ମୀ ଜେନା, ମୁନମୁନ୍ ସୌଦାଗର, ଝୁନୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷୀର ମଗଧା ସମାଜର ବାର୍ଷିକ ଉତ୍ସବ



ଗିରିଗୋବର୍ଦ୍ଧନ ପୂଜା ଅବସରରେ କଳସ ଶୋଭାଯାତ୍ରା।

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ରଜାବସା ସର୍କଲ ଯାଦବ ଗୋପାଳ କ୍ଷୀର ମଗଧା ସମାଜ ପକ୍ଷରୁ କହପାଣି ଗୌଡ଼ପଡା କମ୍ୟୁନିଟି ସେଣ୍ଟରଠାରେ ରବିବାର ଦ୍ୱିବାର୍ଷିକ ଉତ୍ସବ ଓ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ପର୍ବତରେ ଗିରିଗୋବର୍ଦ୍ଧନ ପୂଜା କରି ଆଦେଶ ଅଣାଯାଇଥିଲା। ପରେ ଗୌଡ଼ପଡା ପୋଖରୀରୁ ତିନିଶହ ମହିଳାଙ୍କ ଦ୍ୱାରା ଏକ ଭବ୍ୟ କଳସ ଶୋଭାଯାତ୍ରା କରାଯାଇଥିଲା। ସଭାସ୍ଥଳରେ ନୀଳାଦ୍ରୀ ମାହାରଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ସର୍କଲ ସଭାପତି ମୋହନ ନାଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଉପସଭାପତି ଡମ୍ବରୁ ଧର, ସମ୍ପାଦକ ଦୁଃଖବନ୍ଧୁ ଧର, ସହସମ୍ପାଦକ ଦୀନେଶ ରାଜ, ଶ୍ୟାମସୁନ୍ଦର ଧର, ସରୋଜ ରାଜ ପ୍ରମୁଖ କ୍ଷୀର ମଗଧା ସମାଜର ସାମୂହିକ ବିକାଶ ନିମନ୍ତେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ କର୍ମକର୍ତ୍ତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସମାତୁଲା ଦେବଙ୍କ ଯାତ୍ରା ସମ୍ପନ୍ନ

ସଇଁତଲା,(ରାଖାଲ ପ୍ରସାଦ ଶତପଥୀ): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝାଙ୍କରମୁଣ୍ଡା ଗ୍ରାମ ଚାରିଛକରେ ଥିବା ବଡ଼ଦେଓ ଲୋକ ଉତ୍ସବ ଯାତ୍ରା ପଡ଼ିଆରେ ଗଣ୍ଡ ଆଦିବାସୀଙ୍କ ଇଷ୍ଟଦେବ ସମାତୁଲା ଦେବଙ୍କ ଯାତ୍ରା ରବିବାର ପାଳିତ ହୋଇଯାଇଛି। ଯାତ୍ରା କମିଟି ନିର୍ଦ୍ଦେଶକ ସଚିକାନ୍ତ ପୁଟାଙ୍କ ସହ କୁମୁରା ହରିଶଙ୍କର ପୁଟା, ଦେହୁରୀ ଦାସ ପାତ୍ର, ତଳପିଆ ପରାମର୍ଶଦାତା ପୀତବାସ ପାତ୍ର, ପୂଜକ ଭଗତ ଭୋଇ, ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗୀତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବେଲାରସେନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ରାଜୀବ ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଜୁନିୟର ଓ ସିନିୟର ବର୍ଗରେ ଦୌଡକୁଦ, ଶଟପୁଟ, ଡିସକସ ଥ୍ରୋ, ଲମ୍ଫଡିଆଁ, ଉଚ୍ଚଡିଆଁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଜୁନିୟର ବର୍ଗ ବାଳକରେ ଉମେଶ ଧରୁଆ ଓ ସିନିୟର ବାଳିକା ବର୍ଗରେ ହରିପ୍ରିୟା ପିଟା ଏବଂ ବାଳକ ବର୍ଗରେ ନାରାୟଣ ଧରୁଆ ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଓ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନପତ୍ର ଓ ସିଲ୍ଡ ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ମେଘୁ ନାଗ ସଭା ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ ଶିବଶଙ୍କର ରଣା ଏବଂ ସହକର୍ମୀ ପରିଚାଳନାରେ ସହଯୋଗ କରିଥିଲେ ।

## ଚକ୍ଷୁ ପରୀକ୍ଷା ଶିବିର

ସଇଁତଲା,୨୮।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ହାଟପଦାଠାରେ ସ୍ଥାନୀୟ ଯୁବ ସମାଜ ଓ ସୁବର୍ଣ୍ଣପୁର ଜିଲା ପଣ୍ଡାପାଲିଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ରବିବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କରମତଲା ଗ୍ରାମର ଶାନ୍ତନୁ ରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ ମୁଖ୍ୟ ଅତିଥି, ରୂପାଧର ବାଗ ସମ୍ମାନୀତ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଡାକ୍ତରମାନେ ୧୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା।

## ବିଜେଡିର ବନ୍ଧୁ ମିଳନ

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଇକୋଟୁରିଜିମ ଗାଇଖାଇ ଜଳ ପ୍ରକଳ୍ପରେ ବିଜେଡିର ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଓ ଆଗଲପୁର ବ୍ଲକର ପୁରୁଖା ବିଜେଡି କର୍ମୀଙ୍କୁ ନେଇ ଅନୁଷ୍ଠିତ ବନ୍ଧୁ ମିଳନରେ ୨୦୨୪ ସାଧାରଣ ନିର୍ବାଚନ ଉପରେ ଆଲୋଚନା କରାଯାଇଥିଲା। ଏଠାରେ ଦଳର ବିଜୟକୁ ସୁନିଶ୍ଚିତ କରିବାକୁ ହେଲେ ନିର୍ବାଚନ ମଣ୍ଡଳୀରୁ ହିଁ ପ୍ରାର୍ଥୀ ଦେବା ଉପରେ ମତପ୍ରକାଶ ପାଇଥିଲା। ବନ୍ଧୁ ମିଳନରେ ସମ୍ପତି ନନ୍ଦ, ଭୋଜରାଜ ସେଠ, ପ୍ରବୀର ଭୋଇ, ଜଗବନ୍ଧୁ ପଧାନଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ ।

## ସମାଜ ଅଗ୍ରଗତିରେ କାମ କର

ଲାଠୋର, ୨୮।୧(ଭୁବନେଶର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆରେ ସାବାସ ସାମାଜିକ ପରିବର୍ତ୍ତନ ସଙ୍ଗଠନର ତୃତୀୟ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ରାହୁଲ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଭାପତି କପିଳ ସୁନା ସମାଜର ଅଗ୍ରଗତି ଦିଗରେ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ସମ୍ପାଦକ ସୁନା ବାର୍ଷିକ ବିବରଣୀ ପଠନ କରିବା ସହ ଆମ୍ବେଡ଼କର ଭବନ ନିର୍ମାଣ ପାଇଁ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଆଗାମୀ ମାସିକ ବୈଠକରେ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଖୁବ୍‌ଶୀଘ୍ର ଏକ ମେଗା ସ୍ୱାସ୍ଥ୍ୟମେଳା ଆୟୋଜନ କରାଯିବା ନେଇ ସୂଚନା ଦିଆଯାଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା, ରାମ ବିଭାର, ଫିରୋଜ ନାଗ, ରାଜକୁମାର ତାଣ୍ଡିଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କରୁଣାକର ସୁନା କାର୍ଯ୍ୟକ୍ରମ ପରିଚାଳନା ଓ ନିବାସ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାଙ୍କ ଭାଗୀଦାରି ରହିଛି

ଖପ୍ରାଖୋଲ/ଲାଠୋର, ୨୮।୧
(ଅଭୟ ତ୍ରିପାଠୀ/ଭୁବନେଶ୍ୱର ବାରିକ)




ହରିଶଙ୍କର ଏମ୍‌ଏସ୍‌ଏମ୍‌ଇ ପାର୍କରେ ରାଜ୍ୟପାଳ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

**ରାଜ୍ୟପାଳଙ୍କ ଖପ୍ରାଖୋଲ ବ୍ଲକ ଗସ୍ତ**

- ହରିଶଙ୍କର ମନ୍ଦିର ପରିଦର୍ଶନ, ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା

ରାଜ୍ୟପାଳ ରଘୁବର ଦାସ ରବିବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ। ନୂଆପଡ଼ା ଜିଲା ଗସ୍ତ ସାରି ପୂର୍ବାହ୍ନ ପ୍ରାୟ ୧୦.୩୦ରେ ରାଜ୍ୟପାଳ ବ୍ଲକ ଅନ୍ତର୍ଗତ କରୁଆଝର ପଞ୍ଚାୟତର ଝଲିଆଲିଟି ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଏବଂ ମିଶନ ଶକ୍ତି ମହିଳାମାନେ ତାଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ପୋଷଣ ଯୋଜନାର କାର୍ଯ୍ୟକାରିତା ଉପରେ ସେ ଶିଶୁ ଓ ମା'ମାନଙ୍କ ସହ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ପାଞ୍ଚ ମାଝିଙ୍କୁ କେନ୍ଦ୍ରରେ କ'ଣ କାମ କର ବୋଲି ପଚାରିଥିଲେ। ମହିଳା ଏବଂ ଶିଶୁଙ୍କ ବିକାଶ ଦିଗରେ କାର୍ଯ୍ୟ କରେ ବୋଲି କର୍ମୀ ମାଝି କହିଥିଲେ। ଏଥିରେ ରାଜ୍ୟପାଳ ଖୁସିବ୍ୟକ୍ତ କରି ଅଙ୍ଗନୱାଡ଼ି କେନ୍ଦ୍ର ମନ୍ଦିର ଓ ଶିଶୁ ଭଗବାନ ଅଟନ୍ତି ବୋଲି କହିଥିଲେ। ସେମାନଙ୍କର ଯତ୍ନ ନେବା ସହ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଦେଇ ପୁଣ୍ୟ ଅର୍ଜନ କର ବୋଲି କହିଥିଲେ। ଗସ୍ତ ସମୟରେ ଏସ୍‌ପି ଋଷିକେଶ ଖିଲାରି, ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀ, ତହସିଲଦାର ଆଦିତ୍ୟପ୍ରସାଦ ମିଶ୍ର, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଲୀଳାବତୀ ନାଗ, ସିଡିପିଓ ସୁଜାତା ଦୋରା ଉପସ୍ଥିତ ଥିଲେ।

ପରେ ସେଠାରୁ ରାଜ୍ୟପାଳ ଦାସ ସାହାଜପାଣି ପଞ୍ଚାୟତ ଫୁଲ୍‌ଝିମୁଣ୍ଡା ଉଚ୍ଚ ବିଦ୍ୟାଳୟ ଯାଇ ସ୍ୱପ୍ନ ସାକାର ପାଇଁ କଠିନ ପରିଶ୍ରମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଆଶାକର୍ମୀ, ଏଏନଏମ ଓ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ପରେ ପରେ ରାଜ୍ୟପାଳ ହରିଶଙ୍କର ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିଥିଲେ। ପରେ ବସ୍‌ଷ୍ଟାଣ୍ଡ, ମଧ୍ୟମ କ୍ଷୁଦ୍ର ବ୍ୟବସାୟିକ ଉଦ୍ୟୋଗସ୍ଥଳୀ ପରିଦର୍ଶନ କରି ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଖିଥିଲେ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାମାନଙ୍କ ଭାଗିଦାରୀ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ କାମ କରିବା ସହ କୃଷିକ୍ଷେତ୍ରରେ ସେମାନଙ୍କ ଭାଗିଦାରୀ ବଢ଼ାଇଛନ୍ତି। ମହିଳାମାନେ କାଫେ କରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଭଲ ରୋଜଗାର କରୁଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏଥିସହିତ ସେ କାଫେରେ ମଧ୍ୟାହ୍ନଭୋଜନ କରିଥିଲେ। ଏହି ଅବସରରେ ଜିଲାପାଳ, ଏସ୍‌ପି, ଉପଜିଲାପାଳଙ୍କ ସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଏଡିଏମ ଲମ୍ବୋଦର ଧରୁଆ, ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ମିଶ୍ର ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ମିଳିଲା, କାମ ହେଲାନି

ଦେଓଗାଁ,୨୮।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

- କୁହିମୁଣ୍ଡା ଗାଁକୁ ନାହିଁ ସ୍ଥାୟୀ ରାସ୍ତା
- ଆନ୍ତରିକତା ଦେଖାଉନି ପ୍ରଶାସନ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଗାଁକୁ ନାହିଁ ସ୍ଥାୟୀରାସ୍ତା। ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରିକି ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇ ଗ୍ରାମକୁ ଅଧିକାରୀ ଓ ନେତାଙ୍କୁ ପୂରାଇ ନ ଦେବାପାଇଁ ଅସ୍ଥାୟୀ ବାଡ ଦେଇ ପ୍ରତିବାଦ କରିଥିଲେ। ନିର୍ବାଚନ ପାଖେଇ ଆସିବାରୁ ଗାଁକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ, ତହସିଲଦାର, ବିଡିଓ, ସ୍ଥାନୀୟ ନେତା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସବୁଦିନିଆ ରାସ୍ତା ନିର୍ବାଚନ ପରେ ନିହାତି ହେବ କହି ଭୋଟ ବର୍ଜନରୁ ଓହରି ଯିବାକୁ ନିବେଦନ କରିଥିଲେ। ଜିଲାପାଳଙ୍କ କଥାକୁ ବିଶ୍ୱାସ କରି ଗ୍ରାମବାସୀ ଭୋଟ ବର୍ଜନରୁ ବିରତି ରହିଲେ। ହେଲେ ପ୍ରତିଶ୍ରୁତି ପାଣିର ଗାର ବୋଲ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ ଉକ୍ତ ଗ୍ରାମକୁ ରାସ୍ତା ପାଇଁ ଆଇଡିଏଫ ଓ ରାଜ୍ୟ ସ୍ୱତନ୍ତ୍ର ଅର୍ଥ କମିଶନ ପାଣ୍ଠିରୁ ୧୯ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ହେଲେ ନିର୍ମାଣ ପାଇଁ ଜମି ବିବାଦ ଦେଖାଦେବାରୁ ତାହା କାର୍ଯ୍ୟକାରୀ ହୋଇ ନ ପାରି ଦୁଇ ବର୍ଷ ହେଲା ପଡିରହିଛି। ଉକ୍ତ ଗାଁକୁ ଯିବାର କିଛି ଦୂରରେ ଜଣେ ବ୍ୟକ୍ତି ସରକାରୀ ଜମିକୁ ଅକ୍ତିଆର କରିଥିବାରୁ ରାସ୍ତା କାମରେ ବାଧା ଉପୁଜୁଥିବା ଲୋକେ କହୁଛନ୍ତି। ନିର୍ବାଚନ ସରିଗଲା ପରେ ରାସ୍ତା କଥା ପ୍ରଶାସନ ଭୁଲିଗଲା ବୋଲି ଗାଁର ଶମ୍ଭୁ ପ୍ରସାଦ ସାହୁ କହିଛନ୍ତି ।

## ୭ ଦିନ ହେଲା ପାଇପ ଜଳଯୋଗାଣ ବନ୍ଦ

ଦେଓଗାଁ,୨୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ଗତ ୭ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ଫଳରେ ଗ୍ରାମବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହଲି ଛକରୁ କୁତୁର୍ଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାମ ଚାଲୁଥିବାବେଳେ ଜେସିବି ଦ୍ୱାରା ଖୋଳିବା ସମୟରେ ପାଇପ ଫାଟି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ କାମ କରୁଥିବା ଠିକାଦାର ବା ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପାଇପ ମରାମତି କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଚଲକି, ସାନଝରାବାହାଲି ବିଜୟୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ମୁରିବାହାଲ, ୨୮।୧(ଶ୍ରୀବତ୍ସ ବେହେରା)

**ଜୟଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ଜେଜେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୨୭ ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ ଖେଳାଯାଇଥିଲା। ଚଲକି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ପ୍ରଥମ ମ୍ୟାଚ ଗୁଡିଘାଟ ଓ ଚଲକି ମଧ୍ୟରେ ହୋଇଥିଲା। ଏଥିରେ ଟାଇବ୍ରେକର ୪-୨ ଗୋଲରେ ଚଲକି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଦେବଙ୍ଗଙ୍କୁ ୨-୦ଗୋଲରେ ହରାଇ ସାନଝରବାହାଲି ବିଜୟୀ ହୋଇଛି। ଦ୍ୱିତୀୟ ଦିବସରେ ଆଇନଜୀବୀ ଟୁନୁ ରାଜପଲିଆ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ କ୍ରୀଡ଼ାବିତ ଅନନ୍ତ ବାଗ, ସମୀର ପଟ୍ଟନାୟକ ଉପସ୍ଥିତ ରହିଥିଲେ। ସୋମବାର ଟିକ୍ରାପଡା ବନାମ ହଳଦୀ ଓ ତେତେଲମୁଣ୍ଡା ବନାମ ପତ୍ରପାଲି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

## ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ

ମୁରିବାହାଲ,୨୮।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ନିରୂପମା ମାଝି, ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି, ଗିରିରାଜ ସିଂ ମାଝି, ଶ୍ରୀଧର ମାଝି ଉପସ୍ଥିତ ଥିଲେ। ନେତୃବର୍ଗ ଶଙ୍ଖଯାତ୍ରାର ଉଦ୍ଦେଶ୍ୟ, ରାଜ୍ୟ ସରକାରଙ୍କ ଜନହିତକର ଯୋଜନା କିପରି ଘରେ ଘରେ ଲୋକେ ଜାଣିପାରିବେ ସେହି ବିଷୟରେ ଅବଗତ କରିଥିଲେ। ବିଜେଡିର ବରିଷ୍ଠ ନେତା ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଟାଇଗର କ୍ରିକେଟ: ବଡଙ୍ଗୋମୁଣ୍ଡା ଚାମ୍ପିୟନ




ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଦେଓଗାଁ,୨୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖାପଲା ଖେଳ ପଡିଆରେ ଚାଲିଥିବା ୭ ତମ ଟାଇଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡଙ୍ଗୋମୁଣ୍ଡା ଓ ଅର୍ଜୁନପୁର ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ବଡଙ୍ଗୋମୁଣ୍ଡା ଦଳ ବିଜୟୀ ହୋଇଥିଲା। ମହେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜୀବନୀ ଦାସ, ସମ୍ମାନୀତ ଅତିଥି କଂଗ୍ରେସ ଯୁବ ନେତା ବିଶ୍ୱଜିତ ପାତ୍ର ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଟାଇଗର କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବ

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ମାଘ କୃଷ୍ଣପକ୍ଷ ତୃତୀୟା ତିଥିରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଆଞ୍ଚଳିକ କେନ୍ଦ୍ର ନଅଗାଁ(ଖ)ରେ କୁଲତା ସମ୍ପ୍ରଦାୟର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏହି ଉତ୍ସବରେ ଆଞ୍ଚଳିକ କେନ୍ଦ୍ର ଅଧୀନ ୨୨ ଖଣ୍ଡ ଗ୍ରାମର ଜାତିଭାଇ ଏବଂ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ବ୍ୟାସ ନାରାୟଣ ଓଝା ପାରାୟଣ କରିଥିଲେ। କେନ୍ଦ୍ର ଉପସଭାପତି ଅଶୋକ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ କଲ୍ୟାଣୀ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆଞ୍ଚଳିକ କେନ୍ଦ୍ର ସଭାପତି ନରସିଂ ସାହୁ, ସମ୍ପାଦକ ନେପାଳ ବେହେରା, ସମ୍ପାଦକ ଓକିଲ ପଧାନ ସମେତ ସମାଜର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଲୋଇସିଂହା ଓ ଆଗଲପୁର ବ୍ଲକର ୨୨ ଖଣ୍ଡ ଗ୍ରାମକୁ ନେଇ ଗଠିତ ଆଞ୍ଚଳିକ କେନ୍ଦ୍ର ଅଧୀନ କୁଲତା ସମ୍ପ୍ରଦାୟ ଉଦ୍ୟମରେ ୨୦୧୦ ମସିହାରୁ ଉକ୍ତ ଭବ୍ୟ ମନ୍ଦିର ନିର୍ମାଣ ଚାଲିଛି। ଖୁବ୍‌ଶୀଘ୍ର ମନ୍ଦିର କାମ ସାରି ପ୍ରତିଷ୍ଠା ସମାରୋହ କରାଯିବ ବୋଲି କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।



ମନ୍ଦିର ରତ୍ନମୁଦ ଉତ୍ସବରେ ଶ୍ରଦ୍ଧାଳୁମାନେ।

# ଶେଷ ବିଧାନସଭାରେ ଉଠିବ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ

ବଲାଙ୍ଗୀର,୨୮।୧(ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ର ସୂଚନା ଦେଉଛନ୍ତି।



ଜନମତ ଓ ବିଧାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

**ଜନମତ ଓ ବିଧାୟକ କାର୍ଯ୍ୟକ୍ରମ**

- ଆଉ ନିର୍ବାଚନ ଲଢ଼ିବେ ନାହିଁ କହିଲେ ନରସିଂହ
- ଉତ୍ତରାଧିକାରୀ ଦିଅନ୍ତୁ ବୋଲି ବିଧାୟକଙ୍କୁ ଲୋକେ କଲେ ଅନୁରୋଧ
- ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ରୋଜଗାର ଉପରେ ହେବ ଆଲୋଚନା
- ସାମିଲ ହେଲେ ଶତାଧିକ ସଙ୍ଗଠନ ପ୍ରତିନିଧି, ବୁଦ୍ଧିଜୀବୀ, ଛାତ୍ର

ଆଗାମୀ ଫେବୃୟାରୀ ପ୍ରଥମ ସପ୍ତାହରୁ ଚଳିତ ସରକାରର ଶେଷ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବ। ପ୍ରତି ବିଧାନସଭା ଅଧିବେଶନ ପୂର୍ବରୁ ବଲାଙ୍ଗୀରରେ ବିଧାୟକ ନରସିଂହ ମିଶ୍ର ଏକ ନିଆରା କାର୍ଯ୍ୟକ୍ରମ ଜନମତ ଓ ବିଧାୟକ ଜରିଆରେ ଲୋକଙ୍କ ମତ ଲୋଡିଥାନ୍ତି। ଶେଷ ବିଧାନସଭା ଅଧିବେଶନ ପୂର୍ବରୁ ମଧ୍ୟ ସେ ଜନମତ ଲୋଡିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ଅନେକ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଶତାଧିକ ସଙ୍ଗଠନର ପ୍ରତିନିଧି, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଜନସାଧାରଣ ଯୋଗ ଦେଇଥିଲେ।

ବିଧାୟକ ମିଶ୍ର କହିଥିଲେ ଯେ, ଆଗାମୀ ବିଧାନସଭା ଅଧିବେଶନ ହେଉଛି ତାଙ୍କ ବିଧାୟକତ୍ୱ କାର୍ଯ୍ୟକାଳର ଶେଷ ଅଧିବେଶନ। ସେ କହିଥିଲେ ଯେ, ଲୋକଙ୍କ ଦାବି ମୁତାବକ କାମ କରିବାକୁ ତାଙ୍କ ସ୍ୱାସ୍ଥ୍ୟ ଆଉ ଅନୁମତି ଦେଉନାହିଁ। ଏଣୁ ସେ ଆଗକୁ ଆଉ ନିର୍ବାଚନ ରାଜନୀତି କରିବେ ନାହିଁ। ବିଧାୟକ ମିଶ୍ର ଏଭଳି ଘୋଷଣା କରିବା ପରେ କେତେକ ବୁଦ୍ଧିଜୀବୀ ଓ ଜନସାଧାରଣ ତାଙ୍କୁ ଆଉ ଥରେ ନିର୍ବାଚନରେ ଲଢ଼ିବା ପାଇଁ ଅନୁରୋଧ କରିଥିଲେ। ତେବେ ଏଭଳି ଅନୁରୋଧକୁ ସେ ବିନମ୍ରତାର ସହ ମନା କରିଦେଇଥିଲେ। କିନ୍ତୁ ମୁଁ ରାଜନୀତି ଛାଡୁ ନାହିଁ। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା କରିଚାଲିଥିବି ବୋଲି କହିଥିଲେ। ଏକ ଆବେଗଭରା ପରିବେଶରେ ବିଧାୟକ ମିଶ୍ରଙ୍କ ଦୀର୍ଘ ୧୦ ବର୍ଷର କାର୍ଯ୍ୟକାଳ ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଲୋକେ ପ୍ରଶଂସା କରିଥିଲେ। ବିଶେଷକରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ଲୋୟର ସୁକ୍‌ତେଲ ପ୍ରକଳ୍ପ ଶେଷ ହୋଇଥିବାରୁ ବିଧାୟକ ମିଶ୍ରଙ୍କୁ କୃତଜ୍ଞତା ଜଣାଇଥିଲେ।

ସାମାଜିକ କର୍ମୀ ଧର୍ମେନ୍ଦ୍ର ପ୍ରସାଦ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଜନମତ ଓ ବିଧାୟକ କାର୍ଯ୍ୟକ୍ରମରେ ସ୍କୁଲ, କଲେଜରେ ଶିକ୍ଷକ, ଅଧ୍ୟାପକ ଅଭାବ ଭିତର ଶିକ୍ଷା ଅବ୍ୟବସ୍ଥା, ଡାକ୍ତର ଅଭାବଜନିତ ହସ୍ପିଟାଲର ଦୁରାବସ୍ଥା, ବେରୋଜଗାର ସମସ୍ୟା, ନିଶାସେବନ ଜନିତ ଅବ୍ୟବସ୍ଥାକୁ ନେଇ ଜନସାଧାରଣ ଚିନ୍ତାବ୍ୟକ୍ତ କରିଥିଲେ। ନିଯୁକ୍ତି ନଥିବାରୁ ବଲାଙ୍ଗୀର ଓ ପଶ୍ଚିମ ଓଡିଶାର ଯୁବତୀ, ଯୁବକଙ୍କ ଭବିଷ୍ୟ ନଷ୍ଟ ହେଉଥିବା ନେଇ ଆଲୋଚନା କରି ଶେଷ ବିଧାନସଭାରେ ଏହାକୁ ପ୍ରସଙ୍ଗ କରି ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ ଓ କୋଶଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି ସମ୍ପର୍କରେ ଆଲୋଚନା କରିବାକୁ ଅନୁରୋଧ ଜଣାଇଥିଲେ। କୃଷି ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟ ଏବଂ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କଥା ଉଠାଇଥିଲେ। ସବୁ ଗୁରୁତ୍ୱପୂର୍ଣ୍ଣ ଦାବି ସହ ଆଞ୍ଚଳିକ ବୈଷମ୍ୟକୁ ନେଇ ଆଲୋଚନା କରିବେ ବୋଲି ବିଧାୟକ ମିଶ୍ର ଜଣାଇଥିଲେ। କିଛି ବିଶିଷ୍ଟ ବ୍ୟକ୍ତି ବିଧାୟକଙ୍କ ଉତ୍ତରାଧିକାରୀ ଦେବାକୁ ଅନୁରୋଧ କରିଥିଲେ। ଏହାର ପ୍ରତିକ୍ରିୟାରେ ଜଣେ ଯୋଗ୍ୟ ଉତ୍ତରାଧିକାରୀ ଦିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ଡ ଶ୍ରୀକର ମିଶ୍ର, ସନ୍ତୋଷ ଦାଶ, ପ୍ରେମଚାନ୍ଦ ମହାନ୍ତି, ନକୁଳ ଅଗ୍ରୱାଲ, ମଲିଆ ଗଡୁଆ, ଶ୍ରୀମନ୍ତ ପଣ୍ଡା, ସମାୟିକା ନାୟକ, ସଞ୍ଜୀବ ରଥ, ଡା. ଲଳିତ ସାହୁ, ସୁଧୀର ତ୍ରିପାଠୀ, କେଶବ ମିଶ୍ର, ମନୋରଞ୍ଜନ ସାହୁ, ଦେବାଶିଷ ପାଣ୍ଡିଆ, ସଞ୍ଜୟ ଗଡତ୍ୟା, ଇଂ. ବେଲାର ସିଂ ଭୋଇ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଚୋରା କାଠ ବୋଝେଇ ଗାଡ଼ି ଜବତ

ପଦ୍ମପୁର,୨୮।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ବନ ବିଭାଗ ପକ୍ଷରୁ ଗାଇସିଲେଟ ଥାନା ଅନ୍ତର୍ଗତ କେନ୍ଦୁଭଟା-ଚଂଘରିଆ ରାସ୍ତାରେ ଚଢାଉ କରି ଚୋରା ଖଇର କାଠ ବୋଝେଇ ନମ୍ବର ବିହୀନ ମିନି ଟ୍ରକ୍‌କୁ ଜବତ କରାଯାଇଛି। ଜବତ କାଠର ପରିମାଣ ୫.୩ ଟନ୍ ହେବ। ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଏ ନେଇ ଏକ ମାମଲା (ନଂ.୯୪/୨୪) ରୁଜୁ କରି ତଦନ୍ତ ଚାଲିଥିବା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସୂଚନା ଦେଇଛନ୍ତି।

### ଶ୍ରମଦାନ କରି ରାସ୍ତା କଲେ ଗ୍ରାମବାସୀ

ପଦ୍ମପୁର,୨୮।୧(ପ୍ରଦୀପ୍ତ ଦାଶ)

ଲଖମରା ଗ୍ରାମପଞ୍ଚାୟତ କୁଲାଣ୍ଟି ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି। କୁଲାଣ୍ଟି ଶିବ ମନ୍ଦିରକୁ ନିକଟସ୍ଥ ଅନେକ ଗ୍ରାମରୁ ଭକ୍ତମାନେ ଆସିଥାନ୍ତି। କିନ୍ତୁ ମନ୍ଦିରକୁ ଅଧ କିଲୋମିଟର ରାସ୍ତା ହିଡରେ ଯିବାକୁ ପଡେ। ତେଣୁ ଯୁବଗୋଷ୍ଠୀ ଗ୍ରାମରେ ସଭା କରି ଜମି ଯୋଗାଇ ଦେବାକୁ ମାଲିକମାନଙ୍କୁ ଅନୁରୋଧ କରିଥିଲେ। ଫଳରେ ଜମି ମାଲିକମାନେ ଜମିଦାନ କରିବା ପରେ ଗ୍ରାମବାସୀ ଶ୍ରମଦାନ କରି ଓସାରିଆ ରାସ୍ତା ନିର୍ମାଣ କରିଛନ୍ତି।

# ବିକାଶ ଏକ ନିରନ୍ତର ପ୍ରକ୍ରିୟା


ବରଗଡ଼ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)

ଗୋଟିଏ ରାଜ୍ୟ ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, କୃଷି, ବାଣିଜ୍ୟ ପ୍ରତିକ୍ଷେତ୍ରରେ ବିକଶିତ ହୁଏ, ସେହି ରାଜ୍ୟ ବିକଶିତ ହୋଇଥାଏ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ରାଜ୍ୟ ପ୍ରତି କ୍ଷେତ୍ରରେ ବିକଶିତ ହୋଇଛି। ସମ୍ପ୍ରତି ରୂପାନ୍ତରିତ ହୋଇ ଆମ ଓଡ଼ିଶା ନବୀନ ଓଡ଼ିଶାରେ ପରିଣତ ହୋଇଛି। ଏଇଠି ବିକାଶ କଥା କୁହେ। ଜନସାଧାରଣ, ଜନନେତା ତଥା ସରକାରଙ୍କୁ ବିକାଶର ହିସାବ ମାଗିବା ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମ ସରକାର ଜନସାଧାରଣଙ୍କ ଆଗରେ ହିସାବ ରଖି ରାଜନୀତି ଓ ସରକାରୀସ୍ତରରେ ଏକ ସୁସ୍ଥ ପରମ୍ପରା ସୃଷ୍ଟ କରିପାରିଛି। ବିକାଶ ଏକ ନିରନ୍ତର ପ୍ରକ୍ରିୟା ବୋଲି ବରଗଡ଼ ବ୍ଲକ ଗୋବିନ୍ଦପୁରଠାରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ପୁଷ୍ପା ଭୋଇ, ସମିତି ସଭ୍ୟ ଜ୍ଞାନ ବିଶ୍ୱାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କେଦାରନାଥ ଚୌଧୁରୀ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ଏସ୍‌ଡ଼ିଓ ମଦନ କରାଲୀ, ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ବିଜୟ ତିୱାରୀ, ପୋଲିସ ଅଧିକାରୀ ସଞ୍ଜୀବ କୁମାର ବସ୍ତିଆ, ନିତ୍ୟାନନ୍ଦ ନାଏକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନେତ୍ରୀ ଝରଣା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଜଗନ୍ନାଥ ସଂସ୍କୃତି, ସ୍କୁଲ ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମି ବିକାଶ, ମହିଳା ସଶକ୍ତୀକରଣ ଆଦି ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ସେମାନେ ଉପସ୍ଥିତ ଜନତାଙ୍କୁ ସଚେତନ କରାଇଥିଲେ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ବିବରଣୀ ଉପସ୍ଥାପନ କରିଥିଲେ। ସରପଞ୍ଚ ନାଏକ ବିଗତ ୨ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ ରାଶିର ବିବରଣୀ ଦେଇଥିଲେ। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ୩୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୫ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଗ୍ରାମ ରୋଜଗାର ସେବକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତାବିରାର କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନର କଳାକାର ଏବଂ ଶ୍ରୀହରିନଗର ଆଞ୍ଚଳିକ ହାଇସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଫେବୃୟାରୀ ୧୧ରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ ବୈଠକ

ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଓକିଲ ସଂଘ ସମୂହର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ ଶତପଥି, ପାଇକମାଳ ଓକିଲ ସଂଘ ସଭାପତି ରାମରତନ ପୁରୋହିତ, ଅତାବିରା ଓକିଲ ସଂଘ ସଭାପତି ଦୁର୍ଯ୍ୟୋଧନ ଛତର, ବରପାଲି ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ଭେଡ଼େନ ଓକିଲ ସଂଘ ସମ୍ପାଦକ ସୁଶିଲ ବେହେରା, ଭଟଲି ଓକିଲ ସଂଘ ସଭାପତି ସଞ୍ଜୟ ପଧାନ, ବିଜେପୁର ଓକିଲ ସଂଘ ସଭାପତି ଲାଲବିହାରୀ ସାହୁ, ଅମ୍ବାଭୋନା ଓକିଲ ସଂଘ ସଭାପତି ଜୟସିଂ ପ୍ରଧାନ, ବରଗଡ଼ ଜିଲା ଓକିଲ ସଂଘ ଉପସଭାପତି ସୁଶିଲ ଶତପଥୀ, ସମ୍ପାଦକ ଉତ୍ତର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

ଗତବର୍ଷ ଡିସେମ୍ବର ୨୫ତାରିଖରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ଅନୁଯାୟୀ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକତା, ଅଖଣ୍ଡତା ତଥା ଭାଇଚାରା ବଜାୟ ରଖିବା ପାଇଁ ଏକ ବୈଠକ ଡକାଯିବା ନିଷ୍ପତ୍ତି କ୍ରମେ ଆଗାମୀ ଫେବୃୟାରୀ ୧୧ତାରିଖରେ ବରଗଡ଼ ଜିଲା ଓକିଲ ସଂଘ ସମୂହ ଆନୁକୂଲ୍ୟରେ ଏକ ସମାବେଶ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକକୁ ନିମନ୍ତ୍ରଣ କରାଯିବା ପାଇଁ ଜିଲାର ସମସ୍ତ ସଂଘମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବରଗଡ଼ ଜିଲାର ସମସ୍ତ ଓକିଲ ସଂଘରୁ ମନୋନୀତଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ସମାବେଶକୁ ସୁପରିଚାଳନା କରିବା ଦିଗରେ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ବୈଠକରେ ବିଜେପୁର ଓକିଲ ସଂଘ ଦ୍ୱାରା ଅବଗତ କରାଯାଇଥିବା ଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ବିଜେପୁରରେ ଉଦଘାଟନ ହେବାକୁ ଥିବା ଜେଏମଏଫସି କୋର୍ଟ ଉଦ୍‌ଘାଟନ ହୋଇ ନ ପାରି ମୁଖ୍ୟ ବିଚାରପତି ତଥା ଆଡ଼ମିନିଷ୍ଟ୍ରେଟିଭ ଜଜ୍ ଫେରିଯିବାକୁ ନେଇ ବୈଠକରେ ଦୁଃଖ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଯଥାଶୀଘ୍ର ଜିଲା ଓକିଲ ସଂଘ ସମୂହଙ୍କ ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି, ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ଆଡ୍‌ମିନିଷ୍ଟ୍ରେଟିଭ ଜଜ୍ ତଥା ବରଗଡ଼ ଜିଲା ଦୌରାଜଜ୍‌ଙ୍କୁ ଭେଟି ସାକ୍ଷାତ ଆଲୋଚନା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମାବେଶ ପରିଚାଳନା କରିବା ପାଇଁ ଆଡ଼ହକ୍ କମିଟି ବୈଠକ କରି ଯୋଗସୂତ୍ର ରକ୍ଷା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବରଗଡ଼ ଜିଲା ଓକିଲ ସଂଘ ସହ ସମ୍ପାଦକ ଶୁକଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଷ୍ଣା ବିକାଶରେ ଛତିଶଗଡ଼ ରାଜ୍ୟପାଳ


ଛତିଶଗଡ଼ ରାଜ୍ୟପାଳଙ୍କୁ କ୍ରୀଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନକୁ ଶନିବାର ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପହଞ୍ଚିଥିଲେ। ସେ ତାଙ୍କ ଏହି ଗସ୍ତରେ ମୁରଲି କ୍ରୀଷ୍ଣା ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍କିଲିଂ ଇଣ୍ଡିଆ ବସ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ, ସ୍କିଲ ଇଣ୍ଡିଆ, ଆତ୍ମନିର୍ଭର ଭାରତ, ଡିଜିଟାଲ ପେମେଣ୍ଟ, ୟୁପିଆଇକୁ ସାକାର କରିବା ପାଇଁ ସ୍କିଲ ଇଣ୍ଡିଆ ବସ୍ ସେବାର ଶୁଭାରମ୍ଭ ହୋଇଥିବା ଅନୁଷ୍ଠାନର ଚେୟାରମ୍ୟାନ ଦାଶରୀ ମୁରଲି କ୍ରୀଷ୍ଣା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ବିଭାଗର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ହରିଚନ୍ଦନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ୟାମା ମ୍ୟୁଜିକାଲ୍ସର ବାର୍ଷିକୋତ୍ସବ

ବରପାଲି,୨୮।୧(ଚିତ୍ତରଞ୍ଜନ ସାହୁ)

ବରପାଲିର ଶ୍ୟାମା ମ୍ୟୁଜିକାଲ୍ସର ୪୩ ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଲବ ପରିସରରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରପାଲି ତହସିଲଦାର ରୁକ୍ମଣ କୁମାର ମେହେର ମୁଖ୍ୟ ଅତିଥି ଓ ପ୍ରଫେସର ସୁଶୀଲ କୁମାର ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭ୍ୟ ଚନ୍ଦ୍ର ଶେଖର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବାଳକିଶୋର ଖାଡଙ୍ଗା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସହ ସମ୍ପାଦକ ଧୀରେନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ବିଶିଷ୍ଟ କଳାକାର ପରମାନନ୍ଦ ସ୍ୱାଇଁ (ବୁଲୁ)ଙ୍କୁ ଶ୍ୟାମାଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ରଙ୍ଗୋଲି ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ପାଇକମାଳ,୨୮।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ତନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟ ଅତିଥି, ଭଟଲି ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ମୁଖ୍ୟ ବକ୍ତା, ବରଗଡ଼ ଜିଲା ଓଷ୍ଟା ସଭାପତି ନନ୍ଦଲାଲ ନାୟକ, ଶିକ୍ଷାକେନ୍ଦ୍ର ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ଅଧକ୍ଷ ଗଙ୍ଗାଧର ରଣା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ ଅତିଥି ପରିଚୟ ଦେଇଥିବା ବେଳେ ଅଧକ୍ଷ ଗଙ୍ଗାଧର ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନିରୁଦ୍ଧ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶିବ ଜଗତଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବରେ ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ଛାତ୍ର, ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ଛାତ୍ର ରିତେଶ ଭୁଏ ଓ ଶ୍ରେଷ୍ଠ ଛାତ୍ରରେ ଛାତ୍ରୀ ଚାନ୍ଦିନୀ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଥବିର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# କୈଳାସ ସାହୁଙ୍କୁ କଳା ଗୌରବ ସମ୍ମାନ

## ଚିତ୍ରକଳା ଅନୁଷ୍ଠାନର ବାର୍ଷିକ ଉତ୍ସବ

ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଚିତ୍ରକଳା ଅନୁଷ୍ଠାନ କଳା ନିକେତନର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସର୍ଦ୍ଦାର ପ୍ରୀତମ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର ମୁଖ୍ୟବକ୍ତା ଏବଂ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ କୈଳାସ ସାହୁଙ୍କୁ କଳା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତାର ୧୦୦ ବିଜେତାଙ୍କ ମଧ୍ୟରୁ ୧୫ଜଣଙ୍କୁ ଜୁରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଗତ ମାସ ୨୬ତାରିଖରେ ଅନୁଷ୍ଠିତ ଷ୍ଟେଟ୍ ଚାମ୍ପିୟନ ପ୍ରତିଯୋଗିତାର ଶ୍ରେଷ୍ଠ ୧୦ଜଣ କୃତୀ ଚିତ୍ରଶିଳ୍ପୀଙ୍କୁ ଷ୍ଟେଟ୍ ଚାମ୍ପିୟନ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାଞ୍ଜଳ ଶ୍ରୀଜିତା, ଶ୍ରଦ୍ଧା ଗୁପ୍ତା ନୃତ୍ୟ ପରିବେଷଣ କରିଥିବାବେଳେ ମୁସ୍କା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର, ସୁଦନ ସେଠ, ମନୋଜ ଜେନା, ଅବିନାଶ ଗୁପ୍ତା, ସୁଲୋଚନା ମହାପାତ୍ର, ସୁନନ୍ଦା ହାତୀ, ସୁନିଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।


ଚିତ୍ରଶିଳ୍ପୀ କୈଳାସ ସାହୁଙ୍କୁ କଳା ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

# ଜର୍ଜ ହାଇସ୍କୁଲର ଶତବାର୍ଷିକୀ ସମାରୋହ



ଶତବାର୍ଷିକ ସମାରୋହରେ ଅତିଥିବୃନ୍ଦ।

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସର୍ବପୁରାତନ ଜର୍ଜ ହାଇସ୍କୁଲର ଶତବାର୍ଷିକୀ ସମାରୋହ ଶନିବାର ଉଦଘାଟିତ ହୋଇଯାଇଛି। ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟପାଳ ହରିଚନ୍ଦନ ତାଙ୍କ ଅଭିଭାଷଣରେ ପାଇକ ବିଦ୍ରୋହ, ସିପାହୀ ବିଦ୍ରୋହର କଥା ମନେ ପକାଇବା ସହିତ ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ, ଘେଁସ୍ ଜମିଦାର ମାଧୋ ସିଂ ଏବଂ ତାଙ୍କ ପୁତ୍ରମାନଙ୍କ ବଳିଦାନ, ତ୍ୟାଗକୁ ସ୍ମରଣ କରିଥିଲେ। ଅନ୍ୟାୟ, ଅନୀତି ବିରୋଧରେ ଲଢ଼େଇ କରିବା ପାଇଁ ସେ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ଏବଂ ବିଗତ ଶହେବର୍ଷ ମଧ୍ୟରେ ଜର୍ଜ ହାଇସ୍କୁଲରୁ ଅନେକ ପ୍ରତିଭା ବାହାରିଛନ୍ତି। ଫଳରେ ଉକ୍ତ ବିଦ୍ୟାଳୟ ତଥା ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅବଦାନକୁ ମଧ୍ୟ ଭୁଲିଯିବା ଠିକ୍ ନୁହେଁ ବୋଲି ହରିଚନ୍ଦନ କହିଥିଲେ। ବରଗଡ଼ ଏମପି ସୁରେଶ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ବିଦ୍ୟାଳୟରେ ଦୀର୍ଘବର୍ଷରୁ ସୁରକ୍ଷିତ ରହିଥିବା ବିଭିନ୍ନ ସାମଗ୍ରୀକୁ ନେଇ ସଂଗ୍ରହାଳୟ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସେଥିପାଇଁ ସେ ସହଯୋଗ କରିବେ ବୋଲି ପୂଜାରୀ କହିଥିଲେ। ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ମଞ୍ଚାସୀନ ଥିଲେ। ଏହି ଅବସରରେ ଶତବାର୍ଷିକୀ ସମାରୋହର ସ୍ମାରକୀ ଗେଟ୍ ଲୋକାର୍ପଣ ହେବା ସହିତ ସ୍ମରଣିକା ‘ମୁକ୍ତାଲୋକ’ ଉନ୍ମୋଚିତ ହୋଇଥିଲା।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଯଜ୍ଞାରମ୍ଭ

## ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା

ସରଣ୍ଡା,୨୮।୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡଶ୍ରୀଗିଡାଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ଅଙ୍କୁରାରୋପଣ ସହ ଭବ୍ୟ କଳସ ଶୋଭାଯାତ୍ରା ପରେ ଯଜ୍ଞାରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ଯଜ୍ଞମଣ୍ଡପରେ କଳସ ପାଇଁ ସଂକଳ୍ପ ପୂଜାପାଠ କରାଯାଇଥିଲା। ପରେ ନିକଟସ୍ଥ ପୋଖରୀରୁ ପୂର୍ଣ୍ଣକଳସ ଧରି ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ମଣ୍ଡପକୁ ଆସି କଳସ ସ୍ଥାପନ କରିଥିଲେ। ପଣ୍ଡିତ ପିକେଶ ପୁରୋହିତ, ନିରଞ୍ଜନ ପାଣିଗ୍ରାହୀ, ଶୌରୀଶଙ୍କର ଶତପଥୀ, ସଚ୍ଚିଦାନନ୍ଦ ମିଶ୍ର ଓ ରବିନ୍ଦ୍ର ନାଏକ ପୌରୋହିତ୍ୟ କରିଥିଲେ। ପାହାଡଶ୍ରୀଗିଡା ଜମିଦାର ପୁରୁଷୋତ୍ତମ ସିଂହ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱରୀ ସିଂହ ମୁଖ୍ୟକର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ପଣ୍ଡା ଓ ବାସନ୍ତୀ ପଣ୍ଡା, ଭୋଳାନାଥ ବାରିକ ଓ ସୌଦାମିନୀ ସାହୁ , ସଚ୍ଚିଦାନନ୍ଦ ମେହେର ଓ ବୀଣାପାଣି ମେହେର, ରାମକୃଷ୍ଣ ସାହୁ ଓ ପ୍ରତିମା ସାହୁ, ସତ୍ୟନାରାୟଣ ଗୁପ୍ତା ଓ ସରସ୍ୱତୀ ଗୁପ୍ତା, ସୁଧୀର କୁମାର ମେହେର ଓ ଝରଣା ମେହେର, ପରେଶ ଚନ୍ଦ୍ର ରଣା ଓ ସଂଘମିତ୍ରା ରଣା, ସୁରେନ୍ଦ୍ର ବାରିକ ଓ ବୀଣାପାଣି ବାରିକ, ଡୋଲେଶ୍ୱର କାଣ୍ଡ ଓ ଶିବାନୀ କାଣ୍ଡ ଏବଂ ଭୂପେଶ ଗୁପ୍ତା ଓ ପ୍ରିୟଦର୍ଶିନୀ ଗୁପ୍ତା ସହଯୋଗୀ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱବହନ କରୁଛନ୍ତି। ଗ୍ରାମବାସୀଙ୍କ ସମେତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ଜିତେନ୍ଦ୍ରୀୟ ମେହେର, ସାଧାରଣ ସମ୍ପାଦକ ରମାକାନ୍ତ ପ୍ରଧାନ, ସହ ସମ୍ପାଦକ ମିଳନ ସେଠ, ରବିକାନ୍ତ ପାତ୍ର, ଉପ ସଭାପତି ଅରବିନ୍ଦ ପାତ୍ର, ବୁଦ୍ଧଦେବ ନନ୍ଦ, ଦିଲୀପ ଶର୍ମା, ରାମକୃଷ୍ଣ ସାହୁ, କୋଷାଧକ୍ଷ ପଦ୍ମଲୋଚନ ପଣ୍ଡା, ବୁଠି ସାହୁ, ଚିନ୍ତାମଣି ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୧ରେ ଯଜ୍ଞର ପୂର୍ଣ୍ଣାହୂତି ସହ ଉଦ୍‌ଯାପନୀ ହେବ। ପରେ ଜଗନ୍ନାଥଙ୍କୁ ନବନିର୍ମିତ ମନ୍ଦିରକୁ ପ୍ରବେଶ କରାଯିବାର କାର୍ଯ୍ୟକ୍ରମ ରହିଛି। ରବିବାର ଉଦ୍‌ଘାଟନୀ ଉତ୍ସବ ସହ କଳସ ଶୋଭାଯାତ୍ରାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିର

ସଇଁତଳା,୨୮।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ହାଟପଦାଠାରେ। ସ୍ଥାନୀୟ ଯୁବ ସମାଜ ଓ ସୁବର୍ଣ୍ଣପୁର ଜିଲା ପଣ୍ଡାପାଲିଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ରବିବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କରମତଲା ଗ୍ରାମର ଶାନ୍ତନୁ ରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ ମୁଖ୍ୟ ଅତିଥି, ରୂପାଧର ବାଗ ସମ୍ମାନୀତ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଡ଼ାକ୍ତରମାନେ ୧୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା।




ରବିବାର ରାଉରକେଲା ବିଶ୍ରା ଛକରୁ ସେକ୍ଟର-୨ ଦୁର୍ଗାପୂଜା ପଡିଆ ପର୍ଯ୍ୟନ୍ତ ମିନି ମାରାଥନ୍‌ରେ ଯୁବକମାନେ ଅଂଶଗ୍ରହଣ କରିଛନ୍ତି।

## ସମସ୍ତଙ୍କୁ ଶିକ୍ଷା ବାର୍ତ୍ତା ଦେଲା ମିନି ମାରାଥନ

ରାଉରକେଲା,୨୮।୧(ସଙ୍ଗୀତା ଜେନା)

ସମସ୍ତଙ୍କୁ ଶିକ୍ଷା ପ୍ରଦାନ ସଚେତନତା ବାର୍ତ୍ତା ନେଇ ରବିବାର ରାଜ୍ୟର ୫୫ଟି ସ୍ଥାନରେ କିସ୍ ଓ କିଟ୍ ପକ୍ଷରୁ ମାରାଥନ୍ ଦୌଡ ଆୟୋଜିତ ହୋଇଥିଲା। ଏହି କ୍ରମରେ ରାଉରକେଲା ବିଶ୍ରା ଛକରୁ ସେକ୍ଟର-୨ ଦୁର୍ଗାପୂଜା ପଡିଆ ପର୍ଯ୍ୟନ୍ତ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଭିନ୍ନ ସ୍ପୋର୍ଟସ ହଷ୍ଟେଲ ସହ କ୍ରୀଡ଼ାବିତ୍ ଓ ଯୁବ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରମ ମନ୍ତ୍ରୀ ନାୟକ କହିଲେ, ଅନୁଷ୍ଠାନ ଗୁଡ଼ିକ କେବଳ ଶିକ୍ଷାକୁ ନୁହେଁ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦେଇଆସୁଛି। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ବିକାଶ କରାଯାଉଛି ବୋଲି ନାୟକ କହିଥିଲେ। ସେହିପରି ବୁଦ୍ଧିଜୀବୀ ଅରବିନ୍ଦ ଦାସ, ରାଉରକେଲା ଅଟୋନମସ୍ କଲେଜ ଅଧ୍ୟକ୍ଷ ଡ. ବିଜୟ ବେହେରା, ଏନ୍‌ଆଇଟି ଇଲେକ୍ଟ୍ରିକାଲ୍‌ସ ବିଭାଗର ଅଧ୍ୟାପକ ତନ୍ମୟ ରାୟଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୀଲ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କିଟ୍‌ର କାର୍ଯ୍ୟକ୍ରମ ସଂଯୋଜକ ସନ୍ତୋଷ ନାୟକ, ସୁବ୍ରତ ମହାପାତ୍ର ସହଯୋଗ କରିଥିଲେ। ଉକ୍ତ ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଶ୍ଚିମାଞ୍ଚଳର ବାର୍ଷିକୋତ୍ସବରେ ମତପ୍ରକାଶ | ବିଦ୍ୟାର୍ଜନ ଜୀବନ ଗଢ଼ିବା ପାଇଁ ହେଉ

ରାଉରକେଲା,୨୮।୧(ସଙ୍ଗୀତା ଜେନା)

ଅଭିଭାବକ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ତ୍ରିକୋଣୀୟ ସମ୍ପର୍କ ମଜଭୁତ ହେଲେ ଶିକ୍ଷା କ୍ଷେତ୍ର ସୁବ୍ୟବସ୍ଥିତ ହେବ। ସେହିପରି ଛାତ୍ରୀଛାତ୍ରଙ୍କୁ କେବଳ ପାଠ୍ୟ ଖସଡା ମଧ୍ୟରେ ସୀମିତ ନ ରଖି ଶିକ୍ଷା ପାଇଁ ଅନୁକୂଳ ପାରିପାର୍ଶ୍ୱିକ ପରିବେଶ ଯୋଗାଇ ଦେବା ସହ ଜାତୀୟ ଶିକ୍ଷାନୀତି ସୃଜନଶୀଳ ହେଲେ ଦେଶର ଭବିଷ୍ୟତ ପିଢି ଲାଭବାନ ହେବେ ଏବଂ ଦେଶ ଉନ୍ନତି ପଥରେ ଅଗ୍ରସର ହେବ ବୋଲି ପଶ୍ଚିମାଞ୍ଚଳ ତଥା ରାକେଶ ମିଶ୍ର ଏଚ୍‌ଆର୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବ୍ରାହ୍ମଣୀ କ୍ଲବ୍‌ଠାରେ ରବିବାର ଆୟୋଜିତ 'ଏଜୁକେଶନ ଓଡିଶା କନ୍‌କ୍ଲେଭ୍'ରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। କନ୍‌କ୍ଲେଭକୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ରାଉରକେଲା ଇସ୍ପାତ କାରଖାନା ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ କହିଥିଲେ, ସୃଜନଶୀଳତା ହିଁ ସମାଜକୁ ଆଗେଇ ନେବାରେ ସହାୟକ ହେବ। ବିଦ୍ୟାଳୟ, ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧୀମାନ କହିଥିଲେ, ଶିକ୍ଷା କ୍ଷେତ୍ର ଶିଳ୍ପର ପ୍ରୟୋଗଶାଳା ହେବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ସ୍ତରରୁ ପ୍ରୟୋଗାତ୍ମକ ତାଲିମ ଦେବାକୁ ହେବ ବୋଲି ଧୀମାନ ମତପୋଷଣ କରିଥିଲେ। ସମ୍ପାଦକ ଡ. ଅଶୋକ ପଣ୍ଡା ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ବୈଦ୍ୟନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। 'ପଶ୍ଚିମାଞ୍ଚଳ'ର ସମ୍ପାଦିକା ଡ. ସୁରମା ମିଶ୍ର ଦଣ୍ଡମୁକ୍ତ ଓ ନିଶାମୁକ୍ତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି ଶିକ୍ଷାର ମାନ ବୃଦ୍ଧି ପାଇଁ ଉନ୍ନତମାନର ଶିକ୍ଷକଙ୍କ ଅଭାବ ଥିବା ଦର୍ଶାଇଥିଲେ। ମୁଖସ୍ଥ ପାଠ ଯୋଗୁ ଶିଶୁର କଳ୍ପନା ଶକ୍ତି ବାଧାପ୍ରାପ୍ତ ହେଉଛି। ପ୍ରକୃତିଗତ ଶକ୍ତି ସହ ମଣିଷର କଳ୍ପନା ଶକ୍ତି ମିଶିଲେ ସଂସ୍କୃତି ଗଠନ ହୁଏ। ଶିକ୍ଷାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ପ୍ରଶାସନର ଦାୟିତ୍ୱ। ଅପୂର୍ଣ୍ଣରୁ ପୂର୍ଣ୍ଣତା ଆଡକୁ ଯାତ୍ରା ହିଁ ଶିକ୍ଷାର ଲକ୍ଷ୍ୟ। ଶିକ୍ଷା ମଣିଷ ହୋଇ ବଞ୍ଚିବା ପାଇଁ ଦରକାର, ଜୀବିକା ଉପାର୍ଜନ ପାଇଁ ନୁହେଁ ବୋଲି ପାଣି କହିଥିଲେ। ସୁମନ ଦତ୍ତ, ଲତିକା ପଟ୍ଟନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନା, ଲାୟନ ଆର୍. କେ. ସିଂ, ସତନ କୁମାର ପ୍ରଧାନ, ନଳିନୀକାନ୍ତ ଧର, ଚିତ୍ତରଞ୍ଜନ ବ୍ରହ୍ମା ପ୍ରମୁଖ ନିଜ ମତାମତ ଦେଇଥିଲେ। ଅନୀଲ କୁମାର ମଲ୍ଲିକ ସଭା ସଞ୍ଚାଳନ କରିଥିଲେ। କେସିଙ୍ଗା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରୋଟାରିଆନ ସୁରଜିତ ସିଂ ଏବଂ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭା ସଭାପତି ଛଗନଲାଲ ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରକାଶକ ସ୍ୱରୂପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ୫ ଶହ ଘର ଭୂୟାଁ ସମାଜ ବୈଠକ



ବୈଠକରେ ସମାଜର କର୍ମକର୍ତ୍ତା ଓ ସଦସ୍ୟଗଣ।

ବଡ଼ଗାଁ, ୨୮।୧(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁର ଲଟାପଡା ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ରବିବାର ୫ ଶହ ଘର ଭୂୟାଁ ସମାଜର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ ବ୍ୟକ୍ତି ରଘୁନାଥ କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜ ସଂସ୍କାର ଓ ଶିକ୍ଷା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ପରିବାରର ପିଲାଙ୍କୁ ବିଶେଷ କରି ବାଳିକାମାନଙ୍କୁ ପାଠ ପଢିବା ପାଇଁ ପ୍ରୋତ୍ସାହିତ କରିବା ଓ କୁସଂସ୍କାରଠାରୁ ଦୂରେଇ ରହିବା ଉପରେ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ଫେବୃଆରୀ ୧୦ ଓ ୧୧ ତାରିଖରେ କୁଆଁରମୁଣ୍ଡାର ପଦମପୁରଠାରେ ହେବାକୁ ଥିବା ସମାଜର ମହାସଭାରେ ଯୋଗଦେବା ଉପରେ ବିଶଦ ଆଲୋଚନା ହୋଇଥିଲା। ବଡ଼ଗାଁର କୈଳାଶ ଭିତ୍ରିଆ, ସୁଶର୍ମା ନାଏକ, ଉମାକାନ୍ତ ନାଏକ, ପାଣ୍ଡେରପାଲି ଗ୍ରାମର ବୀରେନ୍ଦ୍ର କୁମାର ରାଉତ, ଭୋଇପାଲି ଗ୍ରାମର ଗଜେନ୍ଦ୍ର ଭିତ୍ରୀୟ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥଲେ। ରାଜେଶ ଦେହୁରୀ, ମନୋଜ ନାଏକ, ମନୋଜ ଭିତ୍ରିଆ, ସତ୍ୟପ୍ରକାଶ କାଲୋ, ଶିବା ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ମେଧାବୀ ଛାତ୍ରଙ୍କୁ ଉତ୍କର୍ଷ ଛାତ୍ରବୃତ୍ତି ପ୍ରଦାନ




କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ର।

ସୁନ୍ଦରଗଡ,୨୮।୧
(ଜୟ ନାରାୟଣ ମେଣ୍ଡୁଲି)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନ ପ୍ରକଳ୍ପ ଆଖପାଖ ଗ୍ରାମଗୁଡିକର ଦଶମ ଓ ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉତ୍କର୍ଷ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ପ୍ରକଳ୍ପର ମୁଖ୍ୟ ଏଚ୍. ଏନ୍. ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବର୍ତ୍ତମାନ ସମୟରେ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୧୮ଟି ବିଦ୍ୟାଳୟର ୪୬ ଛାତ୍ରୀଛାତ୍ରଙ୍କ ସହିତ ମୋଟ ୫୮ଜଣଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏନ୍‌ଟିପିସି ଦର୍ଲିପାଲିର ଅନ୍ୟ ମହାପ୍ରବନ୍ଧକ, ଅଭିଳାଷା ଲେଡିସ କ୍ଲବର ସଦସ୍ୟ, ମାନବସମ୍ବଳ ବିଭାଗର ଅଧିକାରୀ, ଅନ୍ୟ ବରିଷ୍ଠ ଅଧିକାରୀ, ରାଏଡିହି ସରପଞ୍ଚ ଇଲାବତୀ ମାଝୀ, କନକତୁରା ସରପଞ୍ଚ ମଙ୍ଗଳବତୀ ଓରାମ, ଜେ. ରାଏବଗାର ଇନ୍ଦ୍ର ମଣିଷ କାଲୋ, ଲୋଇସିଂହାରୁ ସନାତନ ରୋହିଦାସ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ।

## ୭ଦିନ ହେଲା ପାଇପ୍ ଜଳଯୋଗାଣ ବନ୍ଦ

ଦେଓଗାଁ,୨୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ଗତ ୭ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି । ଫଳରେ ଗ୍ରାମବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହଲି ଛକରୁ କୁତୁର୍ଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାମ ଚାଲୁଥିବାବେଳେ ଜେସିବି ଦ୍ୱାରା ଖୋଳିବା ସମୟରେ ପାଇପ ଫାଟି ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ କାମ କରୁଥିବା ଠିକାଦାର ବା ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପାଇପ ମରାମତି କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସାମାଜିକ, ଆର୍ଥିକ, ଶୈକ୍ଷିକ ଉନ୍ନତି ଉପରେ ଆଲୋଚନା

ସୁନ୍ଦରଗଡ,୨୮।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲକ୍ଷେ ଘର ସମାଜର ବୈଠକ ରବିବାର ବନବାସୀ କଲ୍ୟାଣ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ସୁନ୍ୟାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଲକ୍ଷେ ଘର ସମାଜର ସାମାଜିକ, ଆର୍ଥିକ ଓ ଶୈକ୍ଷିକ ଉନ୍ନତି ଉପରେ ଆଲୋଚନା ହୋଇଥିଲା। ଏଥିସହ ସମାଜର ନୂତନ ସଭା ଗୃହ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସାଧାରଣ ସମ୍ପାଦକ ଲାଲିନ୍ଦ୍ର ବାଗ ବିବରଣୀ ପାଠ କରିଥିଲେ। ସମ୍ପାଦକ ସୁଶୀଲ ବାଗ, ଉପସଭାପତି ରାଜା କକ, କୋଷାଧ୍ୟକ୍ଷ ଜିଲେଶ୍ୱର ଜୟପୁରିଆ ଓ ଉପଦେଷ୍ଟା ବିଶ୍ୱଜିତ ତନ୍ତୀ, ସନାତନ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସମାଜର କାର୍ଯ୍ୟକର୍ତ୍ତା।

## ଆର୍‌ଏସ୍‌ପିର ଉତ୍କର୍ଷତା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ

ରାଉରକେଲା,୨୮।୧
(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୋକାରୋ ଓ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଏଥିସହ ପରେଡରେ ରାଉରକେଲା ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ, ଏନ୍‌ସିସି, ସ୍କାଉଟ ଗାଇଡ, ସିଭିଲିଆନ ଗ୍ରୁପ ସହିତ ସିଆଇଏସ୍‌ଏଫ୍ ବାହିନୀ, ଆରଏସପିର ଅଗ୍ନିଶମ ଦଳ, ନର୍ସେସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଓ ସେଲ ହକି ଏକାଡେମୀ ଆଦି ୫୧ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭୌମିକ ତାଙ୍କ ଅଭିଭାଷଣରେ ଆରଏସପିର ନୂତନତ୍ୱ, ସ୍ଥାୟିତ୍ୱ ଏବଂ ଉତ୍କର୍ଷତା ପାଇଁ ସଂକଳ୍ପବଦ୍ଧ ଭାବେ ଆରଏସପିର ବିକାଶ ଓ ସମୃଦ୍ଧିକୁ ବିକଶିତ କରି ଦେଶର ମୂଳଦୁଆ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ପରେ ୨୦୨୩ ଆର୍ଥିକ ବର୍ଷରେ ଆରଏସପିର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖ ପ୍ରଦର୍ଶନ ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ସିଆଇଏସ୍‌ଏଫ୍ କର୍ମୀଙ୍କୁ ଅତି ଉତ୍କୃଷ୍ଟ ଓ ଉତ୍କୃଷ୍ଟ ସମ୍ମାନ ଏବଂ ଆରଏସପି ଅଧିକାରୀମାନଙ୍କୁ ଜବାହର ପୁରସ୍କାର, ଆରଏସପି ଗୌରବ, ବିଶିଷ୍ଟ ଦିବ୍ୟାଙ୍ଗଜନ କ୍ରୀଡ଼ା ପୁରସ୍କାର, କଣ୍ଟ୍ରାକ୍ଟର ସୁପରଭାଇଜର ଉତ୍କର୍ଷତା ପୁରସ୍କାର ଏବଂ ଶ୍ରେଷ୍ଠ ପରେଡ ଦଳ ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଆଇସି ପରେଡ ମାର୍ଚ୍ଚପାଷ୍ଟରେ ବିବିଧତାରେ ଏକତାକୁ ପ୍ରତିଫଳିତ କରିଥିବା ସେଣ୍ଟ ଜନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଚିତ୍ତାକର୍ଷକ ପ୍ରଦର୍ଶନ ପାଇଁ ୧୦ହଜାର ଟଙ୍କା ଓ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଯୋଗ ଓ ପିରାମିଡ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ସୀମା ଦେବ ଭୌମିକ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି. କେ. ହୋତା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ସମାପିକା ସାହୁ, ଡାକ୍ତର ସୁସ୍ମିତା ଦାସ, ଜୟଶ୍ରୀ ହୋତା, ନମ୍ରତା ବର୍ମାଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ।

ସେହିପରି ବଲାଣି ଫୁଟବଲ ଗ୍ରାଉଣ୍ଡରେ ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବଲାଣି ଲୌହଖଣିର ସିଜିଏମ୍ ଜୟଦେବ ଚଟ୍ଟୋପାଧ୍ୟାୟ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆର୍‌ଏସ୍‌ପି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଆରଏସପି କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ପରେଡରେ ସିଆଇଏସ୍‌ଏଫ୍‌ଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ସମର୍ପିତ ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ

ସୁନ୍ଦରଗଡ,୨୮।୧
(ଜୟ ନାରାୟଣ ମେଣ୍ଡୁଲି)

ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ୭୫ତମ ସାଧାରଣ ତନ୍ତ୍ର ଦିବସକୁ ପରମ୍ପରା ଓ ଦେଶ ଭକ୍ତିର ପ୍ରତୀକ ସମାରୋହ ପୂର୍ବକ ପାଳନ କରାଯାଇଛି। ଏନ୍‌ଟିପିସି ଡୁଲଙ୍ଗା ପ୍ରକଳ୍ପର ମୁଖ୍ୟ କେ. ଚନ୍ଦ୍ରଶେଖର ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ତାଙ୍କ ଅଭିଭାଷଣରେ ଭାରତର ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦେଶର ସମ୍ମାନକୁ ବଜାୟ ରଖିବା ପାଇଁ କର୍ମଚାରୀମାନେ ସମର୍ପିତ ମନୋଭାବ ରଖି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କୋଇଲା ଉତ୍ପାଦନ, କର୍ପୋରେଟ ସାମାଜିକ ଉତ୍ତର ଦାୟିତ୍ୱ, ପର୍ଯ୍ୟାବରଣ ସୁରକ୍ଷା ଦିଗରେ ପ୍ରକଳ୍ପର କର୍ମଚାରୀ, ଅଧିକାରୀମାନଙ୍କ ଉଲ୍ଲେଖଯୋଗ୍ୟ କାର୍ଯ୍ୟକୁ ଚନ୍ଦ୍ରଶେଖର ପ୍ରଶଂସା କରିଥିଲେ।

**କୁଆଁରମୁଣ୍ଡା(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଆଁରମୁଣ୍ଡା ବ୍ଲକରେ ବିଡ଼ିଓ ଗଙ୍ଗାରାମ ବୁଡ଼େକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ତହସିଲରେ ତହସିଲଦାର ଚନ୍ଦ୍ରଜିତ ବେହେରା, କୁଆଁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ପଞ୍ଚନାରାୟଣ ସରାଫ, ଶିଶୁ ମନ୍ଦିରରେ ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ପଦମପୁର ହାଇସ୍କୁଲରେ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟତ୍ରୀ ରିତା ଲାକ୍ରା, ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବିଇଓ ସଦାନନ୍ଦ ପଧାନ, କଚାରୁ ହାଇସ୍କୁଲରେ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଆଁରମୁଣ୍ଡା ଫାଣ୍ଡିରେ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର, ଡୁମେରପୋର ହାଇସ୍କୁଲରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁରୂପ ଭାବେ ରାଏବୋଗା ଲ୍ୟାମ୍ପସରେ ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, କୁଆଁରମୁଣ୍ଡା ଲ୍ୟାମ୍ପସରେ ପୂର୍ବତନ ବିଧାୟକ ରେମିସ କେରକେଟା ଓ ବୀରମିତ୍ରପୁର ପୌରପାଳିକାରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିବା ଜଣାପଡ଼ିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରକଳ୍ପ ମୁଖ୍ୟ ଏବଂ ଅନ୍ୟମାନେ।

# ‘ସାହିତ୍ୟକୁ ଶ୍ରେଣୀବିଭାଗ କରିବା ଉଚିତ ନୁହେଁ’





ରବିବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆରେ ଚାଲିଥିବା ପୁସ୍ତକ ମେଳାରେ ଅତିଥି ଓ କର୍ମକର୍ତ୍ତାମାନେ ଏବଂ ଛାତ୍ରୀ ଓ ଅନ୍ୟମାନେ ପୁସ୍ତକ କିଣିବାକୁ ଦେଖୁଛନ୍ତି ।

ସମ୍ବଲପୁର,୨୮।୧(ବି.ଶଙ୍କର)

ଉପକାର କରୁଥିବା ଲୋକଟି କୃତଜ୍ଞ ନା ଉପକାର ପାଉଥିବା ଲୋକଟି କୃତଜ୍ଞ। ଏହା ଲେଖକର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ। ସାହିତ୍ୟକୁ ଶ୍ରେଣୀ ବିଭାଗ କରିବା ଉଚିତ ନୁହେଁ । ଯେପରିକି ଦଳିତ ସାହିତ୍ୟ, ଯୁବକଙ୍କ ସାହିତ୍ୟ ପ୍ରଭୃତି। ସାହିତ୍ୟ କେବଳ ମଣିଷର ସାହିତ୍ୟ ଅଟେ। ଶିଶୁ ହେଉ କି ବୁଢ଼ା ହେଉ ସମସ୍ତେ ସେହି ସାହିତ୍ୟ ପଢ଼ନ୍ତି। ଏଣୁ ସାହିତ୍ୟର ବିଭାଜନ ହେବା ଉଚିତ ନୁହେଁ। ସାହିତ୍ୟ ଜାତି ନାହିଁ, ଧର୍ମ ନାହିଁ, ଦେଶ ନାହିଁ। ଯେଉଁଠି ମଣିଷ ଅଛି, ଯେଉଁଠି ହୃଦୟ ଅଛି, ଯେଉଁଠି ଜୀବନ ଅଛି, ସେଠି ସାହିତ୍ୟ ରହିଛି। ରବିବାର ୨୪ତମ ସମ୍ବଲପୁର ପୁସ୍ତକମେଳା ମଞ୍ଚରେ ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଏହା କହିଛନ୍ତି। ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆଠାରେ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ମାନସ ରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଲେଖକଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ, କାହାଣୀର କୋମଳପଣ ସମସ୍ତଙ୍କୁ ଭଲ ଲାଗିଥାଏ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ଓ ଶିକ୍ଷାନବିଶ ସ୍ନେହା ଉରୁଗୁଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମଭୋଇ ଚେୟାର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ଓ ଭୀମଭୋଇ ସାହିତ୍ୟ ଗବେଷକ ସତ୍ୟାନନ୍ଦ ସ୍ୱାଇଁ ଆଲୋଚକ ରହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟ ସହ ଢାପ ଲୋକନୃତ୍ୟ, ଆଧୁନିକ ନୃତ୍ୟ ଓ ଗୀତର ସାଂସ୍କୃତିକ ପରିବେଷଣ କରାଯାଇଥିଲା ।

## ବାଙ୍କେଶ୍ୱର ବାବା, ବିନ୍ଧ୍ୟବାସିନୀ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

ରିଆମାଳ, ୨୮।୧(ନିରଞ୍ଜନ ବେହେରା)

ଦେବଗଡ ଜିଲା ରିଆମାଳ ବ୍ଲକ ଚୁହିଲାମାଳ ଗ୍ରାମର ଦକ୍ଷିଣ ଦିଗ ପାହାଡ ଉପରେ ଅବସ୍ଥିତ ଶ୍ରୀବାଙ୍କେଶ୍ୱର ବାବା ଏବଂ ବିନ୍ଧ୍ୟବାସିନୀ ଦୀର୍ଘ ୫୦ବର୍ଷ ହେଲା ଖୋଲା ସ୍ଥାନରେ ପୂଜା ପାଉଥିଲେ। ଅଞ୍ଚଳବାସୀଙ୍କ ଆଗ୍ରହ କ୍ରମେ ନିଜସ୍ୱ ପାଣ୍ଠିରେ ନୂତନ ମନ୍ଦିର ନିର୍ମାଣ ସରିଛି। ପ୍ରତିଷ୍ଠା ପର୍ବ ଲାଗି ମନ୍ଦିର କମିଟି ତଥା ନିକଟସ୍ଥ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃୟାରୀ ୫ରୁ ୭ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି କଳସଯାତ୍ରା, ମନ୍ଦିର ପ୍ରତିଷ୍ଠା ତଥା ବିଗ୍ରହ ସ୍ଥାପନ କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି । ତିନିଦିନ କାଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର କମିଟି ସୂତ୍ରରୁ ପ୍ରକାଶ।

## ଶତାଧିକ ଯୁବକ ବିଜେଡିରେ ସାମିଲ



ବିଜେଡିରେ ସାମିଲ ନବାଗତଙ୍କୁ ଜିଲା ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ସ୍ୱାଗତ।

ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)

**ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନମ୍ବର ୩ ଓ ୪ର ଶତାଧିକ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁତାପଡ଼ାସ୍ଥିତ ବାମରା ହାଉସ୍ ବିଜେଡି ଜିଲା କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ଓ ରେଢ଼ାଖୋଲ ବିଧାୟକ ତଥା ଜିଲା ସଭାପତି ଇଂ. ରୋହିତ ପୂଜାରୀଙ୍କ ଉପସ୍ଥିତିରେ ଆୟୋଜିତ ମିଶ୍ରଣ ପର୍ବରେ ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଅନୀତ ନାୟକଙ୍କ ନେତୃତ୍ୱରେ ଯୁବକମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏଥିରେ ଜିଲା ସଭାପତି ଇଂ ପୂଜାରୀ ଓ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାୟକ ଯୁବକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ଯୁବ ବିଜେଡି କର୍ମୀ ରାଜୀବ ପୂଜାରୀ, ବିଜେଡି ଜିଲା ଉପସଭାପତି ବସନ୍ତ ମିଶ୍ର, ଯୁବ ବିଜେଡି ଜିଲା ଉପସଭାପତି କିସୌର କୁମାର ପଣ୍ଡା ପ୍ରମୁଖ ବିଜେଡିରେ ସାମିଲ ହୋଇଥିବା ନବାଗତ ଯୁବକଙ୍କୁ ଅଭିନନ୍ଦନ ଜଣାଇଥିଲେ। ମିଶ୍ରଣ ପର୍ବରେ ବୁର୍ଲାର ଜଗ ନାଏକ, ବିକାଶ ନାଏକ, ଅମିତ କୁମାର, ବିକାଶ ସୁନା, ମୋହନ ନାଏକ, ସୁଧୀର ନାଏକ, ସୁବଳ ସୁନା, ସଚିନ କୁମାର, ସୋନୁ ସାଷ୍ଟି ପ୍ରମୁଖଙ୍କ ସହିତ ଶତାଧିକ ଯୁବକ ବିଜେଡିରେ ଯୋଗ ଦେଇଛନ୍ତି।

## ଗୋଟିଏ ରାତିରେ ଏକାଧିକ ଦୋକାନରୁ ଚୋରି

**କଡ଼ା ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ଦୋକାନୀ ସଂଘର ଦାବି**

ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)

ଗୋଟିଏ ରାତିରେ ସମ୍ବଲପୁର ସହର ପାଣିଟାଙ୍କି ଅଞ୍ଚଳର ଏକାଧିକ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ଏଠାରେ ଥିବା ଦୋକାନୀମାନେ ନିଜ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିଲେ। ରବିବାର ସକାଳୁ ଆସି ସେମାନଙ୍କ ଦୋକାନ ଗୁଡ଼ିକର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ଭିତରକୁ ଗଲା ପରେ ଦୋକାନରେ ଥିବା ଅନେକ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ଦୋକାନୀମାନେ ପୋଲିସକୁ ଖବର ଦେଇଥିଲେ। ପରେ ପାଣିଟାଙ୍କି ଦୋକାନୀ ସଂଘର ସଦସ୍ୟମାନେ ଯାଇ ଟାଉନଥାନାର ଦ୍ୱାରସ୍ଥ ହୋଇ ବିଶେଷ କରି ପାଣିଟାଙ୍କି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

## କଂଗ୍ରେସରେ ମିଶିଲେ ଭାଜପା, ବିଜେଡି କର୍ମୀ



କଂଗ୍ରେସରେ ଯୋଗଦେଇଥିବା ନୂତନ କର୍ମୀ।

ଦେବଗଡ, ୨୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କ ଉପସ୍ଥିତିରେ ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର କେତେକ ଭାଜପା ଓ ବିଜେଡି କର୍ମୀ ଦଳ ଛାଡି ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଥିଲେ। ଜିଲା କଂଗ୍ରେସ ସଭାପତି ହେମ୍ରମ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ ଜିଲାରେ ଦଳୀୟ ସଂଗଠନ ଅଧିକ ସୁଦୃଢ ହେବ ବୋଲି ହେମ୍ରମ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା ଓ କୋଷାଧ୍ୟକ୍ଷ ସୀତାରାମ ସାନୁ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଭଲିବଲ: କୁସୁମପାଳକୁ ଟାଇଟଲ



ଦେବଗଡ, ୨୮।୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ ସଦର ମହକୁମାରେ ମା’ ଗ୍ରାମେଶ୍ୱରୀ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ସାନ୍ତରାବନ୍ଧ ଭଲିବଲ ଦଳକୁ ପରାସ୍ତ କରି ଦେବଗଡ ଜିଲାର କୁସୁମପାଳ ଭଲିବଲ ଦଳ ଚାମ୍ପିୟନ ହୋଇଛି। ମ୍ୟାଚଗୁଡିକୁ ତୁଷାରକାନ୍ତ ପ୍ରଧାନ, ଉଦିତ ଗଡନାୟକ ଓ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଗ୍ରାମେଶ୍ୱରୀ କ୍ଲବ ସଭାପତି ହାପି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି, ସମ୍ମାନୀତ ଅତିଥିଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଜଗନ୍ନାଥ ସାହୁ ଓ ଲୁଲୁ ପ୍ରଧାନ ଯୋଗଦେଇ ଚାମ୍ପିୟନ କୁସୁମପାଳ ଭଲିବଲ ଦଳ ଓ ରନର ଅପ ସାନ୍ତରାବନ୍ଧ ଭଲିବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ଲିପୁନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେସ୍। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ଚିତ୍ରସେନ ମହାନନ୍ଦ ଓ ସଦସ୍ୟ ସହଯୋଗ କରିଥିଲେ।

## ସମ୍ବଲପୁରୀ ଧନୁଯାତ୍ରାର ପ୍ରଥମ କଂସ ହେବେ ଫଣିନ୍ଦ୍ର ପଣ୍ଡା



ସମ୍ବଲପୁରୀ ଧନୁଯାତ୍ରାରେ କଂସ ଚୟନ କାର୍ଯ୍ୟକ୍ରମ।

ସମ୍ବଲପୁର,୨୮ ।୧ (ଭବାନୀ ଶଙ୍କର ଭୋଇ)

ଆସନ୍ତା ମାର୍ଚ୍ଚ ମାସରେ ସମ୍ବଲପୁରଠାରେ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରାରେ ଫଣିନ୍ଦ୍ର କୁମାର ପଣ୍ଡା କଂସ ଚରିତ୍ରରେ ଅଭିନୟ କରିବା ପାଇଁ ରବିବାର ଚୟନ ହୋଇଛନ୍ତି। ପ୍ରଥମ ଥର ପାଇଁ ସମ୍ବଲପୁରରେ ସମ୍ବଲପୁରୀ ଭାଷାରେ ହେବାକୁ ଥିବା ଧନୁଯାତ୍ରାର କଂସ ଭୂମିକା ପାଇଁ କଳାକାର ଚୟନ କରାଯାଇଥିଲା। ସମ୍ବଲପୁର ସାମ୍ବାଦିକ ଭବନରେ କଂସ ଚୟନ କାର୍ଯ୍ୟକ୍ରମରେ କଂସ ଅଭିନୟ କରିବାକୁ କଳାକାରମାନଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ଅନ୍ତିମ ପର୍ଯ୍ୟାୟରେ ଆଠ ଜଣ କଳାକାରଙ୍କ ନାମ ରହିଥିଲା। ପ୍ରତ୍ୟକ୍ଷ ଅଭିନୟ, ସଂଳାପ ଏବଂ ପ୍ରଶ୍ନୋତ୍ତର ଆଦି ବିଭିନ୍ନ ବିଭାଗକୁ ବିଚାର କରି ବିଚାରକମାନେ ଦୁଇ ଜଣଙ୍କୁ ଚୟନ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ଫଣିନ୍ଦ୍ର କୁମାର ପଣ୍ଡା କଂସ ଭୂମିକାରେ ଅଭିନୟ କରିବାକୁ ଚୟନ ହୋଇଛନ୍ତି। ସେହିପରି ଘୁନୁଚରଣ ପାଢୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଧନୁଯାତ୍ରାରେ ଆବଶ୍ୟକତା ଅନୁସାରେ ଦୁଇଜଣ କଂସଙ୍କୁ ଧନୁଯାତ୍ରାରେ ସାମିଲ କରାଯିବ ବୋଲି ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଫଣିନ୍ଦ୍ର ବର୍ତ୍ତମାନ ସମ୍ବଲପୁର ସହର ବାସିନ୍ଦା ହୋଇଥଲେ ମଧ ଯୁଯୋମୁରା ବ୍ଲକ୍ ଡଙ୍ଗରପଡା ମୂଳ ନିବାସୀ ଗୌନ୍ତିଆ ଅର୍ଜୁନ ମୋହନ ପଣ୍ଡାଙ୍କ ପୁତ୍ର। ସେ ଏକାଧାରରେ ଜଣେ ସଙ୍ଗଠକ,କଳାକାର ଓ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ। କଂସ ଚୟନର ବିଚାରକ ଭାବେ ବିଶିଷ୍ଟ ନାଟ୍ୟ କଳାକାର ପ୍ରଶାନ୍ତ ମହାରଣା,ସତ୍ୟରଞ୍ଜନ ବେହେରା, ପୁଷ୍ପାଞ୍ଜଳି ବେହେରା ଓ ବିପିନ ବିହାରି ଦାଶ ରହିଥିଲେ। କଂସ ଚୟନ କାର୍ଯ୍ୟକ୍ରମରେ ଧନୁଯାତ୍ରା କମିଟିର ସାଂସ୍କୃତିକ ସମ୍ପାଦକ, ଧନୁଯାତ୍ରାର ନାଟ୍ୟକାର ଏବଂ ନିର୍ଦ୍ଦେଶକ ବବଲୁ ବାଗ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ, ସାଂସ୍କୃତିକ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ଗୋପପୁର ସମ୍ପାଦକ ଗଣେଷ ମହାନନ୍ଦ, ସ୍ୱାଧୀନ ପଣ୍ଡା, ଅରୁଣ ସାହୁ ତଥ୍ୟ ସଂଯୋଜକ ରାହୁଲ ଗୁପ୍ତା ସଦସ୍ୟ ସୌରୀ ପାଣିଗ୍ରହୀ, ପୂର୍ଣ୍ଣଚନ୍ଦ୍ର ଗର୍ଡିଆ ପ୍ରମୁଖ କଳାକାର ଚୟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଶେଶ୍ୱରୀ କ୍ରିକେଟ କପ୍: କାଦୋପଡା ଚାମ୍ପିୟନ

ଦେବଗଡ, ୨୮।୧(ଶଶାଙ୍କ ଶେଖର ଝାଙ୍କର)



ଚାମ୍ପିୟନ କାଦୋପଡା ବିଏସସିସି କ୍ରିକେଟ କ୍ଲବକୁ ଟ୍ରଫି ପ୍ରଦାନ କରାଯାଉଛି।

ଦେବଗଡ ଜିଲା ବାରକୋଟ ବ୍ଲକ ବମ୍ପରଡା ପଞ୍ଚାୟତ ସଦର ମହକୁମାରେ ବିଶେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବିଶେଶ୍ୱରୀ କ୍ରିକେଟ କପ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲା ଫପଣ୍ଡ କ୍ରିକେଟ ଦଳକୁ ପରାସ୍ତ କରି କାଦୋପଡା ବିଏସସିସି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଅଂଶୁମାନ ମହାକୁଳ ଓ ଦୀପକ ସାହୁ ପରିଚାଳନା କରିଥିଲେ। ଜିତେନ କୁମାର ଦାଶ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବାପି ଦ୍ୱିବେଦୀ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ଚିନ୍ମୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନୀତ ଅତିଥିଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଚାମ୍ପିୟନ ବିଏସସିସି କ୍ରିକେଟ କ୍ଲବ ଓ ରନର ଅପ ଫପଣ୍ଡ କ୍ରିକେଟ ଦଳକୁ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ବିଶେଶ୍ୱରୀ କ୍ଲବ ସମ୍ପାଦକ ଅଂଶୁମାନ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବିଶେଶ୍ୱରୀ କ୍ଲବର ଜିତେନ କୁମାର ଦାଶ, ଭବାନୀ ଶଙ୍କର ପ୍ରଧାନ, ପୁଷ୍ପମିତ୍ର ନନ୍ଦ ଓ ଅଜୟ କିଶୋର ମହାକୁଳଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

## ୨୨୦ ତୀର୍ଥଯାତ୍ରୀଙ୍କ ଗୟା, ବାରାଣସୀ ଯାତ୍ରା

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ରେଡକ୍ରସ କଲ୍ୟାଣ ମଣ୍ଡପଠାରେ କଳାହାଣ୍ଡି ଜିଲାର ୨୨୦ ତୀର୍ଥ ଯାତ୍ରୀଙ୍କ ଗୟା ଓ ବାରାଣସୀ ଯାତ୍ରା ଆରମ୍ଭ କରିଛନ୍ତି। ଭବାନୀପାଟଣାରୁ ସେମାନେ ୬ଟି ବସ ଯୋଗେ ରାୟଗଡ଼ାକୁ ଯାଇ ସେଠାରୁ ରେଳ ଯୋଗେ ଗୟା ଓ ବାରାଣସୀ ଯିବେ ବୋଲି ଜଣାପଡିଛି। ସେମାନଙ୍କ ଦାୟିତ୍ୱ ନିର୍ବାହ ପାଇଁ ଜିଲାର ୭ଜଣ ଏସ୍କର୍ଟ ଅଫିସରଙ୍କୁ ଜିଲା ପ୍ରଶାସନ ଦାୟିତ୍ୱ ଦିଆଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଓ ଅଭିନନ୍ଦନ ଜଣାଇଥିଲେ। ପରେ ସବୁଜ ପତାକା ପ୍ରଦର୍ଶନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ।



ସମ୍ବଲପୁରରେ ସମଲେଶ୍ୱରୀ ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ କଳାକାରମାନଙ୍କ ଓଡିଶୀ ନୃତ୍ୟ।



ରବିବାର ସମ୍ବଲପୁର ମହାନଦୀରେ ପଣ୍ଡିତମାନଙ୍କ ଆଳତି।



ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ପ୍ରଥମ ଫାଟକରେ ବ୍ରହ୍ମପଣ୍ଡିତ ମହାସଭାର ଶାନ୍ତିପାଠ।

## ଆଜି କ'ଣ କେଉଁଠି

ଟିଟିଲାଗଡ଼
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସିଭିଲ କୋର୍ଟ ପରିସର , ସମୟ: ଅପରାହ୍ନ ୪.୩୦।

## ସଂକ୍ଷେପରେ

### ଚିଲିଗୁଡ଼ାକୁ ହରାଇ ବେହେରା ଚାମ୍ପିୟନ

**ଝରିଆଗୁଡା ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ**

କୋକସରା,୨୮।୧(ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ରାଧାମାଧବ ଖେଳ ପଡିଆରେ ଚାଲିଥିବା ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ରିକେଟ ଫାଇନାଲରେ ଚିଲିଗୁଡା ଦଳକୁ ହରାଇ ବେହେରା ଦଳ ଚାମ୍ପିୟନ ହୋଇଥିଲେ। ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଯୁବ ଉଦ୍ୟୋଗୀ ବିକ୍ରମ କୁମାର ଗୁପ୍ତା, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ପୂର୍ବତନ ସରପଞ୍ଚ ଜୟଲାଲ ନାଏକ, କୁରୁକ୍ଷେତ୍ର ପାଣିଗ୍ରାହୀ, ରାଜ କିଶୋର ସାହୁ, ବିଜେଡି ପଞ୍ଚାୟତ ସଭାପତି ଅରବିନ୍ଦ ପଟ୍ଟନାୟକ, କେଶରୀ ବଛା, ସୁରେଶ ପାଣିଗ୍ରାହୀ, ନାରାୟଣ ରାଉତ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଶ୍ୱିନୀ ମହାନ୍ତି, ଶୁଭେନ୍ଦୁ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ଖେଳର ଧାରା ବିବରଣୀ ପ୍ରଦୀପ ପଟେଲ, ପିଣ୍ଟୁ ପଟ୍ଟନାୟକ ପ୍ରଦାନ କରିଥିଲେ। ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ବାବୁ ସାହୁ, ରାଜା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଗହୀର, ବିକ୍ରମ ସାହୁ, ଆଶିଷ ନିଆଲ, ବିନୋଦ ପାଣିଗ୍ରାହୀ, ଅଜିତ ନିଆଲ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଭୂମି ଦାତାଙ୍କୁ ସମ୍ମାନିତ କଲେ ଗ୍ରାମବାସୀ

କର୍ଲାମୁଣ୍ଡା,୨୮।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କାର୍ଲମୁଣ୍ଡା ବ୍ଲକ ଅନ୍ତର୍ଗତ ଯୋଗିପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିରଞ୍ଚି କୁମାର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରେଗେଡା ସରପଞ୍ଚ ଦିପ୍ତୀରଣୀ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବସଞ୍ଜୟ କୁମାର ଦାସ ଯୋଗଦେଇଥିଲେ। ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଗ୍ରାମର ସାମାଜିକ କର୍ମୀ ବଳଦେବ ରଣାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଶିକ୍ଷକ ଦୋଳଗୋବିନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ଶିକ୍ଷକ ମନୋଜ ଦାସ ଓ ଧନ୍ୟବାଦ ଶିକ୍ଷକ କିଶୋର କୁମାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା ସମେତ ଗ୍ରାମର ଶିକ୍ଷପ୍ରେମୀ ମିଖା ଦୀପ, ସଂକୀର୍ତ୍ତନ ଭୋଇ, ହେମସାଗର ଚୌଧୁରୀ, ଉତ୍କଳମଣି ରଣା, ଡୋଲାମଣୀ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

# ୧୨୯ ପିଲାଙ୍କୁ ଜଣେ ଶିକ୍ଷକ

**ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ**

■ଶିକ୍ଷକ, ଶ୍ରେଣୀ ଗୃହର ଅଭାବ

କର୍ଲାମୁଣ୍ଡା,୨୮।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ସରକାରୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି। ୧୯୮୪ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୪୧ଜଣ ଛାତ୍ରୀଛାତ୍ର ଓ ନବମ ଶ୍ରେଣୀରେ ୮୮ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହି ପିଲାଙ୍କୁ ପାଠ ପଢାଇବାକୁ ଜଣେ ମାତ୍ର ସରକାରୀ ଗଣିତ ଶିକ୍ଷକ ରହିଥିବା ବେଳେ ୫ଜଣ ଅବସର ପ୍ରାପ୍ତ ଶିକ୍ଷକ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ତେବେ ଉକ୍ତ ଅତିଥି ଶିକ୍ଷକମାନଙ୍କୁ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ନିଯୁକ୍ତି ମିଳିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟର ଶିକ୍ଷକ ନୃସିଂହ ସାମନ୍ତ ୨୦୧୮ରେ, ୨୦୨୦ରେ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା ଓ ପିଅନ ପ୍ରେମାନନ୍ଦ ଭୋଇ, ୨୦୨୨ରେ ହିନ୍ଦୀ ଶିକ୍ଷକ ବସନ୍ତ ପଟ୍ଟନାୟକ, ସଂସ୍କୃତ ଶିକ୍ଷକ ପ୍ରଦୀପ୍ତ ଷଡଙ୍ଗୀ, ଖେଳ ଶିକ୍ଷକ ବେଣୁଧର ନାଗ, ୨୦୨୩ରେ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ ଓ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଅବସର ନେବା ପରେ କେବଳ ଜଣେ ମାତ୍ର ଗଣିତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ରହିଛନ୍ତି। ଅନ୍ୟପଟେ ଚଳିତ ମାସ ୩୧ ତାରିଖରେ କିରାଣି ଅମ୍ବିଲାଲ ସାହୁ ଅବସର ନେବେ। ଏ ନେଇ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ପଚାରିବାରୁ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶ୍ରେଣୀ ଗୃହର ଅଭାବ ରହିଛି ବୋଲି କହିଛନ୍ତି। ପୂର୍ବରୁ ଏହି ବିଦ୍ୟାଳୟରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ନାମ ଲେଖାଉଥିଲେ। ବର୍ତ୍ତମାନ ଶିକ୍ଷକ ସମସ୍ୟା ଥିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦି କିଶୋର ଭୋଇ କହିଛନ୍ତି। ଏ ଦିଗରେ ଜିଲା ଶିକ୍ଷା ବିଭାଗ ଓ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ।

## ଡ୍ୟୁଜବଲ ଲିଗ୍ ଟୁର୍ନାମେଣ୍ଟ: ଧର୍ମଗଡ଼ ଚାମ୍ପିୟନ



ଲିଗ ମ୍ୟାଚ୍‌ର ଫାଇନାଲରେ ଖେଳାଳି ଏବଂ ଅତିଥିବୃନ୍ଦ।

ଜୁନାଗଡ଼,୨୮।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ଜିଲାର ୬ଟି ଟିମକୁ ନେଇ ଚାଲିଥିବା ଡ୍ୟୁଜବଲ ଲିଗ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଧର୍ମଗଡ଼ ଏବଂ ଲାଞ୍ଜିଗଡ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଧର୍ମଗଡ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲା। ଜବାବରେ ଲାଞ୍ଜିଗଡ ୧୭.୪ ଓଭରରେ ୯ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲେ। ଧର୍ମଗଡ ୧୩୨ ରନରେ ବିଜୟୀ ଘୋଷିତ ହୋଇଥିଲେ। ଉଦ୍‌ଯାପନୀରେ ଅତିଥି ଭାବେ ସମୀର କୁମାର ସାହୁ, ସରୋଜ କୁମାର ପଣ୍ଡା, କାଳିନ୍ଦି ପାଣିଗ୍ରାହୀ, ପପୁ ପଣ୍ଡା ମାନସ ସାହୁ ଯୋଗଦାନ କରି ବିଜେତା ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ରାକେଶ କୁମାର ବେମାଲ ଓ ତ୍ରିଯୋଗୀ ସାମନ୍ତରାୟ। ସ୍କୋରରେ ରୀତିକ ବେହେରା ଓ ସୁଜଳ ଦଳପତି ଓ କମେଣ୍ଟ୍ରି ନୀତିଶ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଆଗାମୀ ଦିନରେ ଏ ଭଳି ଟୁର୍ନାମେଣ୍ଟ ଆୟୋଜନ କରି ଖେଳାଳିଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ନିୟୁ ରେଡ ଷ୍ଟାର କ୍ଲବ ସଭାପତି ହିମାଂଶୁ ଶେଖର ବରାଡ଼ କହିଥିଲେ। ଖେଳରେ ସନ୍ଦୀପ ସାହୁ, ବିଶ୍ୱ ସାହୁ, ରଞ୍ଜନ ରାଉତ, କୃଷ୍ଣ ନାଏକ ମୁକେଶ ପୋଡ଼, ତୁଳସୀ ପଟ୍ଟନାୟକ, ପପୁ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦଗାଁକୁ ହରାଇ ବେହେରା ଚାମ୍ପିୟନ

**ବର୍ଡର ଚାମ୍ପିୟନ ଟ୍ରଫି**

ବେହେରା,୨୮।୧(ଭୂପେସ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡା ଚଞ୍ଚରା ଡଙ୍ଗରିଠାରେ ବେହେରାଗୁଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବର୍ଡର ଚାମ୍ପିୟନ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ବେହେରା ଦନ୍ତେଶ୍ୱରୀ କ୍ରିକେଟ କ୍ଲବ ବନାମ ନନ୍ଦଗାଁ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବେହେରା ଚାମ୍ପିୟନ ହେଇଥିଲା। ନିର୍ଦ୍ଧାରିତ ୧୨ଓଭରରେ ବେହେରା ସମସ୍ତ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରିଥିଲା । ନନ୍ଦଗାଁ ୧୧.୫ ଓଭରରେ ୧୧୮ ରନ କରି ଅଲ୍ ଆଉଟ ହୋଇଯାଇଥିଲା। ମ୍ୟାଚକୁ ସୋମ୍ୟରଞ୍ଜନ ଗୋପାଳ ଏବଂ ସୁନୀଲ ହଂସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଟିଙ୍କୁ ଛତ୍ରିଆ ସହଯୋଗ କରିଥିଲେ। ଧାରା ବିବରଣୀ ଶିକ୍ଷକ ଚକ୍ରଧର ବାରିକ, କ୍ଷୀରସିନ୍ଧୁ ବାଗ ଓ ଦିପେନ୍ଦ୍ର ଗାନ୍ଧୀ କରିଥିଲେ। ବେହେରା ଦଳର ଟେଣ୍ଟୁ ମ୍ୟାନ ଅଫ ଦି ମ୍ୟାଚ ଓ ସଞ୍ଜୀବ ଗୋପାଳ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ରନର ଅପ୍ ନନ୍ଦଗାଁ ଟିମ୍ ଓ ବିଜୟୀ ବେହେରା କ୍ରିକେଟ ଟିମ୍‌କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଜେଡି ସଭାପତି ମାନସ ବାଗ, ସମ୍ମାନିତ ଅତିଥି ଭାବେ ଛଞ୍ଚାଣବାହାଲି ସରପଞ୍ଚ ପ୍ରୀତି ବେମାଲ, ଜିଲା ପରିଷଦ ସଭ୍ୟ ଶଙ୍କର କୁଏଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ବିଜେଡି ଜିଲା ସମ୍ପାଦକ ପ୍ରଶାନ୍ତ ତିୱାରୀ, କର୍ତ୍ତବ୍ୟ ଅନୁଷ୍ଠାନ ସଂଯୋଜକ ନିରାକାର ଦଣ୍ଡସେନା, ବିଜେଡି ନେତା ଗୌର ବାଗ ଯୋଗ ଦେଇଥିଲେ। ନୀଳମ୍ବର ପୋଡ଼, ଗଗନେ ବେମାଲ, ଶୋଭିତ ଗାନ୍ଧୀ, ଗଜେନ୍ଦ୍ର ଚିଲାଗୁନ, ଲିଟୁ ହଂସ, ଅମୂଲ୍ୟ ନାଏକ, ମଣ୍ଟୁ ପୋଡ଼, ନାରାୟଣ ସାଗର, ହମନାଥ ବାରିକ ତଥା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କେନ୍ଦ୍ର ବୈଠକ

ଖଡ଼ିଆଳ,୨୮।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁମେରବାହାଲ ଅଞ୍ଚଳ ଲକ୍ଷ୍ମୀପୁର ଗ୍ରାମରେ ସଙ୍ଗଠକ ପରମେଶ୍ୱର ବାରିକଙ୍କ ବ୍ୟକ୍ତିଗତ ଉଦ୍ୟମରେ କେନ୍ଦ୍ର ବୈଠକ ତଥା ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଅଧ୍ୟକ୍ଷତା କରିଥିଲେ। ସଙ୍ଗଠକ ପରମେଶ୍ୱର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ସୁନୀଲ କୁମାର ମାଝି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଗତ ବିଜୟ ଦଶମୀର ଆୟବ୍ୟୟ ହିସାବ କୋଷାଧ୍ୟକ୍ଷ ଶ୍ରୀବଶ୍ଚ ବାରିକ ପ୍ରଦାନ କରିଥିଲେ। ଏହି ଅସରରେ ସମାଜର ସମ୍ବିଧାନ ସଂଶୋଧନ ଉପରେ ଆଲୋଚନା ହୋଇ ଏକ ୨୧ ଜଣିଆ ଉପ କମିଟି ଗଠନ ହୋଇଥିଲା। ବୈଠକରେ ଉପ କୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ଯୁଗ୍ମ ସମ୍ପାଦକ ଘୁମେଷ ଚଳାନ, ସହ ସଙ୍ଗଠକ ବିଭୁତି ଭୂଷଣ ବିଶି, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, ସହ କୋଷାଧ୍ୟକ୍ଷ ରାଜକପୁର ବାରିକ, ବରିଷ୍ଠ ପରାମର୍ଶ ଦାତାଜ୍ଞାନ ପ୍ରକାଶ ସିଂ, କେତନ ସିଂ ବାରିକ, ଅଶ୍ୱନୀ କୁମାର ପ୍ରଧାନୀ, ରମଣ ସିଂ ବାରିକ, ନନ୍ଦଲାଲ ବାରିକ, ହରିଶ୍ଚନ୍ଦ୍ର ବାରିକ, ଦେବ ସିଂ ନାଏକ, ବିଦ୍ୟାଧର ବିଶି, ପ୍ରମୋଦ କୁମାର ଦଣ୍ଡସେନା, ବଳଦେ ରାଉତ, ବିଶମ୍ଭର ପ୍ରଧାନ, ଶ୍ରୀହରୀ ପଣ୍ଡା, ତୁଳସଗାର ରାଉତ, ଲକ୍ଷ୍ମୀପୁର ଗ୍ରାମର ବ୍ୟଜ୍ୟୋଷ୍ଠ ମୁକୁନ୍ଦଦେବ ବାରିକ, ସୁଶୀଲ କୁମାର ଚଳାନ, ଅଶୋକ କୁମାର ବାରିକ, ଉମାକାନ୍ତ ରାଉତରାୟଙ୍କ ସମେତ ୩୦ଟି ଅଞ୍ଚଳରୁ ୨୦୦ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ଥିଲେ। ସହ ସଙ୍ଗଠକ ବିଭୁତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପାଟଣାକ୍ଷେତ୍ରିୟ ସମାଜର କର୍ମକର୍ତ୍ତା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପ୍ରଦୀପ



@ ରଶ୍ମିତା



@ ସୂର୍ଯ୍ୟ ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଲାଙ୍ଗୀର ବରିଷ୍ଠ ନାଗରିକ ସଂଘ ବୈଠକ



ବରିଷ୍ଠ ନାଗରିକ ସଂଘ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୨୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଟିକ୍ରାପଡା ସ୍ଥିତ ଗାନ୍ଧୀ ପାଠାଗାର ଠାରେ ରବିବାର ଜିଲା ବରିଷ୍ଠ ନାଗରିକ ସଂଘ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଡ. ଘାସିରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ଆଗାମୀ ଫେବୃୟାରୀ ମାସରେ ବିଜାଖମନଠାରେ ଏକ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିବା ପାଇଁ ମତ ଦେଇଥିଲେ । ଏହା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ତୃଣମୂଳସ୍ତରରେ ବରିଷ୍ଠ ନାଗରିକ ଶିବଶଙ୍କର ଖୁଆସ, ଗୋପ ପୁରୋହିତ, ସୁଦର୍ଶନ ପଣ୍ଡା, ରାହାସ ଭୋଇ, ବିପନ ପଣ୍ଡା, ଯଥା ବିଶ୍ୱାଳ, ଯକ୍ଷ୍ମା ନନ୍ଦ, ଶଶୀ ଭୂଷଣ ପୁରୋହିତ ଏବଂ ଡା. ଉମା ପାତ୍ରଙ୍କୁ ସାମିଲ କରିବା ପାଇଁ ସଭାପତି ମତ ରଖିଥିଲେ । ସଭା ଶେଷରେ ଉପସଭାପତି ରାଧାକୃଷ୍ଣ ମେହେର ଧନ୍ୟବାଦ ଦେଇଥିଲେ।

## ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

**ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନୂତନ କର୍ମକର୍ତ୍ତା**

ଲାଞ୍ଜିଗଡ଼,୨୮।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟସ୍ଥିତ ଶିକ୍ଷକ ଭବନ ପ୍ରାଙ୍ଗଣରେ ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ସାଙ୍ଗଠାନିକ ନିର୍ବାଚନ–୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ସିଟି ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜିଲା ସଭପତି ଲବ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ, ଜିଲା ଉପ ସଭାପତି ଜଗତରାମ ଶବର, ବିଭୂତି ଭୂଷଣ ତାଣ୍ଡି, ଜିଲା କାର୍ଯ୍ୟକାରୀ ସଭାପତି ଭ୍ରୂକୁଟି ଗଉଡ଼, ଜିଲା ସାଧାରଣ ସମ୍ପାଦକ ଦୁର୍ଯୋଧନ ମାଝି, ଜୋନାଲ ସମ୍ପାଦକ ପାର୍ଥବ ମହାନନ୍ଦ, ଜିଲା କୋଷାଧ୍ୟକ୍ଷ ଧନଞ୍ଜୟ ପାଣିଗ୍ରାହୀ, ସଂଯୋଜକ ଧନଞ୍ଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଲାଞ୍ଜିଗଡ଼ ଶିକ୍ଷକ ସଂଘର ବିଭିନ୍ନ ମହତ ପୂର୍ଣ୍ଣ କାର୍ଯ୍ୟକଳାପଙ୍କୁ ନେଇ ଅତିଥିମାନେ ନିଜର ମତ ରଖିବା ସହିତ ଜିଲା ସଂଗଠନ ସଦା ସର୍ବଦା ଆପଦ ବିପଦରେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବ୍ଲକର ସିଟି ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଅନିଲ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ପାଠୀ, ଉପ ସଭାପତି ପଞ୍ଚାନନ ନାଗ, ଉପ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ସମ୍ପାଦକ ମନୋଜ କୁମାର ମହାଖୁଡ, ଯୁଗ୍ମ ସମ୍ପାଦକ ଦିବାକର ବିଭାର, ସଙ୍ଗଠନ ସମ୍ପାଦିକା କଲ୍ୟାଣୀ ମହାରଣା, ସଙ୍ଗଠନ ସମ୍ପାଦକ ସନ୍ୟାସୀ ନାହାକ, ବିଶନାଥ ସାହୁ, କୋଷାଧ୍ୟକ୍ଷ ରାଘବ ଗହିରଙ୍କୁ ଚୟନ କରାଯାଇଥିଲା। ବୈଠକରେ ଶିକ୍ଷକ ରାଘବ ଗହିର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଝିଲି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ପଞ୍ଚାୟତର ବିଭିନ୍ନ କ୍ଲଷ୍ଟରରୁ ବରିଷ୍ଠ ଶିକ୍ଷକଙ୍କ ସମେତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଦୋକାନୀଙ୍କ ମନମାନି, ପଞ୍ଚାୟତର ଅଙ୍କୁଶ ନାହିଁ

ରିଷିଡ଼ା,୨୮।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବୃହତ ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ରିଷିଡା ନାନା ଅବ୍ୟବସ୍ଥାରେ ଚାଲିଛି। ପଞ୍ଚାୟତ ପକ୍ଷରୁ ପ୍ରଦାନ କରାଯାଇଥିବା ଦୋକାନ ଗୃହ ପାଇଥିବା ଦୋକାନୀମାନେ ମନଇଚ୍ଛା ଦୋକାନ ଗୃହ ରାସ୍ତା ଆଗକୁ ନିର୍ମାଣ କରୁଛନ୍ତି। ଫଳରେ ରିଷିଡା, ମ.ରାମପୁର ରାସ୍ତା ସଙ୍କୁଚିତ ହୋଇ ଅଣଓସାରିଆ ହୋଇପଡିଛି। ସନ୍ଧ୍ୟା ସମୟରେ ଏହି ରାସ୍ତା ଦୁଇଟି ବାଇକ ମଧ ଯାତାୟାତ କରିବାରେ ଅସୁବିଧା ହେଉଛି। ରିଷିଡା ପଞ୍ଚାୟତ ପକ୍ଷରୁ ରିଷିଡା ମୁଖ୍ୟରାସ୍ତା କଡ଼ରେ ଦୋକାନ ଗୃହ ଭଡ଼ାରେ ଦିଆଯାଇଛି। ଏହି ଦୋକାନ ଘର ଭଡ଼ା ମାସିକ ୧୦୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ସିକ୍ୟୁରିଟି ଟଙ୍କା ରହିଛି। ପ୍ରଥମେ ଜଣେ ଦୋକାନୀ ନିଜ ଦୋକାନ ବାରଣ୍ଡା ସହ ରାସ୍ତା ଆଗକୁ ଟିଣ ଚଦରରେ ଆଗକୁ ବଢାଇଛନ୍ତି। ଏହାକୁ ଦେଖି ଆଉ କେତେଜଣ ଦୋକାନୀ ଏହି ଭଳି କରିଛନ୍ତି। କିନ୍ତୁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ରାସ୍ତା ସଙ୍କୁଚିତ ହୋଇଯାଉଛି। ସେହିପରି ଚଳିତ ବର୍ଷ ବସଷ୍ଟାଣ୍ଡରେ ହୋଟେଲ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ପୂର୍ବରୁ ସେହି ଦୋକାନୀମାନେ ସେଠାରେ ଘରଭଡ଼ା ଦେଇ ଦୋକାନ ଦେଇଥିଲେ। ଯେତେବେଳେ ନୂତନ ଦୋକାନ ଗୃହ ନିର୍ମାଣ ହେଲା ସେତେବେଳେ ସେହି ହୋଟେଲ ଦୋକାନୀ ଗୃହ ଆବଣ୍ଟନ କରାଗଲା। ଏହି ହୋଟେଲର ଦୋକାନୀମାନେ ନିଜ ଦୋକାନରେ ସାମଗ୍ରୀ ରଖିବା ସହ ବସଷ୍ଟାଣ୍ଡ ରାସ୍ତାରେ ସାମୂହିକ ଦୋକାନ ଚାଲୁ ରଖୁଛନ୍ତି। ଫଳରେ ଦୋକାନ ଯୋଗୁ ଅଳିଆ ଆବର୍ଜନା ମହିଳା ପାଣି ପୂର୍ତ୍ତି ହୋଇ ଦୁର୍ଗନ୍ଧ ସୃଷ୍ଟି କରିଛି। ବିଶେଷ କରି ଶନିବାର ହାଟ ପାଳିରେ ଏହି ରାସ୍ତାରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ରିଷିଡା ସରପଞ୍ଚ ସେବତୀ ରଣାଙ୍କୁ ପଚାରିବାରୁ ସେ କହିଲେ ବାରମ୍ବାର କହିଲେ ମଧ କେହି ମାନୁନାହାନ୍ତି । ଯଦି ଆଗାମୀ ଦିନରେ ନ ମାନନ୍ତି ତେବେ ଉଚିତ କାର୍ଯ୍ୟାନୁଷ୍ଠାନ ପଞ୍ଚାୟତ ପକ୍ଷରୁ ନିଆଯିବ ବୋଲି କହିଛନ୍ତି। ରାସ୍ତାରେ ଯାଉଥିବା ଲୋକମାନଙ୍କୁ ପଚାରିବାରୁ ନିଜ ଷ୍ଟଲରେ ନ କରି ରାସ୍ତାକଡ଼ରେ କରିଥିବାରୁ ଯିବାଆସିବାରେ ଅସୁବିଧା ହେଉଛି ଏବଂ ଆବର୍ଜନା ପଡ଼ିରହିଛି ବୋଲି କହିଛନ୍ତି।



ରିଷିଡା ମୁଖ୍ୟ ରାସ୍ତାରେ ଦୋକାନ ବଢାଇ ସଙ୍କିର୍ଣ୍ଣ କରାଯାଇଛି।

# ଜେନେରେଟିଭ୍ ଏଆଇରେ ବଢୁଛି ପୁଞ୍ଜି ବିନିଯୋଗ

■ଇନଫୋସିସ ରିସର୍ଚ୍ଚ ରିପୋର୍ଟ

■୨୦୨୪ରେ ତିନିଗୁଣରୁ ଅଧିକ ବିନିଯୋଗ

■ଏପିଇସିରେ ୧୪୦ ପ୍ରତିଶତ ଅଧିକ ବୃଦ୍ଧି



ଭୁବନେଶ୍ୱର,୨୮।୧
(ଅନୁରାଧା ମହାରଣା)

ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର କମ୍ପାନୀଗୁଡିକ ଜେନେରେଟିଭ ଏଆଇରେ ପୁଞ୍ଜି ବିନିଯୋଗ ବୃଦ୍ଧି କରୁଛନ୍ତି। ଇନ୍‌ଫୋସିସ ରିସର୍ଚ୍ଚର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଇନ୍‌ଫୋସିସ ରିସର୍ଚ୍ଚ ୟୁନିଟ ଇନ୍‌ଫୋସିସ ନଲେଜ ଇନ୍‌ଷ୍ଟିଚ୍ୟୁଟ (ଇକାଇ)ର ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଚାଇନା, ଜାପାନ, ଭାରତ ଏବଂ ସିଙ୍ଗାପୁରରେ ଏହି ଟେକ୍ନୋଲୋଜିରେ ୨୦୨୪ରେ ତିନିଗୁଣରୁ ଅଧିକ ବିନିଯୋଗ ହୋଇ ୩.୪ ଆରବ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି। ତେବେ ଉତ୍ତର ଆମେରିକା ତୁଳନାରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବହୁ ପଛରେ ରହିଛି। ମାତ୍ର ଏହି ଅଞ୍ଚଳର କମ୍ପାନୀଗୁଡିକ ଜେନେରେଟିଭ ଏଆଇରେ ପୁଞ୍ଜି ବିନିଯୋଗବୃଦ୍ଧିକରୁଛନ୍ତିଏବଂପରିପକ୍ୱତାର ଏକ ଉଚ୍ଚ ପର୍ଯ୍ୟାୟରେ ପ୍ରବେଶ କରୁଛନ୍ତି। ଏସିଆ ପ୍ରଶାନ୍ତ ଇକୋନୋମିକ କୋଅପରେଶନ୍ (ଏପିଇସି)ର କମ୍ପାନୀଗୁଡିକର ଏ କ୍ଷେତ୍ରରେ ପୁଞ୍ଜି ବିନିଯୋଗରେ ଅନ୍ୟ ଅଞ୍ଚଳ ତୁଳନାରେ ୧୪୦ ପ୍ରତିଶତ ଅଧିକ ବୃଦ୍ଧି ଘଟିଛି। ଏହି ସର୍ଭେରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଚାଇନା, ଜାପାନ, ଭାରତ ଏବଂ ସିଙ୍ଗାପୁରର ୧୦୦୦ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ହୋଇଛି। ଚାଇନା ଏହି କ୍ଷେତ୍ରକୁ ଆଗେଇ ନେଇଛି, ଯେଉଁଥିରେ ପୁଞ୍ଜି ବିନିଯୋଗ ୧୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇ ୨.୧ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହା ପଛରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ଅଭିବୃଦ୍ଧି ରହିଛି।

## ଆଜି ଖୋଲିବ ବିଏସ୍ଏଲ୍‌ର ଆଇପିଓ

ନୂଆଦିଲ୍ଲୀ,୨୮।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବାୱେଜା ଷ୍ଟୁଡିଓଜ ଲିମିଟେଡ (ବିଏସ୍ଏଲ୍)ର ଇନିସିଆଲ ପବ୍ଲିକ ଅଫର (ଆଇପିଓ) ୨୦୨୪ ଜାନୁଆରୀ ୨୯ରେ ଖୋଲିବ ବୋଲି ବିଏସ୍ଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳଚ୍ଚିତ୍ର ନିର୍ମାଣ ଏବଂ ନବୋନ୍ମେଷୀ କାହାଣୀ ଉପସ୍ଥାପନ କ୍ଷେତ୍ରରେ ଚମତ୍କାର ଗୁଣବତ୍ତା ପ୍ରଦର୍ଶନ କରିବାରେ ସୁପରିଚିତ ତଥା ଏ କ୍ଷେତ୍ରରେ ପରମ୍ପରାଗତ କଣ୍ଟେଣ୍ଟ ପ୍ରସ୍ତୁତକାରୀ ଷ୍ଟୁଡିଓ ବିଏସ୍ଏଲ୍ ତା'ର ଏସ୍ଏମ୍ଇ ପବ୍ଲିକ ଇସ୍ୟୁରୁ ୯୭.୨୦କୋଟି ଟଙ୍କା ସଂଗ୍ରହ ନିମନ୍ତେ ଯୋଜନା କରୁଛି। ଏପରିକି କମ୍ପାନୀ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ଏମର୍ଜ ପ୍ଲାଟଫର୍ମରେ ମଧ୍ୟ ତା'ର ପବ୍ଲିକ ଇସ୍ୟୁ ଜାରି କରିବାକୁ ଅନୁମୋଦନ ହାସଲ କରିଛି। ଏହି ପବ୍ଲିକ ଇସ୍ୟୁ ସବସ୍କ୍ରିପସନ ଚଳିତ ବର୍ଷ ଜାନୁଆରୀ ୨୯ରୁ ଆରମ୍ଭ ହୋଇ ୨୦୨୪ ଫେବୃଆରୀ ୧ରେ ବନ୍ଦ ହେବ।

## ବଜାରରେ ଫ୍ରିଡମ୍ ଅଏଲର ନୂତନ ଉତ୍ପାଦ




ଭୁବନେଶ୍ୱର,୨୮।୧

ଦେଶର ଅଗ୍ରଣୀ ଖାଇବା ତେଲ ଉତ୍ପାଦକ କମ୍ପାନୀ ତଥା ଜେମିନୀ ଏଡିବଲ୍ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ ବା ଜିଇଏଫ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଫ୍ରିଡମ୍ କଚ୍ଚି ଘନି ମଷ୍ଟାର୍ଡ ଅଏଲର ନୂଆ ୫ ଲିଟର ପୁନଃ ବ୍ୟବହାରକ୍ଷମ ଜାର୍ (ରିୟୁଜେବୁଲ ବକେଟ) ନିକଟରେ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଫ୍ରିଡମ ହେଲ୍‌ଦି କୁକିଂ ଅଏଲ୍‌ସର ବରିଷ୍ଠ ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ୫ ଲିଟର ଫ୍ରିଡମ କଚ୍ଚି ଘନି ମଷ୍ଟାର୍ଡ ଅଏଲର ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରିଡମ ଅଏଲର ଓଡ଼ିଶା ହେଡ ଅମିୟ କୁମାରଧଳଓଅନ୍ୟମାନେଉପସ୍ଥିତଥିଲେ।

## ଗୋଦରେଜ ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର,୨୮।୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଗୋଦରେଜ ଗ୍ରୁପର ଅଗ୍ରଣୀ କମ୍ପାନୀ ଗୋଦରେଜ ଏକ୍ସପେରିଏନ୍ସ ସେଣ୍ଟରର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ବାପୁଜୀ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଖାରବେଳ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ ଆନୁକୂଲ୍ୟରେ ଉକ୍ତ ଆଉଟଲେଟ (ଶୋ'ରୁମ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଘରଠାରୁ ଆରମ୍ଭକରି କର୍ପୋରେଟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବଶ୍ୟକ ଲକ୍ସ ଆଣ୍ଡ ଆର୍କିଟେକ୍‌ଚୁଆଲ ଫିଟିଂ ଆଣ୍ଡ ସିଷ୍ଟମ ଏଠାରେ ଉପଲବ୍ଧ। ଏପରିକି ବିଭିନ୍ନ ଡିଜାଇନର ଛୋଟବଡ଼ ତାଲା, ଚାବି, ହ୍ୟାଣ୍ଡେଲ୍ସ ସମେତ ଆର୍କିଟେକ୍ଟରର ଫିଟିଂ ଭଳି ଅନେକ ପ୍ରକାରର ଉପକରଣ ସହିତ ଗୋଦରେଜର ନୂତନ ଉତ୍ପାଦ 'ସ୍କିଡୋ' ଦ୍ୱାରା ବହୁତ କମ୍ ଜାଗାରେ ରୋଷେଇ ଘରକୁ ଖୁବ ସୁନ୍ଦର ଭାବେ ସଜେଇ ପାରିବେ। ଏ ସମ୍ପର୍କରେ ଖାରବେଳ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ଼ର ମ୍ୟାନେଜିଂ ଡାଇରେକ୍ଟର ସାଇ କ୍ରିଷ୍ଣା ମହାନ୍ତି କହିଛନ୍ତି, ଏଠାରେ ଗ୍ରାହକ କେବଳ ସେମାନଙ୍କର ଆବଶ୍ୟକ ସାମଗ୍ରୀ ସାଙ୍ଗକୁ ଉନ୍ନତ ମାନର ଉପକରଣଗୁଡ଼ିକୁ ସୁଲଭ ମୂଲ୍ୟରେ ପାଇପାରିବେ। ଏପରିକି ବିକ୍ରି ପରବର୍ତ୍ତୀ ସେବା ଓ ଗ୍ରାହକସନ୍ତୁଷ୍ଟିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।




ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ୍ ଜୁଏଲେରି ସେଲ୍ସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସର ଭୁବନେଶ୍ୱରସ୍ଥିତ ଏକ୍ସକ୍ଲୁସିଭ ଆଉଟଲେଟ୍ ଶହୀଦନଗରଠାରେ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ '୫୦% ଫ୍ଲାଟ ମେକିଂ ଚାର୍ଜ ଅଫର'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜୟଆଲୁକ୍କାସ ଭୁବନେଶ୍ୱର ଷ୍ଟୋର ହେଡ୍ (ବ୍ରାଞ୍ଚ ଇନ୍‌ଚାର୍ଜ) ସୁଭାଷ.ଏମ୍, ଆସିଷ୍ଟାଣ୍ଟ ବ୍ରାଞ୍ଚ ଇନ୍‌ଚାର୍ଜ ସତ୍ୟବ୍ରତ ଭଞ୍ଜଙ୍କ ସମେତ ଆଉଟଲେଟ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଫୋରମ୍ ମାର୍ଟରେ ଆଭୂଷଣ ଫ୍ୟାଶନ ଜୁଏଲର୍ସ

ଭୁବନେଶ୍ୱର,୨୮।୧

ଦେଶର ଅଗ୍ରଣୀ ଫ୍ୟାଶନ ଜୁଏଲେରି ବ୍ରାଣ୍ଡ 'ଆଭୂଷଣ ଫ୍ୟାଶନ ଜୁଏଲର୍ସ'ର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ସତ୍ୟନଗରସ୍ଥିତ ଫୋରମ୍ ମାର୍ଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଲିଉଡ ଅଭିନେତ୍ରୀ ଦିବ୍ୟାଦିଶା ମହାନ୍ତି, ଶିବାନୀ ସଙ୍ଗୀତା ଏବଂ ଅଭିନେତା ସୁଜିତ ପାଇକରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଲିଉଡ ଅଭିନେତ୍ରୀ ପୁନମ ମିଶ୍ର, ଅନନ୍ୟା ମିଶ୍ର, ଅଭିନେତା ପାର୍ଥସାରଥୀ, ପ୍ରଯୋଜକ ପ୍ରୀତମ ସାହୁ, ପ୍ରଯୋଜକ ଶ୍ରୀଧର ମାର୍ଥା ଏବଂ ଆଭୂଷଣ ଫ୍ୟାଶନ୍ ଜୁଏଲର୍ସର ମ୍ୟାନେଜିଙ୍ଗ ପାର୍ଟନର ରାଜେଶ୍ ପଟ୍ଟନାୟକ ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏଠାରେ ସବୁ ବର୍ଗ ଓ ବୟସର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ତଥା ଡିଜାଇନ ଅଳଙ୍କାର ଉପଲବ୍ଧ ରହିଥିବାବେଳେ ଗ୍ରାହକଙ୍କ ଚାହିଦା ଅନୁଯାୟୀ ସମସ୍ତ ଅଳଙ୍କାର ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି ଆଭୂଷଣ ଫ୍ୟାଶନ୍ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ୱାନ୍ ଗ୍ରାମ୍ ଗୋଲ୍ଡ (ସୁନା) କ୍ରୟ ଉପରେ ୬ ମାସର ଗ୍ୟାରେଣ୍ଟି ଦିଆଯାଉଥିଲାବେଳେ ଉକ୍ତ ସୁନା ସମ୍ପର୍କରେ ଯଦି କୌଣସି ପ୍ରକାରର ଅଭିଯୋଗ ଆସେ ତା' ହେଲେ ତୁରନ୍ତ ସେହି ଗୋଲ୍ଡକୁ ବଦଳାଇ ନୂଆ ବା ସମାନ ମୂଲ୍ୟର ଅନ୍ୟ ସାମଗ୍ରୀ ନେଇପାରିବେ ବୋଲି ଆଭୂଷଣ ପକ୍ଷରୁ କୁହାଯାଇଛି।

ଫୁରସତ୍



## ଯାତ୍ରା ଆରମ୍ଭ କଲା 'ଆଇକନ୍ ଅଫ୍ ଦି ସିଜ୍'

ମୁମ୍ବାଇ

ବିଶ୍ୱର ସର୍ବବୃହତ୍ କ୍ରୁଜ ଜାହାଜ 'ଆଇକନ ଅଫ୍ ଦି ସିଜ୍' ତା'ର ୭ ଦିବସୀୟ ଦ୍ୱୀପ ଯାତ୍ରା ଲାଗି ପ୍ରଥମ ଯାତ୍ରା ଦକ୍ଷିଣ ଫ୍ଲୋରିଡାର ମିଆମି ବନ୍ଦରରୁ ଆରମ୍ଭ କରିଛି। ରୟାଲ କାରିବିୟନ ଜାହାଜର ଲମ୍ବ ୧୨ଶହ ଫୁଟ। ଶନିବାର ସୂର୍ଯ୍ୟାସ୍ତ ପୂର୍ବରୁ ଏହି ଜାହାଜ ତା'ର ଯାତ୍ରା ଆରମ୍ଭ କରିଥିଲା। ରୟାଲ କାରିବିୟନ ସମୂହର ଅଧକ୍ଷ ଜେସନ ଲିବର୍ଟି ନିକଟରେ କହିଥିଲେ, ୫୦ ବର୍ଷରୁ ଉର୍ଦ୍ଧ୍ୱକାଳ ହେଲା ଦେଖାଯାଇଥିବା ସ୍ୱପ୍ନର ଫଳାଫଳ ହେଉଛି 'ଆଇକନ ଅଫ୍ ଦି ସିଜ୍'। ଏହା ସାହାଯ୍ୟରେ ଲୋକେ ତାଙ୍କର ସର୍ବଶ୍ରେଷ୍ଠ ଛୁଟିକୁ ଅନୁଭବ କରିପାରିବେ। ଏହି ସେବା ଦାୟିତ୍ୱପୂର୍ଣ୍ଣ ଉପାୟରେ ପ୍ରଦାନ କରାଯିବ। କ୍ରୁଜ୍‌ରେ ସବୁ ଆୟବର୍ଗର ଲୋକେ ଯାତ୍ରାର ଆନନ୍ଦ ନେଇପାରିବେ। ଗତବର୍ଷ ଅକ୍ଟୋବରରେ ଜାହାଜକୁ ପ୍ରଥମେ ଅନାବରଣ କରାଯାଇଥିଲା। ସେତେବେଳେ ରୟାଲ କାରିବିୟନ ୫୩ ବର୍ଷର ଇତିହାସରେ ଗୋଟିଏ ଦିନରେ ସବୁଠୁ ଅଧିକ ବୁକିଂ କରିଥିଲା। ୨୦ ଡେକର ଆଇକନ ଅଫ୍ ଦି ସିଜ୍‌କୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଜାହାଜରେ ୬ଟି ୱାଟର ସ୍ଲାଇଡ୍, ୭ଟି ସୁଇମିଂପୁଲ୍, ଗୋଟିଏ ଆଇସ୍ ସ୍କେଟିଂ ରିଂ, ଗୋଟିଏ ଥିଏଟର ଓ ୪୦ରୁ ଅଧିକ ରେଷ୍ଟୁରାଣ୍ଟ ଏବଂ ବାର୍ ରହିଛି। ଜାହାଜଟି ଥରକେ ୨୩୫୦ ଚାଳକ ଦଳ ସଦସ୍ୟଙ୍କ ସହିତ ସର୍ବାଧିକ ୭ ହଜାର ୬ଶହ ଯାତ୍ରୀଙ୍କୁ ନେଇପାରିବ।

Skilled in ODISHA
ODISHA SKILL DEVELOPMENT AUTHORITY
National Career Service

ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁର
ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ସମ୍ବଲପୁର-୨୦୨୩-୨୪

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତଥା ଜିଲ୍ଲା ପ୍ରଶାସନ, ସମ୍ବଲପୁର ତରଫରୁ ଯଥାକ୍ରମେ **ତା୩୦।୦୧।୨୦୨୪ (ମଙ୍ଗଳବାର) ସରକାରୀ ପଲିଟେକ୍‌ନିକ କଲେଜ, ରେଙ୍ଗାଲି, ସମ୍ବଲପୁରରେ ଓ ୩୧।୦୧।୨୦୨୪ (ବୁଧବାର) ଧନକଉଡ଼ା ପଡ଼ିଆ, ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲ ସାମ୍ନା, ଧନକଉଡ଼ା ସମ୍ବଲପୁର**ଠାରେ ସମୟ: **ସକାଳ ୯ ଘଟିକାରୁ ମଧ୍ୟାହ୍ନ ୩.୩୦ ଘଟିକା** ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ବେସରକାରୀ ସଂସ୍ଥା ଯୋଗଦେବେ। କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ କେତେକ ସଂସ୍ଥା ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ। ଏଥି ନିମନ୍ତେ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପାସ୍‌ରୁ ସ୍ନାତକ/ ଆଇ.ଟି.ଆଇ./ ଡିପ୍ଲୋମା ପର୍ଯ୍ୟନ୍ତ ଏବଂ ବୟସ ସୀମା ୧୮ରୁ ୩୫ ବର୍ଷ ହେବା ଆବଶ୍ୟକ।

ସୁତରାଂ ସମ୍ବଲପୁର ଜିଲ୍ଲାର ଚାକିରି ଅନ୍ୱେଷଣରେ ଥିବା ବେରୋଜଗାର ଯୁବକ/ଯୁବତୀ ନିଯୁକ୍ତି ମେଳାରେ ମିଳୁଥିବା ଦରଖାସ୍ତ ଫର୍ମ ଓ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର କାର୍ଡର କପି ଓ ଦୁଇଟି ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ।

**ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର**



## ହନୁମାନଙ୍କ ଚରିତ୍ରରେ ସନ୍ନି

ମୁମ୍ବାଇ

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଏବେ ଏହାର ପ୍ରଭାବ ସିନେ ଜଗତରେ ମଧ୍ୟ ଦେଖିବାକୁ ମିଳିଛି। ନିର୍ଦ୍ଦେଶକ ନିତେଶ ତିୱାରୀ 'ରାମାୟଣ' ଉପରେ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଗତ କିଛିଦିନ ଧରି ଫିଲ୍ମ ଏବଂ ଏହାର ଚରିତ୍ରମାନଙ୍କୁ ନେଇ ଖୁବ୍ ଚର୍ଚ୍ଚା ଲାଗି ରହିଛି। ତେବେ ସିନେମାରେ ହନୁମାନଙ୍କ ଚରିତ୍ର ପାଇଁ ଅଭିନେତା ସନ୍ନି ଦେଓଲଙ୍କୁ ସୁଯୋଗ ମିଳିଥିବା ଜଣାପଡ଼ିଛି। ନିତେଶ ରାମାୟଣକୁ ୩ଟି ଭାଗରେ ପରଦାକୁ ଆଣିବାକୁ ପ୍ରୟାସ କରୁଛନ୍ତି। ଚଳଚ୍ଚିତ୍ରରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର ଏବଂ ମାତା ସୀତାଙ୍କ ଚରିତ୍ରରେ ସାଉଥ ସୁନ୍ଦରୀ ସାଇ ପଲ୍ଲବୀଙ୍କୁ ଦେଖିବାକୁ ମିଳିପାରେ। ରାବଣ ଭୂମିକାରେ ଅଭିନେତା ଯଶ୍ ନଜରକୁ ଆସିପାରନ୍ତି ବୋଲି ଜଣାପଡ଼ିଛି। ତେବେ ସନ୍ନି ହନୁମାନଙ୍କ ଚରିତ୍ରକୁ ନେଇ ଖୁବ୍ ଖୁସି ଅଛନ୍ତି। ଏହା ପୂର୍ବରୁ ସନ୍ନିଙ୍କ ଫିଲ୍ମ 'ଗଦର ୨' ବ୍ଲକ ବ୍ଲଷ୍ଟର ରୋଜଗାର କରିଥିଲା।

## ୫୪ଟି ପରମାଣୁରୁ କ୍ଷୁଦ୍ରତମ ଗଣ୍ଠି

**ମୁମ୍ବାଇ:** ଅନେକ ସମୟରେ ବହୁତ କିଛି ଉଦ୍ଭାବନ ଅଚାନକ ବା ଭୁଲ୍‌ବଶତଃ ହୋଇଥାଏ। ନିକଟରେ ବୈଜ୍ଞାନିକମାନେ ଏକ ଭୁଲ୍‌ରୁ ଦୁନିଆର ସବୁଠୁ ଛୋଟ ଗଣ୍ଠି ପ୍ରସ୍ତୁତ କରି ବିଶ୍ୱ ରେକର୍ଡ କରିଛନ୍ତି। ଏକ ରାସାୟନିକ ପ୍ରକ୍ରିୟା କରିବା ସମୟରେ ବୈଜ୍ଞାନିକମାନେ ଅଜାଣତରେ କେବଳ ୫୪ଟି ପରମାଣୁକୁ ମିଶାଇ ଏକ ଗଣ୍ଠି ପ୍ରସ୍ତୁତ କରିଦେଲେ, ଯେଉଁଥିରେ ସୁନା, କାର୍ବନ ଓ ଫସ୍‌ଫରସ୍ ରହିଛି। ହେଲେ ଏହି ଗଣ୍ଠି କିପରି ହେଲା ସେ ବାବଦରେ କାହାକୁ ବି ଜଣାପଡ଼ିଲାନି। ଏହି ଗଣ୍ଠି ୩ ଥରରେ ପ୍ରସ୍ତୁତ ହୋଇଛି। କାନାଡା ୟୁନିଭର୍ସିଟି ଅଫ୍ ୱେଷ୍ଟର୍ନ ଓଣ୍ଟାରିଓ ଏବଂ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ବୈଜ୍ଞାନିକମାନେ ଏହି ଛୋଟ ଗଣ୍ଠିର ଉଦ୍ଭାବନ କରିଛନ୍ତି। ଫଳରେ ସେମାନେ ୨୦୨୦ର ରେକର୍ଡକୁ ଭାଙ୍ଗିପାରିଛନ୍ତି, ଯାହାକୁ ଚାଇନାର ଜଣେ କେମିଷ୍ଟ ଏପରି ଗଣ୍ଠିକୁ ୬୯ଟି ପରମାଣୁର ସାହାଯ୍ୟରେ ପ୍ରସ୍ତୁତ କରିଥିଲେ। ୨୦୨୦ରେ ପ୍ରସ୍ତୁତ ହୋଇଥିବା ଗଣ୍ଠିର ବ୍ୟାକବୋନ କ୍ରସିଂ ଅନୁପାତ ୨୩ ଥିବାବେଳେ ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଗଣ୍ଠିର ଅନୁପାତ ୧୮ ଅଟେ। ଏହି ପ୍ରକ୍ରିୟା ବୈଜ୍ଞାନିକଙ୍କୁ ଡିଏନ୍ଏ, ଆର୍ଏନ୍ଏ ଏବଂ ପ୍ରୋଟିନ୍‌କୁ ଭଲଭାବେ ବୁଝିବାରେ ସାହାଯ୍ୟ କରିଥାଏ। ଭୁଲ୍‌ବଶତଃ ହାସଲ ହୋଇଥିବା ଏହି ସଫଳତା ଜୈବିକ ରାସାୟନିକ ପ୍ରକ୍ରିୟା ପ୍ରୟୋଗ ସମୟରେ ମିଳିଥିଲା। ଏହି ପ୍ରୟୋଗରେ ବୈଜ୍ଞାନିକମାନେ ଗୋଲ୍ଡ ଚେନ୍ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଥିଲେ। ହେଲେ ଟ୍ରିଫଏଲ ନଟ୍ ହୋଇଗଲା। ବୈଜ୍ଞାନିକଙ୍କ କହିବା କଥା, ଏହା ବହୁତ ଜଟିଳ ପ୍ରକ୍ରିୟା ଥିଲା, ଏହା କିପରି ପ୍ରସ୍ତୁତ ହେଲା ସେମାନେ ବିଲ୍‌କୁଲ୍ ଜାଣିପାରିଲେନି। ଏହି ଉଦ୍ଭାବନର ପ୍ରୟୋଗ ଚିକିତ୍ସା କ୍ଷେତ୍ରରେ କରାଯିବ। ଏହାକୁ ପ୍ଲାଷ୍ଟିକ୍ ଏବଂ ପଲିମର ଭଳି ଉନ୍ନତ ପଦାର୍ଥର ବିକଶିତ ପାଇଁ ବ୍ୟବହାର କରାଯାଇପାରିବ।

## ଦିଆସିଲି ଖୋଳ ସଦୃଶ ଗୀତା



ଭୋପାଳ: ଶ୍ରୀମଦ୍ ଭଗବଦ୍ ଗୀତା, ଯାହାର ୧୮ଟି ଅଧ୍ୟାୟରେ ଦୁନିଆର ସମସ୍ତ ଜ୍ଞାନ ଭରିରହିଛି। ଗୀତାର ନାମ ଶୁଣିବାମାତ୍ରେ ହିଁ ମନରେ ଗୋଟେ ମୋଟା ଧର୍ମଗ୍ରନ୍ଥର ଭାବନା ଆସିଥାଏ। ହେଲେ ଏପରି ଏକ ଗୀତା ଅଛି, ଯାହା ଦିଆସିଲି ଖୋଳର ଆକାର ସଦୃଶ। ଏହି ଗୀତାକୁ ପକେଟରେ ମଧ୍ୟ ଧାରଣ କରିହେବ। ଏଥିରେ ମୋଟ ୨୫୬ ପୃଷ୍ଠାରେ ୭ଶହ ଶ୍ଳୋକ ରହିଛି। ଏହି ଧର୍ମଗ୍ରନ୍ଥ ଗତ ୩୫ ବର୍ଷ ହେବ ମଧ୍ୟପ୍ରଦେଶର ସହର ସାଗରବିନାରେ ଅଥକ ପଥ ନାମକ ଏକ ସଂଗ୍ରହାଳୟରେ ରଖାଯାଇଛି। ସଂଗ୍ରହାଳୟକୁ ଆସୁଥିବା ଲୋକେ ଅତ୍ୟନ୍ତ ଉତ୍ସାହର ସହ ଗୀତାକୁ ଦେଖନ୍ତି। ଲୋକମାନେ ଏତେ ଛୋଟ ଗୀତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥା'ନ୍ତି। ବିନାରେ ରହୁଥିବା ରାମ ଶର୍ମାଙ୍କୁ ପୁରୁଣା ଏବଂ ଐତିହାସିକ ବସ୍ତୁର ସଂଗ୍ରହ କରିବାକୁ ଭଲ ଲାଗେ। ତାଙ୍କର ଏହି ଇଚ୍ଛା ଯୋଗୁ ସେ ୩୫ ବର୍ଷ ହେବ ଧାର୍ମିକ ବହି, ଗ୍ରନ୍ଥ, ବେଦ, ପୁରାଣ, ଉପନିଷଦ ସବୁ ସଂଗ୍ରହ କରି ଏପର୍ଯ୍ୟନ୍ତ ୫ ହଜାରରୁ ଅଧିକ ବହି ଏକ ସଂଗ୍ରହାଳୟରେ ସ୍ଥାନ ଦେଇଛନ୍ତି। ସେ ନିଜେ ସଂଗ୍ରହାଳୟରେ ବହିକୁ ପଢ଼ିବା ସହିତ ଅନ୍ୟମାନେ ମଧ୍ୟ ଆସି ସମସ୍ତ ବହି ପଢ଼ିବାର ସୁବିଧା ରଖିଛନ୍ତି।

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NOTICE**

No.1735/OMC/2024
Date:28/01/2024

In pursuance of Advertisement No. 82/OMC dated 15.11.2023 and Notice N0.1589/OMC/2024 dated 24.01.2024, this is for information of all concerned candidates that the e-Admit Card for online Computer Based Test (CBT) for the Post of **Jr. Nurse & Electrician-III**, which has been rescheduled to be held on **02.02.2024 (Friday) from 8.30 AM to 10.30 AM**, shall be dispatched/ issued afresh to the candidates through their registered e-mail from **04.00 PM of 29.01.2024 onwards**. The candidates are required to download all the pages of the e-Admit Card and go through the important instructions/ contents of the same carefully.

The Login ID & Password, which was used by the candidates at the time of their online application, shall be used for every subsequent purpose of this CBT recruitment including downloading of the e-Admit Card.

For any queries/clarification relating to e-Admit Card/ Examination Centre/ terms & conditions applicable to the candidates during the CBT etc., the candidates are advised to raise their query in the Helpdesk Tab available on the application portal after login or contact the helpdesk through Phone Number **+91-9513437890** from 10.00 AM to 5.00 PM on working days.

**Sd./- General Manager (P&A)**

**NB:** Candidates are advised to visit the OMC website (https://omcltd.in) regularly for important instructions / notifications relating to the online Computer Based Test

**ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ**
ପ୍ରକଳ୍ପ ନିୟୋଜନ ୟୁନିଟ୍, ସମ୍ବଲପୁର, ସରଲାକାନି ଛକ, ସେଣ୍ଟ ଯୋସେଫ ବିଦ୍ୟାଳୟ ସମ୍ମୁଖ
ଏନ୍ଏଚ୍-୬ ନିକଟ, ସାକ୍ଷିପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬
भारतमाला

୧୧୦୪୦/ଏନ୍ଏଚ୍ଏଆଇପିଆଇୟୁ/ଏସ୍‌ବିପି/ଏନ୍ଏଚ୍-୨୬ (୧୩୦.୨୮୦ ରୁ ୧୭୫.୮୮୦)/ଟୋଲ/୮୫/୨୦୨୪ ତା.୨୪.୦୧.୨୦୨୪

**ସର୍ବସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କ ରାଜପତ୍ର ବିଜ୍ଞପ୍ତି ଏସ.ଓ ୧୬୫୦(ଇ) ତା.୦୬.୦୪.୨୦୨୩ ଅନୁଯାୟୀ ଓଡ଼ିଶା ରାଜ୍ୟର ଏନଏଚ-୨୬ ସେକ୍ସନର ଅମାଥ-ଭବାନୀପାଟଣାର ମୋଟ ରାସ୍ତାର ଲମ୍ବ ୪୫.୬୦୦ କିମି ପାଇଁ କିମି ୧୩୦.୨୮୦ରୁ କିମି ୧୭୫.୮୮୦ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ନୂନମଠ ଗ୍ରାମ ନିକଟରେ ସିଏଚ୍ ୧୩୦.୪୦୦ ଫି ପ୍ଲାଜାର ୟୁଜର ଫି ମୂଲ୍ୟ ଆର୍ଥିକ ବର୍ଷ ୨୦୨୩-୨୪ ଲାଗି ନିମ୍ନ ବର୍ଣ୍ଣିତ ପ୍ରକାରେ ପ୍ରାରମ୍ଭିକ ଧାର୍ଯ୍ୟ ଦର ଅନୁଯାୟୀ ଲାଗୁ କରାଯିବ । ଏହି ଅନୁସାରେ ୟୁଜର ଫି ମୂଲ୍ୟ ସଂଗ୍ରହ ତା.୩୦.୦୧.୨୦୨୪ ର ଘ. ୮.୦୦ ଠାରୁ ଆରମ୍ଭ ହେବ । (ଟଙ୍କାରେ)

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ | ଦିନକ ଭିତରେ ଫେରିବା ପାଇଁ ଦେୟ | ମାସରେ ୫୦ଥର ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବ୍ୟବସାୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| କାର୍, ଜିପ୍ ଭ୍ୟାନ୍ କିମ୍ବା ହାଲୁକା ମଟର ଗାଡ଼ି | ୪୦ | ୬୦ | ୧୩୦୫ | ୨୦ |
| ହାଲୁକା ବ୍ୟବସାୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୬୫ | ୯୫ | ୨୧୦୫ | ୩୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ) | ୧୩୦ | ୨୦୦ | ୪୪୧୫ | ୬୫ |
| ତିନି ଆକ୍ସେଲ ବ୍ୟବସାୟିକ ଗାଡ଼ି | ୧୪୫ | ୨୧୫ | ୪୮୧୫ | ୭୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍ଇ କିମ୍ବା ଏମ୍ଏଭି ଚାରି ରୁ ଛଅ ଆକ୍ସେଲ | ୨୧୦ | ୩୧୦ | ୬୯୨୫ | ୧୦୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୨୫୫ | ୩୮୦ | ୮୪୨୫ | ୧୨୫ |

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟୋଲ୍ ପ୍ଲାଜା ଠାରୁ ୨୦ କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ଅଣ ବ୍ୟବସାୟିକ ସ୍ଥାନୀୟ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର **ଟ.୩୩୦.୦୦** ହେବ, ଆବଶ୍ୟକତା ଅନୁଯାୟୀ ପ୍ରତିବର୍ଷ ଉକ୍ତ ନିୟମର ସଂଶୋଧନ ଅଧିନରେ ଉଲ୍ଲେଖ କରାଯାଇଛି । ଯେହେତୁ ସମସ୍ତ ଯାନ ପାଇଁ ଫାଷ୍ଟଟ୍ୟାଗ୍ ବାଧ୍ୟତାମୂଳକ ତେଣୁ ସମସ୍ତ ଉପଭୋକ୍ତା ମାନଙ୍କୁ ଫାଷ୍ଟଟ୍ୟାଗ୍ କିଣିବାକୁ ଅନୁରୋଧ କରାଯାଉଛି ।
ଦୂରଭାଷ: (୦୬୬୩) ୨୫୪୮୯୬୬, ଇ-ମେଲ୍: piusambalpur@nhai.org, nhaisambalpur@gmail.com
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ ମଧ୍ୟ

# ବରୀ ବିଜେଡି: ଆଶାୟୀଙ୍କ ଭିତରେ ଲଢ଼େଇ

ରସୁଲପୁର, ୨୮।୧(ରଞ୍ଜିତ ରାଉତ)



ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ କସରତ ଆରମ୍ଭ କରିଦେଲେଣି। ଶାସକ ବିଜେଡିରେ ଅନେକ ଆଶାୟୀ ବିରୋଧୀଙ୍କୁ ସୁହାଇବା ଭଳି ମନେହେଉଛନ୍ତି । କହିବାକୁ ଗଲେ ଏଠି ବିଜେଡି ନିଜ ସହ ଲଢୁଛି । ଏଠାରେ ବିରୋଧୀମାନେ ସେତେଟା ପ୍ରଭାବୀ ନୁହନ୍ତି । କିନ୍ତୁ ବିଜେଡିରେ ଏକାଧିକ ଆଶାୟୀ ଦଳୀୟ କନ୍ଦଳ ସୃଷ୍ଟି କରୁଥିବାରୁ ତାହାର ଫାଇଦା ଅନ୍ୟଆଡ଼େ ଚାଲିଯିବାର ଆଶଙ୍କା ଉପୁଜିଲାଣି ।

ଏହି କ୍ରମରେ ଦେଖିଲେ ୨୦୧୯ ନିର୍ବାଚନରେ ଭାଜପା ନେତ୍ରୀ ରହିଥିବା ସୁନନ୍ଦା ଦାସଙ୍କୁ ବିଜେଡି ଆମଦାନୀ କରିଆଣି ବିଧାୟକ ଆସନରେ ବସାଇଛି। ସେ ବରୀ ରାଜନୀତିରେ ବେଶ୍ ସକ୍ରିୟ ଅଛନ୍ତି । ପ୍ରତିଦିନ ନିଆରା କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ଭେଟି ସମ୍ପର୍କ ଯୋଡ଼ିବାକୁ ପ୍ରୟାସ ଜାରି ରଖିଛନ୍ତି । ତାଙ୍କର ଏଭଳି କାର୍ଯ୍ୟକ୍ରମ ପାଇଁ ସେ ଦେଶର ୫୪ଜଣ ଶ୍ରେଷ୍ଠ ବିଧାୟକ ଓ ଓଡ଼ିଶାରୁ ଏକମାତ୍ର ମହିଳା ବିଧାୟିକା ଭାବେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ଆଉ ଜଣେ ନେତ୍ରୀ ଶର୍ମିଷ୍ଠା ସେଠୀ ପ୍ରଶାସନିକ ସେବା ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ପ୍ରବେଶ କରି ଯାଜପୁର ଏମ୍‌ପି ହୋଇଛନ୍ତି । ତାଙ୍କର ଶାଶୁଘର ଏହି ନିର୍ବାଚନମଣ୍ଡଳୀରେ। ବରୀର ଆଉ ଜଣେ ନାରୀ ସୁଲତା ଦେଓ, ଯିଏ କି ରାଜ୍ୟ ସଭା ସଦସ୍ୟ ଅଛନ୍ତି । ସେହିଭଳି ଅନ୍ୟତମ ପ୍ରଭାବଶାଳୀ ନେତ୍ରୀଙ୍କ କଥା କହିବାକୁ ଗଲେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ଏହି ନିର୍ବାଚନମଣ୍ଡଳୀ ସହ ସମ୍ପର୍କ ବେଶ୍ ନିବିଡ଼ । ଏସବୁ ନେତ୍ରୀଙ୍କ ମଧ୍ୟରୁ କେହି ଜଣେ ବରୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହାଛଡ଼ା ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ବିଶ୍ୱରଞ୍ଜନ ମଲିକ ବିଜେଡିର ସୁନନ୍ଦାଙ୍କୁ କଡ଼ା ଟକ୍କର ଦେଇ ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ । ସେ ଇତିମଧ୍ୟରେ ବିଜେଡିରେ ସାମିଲ ହୋଇସାରିଛନ୍ତି । ସେ ଏଥର ଦଳୀୟ ଟିକେଟ ପାଇବେ ବୋଲି ତାଙ୍କର ସମର୍ଥକମାନେ କହି ବୁଲୁଛନ୍ତି । ଏହାଛଡ଼ା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେଡିର ଉଚ୍ଚସ୍ତରୀୟ ନେତାଙ୍କ ଗୁଡ୍‌ବୁକ୍‌ରେ ନ ଥିଲେ ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ହେବା ନିଶ୍ଚିତ ବୋଲି କହୁଛନ୍ତି । ହେଲେ ଦେବାଶିଷଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି ଜଣାଶୁଣା ବରୀ ବ୍ଲକ ପୂର୍ବତନ ବିଜେଡି ସଭାପତି ସେକ୍ ସଫିକ୍ ଉଦ୍ଦିନ (ଟାଲି ବାବୁ) ପୃଥକ୍ ଭାବେ ବୈଠକମାନ ଆୟୋଜନ କରୁଥିବା ଦେଖାଯାଉଛି । ରସୁଲପୁର ବ୍ଲକରୁ ଏହି ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତ ମଧ୍ୟରୁ ସାମନ୍ତରାପୁର ପଞ୍ଚାୟତରେ ଏକ ବନ୍ଧୁମିଳନ ଆଳରେ ସେ ପୁରୁଣା ସରପଞ୍ଚ ଓ କର୍ମୀମାନଙ୍କୁ ଏକଜୁଟ୍ କରିଥିବା ଚର୍ଚ୍ଚାର ବିଷୟ ରହିଛି। ଏ ସବୁ ପରେ ଯୁବ ନେତା ଅଶୋକ କୁମାର ବେହେରା ଓ ବରୀ ଗ୍ରାମ ପଞ୍ଚାୟତର ସଞ୍ଜୀବ ଜେନା ଦଳପାଇଁ ନୂଆ ଚେହେରା ଭାବେ ବରୀରେ ଉଭା ହୋଇଥିବା ଆଲୋଚନା ହେଉଛି । ସେମାନେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକ ସମ୍ପର୍କ ସୃଷ୍ଟି କରୁଛନ୍ତି । ସେମାନେ ଏଥର ବରୀରୁ ପ୍ରାର୍ଥୀ ହେବେ ବୋଲି ଛକ ବଜାରରେ ଚର୍ଚ୍ଚା ଆରମ୍ଭ ହେଲାଣି । ସେହିପରି ଆଉ ଜଣେ ଯୁବନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ କଥା ନିର୍ବାଚନ ଆସିଲେ ଚର୍ଚ୍ଚାକୁ ଆସେ । ସେ ବି ଏଥର ଟିକେଟ ଆଶାୟୀ । ଏହିଭଳି ଭାବେ ଦେଖିବାକୁ ଗଲେ ବରୀ ବିଜେଡିରେ ୮ ରୁ ୧୦ଜଣ ନେତା ଦଳୀୟ ଟିକେଟ ଆଶାରେ ରାଜନୀତି ଆରମ୍ଭ କଲେଣି । ଏଠାରେ ଦଳ ପୁରୁଣାକୁ ଦୋହରାଇବ ନା ନୂଆ ଚେହେରା ଉପରେ ମୋହର ଲଗାଇବ ତା'ସମୟ କ୍ରମେ ସ୍ପଷ୍ଟ ହୋଇଯିବ ବୋଲି ନିର୍ବାଚନ ସମୀକ୍ଷକମାନେ କହୁଛନ୍ତି । ଜଣକୁ ଟିକେଟ ଦେଇ ଅନ୍ୟମାନଙ୍କୁ ଦଳ କେମିତି ସନ୍ତୁଷ୍ଟ କରୁଛି ଦେଖିବାର ଅଛି। ଉପରଲିଖିତ ଆଶାୟୀଙ୍କ ଗତିବିଧି ଉପରେ ଭାଜପାର ଯୁବନେତା ଉମେଶ ଜେନା ଓ କଂଗ୍ରେସ ନେତ୍ରୀ ଆରତୀ ଦେଓଙ୍କର ନଜର ରହିଥିବା ଲକ୍ଷ୍ୟ କରାଯାଉଛି । ବିରୋଧୀମାନେ ବିଜେଡିରେ ଗୋଷ୍ଠୀ କନ୍ଦଳକୁ ଚାହିଁ ବସିଥିବା ଭଳି ମନେହେଉଛି।

# ଗଣେଶ୍ୱରଙ୍କ ବିରୋଧରେ ଏକଜୁଟ

## ବଡ଼ସାହି ନିର୍ବାଚନମଣ୍ଡଳୀ

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନମଣ୍ଡଳୀରେ ଦେଖାଦେଇଛି ଅସନ୍ତୋଷ। ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଏକଜୁଟ ହୋଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ବିରୋଧ କରିଛନ୍ତି। ଆସନ୍ତା ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରାଇଲେ ଅସହଯୋଗ କରାଯିବ ବୋଲି ଅସନ୍ତୁଷ୍ଟ କର୍ମୀମାନେ ମହାପ୍ରସାଦ ଧରି ଶପଥ କରିବା ଚର୍ଚ୍ଚାର ବିଷୟ ହୋଇଛି।

ଗତ ୮ ଦିନ ଧରି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଗଣେଶ୍ୱର ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ରବିବାର ବଡ଼ସାହି ବଜାର ନିକଟସ୍ଥ ଏକ ସ୍ଥାନରେ ଶତାଧିକ ବରିଷ୍ଠ ନେତୃବୃନ୍ଦ ଓ କର୍ମୀ ଏକାଠି ହୋଇ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୪ରେ ଗଣେଶ୍ୱର ବିଜେଡିରୁ ଟିକେଟ ପାଇ ବିଧାୟକ ହୋଇଥିଲେ। ବିଧାୟକ ହେବା ପରେ ବିଜେଡିର ଛାମୁଆ କର୍ମୀଙ୍କୁ ଅଣଦେଖା କରିଥିଲେ ବୋଲି ଅଜୟ ବେହେରା, ଜ୍ୟୋତିକାନ୍ତ ସାମଲ, ମହେଶ୍ୱର ସେନାପତି ପ୍ରମୁଖ କହିଛନ୍ତି। ଫଳରେ ୨୦୧୯ ନିର୍ବାଚନରେ ତାଙ୍କୁ ଟିକେଟରୁ ବଞ୍ଚିତ ହେବାକୁ ପଡ଼ିଥିଲା ବୋଲି ତପନ ରାଉତ, ଚନ୍ଦ୍ରଶେଖର ଭୂୟାଁ, ବୁଧିରାମ ସିଂ, ବ୍ରଜବନ୍ଧୁ ସାହୁ, ଟିଙ୍କିନା ମହାପାତ୍ର, ଗୋପାଳ ମହାନ୍ତି, ରବି ଧଳ, ଚିନୁ ପଣ୍ଡା, ସୁଶାନ୍ତ ବଳା ପ୍ରକାଶ କରିଛନ୍ତି। ସେହିପରି ଭାଜପାରୁ ଦଳ ପରିବର୍ତ୍ତନ କରି ଆସିଥିବା ବୃନ୍ଦାବନ ଦାସଙ୍କୁ ନିର୍ବାଚନରେ ପରାଜିତ କରିବା ପଛରେ ଗଣେଶ୍ୱରଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ବରିଷ୍ଠ ନେତା ପୁରୁଷୋତ୍ତମ ପଣ୍ଡା, ମୃତ୍ୟୁଞ୍ଜୟ ମିଶ୍ର ଓ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି। ତେବେ ବିଜେଡିରୁ ଗଣେଶ୍ୱର କିମ୍ବା ତାଙ୍କ ସ୍ତ୍ରୀଙ୍କୁ ଟିକେଟ ଦିଆଗଲେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି କର୍ମୀମାନେ ମହାପ୍ରସାଦ ଧରି ଶପଥଗ୍ରହଣ କରିଛନ୍ତି। ଦଳ ପକ୍ଷରୁ ନୂଆ ମୁହଁ ପ୍ରାର୍ଥୀ କରିବାକୁ କର୍ମୀମାନେ ଦାବି କରଛନ୍ତି।

ଏ ସଂକ୍ରାନ୍ତରେ ନିର୍ବାଚନମଣ୍ଡଳୀର ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ ପଚାରିବାରୁ ଏଠାରେ ବିଜେଡିର ଦୃଢ଼ ସଙ୍ଗଠନ ରହିଛି। ଦଳର ସୁପ୍ରିମୋ ଯାହାକୁ ଟିକେଟ ଦେବେ ତାଙ୍କୁ ନେଇ ଦଳ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଏ ନେଇ ଗଣେଶ୍ୱର ପାତ୍ର କହନ୍ତି, ଦଳର ନିଷ୍ପତ୍ତିକୁ ମାନି କାର୍ଯ୍ୟ କରିବେ। ଦୀର୍ଘ ବର୍ଷ ଧରି ଭୋଟରମାନେ ମୋତେ ତାଙ୍କୁ ସହଯୋଗ କରି ଆସିଛନ୍ତି। ସୂଚନାଯୋଗ୍ୟ, ବଡ଼ସାହିରେ ଭାଜପାରୁ ସନାତନ ବିଜୁଳି ବିଧାୟକ ଅଛନ୍ତି।

# ମୋହନଙ୍କ ବିରୋଧରେ ମେଳି



ମୋହନ ମାଝୀଙ୍କୁ ବିରୋଧ କରାଯାଇ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଭାଜପା ନେତା ଓ କର୍ମକର୍ତ୍ତା ।

କେନ୍ଦୁଝର,୨୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ପ୍ରାର୍ଥୀ ପରିବର୍ତ୍ତନ ଦାବି

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏ ନେଇ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ବେଳେ ଦଳ ମଧ୍ୟରେ ପ୍ରାର୍ଥୀକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଭାଜପା ରାଜ୍ୟରେ ସ୍ଥିତି ସୁଦୃଢ଼ କରିବାକୁ ଚାହୁଁଛି। ଇତିମଧ୍ୟରେ କେନ୍ଦୁଝରରେ ଭାଜପା ଭିତରେ ବିବାଦ ଦେଖାଦେଇଛି । ଫଳରେ ଦଳ ଅକଳରେ ପଡିଛି। ଜିଲାରେ ଏକ ମାତ୍ର ସିଟ୍ ହାସଲ କରିଥିବା ସଦର ବିଧାୟକ ମୋହନ ମାଝୀଙ୍କ ବିରୋଧରେ ଲାଗି ରହିଥିବା ଅସନ୍ତୋଷ ଏବେ ମେଳିରେ ପରିଣତ ହୋଇଛି। ମୋହନଙ୍କ ନେତୃତ୍ୱକୁ ଦଳର ବହୁ ନେତା ଓ କର୍ମୀ ନାପସନ୍ଦ କରିଛନ୍ତି। ଯଦି ଆଗାମୀ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ ନ ହୁଏ, ତେବେ ସେମାନେ ଦଳ ଛାଡ଼ିବେ ବୋଲି ରବିବାର ଅନୁଷ୍ଠିତ ଏକ ସଭାରେ ଖୋଲା ଖୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଦଳର ନେତା ମୁନା ମହାରଣାଙ୍କ ନେତୃତ୍ୱରେ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟ ଝାରବେଲଦା କଲେଜ ପଛରେ ଥିବା ପଡ଼ିଆରେ ଏକ ସଭା ବସିଥିଲା । ଏଥିରେ ବହୁ ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକ ଓ ଭାଜପା ନେତା, ସମର୍ଥକ ସାମିଲ ହୋଇଥିଲେ। ଏପରିକି ମୋହନଙ୍କ ଘନିଷ୍ଠମାନେ ମଧ୍ୟ ସଭାରେ ଉପସ୍ଥିତ ଥିଲେ। ସମସ୍ତେ ଏକତ୍ରିତ ହୋଇ ବିଧାୟକଙ୍କ ନେତୃତ୍ୱକୁ ବିରୋଧ କରିଥିଲେ। ମିଥ୍ୟା ପ୍ରତିଶ୍ରୁତିକୁ ଆଉ କେନ୍ଦୁଝରବାସୀ କଦାପି ସହ୍ୟ କରି ପାରିବେ ନାହିଁ। ଅଞ୍ଚଳର ବିକାଶ କରାଯାଇନାହିଁ। ବିଶେଷ କରି ଆଦିବାସୀ ଲୋକ ପ୍ରତାରିତ ହୋଇଛନ୍ତି। ପ୍ରତିଶ୍ରୁତି ଦିଆଯାଇଛି, କିନ୍ତୁ ପାଳନ ହେଉନାହିଁ। ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରାଯାଉନାହିଁ ଆଦି ଅଭିଯୋଗ କରିଛନ୍ତି। ସଭାରେ ଆଦିବାସୀ ନେତା ମୁନା ପୂର୍ତ୍ତି, ରଣଜିତ ବାରିକ, ବିଜୟ ମହାରଣା, ସାମାଜିକ କର୍ମୀ ତୁଳସୀ ପାତ୍ର, ନେଲୁଙ୍ଗ ପୂର୍ବତନ ପଞ୍ଚାୟତ ସଭ୍ୟା ଦୀପ୍ତି ମହାକୁଡ, ନେଲୁଙ୍ଗ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରମଣି ସିଂ, ରତି ଭାଇ, ମନୋଜ ମହାନ୍ତ, ତ୍ରିଲୋଚନ ମହାନ୍ତ, ବାବୁ ନାଏକ, ନେଲୁଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ବାବୁ ନାଏକ, ସୁଶାନ୍ତ ବାରିକ, ସନ୍ତୋଷ ପଣ୍ଡା, ଜୟକୃଷ୍ଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ମୋହନ ମାଝି କହିଛନ୍ତି, ମୁନାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ ଅନ୍ୟମାନଙ୍କୁ ମତାଇ ଏମିତି କରୁଥିବେ। ତେବେ ଏଥିରେ କିଛି ଫରକ ପଡ଼ିବ ନାହିଁ।

# ମନମୋହନଙ୍କୁ ଗିରିଶଙ୍କ ଉପେକ୍ଷା

ସମ୍ବଲପୁର,୨୮।୧
(ଭବାନୀ ଶଙ୍କର ଭୋଇ)

ଆଗାମୀ ନିର୍ବାଚନରେ ରାଜ୍ୟରେ ଭାଜପା ୧୨୦ ସିଟ୍ ହାସଲ କରିବା ନେଇ ଅଙ୍କ କଷୁଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ କେନ୍ଦ୍ର ନେତୃବୃନ୍ଦ ଘନଘନ କାର୍ଯ୍ୟକ୍ରମ କରି ଦଳକୁ ସଙ୍ଗଠିତ କରିବାକୁ ଚେଷ୍ଟା କରୁଛନ୍ତି। ହେଲେ ସମ୍ବଲପୁରରେ ଭାଜପାର ସମର୍ପିତ କର୍ମକର୍ତ୍ତାମାନଙ୍କୁ ଜିଲା ସଭାପତି ଗିରିଶ ପଟେଲ ଅଣଦେଖା କରୁଥିବା ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଏବେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଉଥିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ରାଜ୍ୟ ସଭାପତିଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଅସିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏହା କିପରି ସୁରୁଖୁରୁରେ ଅନୁଷ୍ଠିତ ହେବ ଓ ଏଥିରୁ ଦଳକୁ କେମିତି ଫାଇଦା ମିଳିବ, ସେ ନେଇ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଥିଲା। ମନମୋହନ ଦିନତମାମ ସମ୍ବଲପୁରରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କିନ୍ତୁ ଗିରିଶଙ୍କ ପକ୍ଷରୁ ରାଜ୍ୟ ସଭାପତିଙ୍କ ଗସ୍ତ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ସୂଚନା ମଧ୍ୟ ଦିଆଯାଇ ନ ଥିଲା। ରାଜ୍ୟ ସଭାପତି ସମ୍ବଲପୁରରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା ପାଇଁ ସଭାସ୍ଥଳ ବୁଲି ଦେଖିଲେ। ସେହି ସମୟରେ ମଞ୍ଚ ନିର୍ମାଣ ପାଇଁ ଭୂମିପୂଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ରାଜ୍ୟ ସଭାପତି ସଭାସ୍ଥଳ ପରିଦର୍ଶନ ସମୟରେ ସେଦିନ ଭୂମିପୂଜନ କରିପାରିଲେ ନାହିଁ । ମନମୋହନ ସନ୍ଧ୍ୟାରେ ଆଇଆଇଏମ୍ ଯାଇ ସେଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବିଷୟରେ ତଦାରଖ କରିଥିଲେ। ତେବେ ସେହି ସମୟର କୌଣସି ଫଟୋ କିମ୍ବା ସୂଚନା ଗଣମାଧ୍ୟମକୁ ଦିଆଯାଇ ନ ଥିଲା। ତେବେ ତାଙ୍କର ଭୁବନେଶ୍ୱର ଫେରିବା ପରେ ଗିରିଷ ନିଜେ କିଛି ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସଭାମଞ୍ଚ ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ।

ଗତ ଶନିବାର ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ଚାଲ ଅଭିଯାନ କର୍ମଶାଳା ରହିଥିଲା। କାର୍ଯ୍ୟକ୍ରମରେ ଲାଗିଥିବା ବ୍ୟାନରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଦଳର ଉପସଭାପତି ନାଉରୀ ନାୟକଙ୍କ ସହ ଜିଲା ସଭାପତି ଗିରିଶଙ୍କ ଫଟୋ ରହିଥିଲା। ତେବେ ବ୍ୟାନରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଫଟୋ ରହି ନ ଥିବା ଅନେକ ଭାଜପା କର୍ମୀଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା। କିଛି ଦିନର ଘଟଣାକ୍ରମରୁ ଜିଲା ସଭାପତି ଜାଣିଶୁଣି ରାଜ୍ୟ ସଭାପତିଙ୍କୁ ଉପେକ୍ଷା କରୁଥିବା ନେଇ ଦଳୀୟ କର୍ମୀ ଅଭିଯୋଗ କରୁଛନ୍ତି। ତେବେ ଏନେଇ ଜିଲା ସଭାପତି ଗିରିଶ ପଟେଲ କହିଛନ୍ତି, ଭୁଲବଶତଃ ରାଜ୍ୟ ସଭାପତିଙ୍କ ଫଟୋ ବ୍ୟାନରରେ ରହି ନ ଥିଲା। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଲାଗିବାକୁ ଥିବା ବ୍ୟାନରଗୁଡ଼ିକରେ ଏହାକୁ ସଂଶୋଧନ କରାଯିବ।




ବୁଥ୍ ଚାଲ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଫଟୋ ନାହିଁ ।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ

ଭଣ୍ଡାରିପୋଖରୀ,୨୮।୧
(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତର ରାଣୀଗଡ଼ିଆଠାରେ ରବିବାର ବିଜେଡିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ ପରିବାରରୁ ୪୦ଜଣ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦକ୍ଷ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ଯୁବନେତା ବିରେନ୍ଦ୍ର ନାୟକ, ପିରେଶ୍ୱର ବାରିକ, ନିରାକାର ରାଉତ, ସନ୍ତୋଷ କୁମାର ସାମଲ, ଆଶିଷ ସାମଲ, ଧନେଶ୍ୱର ସାମଲ, ବିରଞ୍ଚି ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ନୂତନ କର୍ମୀମାନଙ୍କ ସହ ବିଜେଡି କର୍ମକର୍ତ୍ତା ।

# ନରସିଂହଙ୍କ ଘରେ କଳିକେଶଙ୍କ ମହାପ୍ରସାଦ ବଣ୍ଟନ

## ବଲାଙ୍ଗୀର ସହରରେ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୮।୧
(ବୀରେନ୍ଦ୍ର କୁମାର ଝାଙ୍କର)



କଳିକେଶ ନାରାୟଣ ସିଂଦେଓ ବିଧାୟକ ନରସିଂହ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ରଙ୍କୁ ମହାପ୍ରସାଦ ଦେଉଛନ୍ତି।

ରାଜନୀତରେ ପ୍ରତିଦ୍ୱନ୍ଦ୍ୱିତାରୁ ଆରମ୍ଭ ହୋଇଯାଏ ପରସ୍ପର ବିରୋଧୀ ମତ, ମନ୍ତବ୍ୟ। ଏଭଳି ପ୍ରତିଦ୍ୱନ୍ଦ୍ୱିତା, ମତ-ମନ୍ତବ୍ୟ ପିଢ଼ିପିଢ଼ି ଧରି ଲାଗି ରହିଲେ ସାଧାରଣରେ ଏହା ପାରିବାରିକ ବିରୋଧର ରୂପ ନେଇଥାଏ। ଏଭଳି ଧାରଣା କେବଳ ରାଜନୈତିକ ବାତାବରଣକୁ ନୁହେଁ, ବରଂ ଗୋଟିଏ ଅଞ୍ଚଳକୁ ରାଜନୈତିକ ତିକ୍ତତା ଭିତରକୁ ବି ଠେଲିଦିଏ। ବଲାଙ୍ଗୀରରେ ରାଜ ପରିବାର ଏବଂ ମିଶ୍ର ପରିବାର ଭିତରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ଏଇ ଦୁଇ ପରିବାରର ପରସ୍ପର ବିରୋଧୀ ମତମନ୍ତବ୍ୟ ଅନେକ ସମୟରେ ରାଜ୍ୟ ରାଜନୀତିରେ ବି ହଇଚଇ ସୃଷ୍ଟି କରିଛି। ତେବେ ଏଇ ପାରିବାରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଭିତରେ ଖୁବ୍ କମ୍ ସମୟ ହେଲେ ମଧ୍ୟ କିଛି ବ୍ୟତିକ୍ରମର ମୁହୂର୍ତ୍ତ ଦେଖିବାକୁ ମିଳିଛି। ବଲାଙ୍ଗୀରରେ ରବିବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଣ୍ଟନ ବେଳେ ରାଜ ପରିବାର ଓ ମିଶ୍ର ପରିବାର ସଦସ୍ୟଙ୍କ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ରାଜପରିବାର ସଦସ୍ୟ ତଥା ପୂର୍ବତନ ଲୋକ ସଭା ସଦସ୍ୟ ଏବଂ ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଘରକୁ ଯାଇ ମହାପ୍ରସାଦ ବଣ୍ଟନ କରିଥିଲେ। ବିଧାୟକ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ରଙ୍କୁ ମହାପ୍ରସାଦ ଦେଇ ପାଦ ଛୁଇଁ ସମ୍ମାନ ଜଣାଇଥିଲେ। ବିଧାୟକଙ୍କ ସ୍ତ୍ରୀ ମଧ୍ୟ କଳିକେଶଙ୍କୁ ଆଶୀର୍ବାଦ ଦେଇଥିଲେ। ଏହାପରେ କଳିକେଶ ବିଧାୟକ ମିଶ୍ରଙ୍କ ବଡପୁଅ ଆଡଭୋକେଟ ଅମରେନ୍ଦ୍ର ମିଶ୍ରଙ୍କୁ ଭେଟି ମହାପ୍ରସାଦ ଦେଇଥିଲେ। ମହାପ୍ରସାଦ ଦେଲାବେଳେ ଫଟୋ ବି ଉଠାଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଏଇ ଘଟଣାକୁ ନେଇ କଳିକେଶଙ୍କୁ ପଚାରିବାରୁ ୧୧ ଓ ୧୨ ନମ୍ବର ୱାର୍ଡ ପରିକ୍ରମା କଲାବେଳେ ବିଧାୟକ ମିଶ୍ରଙ୍କ ଘରକୁ ଯାଇ ମହାପ୍ରସାଦ ଦେଇ ଆଶୀର୍ବାଦ ଭିକ୍ଷା କରିଥିବା କହିଛନ୍ତି। ଅମରେନ୍ଦ୍ର ବାବୁ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଅମରେନ୍ଦ୍ର ବାବୁଙ୍କ ପୁଅକୁ ଜଣେ ଶିକ୍ଷିତ ଯୁବକ ବୋଲି କହିଥିବା ମଧ୍ୟ ଦେଖିବାକୁ ମିଳିଛି। ମହାପ୍ରସାଦ ବଣ୍ଟନ ବେଳର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରବର୍ତ୍ତୀ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ଜଗନ୍ନାଥପଡା ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା। ଏଥିରେ କଳିକେଶଙ୍କ ସହ ଜିଲାପରିଷଦ ସଭାପତି ଦେବକୀ ସାହୁ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ବିଜେଡି କାଉନସିଲର ଏବଂ ଅନ୍ୟ ବିଜେଡି ନେତା ଓ କର୍ମୀ ସକ୍ରିୟ ଭାବେ ସାମିଲ ହୋଇ ବିଭିନ୍ନ ପଡ଼ାରେ ମହାପ୍ରସାଦ ବଣ୍ଟନ କରିଥିଲେ।

# 'ପଦକ ଦେଶବାସୀଙ୍କର, ଅସମ୍ମାନ କରନି'

**କୋଲକାତା ସ୍ପୋର୍ଟ୍ସ ଜର୍ନାଲିଷ୍ଟ କ୍ଲବ (ସିଏସ୍‌ଜେସି)ର ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ନିକଟରେ ମନ୍ଦରମାନିସ୍ଥିତ ବାନ୍ୟନ ଟ୍ରି ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଲିମ୍ପିଆନ ଆଥଲେଟ୍ ପଦ୍ମଶ୍ରୀ ଦୀପା ମଲିକ ଓ ପୂର୍ବତନ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁ। ଏହି ଅବସରରେ ଦୀପାଙ୍କ ସହ ବାର୍ତ୍ତାଳାପ ...**



ପୁରସ୍କାର ସହ ମନୋଜ କୋଠାରୀ ଓ ଦୀପା ମଲିକ।

**ଅନ୍ତର୍ଜାତୀୟ ସ୍ତରରେ ଆମ ଆଥଲେଟ୍ ଯେତେବେଳେ ପଦକ ଜିତନ୍ତି ସେତେବେଳେ ସେ ପଦକ କେବଳ ତାଙ୍କର ହୋଇ ନ ଥାଏ, ତାହା ଦେଶବାସୀଙ୍କର ହୋଇଯାଇଥାଏ। କାରଣ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ସେ ଉକ୍ତ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଥାନ୍ତି। ତେଣୁ ପଦକକୁ ନେଇ କେହି ଆମ ଦେଶର ଲୋକଙ୍କ ଭାବାବେଗ ସହିତ ଖେଳିବା ଉଚିତ ନୁହେଁ।**

"ଅନ୍ତର୍ଜାତୀୟ ସ୍ତରରେ କୌଣସି ଟୁର୍ନାମେଣ୍ଟରେ ଆମ ଆଥଲେଟ୍ ଯେତେବେଳେ ପଦକ ଜିତନ୍ତି ସେତେବେଳେ ସେ ପଦକ କେବଳ ତାଙ୍କର ହୋଇ ନ ଥାଏ, ତାହା ଦେଶବାସୀଙ୍କର ହୋଇଯାଇଥାଏ। କାରଣ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ସେ ଉକ୍ତ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଥାନ୍ତି। ପଦକ ତାଲିକାରେ ଦୀପା କିମ୍ବା ଅନ୍ୟ କାହାର ନାମ ଉଲ୍ଲେଖ ନ ଥାଏ। ସ୍ପଷ୍ଟଭାବେ ଦେଶ (ଭାରତ) କେତେ ପଦକ ପାଇଲା ତାହା ପରିଦୃଷ୍ଟ ହୋଇଥାଏ। ଯେତେବେଳେ କେହି ସ୍ୱର୍ଣ୍ଣ ପଦକ ଜିତିଥାଏ ଦେଶର ପତାକା ଉପରକୁ ଉଠିଥାଏ ଏବଂ ଜାତୀୟ ସଙ୍ଗୀତ ବାଜିଥାଏ। ତେଣୁ ପଦକକୁ ନେଇ କେହି ଆମ ଦେଶର ଲୋକଙ୍କ ଭାବାବେଗ ସହିତ ଖେଳିବା ଉଚିତ ନୁହେଁ" ବୋଲି ଦୀପା ପ୍ରକାଶ କରିଛନ୍ତି। ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲୁଏଫ୍ଆଇ)ରେ ଦେଖାଦେଇଥିବା ବିବାଦ ପରିପ୍ରେକ୍ଷୀରେ ପଦକ ଫେରାଇଥିବା ଜାତୀୟ ରେସଲରଙ୍କୁ ଭର୍ତ୍ସନା କରିଛନ୍ତି ଦୀପା। ସବୁ କଥାକୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ କରାଯିବା ଉଚିତ। ଏଥିପାଇଁ ନୀତି ନିୟମ ଅଛି, କମିଟି ଓ କାଉନ୍‌ସିଲ ଗଠନ କରାଯାଇଛି। ତେଣୁ ରେସଲରମାନେ ପଦକକୁ ଅସମ୍ମାନ କରିବା ପରିବର୍ତ୍ତେ ଅପେକ୍ଷା କରିବାର ଥିଲା। ନିଷ୍ଠାର ସହ ଅନେକ କଠିନ ପରିଶ୍ରମ ପରେ ପଦକ ହାସଲ ହୋଇଥାଏ ବୋଲି ଏହି ଅର୍ଜୁନ ପୁରସ୍କାରପ୍ରାପ୍ତ ପାରାଲିମ୍ପିଆନ ପ୍ରକାଶ କରିଛନ୍ତି।

## ଆଥଲେଟ୍‌ଙ୍କ ସାଧନାକୁ ସ୍ୱୀକୃତି

୨୦୧୯ରେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିବା ଦୀପା ପ୍ରଥମ ଭାରତୀୟ ଭାବେ ପାରାଲିମ୍ପିକ୍ସରେ ପଦକ (୨୦୧୬ ଶଟ୍‌ପୁଟ୍‌ରେ ରୌପ୍ୟ) ହାସଲ କରିବାର ରେକର୍ଡ ବହନ କରୁଛନ୍ତି। ଜଣେ ପାରା ଆଥଲେଟ୍‌ଭାବେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରିଥିଲେ ଦୀପା। "ପାରା ସ୍ପୋର୍ଟ୍ସପାଇଁ ଏହା ଜରୁରୀ ଥିଲା। ବେଙ୍ଗଲ ପାରାଲିମ୍ପିକ୍ କମିଟି ସଭାପତିଙ୍କୁ ଏଥିପାଇଁ ମୁଁ ନିଶ୍ଚିତ ଧନ୍ୟବାଦ ଦେବାକୁ ଚାହିଁବି। ଏହା ବ୍ୟତୀତ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରୁଥିବାରୁ ସିଏସ୍‌ଜେସିକୁ ମଧ୍ୟ ଅଶେଷ ଧନ୍ୟବାଦ। ଆଥଲେଟ୍‌ଙ୍କ ସାଧନାକୁ ଏହା ଏକ ସ୍ୱୀକୃତି ସଦୃଶ। କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ଦ୍ୱାରା ଭାରତର ଅନେକ ଆଥଲେଟ ନିଜ ପ୍ରଦର୍ଶନକୁ ଶାଣିତ କରିବାରେ ସକ୍ଷମ ହୋଇପାରୁଛନ୍ତି" ବୋଲି ଦୀପା ପ୍ରକାଶ କରିଛନ୍ତି।

## ଯନ୍ତ୍ରଣା ସତ୍ତ୍ୱେ ହାର ମାନିନି

କାର୍ଯ୍ୟକ୍ରମ ଅବସରରେ ନିଜ ସଂଘର୍ଷ, ସାଧନା ଓ ସିଦ୍ଧିର କାହାଣୀ ବର୍ଣ୍ଣନା କରିଥିଲେ ଦୀପା। ସେ କହିଥିଲେ ଯେ, ମୁଁ ଯେତେବେଳେ ୫ ବର୍ଷର ହୋଇଥିଲି ମେରୁଦଣ୍ଡରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ଏଥିପାଇଁ ୩ ବର୍ଷ ଚିକିତ୍ସିତ ହୋଇଥିଲି। ସମ୍ପୂର୍ଣ୍ଣ ସୁସ୍ଥ ପାଇଁ ମୋତେ ଅତ୍ୟଧିକ ଫିଜିଓଥେରାପିର ଆବଶ୍ୟକ ପଡ଼ିଥିଲା। ୨୯ ବର୍ଷର ହୋଇଥିବାବେଳେ ୧୯୯୯ରେ ପୁଣି ସ୍ପାଇନାଲ ଟ୍ୟୁମର ପାଇଁ ଚିକିତ୍ସା କରାଗଲା। ୩ ଥର ଅସ୍ତ୍ରୋପଚାର ପରେ ଟ୍ୟୁମରକୁ ବାହାର କରାଗଲା। ମାତ୍ର ଏହି ଅସ୍ତ୍ରୋପଚାର ଦ୍ୱାରା ମୋତେ ପାରାଲିସିସ୍ ହୋଇଯାଇଥିଲା। ମାତ୍ର ଏଥିରେ ମୁଁ ହାର୍ ନ ମାନି ଫିଟ୍ ରହିବାପାଇଁ କ୍ରୀଡ଼ାକୁ ଆପଣେଇଲି। ସୁଇମିଂ, ବାଇକ୍ ରାଇଡିଂ ଏବଂ ଆଥ୍‌ଲେଟିକ୍ସରେ ସଫଳ ହୋଇଥିଲି। ଯନ୍ତ୍ରଣା ସତ୍ତ୍ୱେ ମୁଁ କେବେ ହାର୍ ମାନି ନ ଥିଲି। ଦୃଢ଼ ମନୋବଳ ପାଇଁ ଶେଷରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲି।

## ଭାରତର ପଦକ ସଂଖ୍ୟା ବଢ଼ିବ

ଆଗାମୀ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତୀୟ ଆଥଲେଟ୍‌ମାନେ ଚମକ ସୃଷ୍ଟି କରିବେ ବୋଲି ସେ ପୂର୍ବାନୁମାନ କରିଛନ୍ତି। "ଆପଣ ବର୍ଷ ପରେ ବର୍ଷର ପ୍ରଦର୍ଶନକୁ ଦେଖିଲେ ଜାଣିପାରିବେ ଯେ ଭାରତର ପୋଜିଶନ ଧୀରେ ଧୀରେ ଉପରକୁ ଉଠିବାରେ ଲାଗିଛି। ଆମ ଆଥଲେଟ୍‌ମାନେ କଠିନ ପରିଶ୍ରମ କରୁଛନ୍ତି ଏବଂ ଅଧିକ ଆତ୍ମବିଶ୍ୱାସରେ ରହୁଛନ୍ତି। ଫଳରେ ଅନ୍ତର୍ଜାତୀୟ ସର୍କିଟରେ ସେମାନେ ଉତ୍ତମ ପ୍ରଦର୍ଶନ କରିବାରେ ସକ୍ଷମ ହୋଇପାରୁଛନ୍ତି। କୌଣସି ଗୋଟିଏ କିମ୍ବା ୨ଟି ଇଭେଣ୍ଟରେ ନୁହେଁ ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଆଥଲେଟ୍ ଓ ପାରା ଆଥଲେଟ୍‌ମାନେ ପାରଦର୍ଶିତା ଲାଭ କରିବାରେ ଲାଗିଛନ୍ତି। ଏବେ ଆମ ନିକଟରେ ଅତ୍ୟାଧୁନିକ ସରଞ୍ଜାମ ଉପଲବ୍ଧ। ଆମେ ଅଭ୍ୟାସରେ କ୍ରୀଡ଼ା ବିଜ୍ଞାନକୁ ମଧ୍ୟ ସାମିଲ କରିଛୁ। ଆମର ଇକୋ ସିଷ୍ଟମ ଦିନକୁ ଦିନ ଉପରକୁ ଯାଉଛି। ତେଣୁ ଅଧିକରୁ ଅଧିକ ପିଲା ଏବେ କ୍ରୀଡ଼ାକୁ ଆସିବା ଉଚିତ ଏବଂ ଆମେ ସେମାନଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ବିଭିନ୍ନ କ୍ରୀଡ଼ାରେ ଲଗାଇବା ଆବଶ୍ୟକ। ଏବେ ମଧ୍ୟ ଏପରି କେତେକ ଇଭେଣ୍ଟ ଅଛି, ଯେଉଁଥିରେ ଭାରତ ପ୍ରତିନିଧିତ୍ୱ କରିପାରୁନାହିଁ। ପୂର୍ବ ଅଲିମ୍ପିକ୍ସର ଆଥଲେଟିକ୍ସ ଇଭେଣ୍ଟରେ ନୀରଜ ଚୋପ୍ରା ଓ ପାରାଲିମ୍ପିକ୍ସରେ ସୁମିତ ଆଣ୍ଟିଲଙ୍କ ପରି ଆଥଲେଟ୍ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ଆଗାମୀ ଅଲିମ୍ପିକ୍ସରେ ଏହି ସଂଖ୍ୟା ବଢ଼ିବ ବୋଲି ମୋର ଆଶା ଅଛି। ଶୁଟିଂ ହେଉ ପାୱାରଲିଫ୍ଟିଂ କିମ୍ବା ଆଥଲେଟିକ୍ସ ଯୁବ ପ୍ରତିଭାମାନେ ଭଲ ପ୍ରଦର୍ଶନ କରୁଛନ୍ତି। ଚାଇନାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଆମେ ଅନେକ ନୂଆ ପ୍ରତିଭା ପାଇଛୁ। ତେଣୁ ଆଗାମୀ ଦିନରେ ଆମେ ପାରାଲିମ୍ପିକ୍ସରୁ ଅଧିକ ଖୁସି ଖବର ଶୁଣିବା ଅପେକ୍ଷାରେ ରହିଛୁ ବୋଲି ଦୀପା କହିଛନ୍ତି।

### ପୁରସ୍କୃତ ଆଥଲେଟ୍

**ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ:** ଦୀପା ମଲିକ ଓ ମନୋଜ କୋଠାରୀ
**ଶ୍ରେଷ୍ଠ କ୍ରୀଡ଼ାବିତ୍:** ସୌରଭ କୋଠାରୀ (କ୍ୟୁ ସ୍ପୋର୍ଟ୍ସ) ଓ ମେହୁଲି ଘୋଷ (ଶୁଟିଂ)
**ସ୍ୱତନ୍ତ୍ର ପୁରସ୍କାର:** ଟାମ୍ପା ଦେବନାଥ (ଜିମ୍ନାଷ୍ଟିକ୍ସ), ନୀତା କୋଠାରୀ (କ୍ୟୁ ସ୍ପୋର୍ଟ୍ସ), ଏସ. ସତ୍ୟନାରାୟଣନ୍ (ପାରା ସ୍ପୋର୍ଟ୍ସ)
ରାଜ୍ୟ ପୁରସ୍କାର
**ଶ୍ରେଷ୍ଠ କ୍ରିକେଟର (ପୁରୁଷ):** ମୁକେଶ କୁମାର
**ଶ୍ରେଷ୍ଠ କ୍ରିକେଟର (ମହିଳା):** ରିଚା ଘୋଷ
**ଶ୍ରେଷ୍ଠ ଫୁଟବଲର:** ଡେଭିଡ ଲାଲଲାନସାଙ୍ଗା
**ଶ୍ରେଷ୍ଠ ଆଥଲେଟ୍:** ସୋନିଆ ବୈଶ୍ୟ
**ଶ୍ରେଷ୍ଠ ଜିମ୍ନାଷ୍ଟ:** ପ୍ରଣତି ଦାସ
**ଶ୍ରେଷ୍ଠ ଭଲିବଲ ଖେଳାଳି:** ସେକ୍ ସରିଫ
**ଶ୍ରେଷ୍ଠ ସୁଇମର (ପାରା):** ରିମୋ ସାହା
**ଶ୍ରେଷ୍ଠ ତୀରନ୍ଦାଜ:** ଜୁୟେଲ ସରକାର
**ଶ୍ରେଷ୍ଠ ଶୁଟର:** ସ୍ୱର୍ଣ୍ଣିଲ ରୟ
**ଶ୍ରେଷ୍ଠ ଚେସ୍ ଖେଳାଳି:** ନିଲେଶ ସାହା
**ଶ୍ରେଷ୍ଠ ଟିଟି ଖେଳାଳି (ପୁରୁଷ):** ଅଙ୍କୁର ଭଟ୍ଟାଚାର୍ଯ୍ୟ
**ଶ୍ରେଷ୍ଠ ଟିଟି ଖେଳାଳି (ମହିଳା):** ପୋୟମନ୍ତି ବୈଶ୍ୟ


ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ପଦ୍ମିନୀ ରାଉତ ରବିବାର ଜୟକିଶନ ମନକାନିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ସନ୍ଦୀପଙ୍କ ଶତକ: ଓଡ଼ିଶା ଦୃଢ଼

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୮।୧
(ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହିମାଚଳ ପ୍ରଦେଶ ବିପକ୍ଷ ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ଓଡ଼ିଶାକୁ ବିଜୟ ବାସ୍ନା ଦେଇଛି। ସନ୍ଦୀପଙ୍କ ଶତକ ସହ ଅନୁରାଗ ଷଡ଼ଙ୍ଗୀଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସକୁ ୪୨୫/୮ରେ ଘୋଷଣା କରିଛି। ଫଳରେ ହିମାଚଳ ପ୍ରଦେଶ ସମ୍ମୁଖରେ ୩୮୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହିମାଚଳ ପ୍ରଦେଶ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୩୩ ରନ କରିଛି। ଫଳରେ ଏହି ଦଳ ବିଜୟ ଲକ୍ଷ୍ୟଠାରୁ ଆହୁରି ୩୫୫ ରନ ଦୂରରେ ରହିଛି। ସୋମବାର ମ୍ୟାଚର ଶେଷ ଦିବସ।

## ସନ୍ଦୀପ-ବିପ୍ଳବଙ୍କ ଶତକୀୟ ଭାଗୀଦାରି

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୫୭/୩ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ସନ୍ଦୀପ ଓ ବିପ୍ଳବ ସାମନ୍ତରାୟ ସତର୍କତାର ସହ ବ୍ୟାଟିଂ କରିଥିଲେ ଏବଂ ୪ର୍ଥ ଉଇକେଟରେ ୧୪୩ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଦ୍ୱିତୀୟ ଇନିଂସରେ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଅର୍ଦ୍ଧଶତକ ପୂରଣଠାରୁ ୪ ରନ ଦୂରରେ ଥିବାବେଳେ ବିପ୍ଳବ ୪୬ ରନରେ ଆଉଟ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। କ୍ୟାରିୟରର ୪ର୍ଥ ପ୍ରଥମଶ୍ରେଣୀ ଶତକ ହାସଲ କରିଥିବା ସନ୍ଦୀପ ଧୈର୍ଯ୍ୟର ସହ ବ୍ୟାଟିଂ କରି ପ୍ରଥମଥର ପାଇଁ ନିଜ ଇନିଂସକୁ ୧୫୦ ଅତିକ୍ରମ କରାଇଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୧୨୩ ରନ। ଏଠାରେ ସେ ୨୭୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୮ ଚୌକା ଓ ୨ ଛକା ସହାୟତାରେ ୧୫୦ ରନ କରିଥିବାବେଳେ ଆକାଶ ବଶିଷ୍ଟଙ୍କ ବଲ୍‌ରେ ରିଶି ଧାୱନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଅନୁରାଗ ଷଡ଼ଙ୍ଗୀ ୭୦ ରନକରି ଅପରାଜିତ ରହିଥିବାବେଳେ ଶେଷଭାଗରେ ହର୍ଷିତ ରାଠୋଡ ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୧୧୭ ଓଭର ଖେଳିବାପରେ ଓଡ଼ିଶା ଏହାର ଇନିଂସ ଘୋଷଣା କରିଥିଲା। ହିମାଚଳ ପ୍ରଦେଶ ପକ୍ଷରୁ ରିଶି ଧାୱନ ୩ଟି, ଅର୍ପିତ ଗୁଲେରିଆ ଓ ଆକାଶ ବଶିଷ୍ଟ ୨ଟି ଲେଖାଏ ଏବଂ ବୈଭବ ଆରୋରା ଗୋଟିଏ ଉଇକେଟ ନେଇଥିଲେ। ହିମାଚଳ ବୋଲରମାନେ ଅତିରିକ୍ତଭାବେ ୩୬ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୮। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ: ୧୭୬। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୨୫/୮/ଘୋଷଣା (ସନ୍ଦୀପ ପଟ୍ଟନାୟକ-୧୫୦, ଅନୁରାଗ ଷଡ଼ଙ୍ଗୀ-୭୦, ବିପ୍ଳବସାମନ୍ତରାୟ-୪୬, ଗୋବିନ୍ଦ ପୋଦ୍ଦାର-୪୧, ରିଶି ଧାୱନ-୩/୮୨, ଆକାଶ ବଶିଷ୍ଟ-୨/୫୩, ଅର୍ପିତ ଗୁଲେରିଆ-୨/୭୪, ବୈଭବ ଆରୋରା-୧/୯୧)। ହିମାଚଳ ପ୍ରଦେଶ ଦ୍ୱିତୀୟ ଇନିଂସ: ୩୩/୧।


ପ୍ଲେୟର ଅଫ୍ ଦି ମ୍ୟାଚ ସମର ଯୋଶେଫ।

# ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ଚମକପ୍ରଦ ବିଜୟ

ବ୍ରିସବେନ (ଅଷ୍ଟ୍ରେଲିଆ), ୨୮।୧ (ଏପି)

ସ୍ଥାନୀୟ ଗାବାଠାରେ ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୮ରନରେ ଜିତି ନେଇଛି। ଏଥିସହିତ ଦଳ ୨୭ ବର୍ଷରେ ଅଷ୍ଟ୍ରେଲିଆ ମାଟିରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଭ୍ରମଣକାରୀ ଦଳକୁ ଜିତାଇବାରେ ଶମର ଯୋସେଫଙ୍କର ବିଶେଷ ଭୂମିକା ରହିଥିଲା। ସେ ତାଙ୍କ ୧୧.୫ ଓଭର ବୋଲିଂରେ ୬୮ରନ ବିନିମୟରେ ୭ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜର ଏହି ବିଜୟ ଦ୍ୱାରା ଦୁଇ ଦେଶ ମଧ୍ୟରେ ଚାଲିଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୧-୧ରେ ବରାବର ଭାବେ ଶେଷ ହୋଇଛି। ଏହି ଦିବାରାତ୍ର ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ରବିବାର ସକାଳେ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬୦/୩ରୁ ଏହାର ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଥିବା ଉସ୍‌ମାନ ଖ୍ୱାଜା (୧୦ରନ) ଓ ମାର୍ନସ ଲବୁସେନ୍ (୫)ଙ୍କ ଉଇକେଟ ହରାଇ ସାରିଥିଲା। ସେତେବେଳ କ୍ଲିନ୍ ସୁଇପ ବିଜୟ ପାଇଁ ଦଳ ଆହୁରି ୧୫୬ ରନ ଆବଶ୍ୟକ କରୁଥିଲା। ମାତ୍ର ଶମର ଯୋସେଫ୍‌ଙ୍କ ଚମତ୍କାର ପେସ୍ ବୋଲିଂର ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଷ୍ଟିଭେନ ସ୍ମିଥ୍ କେବଳ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତିଷ୍ଠି ରହିଥିଲେ। ସେ ୯୧ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୩୧୧। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୯। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୯୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୫୦.୫ ଓଭରରେ ୨୦୭/ଅଲ ଆଉଟ (ଷ୍ଟିଭେନ ସ୍ମିଥ୍-୯୧*, କାମେରନ ଗ୍ରୀନ୍-୪୨, ମିଚେଲ ଷ୍ଟାର୍କ-୨୧ ; ସମର ଯୋଶେଫ-୭/୬୮, ଅଲ୍‌ଜାରି ଯୋଶେଫ୍-୨/୬୨)।

# ପ୍ରଥମ ଟେଷ୍ଟ ହାରିଲା ଭାରତ

■ ବ୍ୟାଟିଂ ବିଫଳତା ମହଙ୍ଗା ପଡ଼ିଲା
■ ଓଲି ପୋପ୍‌ଙ୍କ ୧୯୬ ରନ ପରେ ପ୍ରଥମ ପଦାର୍ପଣକାରୀ ଟମ୍ ହାର୍ଟଲେଙ୍କ ୭ ଉଇକେଟ ବଳରେ ଇଂଲଣ୍ଡ ବିଜୟୀ

ହାଇଦ୍ରାବାଦ, ୨୮।୧

ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିଫଳତା ଭାରତ ପାଇଁ ମହଙ୍ଗା ପଡ଼ିଲା। ୨୩୧ ରନର ବିଜୟ ଲକ୍ଷ୍ୟକୁ ସ୍ପର୍ଶ କରି ପାରିଲାନି ଟିମ୍ ଇଣ୍ଡିଆ। ପ୍ରଥମ ପଦାର୍ପଣକାରୀ ଇଂଲଣ୍ଡ ବାମହାତୀ ସ୍ପିନର ଟମ୍ ହାର୍ଟଲେ ଚମତ୍କାର ବୋଲିଂ କରି ୭ ଉଇକେଟ ନେବାସହ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଲେ। ଭାରତ ୬୯.୨ ଓଭରରେ ୨୦୨ ରନକରି ଅଲ୍‌ଆଉଟ ହେଲା। ଫଳରେ ଇଂଲଣ୍ଡ ୨୮ ରନରେ ବିଜୟୀ ହେବାସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଇଂଲଣ୍ଡ ଦ୍ୱିତୀୟ ଇନିଂସର ବ୍ୟାଟିଂ ମେରୁଦଣ୍ଡ ସାଜି ୧୯୬ ରନ କରିଥିବା ଓଲି ପୋପ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଠାରେ ବିଜୟୀ ହେବାଦ୍ୱାରା ଇଂଲଣ୍ଡ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ୧୨ ପଏଣ୍ଟ ପାଇଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୧୬/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪୨୦ ରନରେ ଅଲ୍‌ଆଉଟ ହୋଇଥିଲା। ଓଲି ପୋପ୍ ୪ ରନ ପାଇଁ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇ ୧୯୬ ରନରେ ଆଉଟ ହୋଇଥିଲେ। ଯଶପ୍ରୀତ୍ ବୁମ୍‌ରା ତାଙ୍କୁ କ୍ଲିନ୍ ବୋଲ୍ଡ କରି ଦେଇଥିଲେ। ଶେଷ ଭାଗରେ ଟିମ୍ ହାର୍ଟଲେ ୩୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୪ଟି, ରବିଚନ୍ଦ୍ରନ ଅଶ୍ୱିନ ୩ଟି, ରବୀନ୍ଦ୍ର ଜାଡେଜା ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ୨୩୧ ଥିବାରୁ ଭାରତ ପାଇଁ ସୁଯୋଗ ରହିଥିଲା। ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଆତ୍ମ ବିଶ୍ୱାସର ସହ ବ୍ୟାଟିଂ କରି ଓପନିଂ ଯୋଡ଼ିରେ ୪୨ ରନ ଯୋଗ କରିଥିଲେ। ମାତ୍ର ଟମ୍ ହାର୍ଟଲେଙ୍କୁ ମୁକାବିଲା କରିବାରେ ଭାରତୀୟ ବ୍ୟାଟରମାନେ ଅସମର୍ଥ ହୋଇ ପଡ଼ିଥିଲେ। ସେ ଉଭୟ ଓପନରଙ୍କୁ ସମେତ ଶୁବମନ ଗିଲ୍, ଅକ୍ଷର ପଟେଲ, ଶ୍ରୀକର ଭରତ, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସିରାଜଙ୍କୁ ପ୍ୟାଭିଲିୟନ ପଥ ଦେଖାଇବା ସହ ଇଂଲଣ୍ଡ ବିଜୟ ନିଶ୍ଚିତ କରିଥିଲେ। କୌଣସି ଭାରତୀୟ ବ୍ୟାଟର ସ୍ୱାଭାବିକ ବ୍ୟାଟିଂ କରିପାରି ନ ଥିଲେ। ଅକ୍ଷର ପଟେଲଙ୍କୁ ୫ ନମ୍ବରରେ ପଠାଇବା ରଣନୀତି ମଧ୍ୟ ଫେଲ୍ ମାରିଥିଲା। ରୋହିତ ଦଳ ପକ୍ଷରୁ ସର୍ବାଧିକ ୩୯ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ଓ ଅଶ୍ୱିନ ୨୮ ରନ ଲେଖାଏ କରିଥିଲେ। ଟମ୍ ହାର୍ଟଲେଙ୍କ ମ୍ୟାଜିକ୍ ସ୍ପେଲ୍ ୨୬.୨-୫-୬୨-୭ ରହିଥିଲା। ଜୋ ରୁଟ୍ ଓ ଜ୍ୟାକ ଲିଚ୍ ଗୋଟିଏ ଲେଖାଏ ଉଇକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡେଜା ରନ୍‌ଆଉଟ ହୋଇ ଯାଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ ଟମ୍ ହାର୍ଟଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬। ଭାରତ ପ୍ରଥମ ଇନିଂସ: ୪୩୬। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୪୨୦/ଅଲ୍‌ଆଉଟ (ଓଲି ପୋପ୍-୧୯୬, ବେନ୍ ଡକେଟ-୪୭, ଯଶପ୍ରୀତ୍ ବୁମ୍‌ରା-୪/୪୧, ରବିଚନ୍ଦ୍ରନ ଅଶ୍ୱିନ-୩/୧୨୬, ରବୀନ୍ଦ୍ର ଜାଡେଜା-୨/୧୩୧, ଅକ୍ଷର ପଟେଲ-୧/୭୪)। ଭାରତ ଦ୍ୱିତୀୟ ଇନିଂସ: ୨୦୨/ଅଲ୍‌ଆଉଟ (ରୋହିତ ଶର୍ମା-୩୯, ଶ୍ରୀକର ଭରତ-୨୮, ରବିଚନ୍ଦ୍ରନ ଅଶ୍ୱିନ-୨୮, ଟମ୍ ହାର୍ଟଲେ-୭/୬୨, ଜୋ ରୁଟ୍-୧/୪୧, ଜ୍ୟାକ୍ ଲିଚ୍-୧/୩୩)।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
## (ଭୂ-ଅର୍ଜନ ଉପବିଭାଗ)
## ଅଧିସୂଚନା
(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧))

ବିଜ୍ଞପ୍ତି ସଂଖ୍ୟା - ୧୦୯୦ ତାରିଖ: ୦୯।୦୮।୨୩/ସୁନ୍ଦରଗଡ଼

No. VII-08: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡ଼ର ରାସ୍ତା ନିର୍ମାଣ ନିମନ୍ତେ ମୌଜା: ଖମାରବାହାଲ, ଥାନା: ଭସ୍ମା, ତହସିଲ: ଟାଙ୍ଗରପାଲ୍ଲୀ, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ୦.୯୨ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡ଼ର ରାସ୍ତା ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଏବଂ ଗୃହ, ସୁନ୍ଦରଗଡ଼ ଡିଭିଜନ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ପ୍ରଯୁଜ୍ୟ ନୁହେଁ
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଏଥି ସହିତ ସଂଲଗ୍ନ କରାଗଲା
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଟାଙ୍ଗରପାଲି | ଖମାରବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

## ଜମିର ତଫସିଲ
ମୌଜା: ଖମାରବାହାଲ, ଥାନା: ଭସ୍ମା, ତହସିଲ: ଟାଙ୍ଗରପାଲି, ଜିଲ୍ଲା: ସୁନ୍ଦରଗଡ଼

| କ୍ରମାଙ୍କ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୧୧ | ୧୫୯ | ବାହାଲ ସାଧାରଣ | ୧.୬୧ | ୦.୦୬ | ଧନୁର୍ଯ୍ୟ ବୁଢ଼ା, ପିତା: ଗୋବିନ୍ଦ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୨ | ୨୫ | ୬୧୭ | ଗୋଡ଼ା ଏକ | ୦.୪୦ | ୦.୨୨ | ନକୁଳ ବୁଢ଼ା, ପିତା: ଜଗନ୍ନାଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୩ | ୨୮ | ୬୧୦ | ବାହାଲ ସାଧାରଣ | ୦.୪୩ | ୦.୨୪ | ନୀଳ ବୁଢ଼ା, ପିତା: ମାନରଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୪ | ୪୭ | ୬୧୮ | ବଗାୟତ ଦୁଇ | ୦.୪୭ | ୦.୧୪ | ଭକ୍ତି ଚୌଧୁରୀ, ପିତା: ଦୁମଲି ଚୌଧୁରୀ, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୫ | ୫୭ | ୧୬୦ | ମାଳ ସାଧାରଣ | ୦.୦୪ | ୦.୦୧ | ରଘୁନାଥ ବୁଢ଼ା, ପିତା: ମନରଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୬ | ୬୪ | ୫୭୬ | ଘରବାରି | ୦.୩୯ | ୦.୦୨ | ଭକ୍ତରାମ ବୁଢ଼ା, ପିତା: ରସାନନ୍ଦ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| | | ୬୦୯ | ବାହାଲ ସାଧାରଣ | ୦.୬୯ | ୦.୦୪ | |
| ୭ | ୭୬ | ୬୧୧/ ୭୬୦ | ଗୋଡ଼ା - ୨ | ୦.୦୩ | ୦.୦୩ | ସରସ୍ୱତୀ ସରଡ଼ିଆ, ସ୍ୱାମୀ: ବାବୁଲାଲ ସରଡ଼ିଆ, ବାସସ୍ଥାନ: ଅମସଢ଼େଗି, ଶୁଶିଳା ପ୍ରଧାନ, ସ୍ୱାମୀ: ମୋହନ ପ୍ରଧାନ, ଜାତି: ଭୂୟାଁ, ବାସସ୍ଥାନ: ଖମାରବାହାଲ |
| ୮ | ୭୮/ ୧୦୬ | ୧୬୧/ ୯୭୦ | ବାହାଲ ସାଧାରଣ | ୦.୧୦ | ୦.୦୬ | ଅଭିନା ମହାନନ୍ଦିଆ, ସ୍ୱାମୀ: ମଧୁସୂଦନ ମହାନନ୍ଦିଆ, ଜା: ଗଣ୍ଡା, ବାସସ୍ଥାନ: ନିଜଗାଁ |
| ମୋଟ ଅର୍ଜନ ରକବା | | | | | ୦.୯୨ | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ, ସୁନ୍ଦରଗଡ଼ | ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼ | ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24160/14/0011/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ହେତଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱରରେ ଭାରତୀୟ ମହିଳା ହକି ଦଳ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୩-୨୪ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ପ୍ରୋ ଲିଗ୍‌ର ମହିଳା ବର୍ଗ ମ୍ୟାଚ ଫେବୃୟାରୀ ୩ରୁ ୯ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏବଂ ୧୨ରୁ ୧୮ ପର୍ଯ୍ୟନ୍ତ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତ ସମେତ ଚାଇନା, ଆମେରିକା, ନେଦରଲାଣ୍ଡ ଓ ଅଷ୍ଟ୍ରେଲିଆ ଏହି ଦୁଇ ଭେନ୍ୟୁରେ ମ୍ୟାଚ ଖେଳିବେ। ୩ ତାରିଖରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୪ରେ ନେଦରଲାଣ୍ଡ, ୭ରେ ଅଷ୍ଟ୍ରେଲିଆ ଏବଂ ୯ରେ ଆମେରିକାକୁ ଭେଟିବ। ପ୍ରତିଯୋଗିତା ପାଇଁ ସବିତା ପୁନିଆ ଅଧିନାୟିକା ପଦ ବଜାୟ ରଖିଥିବାବେଳେ ବନ୍ଦନା କାଟରିୟାଙ୍କୁ ଉପ-ଅଧିନାୟିକା କରାଯାଇଛି। ଭାରତୀୟ ମହିଳା ହକି ଦଳ ଦ୍ୱିତୀୟ ଥରପାଇଁ ପ୍ରୋ-ଲିଗ୍‌ରେ ଅଂଶଗ୍ରହଣ କରୁଛି। ୨୦୨୧-୨୨ ସିଜନରେ ପ୍ରଥମଥର ପାଇଁ ଭାଗନେଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗତବର୍ଷ ଏଫ୍‌ଆଇଏଚ୍ ହକି ମହିଳା ନେସନ୍ସ କପ୍ ଫାଇନାଲରେ ସ୍ପେନ୍‌କୁ ଏହାର ଘରୋଇ ପରିବେଶରେ ୧-୦ ଗୋଲରେ ହରାଇ ଭାରତ ପ୍ରୋ-ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।


**ଜନ୍ମଦିନ ଶୁଭେଚ୍ଛା**



**ହେତଲ ଦେବତା (ରୋଲି)**
ମିନା ବଜାର, ଢେଙ୍କାନାଳ
୧୩ବର୍ଷର ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଆଶୀର୍ବାଦ ସହ: ଅଜା, ଆଈ, ମାମୁ ଓ ଦେବତା ପରିବାର, ବାବା, ମା, ବାପା, ମମି
ଧ-୨୩୭୭

**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କଳିଙ୍ଗ ସୁପର୍ କପ୍: ଇଷ୍ଟ ବେଙ୍ଗଲ ଚାମ୍ପିୟନ୍



ଫାଇନାଲ ପୂର୍ବରୁ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୮।୧, (ସରୋଜ ଜେନା)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ରହିବା ଫଳରେ ଅତିରିକ୍ତ ସମୟରେ କ୍ଲେଟନ୍ ସିଲ୍‌ଭାଙ୍କ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ୍ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)କୁ ୩-୨ଗୋଲରେ ପରାସ୍ତ କରିବାସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଇଷ୍ଟବେଙ୍ଗଲ। ଇଷ୍ଟବେଙ୍ଗଲ ପକ୍ଷରୁ ନନ୍ଦ କୁମାର ଶେକର (୫୨ ମିନିଟ) ଓ କ୍ଲେଟନ୍ ସିଲ୍‌ଭା (୬୦ ଓ ୧୧୧ ମିନିଟ)ରେ ୨ଟି ଗୋଲ ଦେଇଥିବାବେଳେ ଓଏଫ୍‌ସି ପକ୍ଷରୁ ୩୭ତମ ମିନିଟରେ ଡିଏଗୋ ମରିସିଓ ଓ ଅହମଦ ଜାହୋହ (୯୦+୬ ମିନିଟରେ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଇନାଲ ପୂର୍ବରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥି ଭାବରେଯୋଗ ଦେଇଥିଲେ। ଉଭୟ ଦଳର ଖେଳାଳିଙ୍କୁ ଭେଟିବାସହ ପରିଚୟ ହୋଇଥିଲେ ମୁଖ୍ୟମନ୍ତ୍ରୀ। ସୁପର କପ୍ ଭଳି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ଓଡ଼ିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଟୁର୍ନାମେଣ୍ଟ ସହ ଜଡିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଉଭୟ ଦଳ ପ୍ରାରମ୍ଭରୁ ଆକ୍ରମଣାତ୍ମକ ରଣନୀତି ସହ ଓହ୍ଲାଇଥିଲେ। ଓଏଫ୍‌ସି ଓ ଇଷ୍ଟବେଙ୍ଗଲ ୪-୩-୩-୧କମ୍ବିନେଶନ ସହ ଓହ୍ଲାଇଥିଲେ। ପ୍ରଥମ ୨୦ ମିନିଟର ଖେଳ ସାଧାରଣତଃ ମିଡଫିଲ୍ଡରେ ରହିଥିଲା। ଇଷ୍ଟବେଙ୍ଗଲ ଖେଳାଳିଙ୍କୁ ଫାଉଲ୍ ମାରିବା କାରଣରୁ ୩୦ ମିନିଟରେ ରୟ କ୍ରିଷ୍ଣା ୟେଲୋ କାର୍ଡ ମିଳିଥିଲା। ୩୧ତମ ମିନିଟରେ ଇଷ୍ଟବେଙ୍ଗଲକୁ ଫ୍ରିକିକ୍ ମିଳିଥିବାବେଳେ କ୍ଲେଟନ୍ ସିଲ୍‌ଭାଙ୍କ ଶକ୍ତିଶାଳୀ ଶଟ୍‌କୁ ଅଟକାଇଥିଲେ ଲାଲଥୁମାଇୱାରାଲ୍‌ଟେ। ପରେ ଦୁଇଟି କର୍ନର ମିଳିଥିଲେହେଁ ରାଲ୍‌ଟେ ଏହାକୁ ଅଟକାଇଥିଲେ। ୩୪ ମିନିଟରେ ଇଷ୍ଟବେଙ୍ଗଲ ଫରୱାର୍ଡଙ୍କ ଫାଉଲ୍ କାରଣରୁ ଓଏଫ୍‌ସିକୁ ଫ୍ରିକିକ୍ ମିଳିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲେ। ତେବେ ୩୭ତମ ମିନିଟରେ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ କରିଥିଲେ ଡିଏଗୋ ମରିସିଓ। ଅହମଦ୍ ଜାହୋହଙ୍କୁ ମିଳିଥିବା ଫ୍ରିକିକ୍‌କୁ ଗୋଲରେ ପରିଣତ କରିଥିଲେ। ଏହାର ୨ ମିନିଟ ମଧ୍ୟରେ ଇଷ୍ଟବେଙ୍ଗଲ ନିକଟରେ ସ୍କୋରକରିବାରସୁଯୋଗ ଥିଲା। ତେବେ କ୍ଲେଟନ୍ ସିଲ୍‌ଭାଙ୍କ ଶଟ୍ ପୋଷ୍ଟ ବାହାରକୁଚାଲି ଯାଇଥିଲା। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୧-୦ରେ ଆଗୁଆ ରହିଥିଲା।

ପ୍ରଥମାର୍ଦ୍ଧ ପରେ ଇଷ୍ଟବେଙ୍ଗଲ ଘନ ଘନ ଆକ୍ରମଣ କରିଥିଲା। ପୂର୍ବତନ ଓଏଫ୍‌ସି ଫରୱାର୍ଡ ଖେଳାଳି ନନ୍ଦ କୁମାର ଶେକର ୫୨ ତମ ମିନିଟରେ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଓଏଫ୍‌ସି ଡିଫେଣ୍ଡରଙ୍କ ତ୍ରୁଟିର ଫାଇଦା ଉଠାଇ ଶେକର ସ୍କୋର କରିଥିଲେ। ୬୦ତମ ମିନିଟରେ ଓଏଫ୍‌ସି ଡିଫେଣ୍ଡର ମୋର୍ଟାଡା ଫଲ୍ ଏକ ଫାଉଲ୍ ମାରିଥିଲେ। ଏଥିରୁ ମିଳିଥିବା ସ୍ପଟ୍ କିକ୍‌କୁ ଗୋଲରେ ପରିଣତ କରିବା ସହ କ୍ଲେଟନ୍ ସିଲ୍‌ଭା ଇଷ୍ଟବେଙ୍ଗଲକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ଅନ୍ତିମ ୨୦ ମିନିଟ୍ ଇଷ୍ଟବେଙ୍ଗଲ ପକ୍ଷରୁ ଖେଳକୁ ବିଳମ୍ବିତ କରାଯିବାକୁ ପ୍ରୟାସ କରାଯାଉଥିଲା। ତେବେ ୯୦+୬ ମିନିଟରେ ଗୋଲକିପର ପ୍ରଭସୁଖନ୍‌ଗିଲ୍ ଫାଉଲ ମାରିବା କାରଣରୁ ଓଏଫ୍‌ସିକୁ ଏକ ସ୍ପଟ୍‌କିକ୍ ମିଳିଥିଲା। ଅହମଦ ଜାହୋହ ଫ୍ରିକିକ୍‌ରୁ ସ୍କୋର କରିବାସହ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟର ପ୍ରଥମ ୧୫ ମିନିଟରେ ଓଏଫ୍‌ସି ପକ୍ଷରୁ ରକ୍ଷଣାତ୍ମକ ପ୍ରଦର୍ଶନ କରାଯାଇଥିଲା। ୧୦୦ ତମ ମିନିଟରେ ଇଷ୍ଟବେଙ୍ଗଲର ସୌଭିକ ଚକ୍ରବର୍ତ୍ତୀଙ୍କୁ ରେଡ୍‌କାର୍ଡ ମିଳିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ ୧୫ ମିନିଟରେ କ୍ଲେଟନ୍‌ସିଲ୍‌ଭା(୧୧୧ ମିନିଟରେ) ବ୍ୟକ୍ତିଗତ ଦ୍ୱିତୀୟଗୋଲ ଦେଇଥିଲେ।

# ସର୍ବଭାରତୀୟ ଲାଲମନି କ୍ରିକେଟ୍: ଏମ୍‌ଏମ୍‌ସିସି ଚାମ୍ପିୟନ

**ସୋନପୁର,୨୮।୧**
**(ମୃତ୍ୟୁଞ୍ଜୟ ଶତପଥୀ)**




ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୫ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଏସ୍‌ଓସି ବ୍ଲାଷ୍ଟର ଆସାନସୋଲ, ପଶ୍ଚିମବଙ୍ଗ ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅନୁଷ୍ଠିତ ଟି ୨୦ ମାଚ୍‌ରେ ବ୍ଲାଷ୍ଟର ଦଳ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ଶୁଭମ ସିଂ ୫୦ରନ ଓ ମାର୍ସଲ ଚାପଲା ୨୧ରନ କରିଥିଲେ। ସମ୍ବଲପୁରର ପପୁ ରାୟ ୪ ଓ ରଜତ ଶର୍ମା ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ଦଳ ୧୧୯ରନର ବିଜୟ ଲକ୍ଷ୍ୟକୁ ୧୫.୨ ଓଭରରେ ୨ ଉଇକେଟ ବିନିମୟରେ ଅନାୟସରେ ଅତିକ୍ରମ କରିନେଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଗୌରବ ତୋମାରଙ୍କ ୫୩ ଏବଂ ସଞ୍ଜିବ ସିଂ ୨୭ ଓ ଅଭିନନ୍ଦନ ସିଂ ୨୫ରନ କରିଥିଲେ।

ପଶ୍ଚିମବଙ୍ଗ ଦଳର ସତ୍ୟମ କୁମାର ଓ ସୌରଭ କୁମାର ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ନିୟମାନୁସାରେ ସମ୍ବଲପୁର ଦଳକୁ ବୋନସ ୬ ରନ ମିଳିଥିଲା। ପରେ ଅନୁଷ୍ଠିତ ଟି୧୦ମ୍ୟାଚ୍‌ରେ ପଶ୍ଚିମବଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୪୯ ରନ କରିଥିଲା। ଦଳ ପକ୍ଷରୁ ଅଜୟ ସାହୁ ୨୧ରନ କରିଥିଲେ। ସମ୍ବଲପୁର ପକ୍ଷରୁ ପ୍ରୟାସ ରାୟ ୩ ଓ ପପୁ ରାୟ ୨ ଉଇକେଟ୍ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୬.୪ ଓଭରରେ ୩ ଉଇକେଟ୍ ବିନିମୟରେବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଗୌରବ ତୋମାର ସର୍ବାଧିକ ୩୧ରନ କରିଥିଲେ। ସମ୍ବଲପୁର ଦଳ ୭ ଉଇକେଟ୍‌ରେ ଉଭୟ ଫର୍ମାଟରେ ମ୍ୟାଚ ଜିତି ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ହରବିନ୍ଦର ସିଂ, ଓଡ଼ିଶା କ୍ରିକେଟ ସଂଘର ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା କ୍ରିକେଟ ଏକାଡେମୀର ୧୯ବର୍ଷରୁ କମ୍ କ୍ରିକେଟ୍ ଦଳର କୋଚ ଶୋଭନ ଦେବ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଝାରସୁଗୁଡା ଜିଲା କ୍ରିକେଟ ସଂଘର ସମ୍ପାଦକ ମେହେତାବ ଖାଁ, ବୌଦ୍ଧ ଜିଲା କ୍ରିକେଟ୍ ସଂଘର ସମ୍ପାଦକ ଯୁଗଳ ସାମଲ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ ଓ ସମ୍ପାଦକ ପ୍ରଦୀପ ସେଠୀ ମଞ୍ଚାସିନ ଥିଲେ। ସମ୍ବଲପୁର ଦଳର ଗୌରବ ତୋମାରଙ୍କୁ ମ୍ୟାନ୍ ଅଫ ଦି ମାଚ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍, ଅଭିନନ୍ଦନ ସିଂଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଓ ବେଷ୍ଟ ବୋଲର ଏବଂ ପଶ୍ଚିମବଙ୍ଗର ସଚିନ ମିଶ୍ରଙ୍କୁ ବେଷ୍ଟ ଉଇକେଟକିପର ପୁରସ୍କାର ପ୍ରଦାନ କରା ଯାଇଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପୃଥ୍ୱୀରାଜ ମିଶ୍ର ଓ ସତ୍ୟପ୍ରସାଦ ରଥ।

# ୨ରୁ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍

**ପୁରୁଷ ଓ ମହିଳା ବର୍ଗରେ ଯୋଗଦେବେ ୮୦୦ ଖେଳାଳି**

**କଟକ,୨୮।୧(କାର୍ତ୍ତିକ ସାହୁ)**

ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୭୧ତମ ରାଜ୍ୟ ବରିଷ୍ଠ କବାଡି ଚାମ୍ପିୟନଶିପ୍ (ପୁରୁଷ ଓ ମହିଳା) ଆଗାମୀ ଫେବୃଆରୀ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଓ ବାରବାଟୀ କବାଡ଼ି କ୍ଲବ ସହଯୋଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲା ଓ ବିଭିନ୍ନ ଅଫିସିଆଲ କ୍ରୀଡ଼ା ସଂଘ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ୮୦୦ ଖେଳାଳି ଯୋଗଦେବେ। ଏଥିରେ ଓଡ଼ିଶା ପୋଲିସ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ହାଇଟେକ୍ ଗ୍ରୁପ୍ ଶିକ୍ଷାନୁଷ୍ଠାନ, କିଟ୍ ବିଶ୍ୱବିଦ୍ୟାଳୟ ଓ ପୂର୍ବତଟ ରେଳବାଇର ଖେଳାଳିମାନଙ୍କ ସମେତ ୧୨୦ ପ୍ରଶିକ୍ଷକ, ୮୦ ଅଫିସିଆଲ ଓ ବୈଷୟିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟ କବାଡି ଖେଳାଳି ଓ ବିଭିନ୍ନ ଜିଲାର ଦକ୍ଷ ପ୍ରଶିକ୍ଷକମାନେ ମଧ୍ୟ ଯୋଗଦେବେ। ରାଜ୍ୟ କବାଡି ଖେଳରେ ଉତ୍ତମ ପ୍ରଶିକ୍ଷଣ ଦେଇ ଅନେକ ପ୍ରତିଭାବାନ ଖେଳାଳି ସୃଷ୍ଟି କରିଥିବା ପ୍ରେମାନନ୍ଦ ଶତପଥୀଙ୍କୁ ଓଡ଼ିଶା କବାଡି ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ସେହିପରି ଜିଲା ଓ କ୍ରୀଡ଼ା ସଂଘ ଦଳ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ଜଣେ ଲେଖାଏ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା କବାଡି ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଓଡ଼ିଶା କବାଡି ଆସୋସିଏଶନ୍‌ର ସଭାପତି ଡ. ଶରତ କୁମାର ସାହୁ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ବେହେରା କହିଥିଲେ, ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଚୟନ ପାଇଁ ଏକ ବିଚାରକ ମଣ୍ଡଳୀ ଗଠନ କରାଯାଇଛି। ଏହି ପ୍ରତିଯୋଗିତାରୁ ବରିଷ୍ଠ ପୁରୁଷ ଓ ବରିଷ୍ଠ ମହିଳାବର୍ଗରୁ ଦକ୍ଷ ଖେଳାଳିମାନଙ୍କୁ ଚୟନ କରାଯିବ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌ର ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା କବାଡି ଆସୋସିଏଶନ୍‌ର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କାଉନ୍‌ସିଲ ସଦସ୍ୟ ଜ୍ଞାନରଞ୍ଜନ ବେହେରା, ମନୋନୟନ କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ବେହେରା, ବାରବାଟୀ କବାଡି କ୍ଲବ ସଭାପତି ସରୋଜ କୁମାର ମଲ୍ଲିକ, ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।


**Classified Everyday**
**0674-2580101, 2549949**




**REAL ESTATE**

**SALE**

Book 4BHK flat at Saubhagya Nagar, OUAT Square, Near Khimji & Narula sweets. SBA 2050sqft., Handover Aug-24. Contact: 9439716901.
D-75514

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.**
D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008.
D-75298

Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.
D-2362




House rent for only working ladies near Firestation Chhaka, Bhubaneswar per bed 3000/-. 6372629986.
D-71066

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special offer @ 999 Bapujinagar. 8018429809.
D-75195

Spa Kerala body Massage best Therapist @699/- Bhubaneswar. Kajal-9337672475.
D-2344

Newly health benefited Spa Expert Therapist at Mastercanteen. Contact: 7749034655.
D-75193

**Relax, Refresh your body, Mind at Saikrupa Spa with best therapies. 8984068077.**
D-2369

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit in the Court of Executive Magistrate, Komna we Namely Kishorchandra Adbang, Subhadra Adbang, Parameswar Adbang, Hemantika Adbang are S/o. Late Bhagirathi Adbang @ Harijan, Village-Ghostar, P.S.- Komna, Dist.- Nuapada declared that our father namely Bhagirathi Adbang, S/o. Kumuda Adbang had died on 21.10.2020. That in the Death Certificate vide registration No.- D-2020-21-01196-000748, Dt.10.11.2020 his name recorded as Bhagirathi Harijan, S/o- Kumuda Harijan. That the name of our father Bhagirathi Harijan, S/o- Kumuda Harijan and Bhagirathi Adbang, S/o- Kumuda Adbang belongs to one and the same person.
D-2376

I Sri Akshyaya Kumar Pradhan, S/o- Late Durga Charan Pradhan, At- Kathakhunta, P.O.- Kokalaba, Via- Narasinghpur, Dist.- Cuttack, PIN- 754032 I was Service in defence & Retired. My wife's name is Nibedita Pradhan & her Date of Birth is 24.06.1972. But my service document is mentioned only Nivedita and Date of Birth 18.11.1974. So her correct name is Nibedita Pradhan and Date of Birth is 24.06.1972 in my Aadhaar & Certificate.
D- 2375

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ**
(ଶ୍ୟାମଦାଶପୁର, କୁଜାହାଲା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କ ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନୁ, ନାତୁଣୀ: ଲିସି।
ଧ-୨୩୭୮

# ମୁଣ୍ଡବ୍ୟଥାର ସହଜ ଉପଚାର



**ଆ**ଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଭଳି କେତୋଟି ଉପାୟ ରହିଛି, ଯେଉଁଗୁଡ଼ିକୁ ଆପଣେଇପାରିଲେ ଆପଣ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ। ଉପଯୁକ୍ତ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ଆଶଙ୍କା କମ୍ ରହିଥାଏ। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ସୁନିଦ୍ରା ମୁଣ୍ଡବିନ୍ଧା ସମସ୍ୟାଠାରୁ ଦୂରେଇ ରଖିବାରେ କେତେକାଂଶ ସାହାଯ୍ୟ କରେ। ଏଥିରୁ ଉପଶମ ପାଇବା ଲାଗି ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ଏବଂ ପ୍ରାଣାୟାମ ସାମିଲ କରନ୍ତୁ। ଏଥିପାଇଁ ହର୍ବାଲ୍ ଉପଚାର କରିପାରନ୍ତି। ମୁଣ୍ଡ ବିନ୍ଧୁଥିଲେ ଅଦାମିଶ୍ରିତ ଚା' ପିଅନ୍ତୁ, ଏହାଦ୍ୱାରା ଏଥିରୁ ଉପଶମ ମିଳିଥାଏ। ଆଉ ଏକ କଥା-ନିଜକୁ ଟେନସନଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଉପରୋକ୍ତ ଉପାୟ ଦ୍ୱାରା ମୁଣ୍ଡବିନ୍ଧାରୁ ସାମୟିକ ଉପଚାର ମିଳିଥାଏ। ହେଲେ ଏଭଳି ସମସ୍ୟା ଲାଗି ରହିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।

# ଅସ୍ଥିକୁ ଦୃଢ଼ କରେ ଗାଜର



**ଭି**ଟାମିନ୍ 'ସି'ର ଅନ୍ୟତମ ଉତ୍ସ ହେଉଛି ଗାଜର। ଏହାକୁ ଖାଇଲେ ତାହା ଆମ ପାଇଁ ଅନେକ କ୍ଷେତ୍ରରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଅସ୍ଥିଜନିତ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। କାରଣ ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ ଗାଜର ଖାଇବାକୁ ଦେବା ଫଳରେ ସେମାନଙ୍କର ଅସ୍ଥି ପୂର୍ବାପେକ୍ଷା ମଜଭୁତ ହେଉଥିବାର ଜାଣିପାରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏହା ବ୍ୟତୀତ ଗାଜରରେ ଆହୁରି ଅନେକ ଉପକାରୀ ଗୁଣ ଭରିରହିଛି। ପ୍ରତିଦିନ ଏହାକୁ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଜଣେ ଡାଇବେଟିସ୍ ରୋଗୀ ଗାଜର ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ। ରକ୍ତଚାପକୁ କେତେକାଂଶରେ ନିୟନ୍ତ୍ରଣରେ ରଖେ। ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତ କରିଥାଏ ଗାଜର। ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

# ଡାଇନୋସର୍‌ର ପୃଥିବୀ



ନିକୁଞ୍ଜ ବିହାରୀ ସାହୁ

**ନି**ୟୁତ ନିୟୁତ ବର୍ଷ ତଳର କଥା ; ଜନମାନବ ଶୂନ୍ୟ ଆଦିମ ପୃଥିବୀଟା ଥିଲା ନୀରବ ଓ ନିଷ୍ପନ୍ଦ। ଆଗ୍ନେୟଗିରିଗୁଡ଼ିକ ଅଗ୍ନି ଉଦ୍‌ଗିରଣ କରି ଦିଗ୍‌ବଳୟକୁ ଧୂମାୟିତ କରୁଥିଲେ । ଉଲ୍‌କାମାନେ ଆକାଶରେ ଦୂରନ୍ତ ଛୁଟି ଯାଉଥିଲେ ଓ ବିଶାଳ ଭୂଖଣ୍ଡଗୁଡ଼ିକର ସଂଘର୍ଷ ଘଟି ଦେଶ ମହାଦେଶମାନ ସୃଷ୍ଟି ହେଉଥିଲା। ସେତେବେଳେ ଆମ ପୃଥିବୀ ଶିଶୁ ଅବସ୍ଥାରେ ଥିଲା । ପ୍ରକୃତିର ଏହି ପ୍ରତିକୂଳ ବାତାବରଣ ମଧ୍ୟରେ ତେଣେ କିନ୍ତୁ ସମୁଦ୍ର ମହାସମୁଦ୍ରର ତରଳ ଜଳରାଶିରେ କେତେକ ଜୈବିକ ଅଣୁ ପରସ୍ପର ସହିତ ସଂଯୋଜିତ ହୋଇ ଜୀବନସତ୍ତାର ସଙ୍କେତ ଦେଲେ । ଏହିପରି ଭାବରେ ପ୍ରଥମେ ଜଳଭାଗରେ ଜୀବନର ସୂତ୍ରପାତ ହେଲା । ସମୟର ପ୍ରବାହରେ ଜୀବନ ସ୍ଥଳଭାଗକୁ ସଂପ୍ରସାରିତ ହେଲା । ଘଟଣାକ୍ରମେ କିଛି ଜଳଚର ଜୀବ ନିଜର ଚିରାଚରିତ ତରଳ ଜଳରାଶିର ପରିସୀମା ତ୍ୟାଗକରି ସ୍ଥଳଭାଗର କଠିନ ଓ ଗ୍ୟାସ୍‌ର ଦୁନିଆକୁ ଆଦରି ନେଇ ବଂଶବୃଦ୍ଧି ଓ ବିସ୍ତାର ଆରମ୍ଭ କଲେ । ସେଥି ମଧ୍ୟରୁ କେତେକ ଛାତିରେ ଭରା ଦେଇ ଚଳପ୍ରଚଳ କରୁଥିଲେ । ସେହିମାନେ ହିଁ ଥିଲେ ସରୀସୃପ । ବିବର୍ତ୍ତନର ପ୍ରବାହରେ ଏହି ଅଜ୍ଞାତ ଅନାମଧେୟ ସରୀସୃପମାନେ ବଦଳି ଏବେକାର ବହୁଚର୍ଚ୍ଚିତ ଡାଇନୋସରର ରୂପ ନେଲେ।

ଡାଇନୋସରମାନେ ଆଜିଠାରୁ ପ୍ରାୟ ୩୦୦ରୁ ୨୦୦ ନିୟୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇ ପୃଥିବୀପୃଷ୍ଠରେ ପ୍ରାୟ ୧୫୦ ନିୟୁତ ବର୍ଷ କାଳ ବସବାସ କରିଥିଲେ। କେତେକ ଡାଇନୋସର ଆକୃତିରେ କୁକୁଡ଼ାଛୁଆ ସଦୃଶ କ୍ଷୁଦ୍ର ଥିଲାବେଳେ ଅନ୍ୟ କେତେକ ହାତୀ ଭଳି ବିଶାଳକାୟ ଥିଲେ । କେତେକ ଆହାରରେ ନିରୀହ ତୃଣଭୋଜୀ ଥିଲେ ତ ଆଉ କେତେକ ଥିଲେ ଭୟଙ୍କର ମାଂସାହାରୀ । ଡାଇନୋସରମାନଙ୍କର ଆତ୍ମରକ୍ଷା ନିମନ୍ତେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ଥିଲା । ଆସନ୍ତୁ, ପ୍ରଥମେ ତୃଣଭୋଜୀ ଡାଇନୋସରମାନଙ୍କ ସମ୍ପର୍କରେ ଆଲୋଚନା କରିବା । କେତେକ ଡାଇନୋସରଙ୍କ ଦେହସାରା ସୁତୀକ୍ଷ୍ଣ କଣ୍ଟା ସଦୃଶ ଅଙ୍ଗମାନ ଥିଲା । ଆଉ କେତେକ ନିଜର ହାଡୁଆ, କଣ୍ଟକିତ ଲାଞ୍ଜରେ ଶତ୍ରୁକୁ ଆଘାତ କରିପାରୁଥିଲେ। କେତେକ ଡାଇନୋସରଙ୍କ ପିଠି ଏତେ ଟାଣ ଥିଲା ଯେ ତାକୁ ଅନ୍ୟ କୌଣସି ମାଂସାଶୀ ଡାଇନୋସର କାମୁଡ଼ି ପାରୁ ନ ଥିଲେ। କେତେକଙ୍କ ଖପୁରି ଇସ୍ପାତର ପ୍ଲେଟ ସଦୃଶ ଶକ୍ତ ଥିବାରୁ ସେମାନେ ଏହାକୁ ଆତ୍ମରକ୍ଷା ନିମନ୍ତେ ଢାଲ ସଦୃଶ ବ୍ୟବହାର କରୁଥିଲେ। କେତେକ ଡାଇନୋସର ଆକାରରେ ବିଶାଳକାୟ ଥିବାରୁ ଅନ୍ୟ କୌଣସି ଡାଇନୋସର ଏମାନଙ୍କୁ ଆକ୍ରମଣ କରିବାକୁ ଭୟ କରୁଥିଲେ। ଆଉ କେତକ କ୍ଷୁଦ୍ରାକାୟ ଥିଲେ ସୁଦ୍ଧା ଦ୍ରୁତଗତିରେ ଦୌଡ଼ିପାରୁ ଥିବାରୁ ମାଂସାଶୀ ଜୀବମାନଙ୍କ କବଳରୁ ନିଜକୁ ରକ୍ଷା କରି ପାରୁଥିଲେ ।

ମାଂସାଶୀ ଡାଇନୋସରମାନେ କିନ୍ତୁ ଦେଖିବାକୁ ଅତ୍ୟନ୍ତ ଭୟଙ୍କର ଥିଲେ । ସେମାନଙ୍କର ଥିଲା ସୁତୀକ୍ଷ୍ଣ ଦାନ୍ତ ଓ ଶକ୍ତ ପଞ୍ଝା ଯେଉଁଥିରେ ସେମାନେ ଶିକାରକୁ ପ୍ରଚଣ୍ଡ ଆକ୍ରମଣ କରୁଥିଲେ । ଏମାନେ ପାଟିକୁ ଅସମ୍ଭବ ଭାବେ ମେଲାଇ ବଡବଡ ଜୀବଙ୍କୁ ସହଜରେ ଗିଳି ପାରୁଥିଲେ। ସବୁଠାରୁ ବୃହଦାକାୟ ମାଂସାଶୀ ଡାଇନୋସର ଥିଲା 'ଟିରାନୋସରସ ରେକ୍ସ' ଯାହା ଆଜିଠାରୁ ୮୫ରୁ ୬୫ ନିୟୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇଥିଲା। ଏହାର ଉଚ୍ଚତା ଥିଲା ୧୩ରୁ ୧୮ ଫୁଟ୍ ଏବଂ ଓଜନ ଥିଲା ୫ରୁ ୭ ଟନ । ଏହାର ଆଗ ଗୋଡଦୁଇଟି ଶୀର୍ଣ୍ଣକାୟ ଥିଲେ ସୁଦ୍ଧା ଏହା ପଛଗୋଡଦୁଇଟିରେ ଶରୀରର ଭାରସାମ୍ୟ ରକ୍ଷାକରି ଦ୍ରୁତଗତିରେ ଦୌଡ଼ି ଶିକାର କରି ପାରୁଥିଲା। ଏହାର ବିଶାଳ ଥୋମଣିରେ ଦୀର୍ଘ ଛୁରିକା ସଦଶ ଦନ୍ତମାନ ଥିଲା ଯେଉଁଥିରେ ଏହା ଶିକାରକୁ ପ୍ରଚଣ୍ଡ ବଳରେ ଜାବୁଡ଼ି କବଳିତ କରି ପାରୁଥିଲା।

କେତେକ ଡାଇନୋସର ଦେଖିବାକୁ ବିଚିତ୍ରକାୟ ଥିଲେ । କେତେକ ପ୍ରଜାତିଙ୍କର ଥିଲା ପୃଥୁଳାକାୟ ଶରୀର ଓ ଶରୀର ତୁଳନାରେ ଯଥେଷ୍ଟ ଲମ୍ବା ଓ ସରୁ ବେକ ଥିଲା। ଏହିପରି ଏକ ଡାଇନୋସର ଥିଲା 'ବ୍ରେକିଓସରସ' ଯାହା ଜୁରାସିକ ଯୁଗରେ ଆଜିଠାରୁ ପ୍ରାୟ ୧୫୫ରୁ ୧୬୫ ନିୟୁତ ବର୍ଷ ପୂର୍ବେ ବାସ କରୁଥିଲା। ଏହାର ଓଜନ ଥିଲା ୨୯.୨ରୁ ୪୬.୯ ଟନ ଯାହା ଏବେକାର ହାତୀଠାରୁ ମଧ୍ୟ ଅଧିକ। ଏହି ଲମ୍ବାବେକିଆ ଡାଇନୋସର ନିଜର ଲମ୍ବା ବେକକୁ ଗଛ ଡାଳକୁ ବଢ଼େଇ ଡାଳପତ୍ରସବୁ ସହଜରେ ଖୁଣ୍ଟି ଖାଇ ପାରୁଥିଲା । ଆଉ ଏକ ତୃଣଭୋଜୀ ଡାଇନୋସର ଥିଲା ଆଙ୍କିଲୋସରସ, ଯାହା ଆଜିଠାରୁ ପ୍ରାୟ ୭୦ରୁ ୬୫ ନିୟୁତ ବର୍ଷ ପୂର୍ବେ ବାସ କରୁଥିଲେ । ଏହାର ଲମ୍ବ ଥିଲା ୨୨ରୁ ୩୨ ଫୁଟ୍ ଏବଂ ଓଜନ ଥିଲା ୪ରୁ ୫ ଟନ୍। ଏହାର ଶରୀର ସାରା କବଚ ସଦୃଶ ସୁରକ୍ଷା ଆବରଣ ଥିଲା ଯାହାକୁ କୌଣସି ମାଂସାଶୀ ଜୀବ କାମୁଡ଼ି ପାରୁ ନ ଥିଲେ । ଏହାର ଲାଞ୍ଜର ଅଗ୍ରଭାଗରେ ଗଦା ସଦୃଶ ଏକ ଓଜନିଆ ପିଣ୍ଡ ଥିଲା ଯାହାକୁ ଏହା ଦ୍ରୁତଗତିରେ ଘୂରାଇ ଶତ୍ରୁକୁ ପ୍ରଚଣ୍ଡ ଆଘାତ କରିପାରୁଥିଲା । ଅନେକ ଡାଇନୋସର ଆକାରରେ ବିଶାଳ ଏବଂ ହାତୀଠାରୁ ମଧ୍ୟ ଓଜନକାୟ ଥିଲେ। ଆଜିକାର ବନ୍ୟପଶୁମାନଙ୍କ ଭଳି ଡାଇନୋସରମାନେ ମଧ୍ୟ ବଞ୍ଚିବା ନିମନ୍ତେ ପରସ୍ପର ମଧ୍ୟରେ ସଂଘର୍ଷ ଓ ସଂଗ୍ରାମ କରୁଥିଲେ ।

ଏକଦା ଏହି ଡାଇନୋସର ସଭ୍ୟତା ପୃଥିବୀ ବକ୍ଷରେ ପୂର୍ଣ୍ଣ ଦର୍ପରେ ଆଗେଇ ଚାଲିଥିଲାବେଳେ ଆଜିଠୁଁ ପ୍ରାୟ ୬୫ ନିୟୁତ ବର୍ଷ ପୂର୍ବେ କୌଣସି ଅଜ୍ଞାତ କାରଣରୁ ସେମାନଙ୍କ ସମୂହ ବିଲୁପ୍ତି ଘଟିଲା । ଡାଇନୋସରଙ୍କ ଏହି ବିଲୁପ୍ତି ଏବେ ସୁଦ୍ଧା ରହସ୍ୟାବୃତ୍ତ। କେତେକଙ୍କ ମତରେ, ସେତେବେଳେ କୁଆଡେ ଏକ ବିଶାଳକାୟ ଗ୍ରହାଣୁ ମହାକାଶରୁ ଛୁଟିଆସି ଆମ ପୃଥିବୀକୁ ପ୍ରଚଣ୍ଡ ଆଘାତ କରିଥିଲା। ଏହି ସଂଘର୍ଷରେ ବିପୁଳ ଧୂଳି ନିର୍ଗତ ହୋଇ ଆକାଶକୁ କ୍ଷେପି ଯାଇଥିଲା । ଏହି ଧୂଳିର ବାଦଲ ବର୍ଷ ବର୍ଷ ଧରି ଆକାଶରେ ଲାଖି ରହି ସୂର୍ଯ୍ୟାଲୋକକୁ ଅବରୋଧ କରିଥିଲା । ଫଳରେ ପୃଥିବୀ ଧୀରେ ଧୀରେ ଅନ୍ଧକାର ଓ ଥଣ୍ଡା ପାଲଟି ଗଲା ଏବଂ ପ୍ରକୃତିର ଏହି ପ୍ରତିକୂଳ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଡାଇନୋସରମାନଙ୍କର କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିଲା । ସୁତରାଂ ଏହିପରି ଭାବରେ ଏହି ବିଚିତ୍ର ଓ ବିରଳ ଜୀବ ଡାଇନୋସରମାନଙ୍କର ଦାରୁଣ ମୃତ୍ୟୁ ଘଟିଲା ଏବଂ ସେମାନେ ଆମ ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଲେ । ଆଉ କେତେକଙ୍କ ମତରେ, ସେତେବେଳେ ନୂଆନୂଆ ଉଦ୍ଭବ ହେଉଥିବା କ୍ଷୁଦ୍ର ସ୍ତନ୍ୟପାୟୀ ଜୀବମାନେ ଡାଇନୋସରମାନଙ୍କ ଅଣ୍ଡା ଖାଇ ଦେବାରୁ ସେମାନଙ୍କ ବିଲୁପ୍ତି ଘଟିଲା। ଆଉ କେତେକ ମତ ଦିଅନ୍ତି ଯେ, ସେତେବେଳେ ପୃଥିବୀସାରା ଘଟିଥିବା ଆଗ୍ନେୟଗିରିଗୁଡ଼ିକର ଭୀଷଣ ଅଗ୍ନି ଉଦ୍‌ଗିରଣରେ ଡାଇନୋସରମାନଙ୍କର ମୃତ୍ୟୁ ଘଟିଥିଲା । ଆଉ କେତେକ ବୈଜ୍ଞାନିକ ମତ ଦିଅନ୍ତି ଯେ, ଡାଇନୋସରମାନଙ୍କର ପ୍ରକୃତରେ ବିଲୁପ୍ତି ଘଟିନାହିଁ; ସେମାନେ ବରଂ ନୂଆ ପ୍ରଜାତିକୁ ବିବର୍ତ୍ତିତ ହୋଇ ଯାଇଛନ୍ତି, ଯେଉଁମାନଙ୍କୁ ଏବେ ଚିହ୍ନିବା ସମ୍ଭବ ନୁହେଁ।

''ଡାଇନୋସରମାନେ ଆଜିଠାରୁ ପ୍ରାୟ ୩୦୦ରୁ ୨୦୦ ନିୟୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇ ପୃଥିବୀପୃଷ୍ଠରେ ପ୍ରାୟ ୧୫୦ ନିୟୁତ ବର୍ଷ କାଳ ବସବାସ କରିଥିଲେ। କେତେକ ଡାଇନୋସର ଆକୃତିରେ କୁକୁଡ଼ାଛୁଆ ସଦୃଶ କ୍ଷୁଦ୍ର ଥିଲାବେଳେ ଅନ୍ୟ କେତେକ ହାତୀ ଭଳି ବିଶାଳକାୟ ଥିଲେ। କେତେକ ଆହାରରେ ନିରୀହ ତୃଣଭୋଜୀ ଥିଲେ ତ ଆଉ କେତେକ ଥିଲେ ଭୟଙ୍କର ମାଂସାହାରୀ। ଡାଇନୋସରମାନଙ୍କର ଆତ୍ମରକ୍ଷା ନିମନ୍ତେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ଥିଲା।''



-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୯୧୭୬୩୭୯୭୪

# ଅତ୍ୟଧିକ ମୃଦୁ ପାନୀୟ ପିଉଥିଲେ...



**ବି**ଶେଷ ଭାବରେ ଗ୍ରୀଷ୍ମ ଋତୁରେ ମୃଦୁ ପାନୀୟର ଚାହିଦା କାହିଁରେ କେତେ। ଆଜିକାଲି ବିଭିନ୍ନ କମ୍ପାନୀର ଏଭଳି ପାନୀୟ ବଜାରରେ ଉପଲବ୍ଧ। କେତେଜଣ ଏହାକୁ ପିଇବାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ବେଳେବେଳେ କେହି କେହି ଆବଶ୍ୟକତାଠାରୁ ଅଧିକ ମୃଦୁ ପାନୀୟ ପିଇଥାଆନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ବୋଲି ୟୁନିଭର୍ସିଟି ଅଫ୍ ସିଓଲର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ସର୍ଭେରୁ ଜାଣିପାରିଛନ୍ତି। ଏହି ସର୍ଭେ ସମୟରେ ସେମାନେ ପ୍ରାୟ ନିୟମିତ ମୃଦୁ ପାନୀୟ ପିଉଥିବା କେତେଜଣ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ଶରୀର ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧାନ କରାଯାଇଥିଲା। ଏହାଦ୍ୱାରା କେତେକ ବ୍ୟକ୍ତିଙ୍କର ଓଜନ ବୃଦ୍ଧି ପାଉଥିବାର ସେମାନେ ଜାଣିବାକୁ ପାଇଥିଲେ। ଏଥିରେ ଏଭଳି ତତ୍ତ୍ୱ ରହୁଛି ଯାହା ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ତେଣୁ ଏଭଳି ପାନୀୟକୁ ଯେତେ କମ୍ ପିଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ଉଷୁମ ପାଣି

**ଆ**ମ ଶରୀର ପାଇଁ ଉଷୁମ ପାଣି ବେଶ୍ ଉପକାରୀ। ଏହାକୁ ସକାଳୁ ପିଇଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ସବୁଠାରୁ ଖାସ୍ କଥା ହେଲା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତ ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ସାମାନ୍ୟ କାରଣରୁ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ପ୍ରତିଦିନ ସକାଳେ ଖାଲି ପେଟରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ରୋଗ ପ୍ରତିରେଶଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଯଦି ଆପଣ କୋଲେଷ୍ଟରଲଜନିତ ସମସ୍ୟା ସହ ଜଡିତ, ତେବେ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଏପରି ପାଣି ପିଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ। ତା'ସହ କାଶ ସମସ୍ୟାରୁ ଲାଘବ ମଧ୍ୟ ଦେଇଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ହଜମ କ୍ରିୟାକୁ ଏହା ଆହୁରି ସକ୍ରିୟ କରାଏ। ଆପଣ କୋଷ୍ଠକାଠିନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ପ୍ରତିଦିନ ଉଷୁମ ପାଣି ପିଅନ୍ତୁ।

# ବୟସ୍କ ବ୍ୟକ୍ତିଙ୍କ ପାଇଁ...



ବୟସ ବଢ଼ିବା ସହ ଆମକୁ କେତେକ ବିଷୟ ପ୍ରତି ସଚେତନ ରହିବାକୁ ପଡିଥାଏ। ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ନିହାତି ଦରକାର। କାରଣ ବୟସ ବଢ଼ିଲେ କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ବୟସ୍କ ବ୍ୟକ୍ତି ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ହିଁ ବିଜ୍ଞତାର ପରିଚୟ। ବିଶେଷଭାବରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ବା ବ୍ଲଡପ୍ରେସର, କୋଲେଷ୍ଟରଲ, ଲିପିଡ ପ୍ରୋଫାଇଲ୍ ଆଦି ପରୀକ୍ଷା କରାଇ ନିଅନ୍ତୁ। ଯଦି ଏଗୁଡିକରେ କିଛି ସମସ୍ୟା ଥାଏ ତେବେ ଡାକ୍ତର ସେହି ଅନୁସାରେ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଯଦି ପୂର୍ବରୁ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ତାହାର ଚିକିତ୍ସା ଜାରି ରଖନ୍ତୁ। ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ନିଜର ଖାଦ୍ୟପେୟ ପ୍ରତି ସତର୍କ ହେବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବୟସ ବଢ଼ିଲେ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ନିଜର ସାମର୍ଥ୍ୟ ଅନୁସାରେ ଏକ୍ସରସାଇଜ କରିପାରନ୍ତି। ନିଜକୁ ଯେତେସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।

# ସ୍ୱାସ୍ଥ୍ୟ ସୂଚନା



- ରାତ୍ରି ଭୋଜନରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଯଦି ଆପଣଙ୍କର ବିଳମ୍ବରେ ରାତ୍ରି ଭୋଜନ ଅଭ୍ୟାସ ରହିଛି ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।
- ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଆପଣଙ୍କର ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ।
- ନିଶାଦ୍ରବ୍ୟ ସେବନଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖିବେ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସେତେ ଉପକାରୀ।
- ଯଦି ସବୁବେଳେ କମ୍ପ୍ୟୁଟର ସାମନାରେ କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ। ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଯାଏ।
- ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।

# ଅଟିଜିମ୍ : କାରଣ, ପ୍ରତିକାର

(ଶେଷ ଭାଗ)

**ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ ନୁହେଁ**
ଅଟିଜିମ୍ ହେବାରେ ଜିନ୍‌ଗତ ପ୍ରଭାବକୁ ଅସ୍ୱୀକାର କରାଯାଇପାରିବନି। ବରଂ ଜିନ୍‌ଗତ ଓ ପରିବେଶଗତ ମିଳିତ ପ୍ରଭାବ ଏଥିପାଇଁ ଦାୟୀ। ତେବେ ସନ୍ତାନଟି ପରେ ଯେ ପ୍ରକୃତରେ ଅଟିଜମ୍ ସମସ୍ୟା ରହିଛି-ଏକଥାକୁ ନେଇ ପ୍ରଥମରୁ ହିଁ ନିଶ୍ଚିତ ହୋଇଯିବା ଦରକାର। ତେଣୁ ଏ ନେଇ ଡାକ୍ତରଙ୍କ ସହ ତୁରନ୍ତ ପରାମର୍ଶ କରିବା ଦରକାର।

**ଶୁଶ୍ରୂଷା ପଦ୍ଧତି : ଆଚରଣରେ ପରିବର୍ତ୍ତନ:** ଯେହେତୁ ରୋଗୀଠାରେ ପୁନରାବୃତ୍ତି କାର୍ଯ୍ୟକଳାପ ହିଁ ସମାଜ ସହ ସମ୍ପର୍କ ରକ୍ଷାରେ ପ୍ରଧାନ ବାଧକ, ତେଣୁ ସାମାଜିକ ଭାବେ ଗ୍ରହଣଯୋଗ୍ୟ କାର୍ଯ୍ୟକଳାପଗୁଡ଼ିକୁ କେଉଁ ପ୍ରକାରରେ ସମ୍ପାଦନ କରାଯାଇପାରିବ ତାହା ତାକୁ ଶିଖେଇବାକୁ ହେବ।

**ସ୍ୱତନ୍ତ୍ର ଶିକ୍ଷା (ସ୍ପେଶାଲ ଏଜୁକେଶନ)**
ଅଟିଜିମ୍ ରୋଗାକ୍ରାନ୍ତ ପିଲାମାନେ ଅନେକ ସମୟରେ ସାଧାରଣ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମକୁ ଗ୍ରହଣ କରିପାରନ୍ତି ନାହିଁ। ସେଥିପାଇଁ ଏମାନଙ୍କ ଲାଗି ଲୋଡା ସ୍ୱତନ୍ତ୍ର ଧରଣର ପଢ଼ାଶୁଣା ବ୍ୟବସ୍ଥା।

**ଖେଳ ମାଧ୍ୟମରେ ଚିକିତ୍ସା (ପ୍ଲେ ଥେରାପି) :** ଅଟିଜିମ୍ ରୋଗୀମାନଙ୍କୁ ଖେଳାଖେଳି ମାଧ୍ୟମରେ ଶିଖାଇବା ଓ ପଢ଼େଇବା ଦ୍ୱାରା ସେମାନେ ଅନ୍ୟମାନଙ୍କ ସହ ମିଳାମିଶା କରିବାର ସୁଯୋଗ ପାଆନ୍ତି। ଫଳରେ ସେମାନଙ୍କଠାରେ ଏ ଧରଣର ସମସ୍ୟାର ଉପଶମ ହୋଇଯାଏ।

**ବାକ୍ ଚିକିତ୍ସା (ସ୍ପିଚ୍ ଥେରାପି):** ଅଟିଜିମ୍ ରୋଗୀମାନଙ୍କଠାରେ କଥାବାର୍ତ୍ତା କରିବାର ବାଧାକୁ ଦୂର କରିପାରିଲେ ସେମାନଙ୍କ ପାଇଁ ବାହାର ଦୁନିଆ ସହ ଯୋଗାଯୋଗ କରିବାର କାର୍ଯ୍ୟ ସହଜ ହୋଇଯାଏ।

**ମାତା-ପିତା-ସନ୍ତାନଙ୍କଠାରେ ପାରସ୍ପରିକ ଭାବ ଆଦାନ ପ୍ରଦାନ ଚିକିତ୍ସା (ପ୍ୟାରେଣ୍ଟ-ଚାଇଲ୍ଡ ଇଣ୍ଟରଆକ୍ସନ ଥେରାପି):** ବାହାରର ପରିବେଶ ସ୍ୱାଭାବିକ ରହିଥିଲେ ମଧ୍ୟ ଘରେ ଅଟିଜମ୍ ପିଲାଟିଏ ହଠାତ୍ ହିଂସ୍ର ହୋଇଉଠିବା କିଛି ଅସ୍ୱାଭାବିକ ନୁହେଁ। କିନ୍ତୁ ସୁଚିନ୍ତିତ ପରିକଳ୍ପନା ଅନୁଯାୟୀ ସନ୍ତାନଟିଏ ମାତାପିତାଙ୍କ ମେଳରେ ଆହୁରି ଅଧିକ ସମୟ ବିତେଇ ପାରିଲେ ଏହି ସମସ୍ୟା ଅନେକାଂଶରେ ନିରାମୟ ହୋଇପାରେ। ଉପରୋକ୍ତ ଚିକିତ୍ସା ପଦ୍ଧତିଗୁଡ଼ିକୁ କୁହାଯାଏ 'ଆପ୍ଲାଏଡ୍ ବିହେଭିୟେରାଲ ଥେରାପି (ଏବିଟି) ବା ପ୍ରୟୋଗାତ୍ମକ ଆଚରଣଗତ ଚିକିତ୍ସା ବା ଆପ୍ଲାଏଡ୍ ବିହେଭିୟେରାଲ ଆନାଲିସିସ୍ (ଏବିଏ)। ଏହାରି ମାଧ୍ୟମରେ ଏହି ଅଭିନବ ପଦ୍ଧତିଗୁଡ଼ିକ ପ୍ରସ୍ତୁତ ହୋଇଥାଏ। ଏ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପଦ୍ଧତି ଅବଲମ୍ବନରେ ଧୀରେ ଧୀରେ ନୂତନତା ସହ ଅଟିଷ୍ଟିକ୍ ପିଲାକୁ ପରିଚିତ କରାଯାଇଥାଏ। କେତେବେଳେ କେମିତି ମଧ୍ୟ ତାକୁ ଉଦ୍‌ବୁଦ୍ଧ କରାଇବାକୁ ଦିଆଯାଇଥାଏ କିଛି କିଛି ସାମଗ୍ରୀ।



ତା'ହେଲେ କ'ଣ ଏହି ଅସ୍ଥିରତାର ଉପଶମ ପାଇଁ ଆଦୌ କୌଣସି ଔଷଧ ବ୍ୟବହାର ହୋଇ ନ ଥାଏ ? ମାତ୍ର ଏପରି ଭାବିବା ଉଚିତ ନୁହେଁ। ପ୍ରଧାନ ପ୍ରଧାନ ଲକ୍ଷଣଗୁଡ଼ିକର ଉପଶମ ପାଇଁ ଚିକିତ୍ସା ହିଁ କାମ କରେ। କିଛି ପ୍ରତିବନ୍ଧକ ଉପୁଜିଲେ ଦରକାର ପଡେ ଔଷଧ। ହେଲେ ଏସବୁ ବାଦ୍ ଦେଲେ ଏକ୍ଷେତ୍ରରେ ମାତା-ପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ନିଜର ଅଟିଜମ୍ ପିଲମାନଙ୍କୁ ସାରା ଜୀବନ ନଜରରେ ରଖିବାକୁ ପଡ଼ିବ। ଏହା ହେଉଛି ସେମାନଙ୍କର ପ୍ରାଥମିକ କର୍ତ୍ତବ୍ୟ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** 'ଅଭୀପ୍‌ସା'
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ
ମୋ: ୯୪୩୭୭୬୬୧୧୭





# ସୁ ୱି-ମର୍ଟେନ୍ସ ଜିତିଲେ ମହିଳା ଡବଲ୍ସ ଟାଇଟଲ

**ମେଲବୋର୍ନ, ୨୮।୧ (ଏପି)**

ତାଇୱାନର ହିସ୍ ସୁ-ୱି ଏବଂ ତାଙ୍କ ପାର୍ଟନର ବେଲଜିୟମର ଏଲିସ ମର୍ଟେନ୍ସ ଏଠାରେ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫଳତଃ ସୁ-ୱି ଦ୍ୱିତୀୟ ବୟସ୍କ ମହିଳା ଭାବେ ଏକ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଦ୍ୱିତୀୟ ସିଡ୍ ସୁ-ୱି ଓ ମର୍ଟେନ୍ସ ଯୋଡ଼ି ରବିବାର ଫାଇନାଲରେ ୧୧ତମ ସିଡ୍ ଲାଟିଭିଆର ଜେଲେନା ଓଷ୍ଟାପେଙ୍କୋ ଓ ୟୁକ୍ରେନର ଲ୍ୟୁଦମିଲା କିଚେନୋକ୍‌ଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ସୁ-ୱିଙ୍କ ଏହା ୭ମ ମହିଳା ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ମର୍ଟେନ୍ସଙ୍କ ଚତୁର୍ଥ, ଏକାଠି ଉଭୟଙ୍କର ଏହା ଦ୍ୱିତୀୟ। ସୂଚନାଯୋଗ୍ୟ, ଶନିବାର ଅଷ୍ଟ୍ରେଲିଆର ମାଥ୍ୟୁ ଇବିଡେନ୍‌ଙ୍କ ସହ ପୁରୁଷ ଡବଲ୍ସ ଟାଇଟଲ ଜିତିବା ପରେ ଭାରତର ରୋହନ ବୋପାନ୍ନା ସବୁଠାରୁ ବୟସ୍କ ଚାମ୍ପିୟନ ହୋଇଥିଲେ। ସୁ-ୱିଙ୍କଠାରୁ ବୟସରେ ୮ ଦିନ ବଡ଼ ଆମେରିକାର ଲିସା ରେମଣ୍ଡ ୨୦୧୧ରେ ୟୁଏସ୍ ଓପନ ମହିଳା ଡବଲ୍ସ ଜିତିଥିଲେ। ମାର୍ଟିନା ନାଭ୍ରାତିଲୋଭା ୪୯ ବର୍ଷ ବୟସରେ ବବ୍ ବ୍ରାୟନଙ୍କ ସହ ୨୦୦୬ ୟୁଏସ୍ ଓପନରେ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ସୁ-ୱି ଅଷ୍ଟ୍ରେଲୀୟ ପଲ୍ ମ୍ୟାକ୍‌ନେମିଙ୍କଠାରୁ କୋଚିଂ ନେଉଛନ୍ତି, ଯିଏକି ୬ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ବିଜେତା। ତନ୍ମଧ୍ୟରେ ଦୁଇଟି ଅଷ୍ଟ୍ରେଲିଆନ ଓପନ ରହିଛି। ମ୍ୟାକ୍‌ନେମି ୨୦୦୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ କାର୍ଯ୍ୟନିର୍ବାହୀ ରହିଥିଲେ। ଅନ୍ୟପକ୍ଷରେ ମର୍ଟେନ୍ସ ୨୦୨୧ରେ ସୁ-ୱିଙ୍କ ସହ ୱିମ୍ବଲଡନ ଟାଇଟଲ ଜିତିଥିଲେ ଏବଂ ସେହିବର୍ଷ ଆରିନା ସାବାଲେଙ୍କାଙ୍କ ସହ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଥିଲେ। ସାବାଲେଙ୍କା ଶନିବାର ଏଠାରେ କ୍ରମାଗତ ଦ୍ୱିତୀୟ ଥର ସିଙ୍ଗଲ୍ସ ଟାଇଟଲ ବିଜେତା ହୋଇପାରିଛନ୍ତି। ସେ ଆହୁରି ୨୦୧୯ରେ ୟୁଏସ୍ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ। ସୋମବାର ପ୍ରକାଶ ପାଇବାକୁ ଥିବା ଡବ୍ଲ୍ୟୁଟିଏ ଡବଲ୍ସ ର୍‍ୟାଙ୍କିଙ୍ଗ ତାଲିକାରେ ଏଲିସ ମର୍ଟେନ୍ସ ନମ୍ବର-୧ ସ୍ଥାନକୁ ଫେରିବେ।






# ସିନରଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟ୍ରଫି ସହ ଜାନିକ ସିନର।

**ମେଲବୋର୍ନ, ୨୮।୧ (ଏପି)**

ଜାନିକ ସିନର ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଇଟାଲୀର ପ୍ରଥମ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନ ଜିତିବାର ସେ ଗୌରବ ଅର୍ଜନ କରିଛନ୍ତି। ୨୨ବର୍ଷୀୟ ସିନର ରବିବାର ଫାଇନାଲରେ ଡାନିଲ୍ ମେଡଭେଡେଭଙ୍କୁ ୩-୬, ୩-୬, ୬-୪, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଇଟାଲୀର ଏହି ଯୁବ ଟେନିସ ଖେଳାଳି ଅଷ୍ଟ୍ରେଲିଆନ ଓପନରେ ପ୍ରାଧାନ୍ୟବିସ୍ତାର କରି ଆସୁଥିବା ନୋଭାକ ଜୋକୋଭିଚ୍‌ଙ୍କୁ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମେଡଭେଡେଭ ଏପର୍ଯ୍ୟନ୍ତ ଖେଳିସାରିଥିବା ୬ ଗ୍ରାଣ୍ଡସ୍ଲାମ ଫାଇନାଲ ମଧ୍ୟରେ ଏହା ହେଉଛି ୫ମ ପରାଜୟ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ତାଙ୍କର ଚତୁର୍ଥ ୫ ସେଟ୍ ବିଶିଷ୍ଟ ମ୍ୟାଚ ଖେଳି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି ତୃତୀୟ ସିଡ୍ ମେଡ୍‌ଭେଡେଭ। ଓପନ ଯୁଗରେ ଏକ ଗ୍ରାଣ୍ଡସ୍ଲାମ କୋର୍ଟରେ ସବୁଠାରୁ ଅଧିକ ସମୟ ଧରି ଖେଳିବାରେ ସେ ଅଲ୍‌କାରାଜଙ୍କ ୨୩:୪୦ (୨୦୨୨ ୟୁଏସ୍ ଓପନ)ଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ମେଡ୍‌ଭେଡେଭ ୨୦୨୧ରେ ଜୋକୋଭିଚ୍‌ଙ୍କଠାରୁ ପଛକୁ ପଛ ଫାଇନାଲରେ ପରାଜିତ ହୋଇଥିଲେ। ଏହାର ପର ବର୍ଷ ସେ ଦୁଇ ସେଟ୍ ଅଗ୍ରଣୀ ଥାଇ ମଧ୍ୟ ରାଫାଲ ନାଡାଲଙ୍କଠାରୁ ପରାଜିତ ହୋଇଥିଲେ। ଏଥର ଚାମ୍ପିୟନଶିପ୍ ମ୍ୟାଚରେ ପହଞ୍ଚିବା ପୂର୍ବରୁ ସେ ତିନୋଟି ୫ ସେଟ୍ ବିଶିଷ୍ଟ ମ୍ୟାଚ ଜିତିଥିଲେ। ଦୁଇଥର ସେ ଦୁଇ ସେଟ୍‌ରେ ପଛୁଆ ଥାଇ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ